52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୦/୨୦୨୬ (୧୪ ପୃଷ୍ଠା) Bhubaneswar, Tuesday, March 10/2026 Page 14 ₹ 7.00 | SAMBALPUR

୫୨ଶ ଭାଗ ୧୦୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 52 ISSUE 104 ମୂଲ୍ୟ ₹୭/-



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ମାଲୁଦ ପଞ୍ଚଦୋଳ ଅବସରରେ ସୋମବାର ଠାକୁରଙ୍କ ବିମାନକୁ ଚିଲିକା ଦେଇ ମେଳଣ ପଡ଼ିଆ ଅଭିମୁଖେ ଅଣାଯାଉଛି। **(ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)**

**ଆଜିର ସମ୍ପାଦକୀୟ** ନେପାଳରେ ଯୁବ ନେତୃତ୍ୱ

# ୬ ଜିଲାରେ ଶିଶୁ ମୃତ୍ୟୁ ଜାତୀୟ ହାରଠାରୁ ଅଧିକ

ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)

ଜାତୀୟସ୍ତରରେ ଶିଶୁ ମୃତ୍ୟୁହାର (ଆଇଏମ୍ଆର୍) ଉଲ୍ଲେଖନୀୟ ଭାବେ ହ୍ରାସ ପାଉଛି। ୨୦୨୩ ରିପୋର୍ଟ ଅନୁଯାୟୀ, ପ୍ରତି ୧୦୦୦ ଶିଶୁଙ୍କ କ୍ଷେତ୍ରରେ ୨୫ଜଣଙ୍କ ମୃତ୍ୟୁ ହେଉଛି। ୨୦୨୨ରେ ଏହି ହାର ୨୬ ରହିଥିବାବେଳେ ୨୦୧୫ରେ ୩୭ ଥିଲା। ତେବେ ଏହି ପରିପ୍ରେକ୍ଷୀରେ ରାଜ୍ୟର ଆଦିବାସୀ ବହୁଳ ୬ଟି ଜିଲାରେ ଶିଶୁ ମୃତ୍ୟୁହାର ଅଧିକ ରହିଛି ବୋଲି ବିଧାନସଭା ତଥ୍ୟରୁ ଜଣାଯାଇଛି।

କଂଗ୍ରେସ ସଦସ୍ୟ ରାମଚନ୍ଦ୍ର କାଡାମଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪-୨୫ରେ କଳାହାଣ୍ଡିରେ ଆଇଏମ୍ଆର୍ ହାର ୩୪ ରହିଥିବାବେଳେ କନ୍ଧମାଳରେ ୩୧, କୋରାପୁଟରେ ୨୯, ମାଲକାନଗିରିରେ ୩୬, ନବରଙ୍ଗପୁରରେ ୩୪ ଓ ରାୟଗଡ଼ାରେ ୩୬ ରହିଛି। ମାତ୍ର ଗଜପତିରେ ଜାତୀୟ ହାର ସହିତ ସମାନ ଅର୍ଥାତ୍ ୨୫ ରହିଥିବାବେଳେ ବାଲେଶ୍ୱରରେ ୧୧, କେନ୍ଦୁଝରରେ ୧୮, ମୟୂରଭଞ୍ଜରେ ୨୩, ସମ୍ବଲପୁରରେ ୧୧ ଏବଂ ସୁନ୍ଦରଗଡ଼ରେ ୧୪ ରହିଛି।

ଅନ୍ୟପକ୍ଷରେ ବିଧାନସଭାର 'ନେଭା' ସାଇଟରେ ପ୍ରଦତ୍ତ ତଥ୍ୟରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ତାରକା ପ୍ରଶ୍ନ ସଂଖ୍ୟା-୧୦୯ର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏସ୍ଆର୍ଏସ୍ ସର୍ଭେ ଅନୁଯାୟୀ, ଜାତୀୟ ଶିଶୁ ମୃତ୍ୟୁ ହାର ୨୫ଥିବା ହେବଳେ ଓଡ଼ିଶାର ଶିଶୁ ମୃତ୍ୟୁହାର ୩୦ ରହିଛି। ବିଗତ ୧୦ ବର୍ଷରେ ଜାତୀୟସ୍ତରରେ ଏହା ୧୫ ୟୁନିଟ୍ ହ୍ରାସ ପାଇଥିବା ସ୍ଥଳେ ରାଜ୍ୟରେ ଏହା ୨୧ ୟୁନିଟ୍ ହ୍ରାସ ପାଇଛି। ମନ୍ତ୍ରୀ ଆହୁରି କହିଛନ୍ତି ଯେ, ରାଜ୍ୟରେ ଶିଶୁମୃତ୍ୟୁହାର କମାଇବାକୁ ସରକାରଙ୍କ ପକ୍ଷରୁ ☞ **ପୃଷ୍ଠା-୪**

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

7001/39/2526



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ**
ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି (PACS /LAMPCS) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରନ୍ତୁ।



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- ନୂତନ/ନବୀକରଣ ଫର୍ମ ଉପଲବ୍ଧ ତାରିଖ: ୧୦-୨୦ ମାର୍ଚ୍ଚ ୨୦୨୬
- ଆବେଦନ ଦାଖଲ: ୧୦-୨୫ ମାର୍ଚ୍ଚ ୨୦୨୬
- ଧାନ ସଂଗ୍ରହ: ମେ ୧- ୩୦ ଜୁନ ୨୦୨୬

**ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ:**
- ଗତ ରବି ଋତୁରେ ପଞ୍ଜୀକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ **ପୁନଃ ପଞ୍ଜୀକୃତ** ହେବେ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତି ତରଫରୁ ନବୀକରଣ ଫର୍ମ ଉପଲବ୍ଧ କରାଯିବ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ୱାରୀ ପ୍ରଦାନ କରନ୍ତୁ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଚାଷୀ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ବାବଦରେ ଏକ ଘୋଷଣାନାମା ମାଧ୍ୟମରେ ସମିତିକୁ ଜଣାଇବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର **ଚତୁର୍ଥ ଭାଗରେ** ପ୍ରଦାନ କରିପାରିବେ।

**ନୂତନ ଚାଷୀଙ୍କ ପଞ୍ଜୀକରଣ:**
- ଯେଉଁ ଚାଷୀମାନେ ଗତ ରବି ଋତୁରେ ପଞ୍ଜୀକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ନେଇ ଆବେଦନ କରନ୍ତୁ। ଏହା ବିଭାଗର **ୱେବସାଇଟ୍ www.foododisha.in** ରେ ମଧ୍ୟ ଉପଲବ୍ଧ।
- ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ପ୍ରଦାନ କରିବେ।

**ଚାଷୀମାନଙ୍କ ପାଇଁ ସୂଚନା**
- ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ।
- ନୂତନ ପଞ୍ଜୀକରଣ ଫର୍ମ ସହିତ **ଆଧାର କାର୍ଡ଼ର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ**, ଦାଖଲ ହୋଇଥିବା ନୂତନ ଜମି ବିବରଣୀର **RoR ନକଲ** ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ **ସହମତି ପତ୍ର/ ଆଧାର /ମୋବାଇଲ ନମ୍ବର** ପ୍ରଦାନ କରିବେ। **ଜମି ମାଲିକଙ୍କ ସହମତି ପତ୍ର** ହସ୍ତଗତ ନହେଲେ ଭାଗ ଚାଷୀ ପଞ୍ଜୀକରଣ ସଫଳ ହେବ ନାହିଁ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ।
- ରବି ଚାଷ କରାଯାଇଥିବା ପ୍ଲଟୱାରୀ ଜମି ବିବରଣୀ ବାବଦରେ ସଠିକ ତଥ୍ୟ ପ୍ରଦାନ କରିବେ, ଅନ୍ୟଥା ଏହା ଗ୍ରହଣୀୟ ହେବ ନାହିଁ।

ଫର୍ମ ପାଇଁ ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ **ହେଲ୍ପଲାଇନ ନମ୍ବର ୧୯୬୭** ରେ ଯୋଗାଯୋଗ କରନ୍ତୁ।

OIPR-7001/7002/2/25-26/0008

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର** Foododisha | Food Odisha | Foododishagov | www.Foododisha.gov.in

**ବିଂଝାଲ ସମାଜ ନୂତନ ବ୍ଲକ କମିଟି ଗଠିତ**

ବେଲପଡା,(ମନୋଜ କୁମାର ମିଶ୍ର): ସର୍ବଭାରତୀୟ ସ୍ୱାଲାଖି ବିନ୍ଧ୍ୟ ଗିରିବାସୀ ବିଂଝାଲର ବେଲପଡା ବ୍ଲକସ୍ତରୀୟ ନୂତନ ପରିଚାଳନା କମିଟି ଗଠିତ ହୋଇଛି। ବ୍ଲକ ଅନ୍ତର୍ଗତ ବେହେରାମୁଣ୍ଡା ଗ୍ରାମଠାରେ ରଘୁନାଥ ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଚୟନ ପ୍ରକ୍ରିୟା ପର୍ଯ୍ୟବେକ୍ଷକ ଭାବେ ସୁଗ୍ରେସ ମାଝୀ ଯୋଗ ଦେଇଥିଲେ। ସଭାପତି ଭାବେ ସୁଗ୍ରେସ ମାଝୀ, ଉପସଭାପତି ରାଜ ବରିହା, ସମ୍ପାଦକ ଛବିଲାଲ ବରିହା, ସହ ସଂପାଦକ ରାମେଶ୍ୱର ବରିହା, କୋଷାଧକ୍ଷ ଭାବେ କଲାକାହ୍ନୁ ବରିହା ମନୋନୀତ ହୋଇଥିଲେ ।

## ସଂକ୍ଷେପରେ

### ନୋଡାଲ ପ୍ରେରଣା କେନ୍ଦ୍ର ଉଦ୍‌ଘାଟିତ

ବିନିକା,୯।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡାରଠାରେ ଓଡ଼ିଶା ଜୀବିକା ମିଶନ ଅଧୀନରେ ନୋଡାଲ ପ୍ରେରଣା କେନ୍ଦ୍ର ସୋମବାର ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଡିପିଏମ ବିଶ୍ୱଜିତ ପରିଡ଼ା ଯୋଗଦେଇ ଉଦଘାଟନ କରିଥିଲେ। ପ୍ରେରଣା କେନ୍ଦ୍ରକୁ ପରିଚାଳନା ପାଇଁ ରଜନୀ ମେହେରଙ୍କୁ ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବାବାଜୀ ସାମଲ, ବିଏଲସି ରାଜେନ୍ଦ୍ର ବିଭାର, ବିପିଏମ ରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଏମ୍‌ବିକେ, ସିଆରପି, ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ ।

### ରାମାୟଣ ପାରାୟଣରେ ସୀତା ବିବାହ

ବୀରମହାରାଜପୁର,୯।୩(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସହର ଉପକଣ୍ଠ ଟାଙ୍ଗରସାହିର ୩୪ ନବାହ ପାରାୟଣ ପାଇଁ ସୋମବାର ତୃତୀୟ ଦିବସରେ ରାମାୟଣ ପାରାୟଣରେ ସୀତା ବିବାହ ପାଠ ହୋଇଯାଉଥିଲା। ସୀତା ବିବାହରେ ହଳଦୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମଙ୍କ ମାତାପିତା ଭାବେ ଇନ୍ଦ୍ର ମେହେର ଓ ତାଙ୍କ ସ୍ତ୍ରୀ ଅଞ୍ଜଳି ମେହେର କାର୍ଯ୍ୟ ନିର୍ବାହ କରୁଛନ୍ତି। ସୀତାଙ୍କ ମାତା ପିତାଭାବେ ସସ୍ମିତା ମେହେର ଅର୍ଜୁନ ମେହେର ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ଉପଦେଷ୍ଟା କୃଷ୍ଣ ମେହେର, ସଭାପତି ଦିବାକର ମେହେର, ସାଧାରଣ ସମ୍ପାଦକ ପ୍ରିୟରଞ୍ଜନ ପାଢ଼ୀ, ସମ୍ପାଦକ କାହ୍ନୁ ମେହେର, କୋଷାଧକ୍ଷ ଗୁରୁ ମେହେର, ଲିଙ୍ଗରାଜ ମେହେର ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

ବାଉଁଶୁଣୀ,୯।୩(ଦେବାଶିଷ ନେପାକ)

ବାଉଁଶୁଣୀ ଥାନା ବନପାଲି ଗ୍ରାମ ନିକଟରୁ ସୋମବାର ଅପରାହ୍ନ ୫ଟା ସମୟରେ ୩୦ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପାଇ ବାଉଁଶୁଣୀ ଥାନା ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ଏ ନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

### ମାଟିଆଭଟା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ଦାବି

ଖପ୍ରାଖୋଲ,୯।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ସଦର ମହକୁମାରେ ଖରାଦିନ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଗାଁରେ ତିନି ବର୍ଷ ହେଲା ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ କୂଅରେ ଆବଶ୍ୟକ ପାଣି ନହେବାରୁ ପ୍ରକଳ୍ପ ଅଧାପନ୍ତରିଆ ପଡ଼ିଛି। ଗାଁରେ ପାଇପ ଲାଇନ ହେବା ସହ ଟ୍ୟାପ୍ ମଧ ଖଞ୍ଜା ହୋଇଥିଲା । ହେଲେ ଜଳଯୋଗାଣ ବନ୍ଦ ଥିବାରୁ ଅଧେ ଟ୍ୟାପ୍ ନଷ୍ଟ ହେଲାଣି। ତୁରନ୍ତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବୁଢ଼ିବାହାଲରୁ ଓଡ଼ିଆପାଲିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ଦାବି

ଖପ୍ରାଖୋଲ,୯।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ବୁଢିବାହାଲ ଗାଁରୁ ପଞ୍ଚାୟତ ସଦର ମହକୁମା ଓଡ଼ିଆପାଲିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ବୁଢିବାହାଲ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ଦୁଇ କିମି ରାସ୍ତାରେ ପ୍ରତିଦିନ ପଞ୍ଚାୟତକୁ ବିଭିନ୍ନ କାମରେ ଜନସାଧାରଣ ଯାତାୟତ କରିଥାନ୍ତି । ଏହାଛଡା ବସ୍‌ରେ ଯିବାକୁ ଓଡ଼ିଆପାଲି ଯାଇଥାନ୍ତି। ହେଲେ ବର୍ଷ ବର୍ଷ ଧରି ରାସ୍ତାର ଉନ୍ନତୀକରଣ ହେଉ ନଥିବା ବେଳେ ମାଟି ରାସ୍ତା ରହିଛି। ବର୍ଷା ଋତୁରେ ଜନସାଧାରଣ ହଇରାଣ ହରକତ ହୋଇଥାନ୍ତି । ସେହିପରି ବୁଢୀବାହାଲ ଗ୍ରାମର ଲୋକଙ୍କୁ ସରକାରୀ ଚାଉଳ ଆଣିବାକୁ ଦୀର୍ଘ ୮ କିମି ଦୂର ଓଡିଆପାଲି ଯିବାକୁ ପଡୁଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତାକୁ ସବୁଦିନିଆ ପିଚୁ ରାସ୍ତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୪୫ କେଜି ଗଞ୍ଜେଇ ଜବତ, ୪ ଗିରଫ

ସୋନପୁର/ବିନିକା,୯।୩
(ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)


ଗିରଫ ଅଭିଯୁକ୍ତ, ଜବତ ବୋଲେରୋ ଓ ଗଞ୍ଜେଇ।

**ଯଶପୁର ଓ ଧର୍ମଶାଳା ଛକରେ ଅବକାରୀ ବିଭାଗ ଚଢ଼ାଉ**

ସୁବର୍ଣ୍ଣପୁର ଅବକାରୀ ରେଞ୍ଜ, ଜିଲା ମୋବାଇଲ ଟିମ୍, ବିନିକା ଓ ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ ରୋକିବା ପାଇଁ ବିନିକା ବ୍ଲକ ସିଲାଟି ରାସ୍ତାର ଯଶପୁର ଓ ବୀରମହାରାଜପୁର ଥାନା ଧର୍ମଶାଳା ଛକ ଠାରେ ସୋମବାର ଚଢାଉ କରାଯାଇଥିଲା। ଦୁଇ ପୃଥକ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିନିକା ଥାନା ସିଲାଟି ନିକଟସ୍ଥ ଯଶପୁରଠାରେ ବିଭାଗ ପକ୍ଷରୁ ଧଳା ରଙ୍ଗର ଏକ ମାରୁତି ସୁଜୁକି ସୁଇଫ୍ଟ କାର(ନଂ ଓଡି୦୩ଇ-୧୧୬୭)କୁ ସନ୍ଦେହରେ ତନଖି କରାଯାଇଥିଲା। କାର ଡିକିରୁ ବେଆଇନଭାବେ ଚାଲାଣ ହେଉଥିବା ୨୭ କିଲୋ ଗଞ୍ଜେଇ ମିଳିବା ପରେ ତାହା ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ପଞ୍ଚଖଣ୍ଡି ଗ୍ରାମର ସୁରଥ ମେଣ୍ଡିଲି(୪୦) ଓ କଣ୍ଟାମାଳ ଥାନା ଧନଖଣ୍ଡି ଗ୍ରାମର ପ୍ରଦୀପ ଗୁରୁ(୪୦)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବିନିକା ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ପ୍ରାରମ୍ଭିକ ତଦନ୍ତରୁ ଗଞ୍ଜେଇ ବରଗଡ ଜିଲାର ବରପାଲିକୁ ଚାଲାଣ କରା ଯାଉଥିବା ଜଣାପଡିଛି। ଅଭିଯୁକ୍ତ ଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେହିପରି ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ଉଲୁଣ୍ଡା ବ୍ଲକର ଧର୍ମଶାଳା ଛକଠାରେ ବୋଲେରୋ(ନଂ ଓଆର୧୯ଇ-୭୦୨୨)କୁ ସନ୍ଦେହରେ ଅଟକ ରଖି ତନଖି କରାଯାଇଥିଲା। ବୋଲେରୋରେ ଚାଲାଣ ହେଉଥିବା ୧୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ବୌଦ୍ଧ ଜିଲା ମନମୁଣ୍ଡା ଥାନା ସିମିଳିପଦରର ଗିରିଶ କୁମାର ଖେତି(୩୫) ଓ ମନମୁଣ୍ଡା ଥାନା ବାଘମୁଣ୍ଡା ଗ୍ରାମର ପ୍ରେମାନନ୍ଦ ଦଳବେହେରା(୪୫)ଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ବୀରମହାରାଜପୁର ଅବକାରୀ ଥାନା ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ରେଞ୍ଜ ଇନ୍ସପେକ୍ଟର ହରପ୍ରସାଦ ରଣା ଓ ଟିମ୍ ଚଢାଉରେ ସାମିଲ ଥିଲେ।

# ସୁରେଶ୍ୱରୀଙ୍କ ଆଶୀର୍ବାଦ ଲୋଡ଼ିଲେ ଦଣ୍ଡେଶ୍ୱର


ମନ୍ଦିର ବାହାରେ ଡାକ୍ତର ଦଣ୍ଡେଶ୍ୱର ହୋତା ଓ ଅନ୍ୟମାନେ।

ସୋନପୁର,୯।୩(ମୃତ୍ୟୁଞ୍ଜୟ ଶତପଥୀ)

ବିଜେଡି ଓ କଂଗ୍ରେସର ମିଳିତ ରାଜ୍ୟ ସଭା ପ୍ରାର୍ଥୀ ଡାକ୍ତର ଦଣ୍ଡେଶ୍ୱର ହୋତା ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ଦର୍ଶନ କରିଛନ୍ତି। ସେ ମାଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ନିଜର ବିଜୟ ପାଇଁ ଆଶୀର୍ବାଦ ଲୋଡିଛନ୍ତି। ଏହି ସମୟରେ ଡାକ୍ତର ହୋତାଙ୍କ ସହ ଜିଲାର କେତେକ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, କଂଗ୍ରେସ ଓ ବିଜେଡିର ନେତୃବୃନ୍ଦ ଉପସ୍ଥିତ ଥିଲେ। ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ତେଲେଣ୍ଡା ଗ୍ରାମର ମୂଳ ବାସିନ୍ଦା ହେଉଛନ୍ତି ଡାକ୍ତର ଦଣ୍ଡେଶ୍ୱର। ଜଣେ ପ୍ରତିଷ୍ଠିତ ଡାକ୍ତରଭାବେ ସେ ବେଶ ପରିଚିତ। ରାଜ୍ୟ ସଭାର ୪ର୍ଥ ଆସନରେ ନିର୍ବାଚନ ହେବ। ଏହି ଆସନରୁ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥିତ ଦଣ୍ଡେଶ୍ୱର ଓ ଭାଜପା ସମର୍ଥିତ ସ୍ୱାଧିନ ପ୍ରାର୍ଥୀ ହୋଇଥିବା ଦିଲୀପ ରାୟଙ୍କ ମଧ୍ୟରେ କଡା ମୁକାବିଲା ହେବାର ସମ୍ଭାବନା ରହିଛି।

# ସ୍ମରଣିକା ଦିବ୍ୟତା ଲୋକାର୍ପିତ



ଅତିଥି ବୃନ୍ଦ ସ୍ମରଣିକାକୁ ଲୋକାର୍ପଣ କରୁଛନ୍ତି।

ସୋନପୁର,୯।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣ ଭାରତୀ ପରିବାର ଓ ଭାରତ ବିକାଶ ପରିଷଦ ମିଳିତ ସହଯୋଗରେ ସୁବର୍ଣ୍ଣପୁର ସହର ପଟାଭାଡ଼ିସ୍ଥିତ ଦୟାନନ୍ଦ ପ୍ଲେ ସ୍କୁଲଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ସୁସାହିତ୍ୟିକ ଡ଼. କ୍ରିଷ୍ଣା ହୋତା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସୋନପୁର ଉପଜିଲାପାଳ ଡ଼ ସୌମ୍ୟରୂପା ରଥ, ଭାରତ ବିକାଶ ପରିଷଦ ମହିଳା ସହଭାଗିତା ଆବାହିକା ଡ଼. ପ୍ରତିମା ରଥ, ଦୟାନନ୍ଦ ସ୍କୁଲ ଅଧକ୍ଷା କେ. କୁମାରୀ, ସ୍କୁଲ ନିର୍ଦ୍ଦେଶକ ଶିବ ପାତ୍ର ଯୋଗ ଦେଇ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ସମାଜରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ପୁରୁଷମାନଙ୍କଠାରୁ ସେମାନେ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉପଜିଲାପାଳ ଡ. ରଥଙ୍କୁ ଶ୍ରୀ ଗୋପାଳଜି ବିଭୁକୃପା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ସୁନନ୍ଦା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପକ କୈଳାଶ ଚାନ୍ଦ ହୋମ ହୱନ କରିଥିଲେ। ଏହି ଅବସରରେ ଏକ ନାରୀଧର୍ମୀ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଭାରତ ବିକାଶ ପରିଷଦ ସଭାପତି ଦୁର୍ଯ୍ୟୋଧନ ସାହୁ, ସମ୍ପାଦକ ଅଧାପକ ଉମାକାନ୍ତ ନାଗ, କୋଷାଧକ୍ଷ ଅଧାପକ କ୍ଷୀରୋଦ ମେହେର, ପରିବାର ସେବା ପ୍ରମୁଖ ବୈକୁଣ୍ଠ ଶତପଥୀ, ସଂସ୍କାର ପ୍ରମୁଖ ହରିଶଙ୍କର ମିଶ୍ର, ପର୍ଯ୍ୟାବରଣ ପ୍ରମୁଖ ସୁଶିଲ ପଢ଼ିଆ ଓ ସଦସ୍ୟା ଗୀତାଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କବିତା ପାଠ ଉତ୍ସବରେ କବୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଭାରତୀ ସମ୍ମାନ ସମାରୋହର ସ୍ମରଣିକା ଦିବ୍ୟତା ଏହି ଅବସରରେ ଲୋକାର୍ପିତ ହୋଇଥିଲା।

### ଆକ୍ସନ ଏଡ୍ ତରଫରୁ ସଚେତନତା ସଭା

ଟିଟିଲାଗଡ,୯।୩(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଭାଲେଗାଁ ଗ୍ରାମରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ସଚେତନତା ସଭା ଆକ୍ସନଏଡ଼ ଓ ଲୋକବିକାଶ ଅଭିଯାନ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ର ମ୍ୟୁନିସିପାଲିଟି ଅଧକ୍ଷା ମମତା ଜୈନ, ସୁନ୍ଦରଲାଲ ଶର୍ମା, ପ୍ରଜାପତି ବ୍ରହ୍ମ କୁମାରୀ ଦାମିନୀ, ସ୍ଥାନୀୟ ସବ୍ ଇନ୍ସପେକ୍ଟର ସୁକନ୍ୟା ରାଉତ, ସ୍ଥାନୀୟ ସରପଞ୍ଚ ଯୁଗଳ କିଶୋର ସାହୁ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଗ୍ରାମର ୧୯୦ ଜଣ ମହିଳା ଓ ଯୁବତୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଅଧିକାର, ସମାନତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳାଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଅତିଥିମାନେ ମହିଳା ସଶକ୍ତିକରଣ ଉପରେ କହିଥିଲେ, ମହିଳାଙ୍କ ଅଧିକାର ଓ ସମ୍ମାନ ରକ୍ଷା କରିବା ସମାଜର ସମସ୍ତଙ୍କ ଦାୟିତ୍ୱ। ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହିତ ସମାଜ ଉନ୍ନତିରେ ନିଜ ଭୂମିକା ନିଭାଇବା ପାଇଁ ଶପଥ ନେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର



ଜନଶୁଣାଣିରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ।

ହରଭଙ୍ଗା,୯।୩(ନରେନ୍ଦ୍ର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୫୪ଟି ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ଥିଲା। ୨୨ଟି ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ସେହିପରି ୪ଜଣଙ୍କୁ ୧୬,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ରାହୁଲ ଗାଏଲଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ରାସ୍ତାରୋକୋ

ବଲାଙ୍ଗୀର,୯।୩(ବୀରେନ୍ଦ୍ର କୁମାର ଝାଙ୍କର)


ମୃତ ଛାତ୍ରୀ ସିମରନ୍ ଷଡଙ୍ଗୀ।

- ଆୟୁର୍ବେଦିକ କଲେଜ ପରିସରରେ ଶୋକାକୁଳ ପରିବେଶ
- ଦୁର୍ଘଟଣା ଘଟାଇଥିବା ସ୍ପିଡ୍ ବାଇକ୍ ଆରୋହୀ ଗିରଫ

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ଜଣେ ଛାତ୍ରୀଙ୍କୁ ଶନିବାର କଲେଜ ସମ୍ମୁଖରେ ଏକ ସ୍ପିଡ୍ ବାଇକର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଛାତ୍ରୀ ଜଣକ ଗୁରୁତର ଆହତ ହୋଇ ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଛାତ୍ରୀ ଜଣକ ହେଲେ କୋରାପୁଟର ସିମରନ୍ ଷଡଙ୍ଗୀ। ସେ ପ୍ରଥମ ବର୍ଷ (ବିଏଏମ୍‌ଏସ୍) ଡାକ୍ତରୀ ଛାତ୍ରୀ ଭାବେ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲରେ ପାଠ ପଢୁଥିଲେ। ଦୁର୍ଘଟଣା ଯୋଗୁ ସିମରନ୍‌ଙ୍କ ମୃତ୍ୟୁ ଘଟିବା ଖବର ପାଇବା ପରେ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ଛାତ୍ରୀଛାତ୍ରମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକୋ କରିଥିବା ଖବର ମିଳିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବଲାଙ୍ଗୀର ଶାସ୍ତ୍ରୀନଗରର ସୁବ୍ରତ ପାତ୍ରଙ୍କୁ ଗିରଫ କରିବା ସହ ତାଙ୍କ ବାଇକ୍ ଜବତ କରିଛି। ପ୍ରକାଶ ଯେ, ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସିମ୍ରନ୍ ତାଙ୍କର କେତେଜଣ ସହପାଠିନୀଙ୍କ ସହ କଲେଜକୁ ପାଠ ପଢ଼ିବା ପାଇଁ ଯାଉଥିଲେ। ଏହି ସମୟରେ କଲେଜ ସମ୍ମୁଖ ଦେଇ ଯାଇଥିବା ଭାଗିରଥି ଛକ-ସର୍କିଟ୍ ହାଉସ ଭିଆଇପି ରାସ୍ତାରେ କ୍ଷୀପ୍ର ଗତିରେ ଯାଉଥିବା ଏକ ବାଇକ୍ (ନଂ ଓଡି୦୩ପି ୮୯୬୦) କଲେଜ ଗେଟ୍ ନିକଟରେ ସିମରନ୍‌ଙ୍କୁ ଜୋରରେ ଧକ୍କା ଦେଇଥିଲା। ବାଇକ୍ ଧକ୍କାରେ ସିମରନ୍ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସେଠାରୁ ତାଙ୍କୁ କେତେଜଣ ସହପାଠୀ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋ ରିକ୍ସାରେ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବରଗଡର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିବା ଖବର ପ୍ରଚାରିତ ହେବା ପରେ ସୋମବାର ଛାତ୍ରୀଛାତ୍ରମାନେ ଆର୍ଯ୍ୟୁବେଦିକ କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ଦାବି କରିବା ସତ୍ତ୍ୱେ ଏହି ରାସ୍ତାରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯାଉନଥିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖ ଭିଆଇପି ରାସ୍ତାରେ ବେପରୁଆ ଗାଡି ଚାଳନାକୁ ରୋକିବା ପାଇଁ ସ୍ପିଡ୍ ବ୍ରେକର ବ୍ୟବସ୍ଥା, କଲେଜ ସମ୍ମୁଖରେ ସିସି ଟିଭି ଲଗାଯିବା, ପୀଡିତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଦାବି କରି ରାସ୍ତାରୋକୋ କରିଥିଲେ। କଲେଜ ଅଧକ୍ଷ ଡା. ମନୋଜ କୁମାର ସାହୁ, ଆଲୁମ୍ନି ଆସୋସିଏଶନ ସଭାପତି ଡା. ବାସୁଦେବ ପତି, ଛାତ୍ର କଂଗ୍ରେସ ନେତା ଅଙ୍କିତ ସାହୁ ଓ ବିଜେଡି ଛାତ୍ର ନେତା ସୁମନ ନନ୍ଦ ଘଟଣାସ୍ଥଳରେ ପହଞ୍ଚି କ୍ଷୀପ୍ରତର ଗତିରେ ଗାଡି ଚାଳନାକୁ ବିରୋଧ କରିଥିଲେ। ଅତିରିକ୍ତ ତହସିଲଦାର ଏବଂ ଟାଉନ ଥାନା ଆଇଆଇସି ଅବନୀ ସାହୁ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ନରେ ସମ୍ପୃକ୍ତ ଛାତ୍ରୀଙ୍କ ମୃତଦେହ କଲେଜ କ୍ୟାମ୍ପସକୁ ଅଣାଯିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର, ଅଧକ୍ଷ, ଅଧାପକ, ଷ୍ଟାଫ୍ ସିମରନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସମୟରେ ମୃତ ଛାତ୍ରୀଙ୍କ ମାତାପିତା, ସମ୍ପର୍କୀୟ ଉପସ୍ଥିତ ଥିଲେ । ପରେ ସିମରନ୍‌ଙ୍କ ମୃତଦେହ କୋରାପୁଟ ନିଆଯାଇଥିବା ଜଣାଯାଇଛି ।

# ପୋଷଣ ପାଖୱାଡ଼ା ଉପରେ କର୍ମଶାଳା


କର୍ମଶାଳାରେ ପ୍ରଦର୍ଶିତ ପୋଷଣ ଯୁକ୍ତ ଖାଦ୍ୟ।

ଲାଠୋର,୯।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେକ୍ଟର ଅଧୀନ ଲାଠୋର ଅଙ୍ଗନୱାଡ଼ି କେନ୍ଦ୍ର ନଂ ୩ରେ ସୋମବାର ପୋଷଣ ପାଖୱାଡା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେକ୍ଟର ସୁପରଭାଇଜର ରାସେଶ୍ୱରୀ ବେଣ୍ଟକାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ସେକ୍ଟର ଅଧୀନ ୪୧ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ବର୍ତ୍ତମାନ ସମୟରେ ପୋଷଣ ଯୁକ୍ତ ଖାଦ୍ୟ ଖାଇ କୁପୋଷଣରୁ ମୁକ୍ତ ରହିବା ପାଇଁ ଉପସ୍ଥିତ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ରକ୍ତଦାନ ଶିବିର: ୫୧ ୟୁନିଟ ରକ୍ତ ସଂଗ୍ରହ

ବଲାଙ୍ଗୀର,୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମୁଖ୍ୟାଳୟ ହସ୍ପିଟାଲ ପରିସରରେ ସହଯୋଗ ଫାଉଣ୍ଡେଶନ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଓ ଲାୟନ୍ସ କ୍ଲବ ବଲାଙ୍ଗୀରର ମିଳିତ ଉଦ୍ୟମରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ ଜଣ ନାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନବିକ ସେବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଠାରେ ଶତାଧିକ ମହିଳାଙ୍କୁ ଶାଢ଼ୀ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଏଠାରେ ଏକ ରକ୍ତଦାନ ଶିବିର ମଧ ଆୟୋଜନ କରାଯାଇଥିଲା। ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲ। ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ଯୋଗଦେଇ ମହିଳାମାନଙ୍କ ସେବା ଓ ସାମର୍ଥ୍ୟ ଉପରେ କହିଥିଲେ। ବିଶେଷ ଅତିଥି ଭାବେ ବିନ୍ଦୁ ସାହୁ ଓ ସାଇବର ଥାନା ଆଇଆଇସି ଭାରତୀ ନାୟକ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଦିଗରେ କହିଥିଲେ। ଏହି ଅବସରରେ ଆୟୋଜକ ସଙ୍ଗଠନର ବହୁ ମହିଳା ପ୍ରତିନିଧି, ସଦସ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।

# ୨ ଭାଇଙ୍କୁ ମରଣାନ୍ତକ ଆକ୍ରମଣ: ଜଣେ ମୃତ, ଅନ୍ୟ ଜଣେ ଗୁରୁତର

ବୌଦ୍ଧ/ବଘିଆପଡା,୯।୩
(ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା କାଶଲପୁର ହରିପୁର ଛକ କେନାଲ ନିକଟରେ ରବିବାର ରାତିରେ ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାସୁଦେବ ଝାଙ୍କର (୨୮)। ଗୁରୁତର ଶାନ୍ତନୁ ଝାଙ୍କର (୩୪)ଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ବୌଦ୍ଧ ପୋଲିସ ଏକ ହତ୍ୟା ମାମଲା (ନଂ.୧୧୯/୨୬) ରୁଜୁ କରି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ କିଛି ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।


ହତ୍ୟାକାଣ୍ଡ ସ୍ଥାନରେ ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ।

ସୂଚନା ମୁତାବକ, ମୁଣ୍ଡାପଡଳ ଗ୍ରାମର ବାସୁଦେବ ଓ ଶାନ୍ତନୁ ସମ୍ପର୍କୀୟ ଭାଇ ଅଟନ୍ତି। ଶାନ୍ତନୁ ଫଟୋଗ୍ରାଫର କାମ କରନ୍ତି। ଗତ ରବିବାର ଶାନ୍ତନୁ ଓ ବାସୁଦେବ ବ୍ରାହ୍ମଣପାଲି ଗ୍ରାମପଞ୍ଚାୟତର ବକପାଲି ଗ୍ରାମକୁ ଏକ ବାହାଘରକୁ ଯାଇଥିଲେ। ସେଠାରୁ ରାତିରେ ଫେରୁଥିବାବେଳେ କାଶଲପୁର ହରିପୁର ଛକ କେନାଲ ନିକଟରେ କିଛି ଦୁର୍ବୃତ୍ତ ଉଭୟଙ୍କୁ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ବାସୁଦେବଙ୍କ ମୃତ୍ୟୁ ହୋଇଥିଲା। କିଛି ଯୁବକ ପୂର୍ବ ଶତ୍ରୁତାକୁ ନେଇ ଶାନ୍ତନୁଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ଭାଇ ବୌଦ୍ଧ ଥାନାରେ ସୋମବାର ଅଭିଯୋଗ କରିଛନ୍ତି।

**ବିର୍ସା ମୁଣ୍ଡା ପାର୍କ କାର୍ଯ୍ୟ ସମୀକ୍ଷା**

ରାଉରକେଲା (ଦିନେଶ ମିଶ୍ର): ରାଉରକେଲା କୋଏଲନଗରଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ବୀର୍ସା ମୁଣ୍ଡାଙ୍କ ନାମରେ ନୂତନ ଭାବେ ନିର୍ମାଣ କରାଯାଉଥିବା ପାର୍କ କାର୍ଯ୍ୟକୁ ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିରି ସୋମବାର ବୁଲି ଦେଖିଥିଲେ। ଏଥିସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଆର୍‌ଏମ୍‌ସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ

**ରାଉରକେଲା, ୯।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ରାଧାକୃଷ୍ଣ ମନ୍ଦିରରେ ଚାଲିଥିବା ଏକାଦଶତମ ବାର୍ଷିକୋତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ମୁଖ୍ୟ ପୂଜକ ନୃସିଂହ ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଶ୍ରୀରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା ହୋଇଥିଲା। ମନ୍ଦିର ପରିଚାଳନା ସମିତି ପକ୍ଷରୁ ଆୟୋଜିତ ଅଷ୍ଟପ୍ରହର ନାମଯଜ୍ଞର ଦଧିହାଣ୍ଡି ଭଙ୍ଗାଯାଇଥିଲା। ଭଗବତ ଗୀତାପାଠ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ମହିଳାଙ୍କୁ ଗୀତା ପୁସ୍ତକ ବିତରଣ କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ନିତ୍ୟାନନ୍ଦ କର, ଗୋକୁଳ ମହାନ୍ତି, ସତ୍ୟଜିତ ବିଶ୍ୱାଳ, ଗୌରାଙ୍ଗ ସାହୁ, ବିମଳ ରାଉତ ସହଯୋଗ କରିଥିଲେ।

### ସ୍ମୃତି ସମ୍ମାନ ସମାରୋହ ପ୍ରସ୍ତୁତି ବୈଠକ

**ରାଉରକେଲା, ୯।୩(ବିପ୍ଳବ ରଂଜନ ଦାଶ):** ଗୁରୁକୁଳ ବୈଦିକ ଆଶ୍ରମରେ ସୋମବାର ଉପାନ୍ତ କବି ଅଲେଖ ଚନ୍ଦ୍ର ସାହୁ ସ୍ମୃତି ସମ୍ମାନ ସମାରୋହ ଆୟୋଜନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜ୍ଞାନ ଲେଖିକା ଡକ୍ଟର ସରୋଜିନୀ ସାହୁ ସଭାପତିତ୍ୱ କରିଥିଲେ। ଚଳିତ ଥର କବି ତାରିଣୀ ଚରଣ ସାହୁଙ୍କୁ ଉପାନ୍ତ କବି ଅଲେଖ ଚନ୍ଦ୍ର ସାହୁ ସମ୍ମାନ ଏବଂ ଶିଶୁ ସାହିତ୍ୟିକ ପ୍ରକାଶ ଚନ୍ଦ୍ର ଖଟୋଇ, କଥାକାର ବିଭୂତି ଭୂଷଣ ସ୍ୱାଇଁ ଓ କବି ଅମୂଲ୍ୟ କୁମାର ବାରିକଙ୍କୁ ମଧ୍ୟ ବିବିଧ ସମ୍ମାନରେ ସମ୍ମାନୀତ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୯ତାରିଖରେ ଏହି ସମ୍ମାନ ସମାରୋହ ଆୟୋଜନ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଥିବା ସୂଚନା ଦିଆଯାଇଛି।

### ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ



**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ):** ଆର୍‌ଏସ୍‌ପି କର୍ପୋରେଟ ସାମାଜିକ ଦାୟିତ୍ୱର ଅଂଶସ୍ୱରୂପ ଦୀପିକା ମହିଳା ସଂହତି ପକ୍ଷରୁ କୁଆଁରମୁଣ୍ଡା ବ୍ଲକ ଅଧୀନ କଚାରୁ ଗ୍ରାମପଞ୍ଚାୟତରେ ଏକ ପ୍ରାଥମିକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା ଉଦ୍‌ଘାଟନ କରିଥିଲେ। ଏଥିରେ ସମିତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ ଏବଂ ରୀତା ରାଣୀଙ୍କ ସମେତ ସିଏସ୍‌ଆର ବିଭାଗର ଜିଏମ ସୁଶ୍ରୀ ମୁନମୁନ ମିତ୍ରା, ସମ୍ପାଦିକା ସାରିକା କୁମାର ଏବଂ ପରିଚାଳନା ପରିଷଦ ସଦସ୍ୟ, ସ୍ୱେଚ୍ଛାସେବୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶିବିରରେ ଡା. ଉଷା ନାୟକ ପ୍ରାୟ ୧ଶହ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରୀ ପରାମର୍ଶ ପ୍ରଦାନ କରିଥିଲେ। ସମସ୍ତ ରୋଗୀଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁରଲୀ ସଭା

**ରାଉରକେଲା, ୯।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ଡାଇମଣ୍ଡ ଭବନ ପରିସରରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜଯୋଗିନୀ ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ମୁରଲି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସଞ୍ଚାଳିକା ରାଜଯୋଗିନୀ ବିମଳା ଦିଦି ମୁରଲି ସଭାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମସ୍ତ ବ୍ରହ୍ମକୁମାର ଓ କୁମାରୀଗଣ ସାମୂହିକ ଯୋଗ କରିଥିଲେ। ଶିବିରରେ ୧୭୦ରୁ ଊର୍ଦ୍ଧ୍ୱ କୁମାରୀ କୁମାର ଉପସ୍ଥିତ ଥିଲେ। ରାଜଯୋଗିନୀ ଶ୍ୱେତା ଦିଦି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଞ୍ଜଳି ଦିଦି, ମୀତା ଦିଦି, ସୀମା ଦିଦି, ଶିବ ନାରାୟଣ ମିଶ୍ର, ଜ୍ୟୋତି ଦିଦି ସହଯୋଗ କରିଥିଲେ।

### ୱାଇସିଏରେ କନିଷ୍ଠ ବର୍ଗ କ୍ରିକେଟ ଶିବିର

**ରାଉରକେଲା, ୯।୩(ଦିନେଶ ମିଶ୍ର):** ବାସନ୍ତୀ କଲୋନୀସ୍ଥିତ ୟୁଥ୍ କ୍ରିକେଟ ଏକାଡମୀ ପକ୍ଷରୁ ସୋମବାର କନିଷ୍ଠ ବର୍ଗର ଖେଳାଳିମାନଙ୍କ ପାଇଁ କ୍ରିକେଟ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପୂର୍ବତନ ରଣଜୀ ଉଇକେଟ୍ କିପର ଅଂଶୁମାନ ଗୋପ ଯୋଗ ଦେଇଥିଲେ। ଶିବିରରେ ୨୧ ଜଣ କନିଷ୍ଠ ବର୍ଗର କ୍ରିକେଟ୍ ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ୧୪ ବର୍ଷରୁ କମ ବର୍ଗର ପିଲାମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଏହି ଶିବିର ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପଡିଆରେ ସକାଳ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଚାଲିବ ବୋଲି ଗୋପ ସୂଚନା ଦେଇଛନ୍ତି।

# ସ୍ଥାନୀୟ ଉତ୍ପାଦକୁ ଲୋକାଭିମୁଖୀ କରିବା ଲକ୍ଷ୍ୟ

**ରାଉରକେଲା, ୯।୩(ସଙ୍ଗୀତା ଜେନା)**



ଶିବିରରେ ମଞ୍ଚାସୀନ ଅତିଥିଗଣ।

**ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସଚେତନତା ଶିବିର**

ସେକ୍ଟର-୧୩ ମେଳଣ ପଡ଼ିଆରେ ଚାଲିଥିବା ସରସ ସ୍ୱଦେଶୀ ମେଳାରେ ସୋମବାର ପୂର୍ବାହ୍ନ ୧୧ଟାରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଶହେରୁ ଊର୍ଦ୍ଧ୍ୱ ଉଦ୍ୟୋଗ ଅଂଶଗ୍ରହଣ କରିଥିଲେ। ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସ୍ମୃତିରଞ୍ଜନ ରାଉତରାୟ ଯୋଗଦେଇ କୃଷି, ମତ୍ସ୍ୟ ଓ ପଶୁପାଳନ ଭିତ୍ତିରେ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଦେଶ ଅର୍ଥନୀତିରେ ମହିଳା ଉଦ୍ୟୋଗର ବଡ଼ ଭୂମିକା ରହିଛି। ମହିଳା ସଶକ୍ତୀକରଣ ପାଇଁ ସରକାର ମହିଳାମାନଙ୍କୁ ସହଜ, ସରଳ ଉପାୟରେ ଋଣ ପ୍ରଦାନ କରୁଛନ୍ତି। କୃଷିଜାତ ସମେତ ବିଭିନ୍ନ ଉତ୍ପାଦଗୁଡ଼ିକର ପ୍ରକ୍ରିୟାକରଣ କରାଗଲେ ତାହା ଲମ୍ବା ସମୟ ପର୍ଯ୍ୟନ୍ତ ତିଷ୍ଠିପାରିବ। ଲୋକଙ୍କ ଆବଶ୍ୟକତା ମେଣ୍ଟାଇପାରିବ ବୋଲି ରାଉତରାୟ କହିଥିଲେ। ସେହିପରି ସିଜିନ୍‌ରେ ଟମାଟୋ, ଛତୁ ଓ ଅନ୍ୟ ଉତ୍ପାଦଗୁଡ଼ିକର ପ୍ରକ୍ରିୟାକରଣ ଦ୍ୱାରା ଗୁଣବତ୍ତା ବୃଦ୍ଧି ହେବା ସହ ଲୋକଙ୍କ ଚାହିଦା ପୂରଣ କରିପାରିବ ବୋଲି ଏଆଇଓ କୌଶଲ୍ୟା ମୁଣ୍ଡାରୀ କହିଥିଲେ। ଅନ୍ୟତମ ଅତିଥି ଡିଆଇସି ଯତୀନ୍ଦ୍ର ବରୁଆ କହିଲେ, ସାଧାରଣତଃ କୃଷିଜାତ ଦ୍ରବ୍ୟର ସିଜିନରେ ୩୦ ପ୍ରତିଶତ ବିନା ସଂରକ୍ଷଣରେ ନଷ୍ଟ ହୋଇଥାଏ। ଉକ୍ତ ନଷ୍ଟ ପ୍ରକ୍ରିୟାକୁ ରୋକିବା ସହ ଉପାଦେୟପୂର୍ଣ୍ଣ କରିବା ଉଚିତ। ପରବର୍ତ୍ତୀ ସମୟରେ ଏହାକୁ ବଜାରକୁ ଛାଡି ହେବ ବୋଲି ସେ କହିଥିଲେ। ଲାଇଭ୍‌ଲି ହୁଡ୍ ମିଶନ କୁଆଁରମୁଣ୍ଡାର ପ୍ରକଳ୍ପ ଅଧିକାରୀ ରଶ୍ମିତା ବେହେରା କହିଲେ, ଏହି ଶିବିରର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଉତ୍ପାଦଗୁଡ଼ିକ ଲୋକଙ୍କ ନିକଟରେ ସହଜରେ ପହଞ୍ଚାଇବା। ମନ୍ଦିରା ଡ୍ୟାମରେ ମହିଳା ଏସ୍‌ଏଚ୍‌ଜିଗୁଡ଼ିକ ମାଛଚାଷ କରିବା ସହ ଏଥିରୁ ଶୁଖୁଆ ଓ ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନ କରୁଛନ୍ତି। ସେଥିପାଇଁ ସରକାରୀସ୍ତରରେ ମହିଳାମାନଙ୍କୁ ପ୍ରକ୍ରିୟାକରଣ ମେସିନ ଯୋଗାଇ ଦିଆଯାଉଛି। ଅତ୍ୟାଧୁନିକ ଟେକ୍‌ନୋଲୋଜି ସମ୍ପନ୍ନ ହେବାକୁ ମହିଳାମାନଙ୍କୁ ପ୍ରେରିତ କରାଯାଉଛି ବୋଲି ବେହେରା କହିଥିଲେ। ନୂଆଗାଁ କୃଷି ଅଧିକାରୀ ଲିସା ଲିଶ୍ମି ହାଁସଦା, ପ୍ରାଣୀ ଚିକିତ୍ସକ ଡ. ସ୍ୱାତୀ ଚୌଧୁରୀ, ସହାୟକ ମତ୍ସ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ଘଡାଇ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ସ୍କିମ ଓ ଆର୍ଥିକ ଯୋଜନା ଦ୍ୱାରା ଜିଲା ଶିଳ୍ପ କେନ୍ଦ୍ର ସହର ଓ ବ୍ଲକ ସ୍ତରରେ କିଭଳି ଲାଭବାନ ହେବ, ସେ ନେଇ ଅତିଥିମାନେ ଆଲୋଚନା କରିଥିଲେ। ଜିଲା ଶିଳ୍ପ କେନ୍ଦ୍ରର ଏସ୍‌ଓ ବିକାଶ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ଏସ୍‌ଏଚ୍‌ଜି ଓ ଉଦ୍ୟୋଗୀ ଏଥିରେ ସାମିଲ ହୋଇଥିଲେ।



ୱାକାଥନ୍‌ରେ ଅଂଶଗ୍ରହଣ କରିଥିବା ଆର୍‌ଏସ୍‌ପି ମହିଳା କର୍ମଚାରୀ।

# ମହିଳା ଦିବସରେ ଶାଢ଼ି ୱାକାଥନ

**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆର୍‌ଏସ୍‌ପି ପକ୍ଷରୁ ଏକ ଶାଢି ୱାକାଥନ ଆୟୋଜିତ ହୋଇଯାଇଛି। ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା ୱାକାଥନକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ, ରୀତା ରାଣୀଙ୍କ ସମେତ ପ୍ଲାଣ୍ଟର ଅନେକ ମହିଳା ବର୍ଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧ଶହରୁ ଊର୍ଦ୍ଧ୍ୱ ମହିଳା କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ୱାକାଥନ ରାଉରକେଲା କ୍ଲବରୁ ଆରମ୍ଭ ହୋଇ ରାଉରକେଲା ହାଉସ ଛକ ଦେଇ ପୁଣି ରାଉରକେଲା କ୍ଲବରେ ଶେଷ ହୋଇଥିଲା। ସୁନ୍ଦର ଓଡିଶା ହସ୍ତତନ୍ତ ଶାଢି ପିନ୍ଧି ରିଂ ରୋଡ୍ ରାସ୍ତାରେ ଯାତ୍ରା କରୁଥିବା ଏହି ୱାକାଥନ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଐତିହ୍ୟକୁ ସ୍ମରଣ କରାଇବା ସହ ମହିଳା ଶସକ୍ତୀକରଣ ମନୋଭାବକୁ ପ୍ରଦର୍ଶିତ କରିଥିଲା। ଏଥିସହ ଅଂଶଗ୍ରହଣକାରୀମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରାଯିବା ସହିତ ଓଡିଆ ଐତିହ୍ୟ ସିଂହତିକୁ ମଧ୍ୟ ପ୍ରୋତ୍ସାହିତ କରିଥିଲା।

# ଭିନ୍ନକ୍ଷମ ସଶକ୍ତୀକରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ)**



ଶ୍ରଦ୍ଧା ଅନୁଷ୍ଠାନକୁ ସମ୍ମାନିତ କରାଯାଉଛି।

ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ସକ୍ଷମମାନଙ୍କଠାରୁ କିଛି କମ୍ ନୁହଁନ୍ତି। ଯଦି ଏହି ବର୍ଗକୁ ଆମେ ଉପଯୁକ୍ତ ଶିକ୍ଷା ଏବଂ ମାର୍ଗଦର୍ଶନ ଦେବା ଏମାନେ ମଧ୍ୟ ସକ୍ଷମମାନଙ୍କ ଭଳି ନିଜର ଅଦ୍ଭୁତ ଦକ୍ଷତା ପ୍ରତିପାଦନ କରିପାରିବେ। ରାଉରକେଲା ଏନ୍‌ଆଇଟିରେ ଚାଲିଥିବା ଭିନ୍ନକ୍ଷମମାନଙ୍କ ତ୍ରିଦିବସୀୟ ସଶକ୍ତୀକରଣ ପ୍ରଶିକ୍ଷଣ ଶିବିରର ରବିବାର ଉଦ୍‌ଯାପନୀ ଦିବସରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ଶିବିରରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲର ଡିନ୍ ଗୀତା ସାହୁ, ଆର୍‌ଜିଏଚ୍‌ର ନିର୍ଦ୍ଦେଶକ ଡ. ଆନନ୍ଦ ଗୋପାଳ ମହାନ୍ତି, ଏସ୍‌ଏସ୍‌ଇପିଡି ବିଭାଗର ଉପସଚିବ ସନ୍ନ୍ୟାସୀ ବେହେରା, ଏନ୍‌ଆଇଟିର କୁଳସଚିବ ପ୍ରଫେସର ରୋହନ ଧୀମାନ ଏବଂ ଏନ୍‌ଆଇଇପିଆଇଡିର ଡ. ସୁନୀତା ସୁନିତା ଦେବୀ ଯୋଗଦେଇ ଭିନ୍ନକ୍ଷମ ଓ ଦିବ୍ୟାଙ୍ଗମାନଙ୍କ ସର୍ବାଙ୍ଗୀନ ଉନ୍ନତି ଓ ଏହାର ପ୍ରକ୍ରିୟା ଉପରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଡକ୍ଟର ସୁନୀତା ଏବଂ ସରୋଜ ଆର୍ଯ୍ୟା ରିସୋର୍ସ ପର୍ସନ ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ପାଇଁ ଶିକ୍ଷା ଓ ପୁର୍ନବାସ ସେବା ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ଏଥିସହ ଦେଶରେ ୨୧ ପ୍ରକାରର ଅକ୍ଷମତାକୁ ସ୍ୱୀକୃତି ଦେଉଥିବା ଦିବ୍ୟାଙ୍ଗ ଅଧିକାର ଆଇନ ଅଧୀନ ଅକ୍ଷମତା କଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇବାରେ ମନସ୍ତତ୍ତ୍ୱବିତ୍‌ମାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ୯୮ଜଣ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରାଉରକେଲାର ଶ୍ରଦ୍ଧା ଅନୁଷ୍ଠାନର କାର୍ତ୍ତିକ ଚନ୍ଦ୍ର ପାଣ୍ଡବଙ୍କୁ ସମ୍ମାନୀତ କରାଯାଇଥିଲା। ପ୍ରଫେସର ରାମକୃଷ୍ଣ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲି ରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୨୦ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ସୋମବାର ଜିଲା ପତଞ୍ଜଳି ମହିଳା ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲା ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ପ୍ରଭାରୀ ଗିରିଜା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସନାତନ ଧର୍ମରେ ଦେବୀଙ୍କୁ ଅଧିଷ୍ଠାତ୍ରୀ ବୋଲି କୁହାଯାଏ। ଭାରତୀୟ ସଂସ୍କୃତି ମଧ୍ୟ ନାରୀକୁ ସର୍ବଦା ବନ୍ଦନୀୟ ଏବଂ ପୂଜନୀୟ ଭାବେ ସମ୍ମାନ ଦିଏ। ଏଣୁ ସମାଜରେ ହେଉଥିବା ମହିଳାଙ୍କ ପ୍ରତି ଅବିଚାରରେ ଉଭୟ ପୁରୁଷ ଓ ମହିଳା ଦାୟୀ। ଏଭଳି ସମୟରେ ଆମେ ସମସ୍ତେ ମିଶି ମହିଳା ସଶକ୍ତୀକରଣକୁ ସାକାର କରିବା ଆବଶ୍ୟକ ବୋଲି ସେ କହିଥିଲେ। ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳା ଶକ୍ତିର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବିଷ୍ଣୁପ୍ରିୟା ଦାଶ, ନିରୁପମା ନାୟକ ଏବଂ ସନ୍ଧ୍ୟାରାଣୀ ପତ୍ରି ସ୍ୱାଗତ ବନ୍ଦନା ଗାନ କରିଥିବା ବେଳେ ଗଙ୍ଗାଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

### ହ୍ୟୁମାନିଟି ଫାଉଣ୍ଡେଶନର ମହିଳା ଦିବସ ପାଳନ

**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ସେକ୍ଟର-୭ ଇସ୍ପାତ ସାହିତ୍ୟ ସଂସଦରେ ହ୍ୟୁମାନିଟି ଫାଉଣ୍ଡେଶନ ସଭାପତି ଦିପ୍ତୀ ସୁନ୍ଦରାୟ ଓ ସମ୍ପାଦିକା ଲୀନା ତ୍ରିପାଠୀଙ୍କ ଆବାହକତ୍ୱରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ କମଲ ଅଗ୍ରୱାଲ ଓ ବରିଷ୍ଠ କଂଗ୍ରେସ ନେତା ରବି ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ନିରୁପମା ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟିକା ଡ. ଉତ୍ପଳା ଦାଶଷଡଙ୍ଗୀ, କଳ୍ପନା ନନ୍ଦଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା।

# କାମରେ ଲାଗୁନି ସୁଲଭ ଶୌଚାଳୟ

**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ)**



ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ମୁଖରେ ଥିବା ଶୌଚାଳୟ।

ରାଉରକେଲା ଉଦିତନଗରସ୍ଥିତ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ ସମ୍ମୁଖରେ ସ୍ଥାପିତ ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଜନସେବାରେ ଲାଗିପାରୁନି। ୯ମାସ ତଳେ ଶୌଚାଳୟର ପୁନରୁଦ୍ଧାର ପାଇଁ ଦାବି ହେବାରୁ ଆର୍‌ଏମ୍‌ସି ପକ୍ଷରୁ ଟେଣ୍ଡର ହୋଇଥିଲା। ଜନୈକ ଠିକାଦାର ଏହାର ପୁନଃ ମରାମତି କାର୍ଯ୍ୟ କରିବା ପାଇଁ ଆଦେଶ ପାଇଥିଲେ ମଧ୍ୟ ମରାମତି କାମ ସୁଚାରୁ ରୁପେ ନ ହେବାରୁ ଶୌଚାଳୟ ଲୋକଙ୍କ କାମରେ ଆସୁନି। ପ୍ରକାଶଥାଉକି, ଯୋଗାଣ ବିଭାଗ କାର୍ଯ୍ୟାଳୟ, ପୁରୁଣା କୋର୍ଟ ଓ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଗୋଟିଏ କ୍ୟାମ୍ପସ ମଧ୍ୟରେ ରହିଥିବା ବେଳେ ଦୈନିକ ଲୋକଙ୍କ ଗହଳି ଜମିଥାଏ। ଶୌଚାଦି କାର୍ଯ୍ୟ ପାଇଁ ଲୋକେ ଏହି ଶୌଚାଳୟକୁ ବ୍ୟବହାର କରିଥାନ୍ତି। ମାତ୍ର ଶୌଚାଳୟର ମରାମତି କାର୍ଯ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ଲୋକମାନେ ଏହାକୁ ବ୍ୟବହାର କରି ପାରୁନାହାଁନ୍ତି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଦୀନା ଦସ୍ତଗୀରଙ୍କୁ ପଚାରିବାରୁ ଶୌଚାଳୟ ଯେଭଳି ଲୋକଙ୍କ ବ୍ୟବହାର ଯୋଗ୍ୟ ହୋଇପାରିବ ସେ ଦିଗରେ ସପ୍ତାହେ ମଧ୍ୟରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ୫୬ ଅଭିଯୋଗ ଶୁଣାଣି କଲେ ଜିଲାପାଳ



ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

**ରାଉରକେଲା, ୯।୩(ଦିନେଶ ମିଶ୍ର)**

ଲାଠିକଟା ବ୍ଲକ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି ଅଭିଯୋଗ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ଏଥିରେ ମୋଟ ୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୁହିକ ଅଭିଯୋଗ ରହିଥିଲା। ୬ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଜନ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ନାମାଙ୍କନ ଦାଖଲ କଲେ ୨୧ ପ୍ରାର୍ଥୀ




ବାର୍ ଆସୋସିଏଶନ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରାଯାଉଛି।

**ରାଉରକେଲା ବାର୍ ଆସୋସିଏଶନ ନିର୍ବାଚନ**

**ରାଉରକେଲା, ୯।୩(ବିପ୍ଳବ ରଞ୍ଜନ ଦାଶ)**

ରାଜ୍ୟ ବାର୍ କାଉନସିଲ୍‌ର ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ୨୮ତାରିଖରେ ରାଜ୍ୟର ସମସ୍ତ ବାର୍ ଆସୋସିଏଶନ ନିର୍ବାଚନ ସମ୍ପନ୍ନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି କ୍ରମରେ ରାଉରକେଲା ବାର ଆସୋସିଏଶନ ପକ୍ଷରୁ ଗତ ୭ତାରିଖରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୋମବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ଥିଲା। ଏହି ନିର୍ବାଚନରେ ସଭାପତି ଏବଂ ସମ୍ପାଦକଙ୍କ ସମେତ ଅନ୍ୟ ପଦବୀ ପାଇଁ ମୋଟ ୨୧ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ଆସନ୍ତା ୧୩ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ୧୪ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ଆସନ୍ତା ୨୮ତାରିଖ ସକାଳ ୭ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ନିର୍ବାଚନରେ ରାଉରକେଲା ବାର୍ ଆସୋସିଏଶନର ୮୩୦ ଭୋଟର ମତଦାନ କରି ବାର୍ ଆସୋସିଏଶନ ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ଚୟନ କରିବେ ବୋଲି ଜଣାପଡିଛି।

# ରାଜ୍ୟ, ଜାତୀୟସ୍ତରର ମହିଳା ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା, ୯।୩(ସଙ୍ଗୀତା ଜେନା)**

ରାଉରକେଲାର ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଓ ରାଜ୍ୟସ୍ତରୀୟ ଭଲିବଲ୍ ମହିଳା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହିଳା ଉଦ୍ୟୋଗୀ ତଥା ୱାଲଟର କ୍ରାଫ୍ଟର ଅଧ୍ୟକ୍ଷା ନିହାରିକା ବସ୍ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନେ ସ୍ୱାବଲମ୍ବୀ ହେବା ସହ ଏବେ ଆଉ ଅନ୍ୟ ଉପରେ ନିର୍ଭର ନ କରି ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀର ଅଧ୍ୟକ୍ଷା ମେଘା ଅଗ୍ରୱାଲ, ମହିଳା ବିଜେଡି ସଭାପତି ସନ୍ଧ୍ୟା ଲାକ୍ରା, ଜାତୀୟ ଭଲିବଲ ରେଫରି ନିରଞ୍ଜନ ନାୟକ ଓ ଯୋଗଗୁରୁ ସୁଶାନ୍ତ ଶତପଥୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ମତାମତ ରଖିଥିଲେ। ପ୍ରାରମ୍ଭରେ ସାଧାରଣ ସମ୍ପାଦକ ଦେବଦତ୍ତ ଜେନା ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ମହିଳା ସଶକ୍ତିକରଣ ଓ ସାମାଜିକ ଦାୟିତ୍ୱବୋଧ ପାଳନ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ସ୍ମାର୍ଟ ଲେଡିଜ କ୍ଲବ୍ ରାଉରକେଲା, ଫ୍ରେଣ୍ଡସ ଅଫ୍ ଟ୍ରାଇବାଲ ସୋସାଇଟି ଯୁବ ରାଉରକେଲା, ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମିଳନୀ ସମେତ ସମାଜସେବୀ ଶ୍ରୀୟା କୋହଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ୧୫ବର୍ଷ ଧରି ଉଭୟ ସିନିୟର୍ ଓ ଜୁନିୟର ମହିଳା ଭଲିବଲ୍‌ରେ ଜାତୀୟ ଓ ରାଜ୍ୟସ୍ତରରେ ଖେଳିଥିବା ପ୍ରାୟ ୬୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସମ୍ବର୍ଦ୍ଧିତ ହୋଇଥିବା ମହିଳା ଖେଳାଳି।

# ଫୁଟ୍‌ବଲ: ଆଇକନିକ୍ ସେକ୍ଟର-୯ ଚାମ୍ପିୟନ




କୃତୀ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

**ରାଉରକେଲା, ୯।୩(ସଙ୍ଗୀତା ଜେନା)**

କ୍ରୀଡା ସଙ୍ଗଠନ ରାଇଜିଂ କ୍ଲବର ସଙ୍ଗଠକ ସ୍ୱର୍ଗତ ପ୍ରଶାନ୍ତ ସିଂହ (ପପୁ)ଙ୍କ ସ୍ମୃତିରେ ୪ର୍ଥ ପପୁ ମେମୋରିଆଲ୍ ନକ୍‌ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ ସେକ୍ଟର-୨୦ସ୍ଥିତ ରାଇଜିଂ ପଡ଼ିଆରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ସଡନ୍-ଡେଥ୍ ଫର୍ମାଟ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ଆଇକନିକ୍ ସେକ୍ଟର-୯ ଚାମ୍ପିୟନ ହୋଇଥିବାବେଳେ ଝିରିପାଣି ଦଳ ରନର୍ ଅପ୍ ହୋଇଥିଲା। ଏହି ଅବସରରେ କ୍ରୀଡା ବିଭାଗ ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ଓ ନଗଦ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହାସହିତ ଆୟୋଜିତ ଜୁନିୟର୍ ବାଳିକା ଫୁଟ୍‌ବଲ ମ୍ୟାଚ୍‌ରେ ଗ୍ରାସରୁଟ୍ ସେକ୍ଟର-୨୦ ଦଳ ସେକ୍ଟର-୬କୁ ୧-୦ ଗୋଲରେ ପରାସ୍ତ କରିଥିଲା। ଏହି ଟୁର୍ନାମେଣ୍ଟ ମାଧ୍ୟମରେ ତୃଣମୂଳସ୍ତରରେ ଫୁଟ୍‌ବଲ ପ୍ରତିଭାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ବୋଲଇ ରାଇଜିଂ କ୍ଲବର ସଙ୍ଗଠନ ସମ୍ପାଦକ ଶିଶିର ସାହୁ ମତବ୍ୟକ୍ତ କରିଥିଲେ। ନିରଞ୍ଜନ ନାୟକ, ତୃପ୍ତିରଞ୍ଜନ ଦାସ, ସୌଭାଗ୍ୟ ମିଶ୍ର, ନବକୃଷ୍ଣ ମହାପାତ୍ର, ଅନିଲ ସିଂହ, ଅରୁଣ ପୁହାଣ ପ୍ରମୁଖ ସହଯୋଗ କରିଥିଲେ।

# ସମାଜରେ ମହିଳା ଜାଗୃତ ହେବା ଜରୁରୀ

**ରାଉରକେଲା, ୯।୩(ଦିନେଶ ମିଶ୍ର)**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଧ୍ୟାପିକା ରମେଶ୍ୱରୀ ଭୋଇ ଓ ମମତା ବାକ୍ସଲା ଅତିଥି ଭାବେ ଯୋଗ ଦେଇଥଲେ। ସେହିପରି ସେକ୍ଟର-୧୫ସ୍ଥିତ ପୁଷ୍ପବାଟିକା ପରିସରରେ ସ୍ୱାଗରିକା ୟେଲ ଫେୟାର ଟ୍ରଷ୍ଟ ପକ୍ଷରୁ ସଭାପତି ଜୟନ୍ତୀ ଦାସଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ହରିହର ରାଉତରାୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାରରେ ସଭାପତି ସବିତା ସାହୁଙ୍କ ଅଧ୍ୟକ୍ଷତାରେ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଡକ୍ଟର ଜ୍ୟୋତ୍ସ୍ନା ପଟ୍ଟନାୟକ ମୁଖ୍ୟ ଅତିଥି, କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମଞ୍ଜୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଦୁର୍ଘଟଣାରେ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କ ମୃତ୍ୟୁ**

ରେଢାଖୋଲ,(ସନ୍ତୋଷ ବଘାର): ସମ୍ବଲପୁର ଜିଲା ଚାରମାଳ ଥାନା ମୋଚିବାହାଲ ସେରନୀ ମନ୍ଦିର ନିକଟରେ ସୋମବାର ଏକ ଗାଡ଼ି ଧକ୍କାରେ ବାଇକରେ ଥିବା ଜଣେ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କ ମୃତ୍ୟୁ ଘଟିଛି। ମୃତକ ଶ୍ରୀତମ ସ୍ୱାଇଁ ତାଙ୍କ ଘର ଗଞ୍ଜାମ ଜିଲାରେ। ଅପରାହ୍ନ ପ୍ରାୟ ୩ଟାରେ ସେ ସମ୍ବଲପୁରରୁ ବୌଦ୍ଧ ଅଭିମୁଖେ ବାଇକରେ ଯାଉଥିବାବେଳେ ମୋଚିବାହାଲ ନିକଟରେ ଭାରସାମ୍ୟ ହରାଇ ଏକ ଗାଡ଼ି ପଛରେ ପିଟି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରି ଲୋକେ ରେଢାଖୋଲ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଥିବା ଚାରମାଳ ଥାନା ଅଧିକାରୀ ବେଦପ୍ରକାଶ ନନ୍ଦ ସୂଚନା ଦେଇଛନ୍ତି।



## ସଂକ୍ଷେପରେ

### ସାମ୍ବିଧାନିକ ଅଧିକାର, ସୁରକ୍ଷାକୁ ଗୁରୁତ୍ୱ ଦିଅ

କୁଚିଣ୍ଡା,୯।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ କହପାଣିରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଲୋକମୁକ୍ତି ସଙ୍ଗଠନ ଓ ରଙ୍ଗିଆଟିକିରା ପଞ୍ଚାୟତ ମହିଳା ମହାସଂଘ ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ମହାସଂଘ ସଭାନେତ୍ରୀ ମନ୍ଦାକିନୀ ଖର୍ସେଲ ଅଧ୍ୟକ୍ଷତା କରିଥିଲେ। ଲୋକମୁକ୍ତି ସଙ୍ଗଠନ ସଂଯୋଜକ ଜିନିତ ସାମାଦ ମହିଳା ଦିବସର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଉପଦେଷ୍ଟା ଅନନ୍ତ ପଣ୍ଡା, କୁଟାରିମାଲ ପୂର୍ବତନ ସମିତି ସଭ୍ୟା ମମତା ମହାନନ୍ଦ, ଉଦୟନାଥ ନାଏକ, ପୂର୍ବତନ ବ୍ଲକ ମହିଳା ସଭାନେତ୍ରୀ ପୁଷ୍ପଲତା ପଟେଲ, ଗଡପୋଷ ସରପଞ୍ଚ ପୁଷ୍ପା ତିର୍କୀ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ରଙ୍ଗିଆଟିକିରା ସରପଞ୍ଚ ସମୀର ରିହା, ଅଙ୍ଗନୱାଡି କର୍ମୀ ଲିଲିମା କନଗାଡ଼ି, ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ, ରସାନନ୍ଦ କିଷାନ, ରବୀନ୍ଦ୍ର ନାଏକ ଅତିଥିଭାବେ ଯୋଗଦେଇଥିଲେ। ସେମାନେ ତାଙ୍କ ବକ୍ତବ୍ୟରେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା, ବଳାତ୍କାର, ସାଇବର ଅପରାଧ ସମ୍ପର୍କରେ ଆଲୋଚନା କରି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏମ୍ବିକେ ସୁଜାତା ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

### ସାହିତ୍ୟିକା ଲଳିତା ରାଣୀଙ୍କ ପରଲୋକରେ ଶୋକ

ସମ୍ବଲପୁର,୯।୩(ବି.ଶଙ୍କର)

ସାହିତ୍ୟିକା ତଥା ବଲାଙ୍ଗୀର କଲେଜ ଛକର ବାସିନ୍ଦା ତଥା ଲଳିତା ରାଣୀ ମିଶ୍ରଙ୍କ ଗତ ୧ ତାରିଖ ସମ୍ବଲପୁର ବ୍ରିଜ ଧାମ ହାଉସିଂ ସୋସାଇଟି ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ



ଶେଷକୃତ୍ୟ ସମ୍ବଲପୁରସ୍ଥିତ ରାଜଘାଟରେ ସମ୍ପନ୍ନ ହୋଇଛି। ପୁଅ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଜିଏମ ପୁଅ ଶିଶିରକାନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ପୁଅ ଶିଶିର, ବୋହୁ ସମ୍ପା, ଝିଅ ଦୀପ୍ତି, ଜ୍ୟୋତି, ଜ୍ୱାଇଁ ସଞ୍ଜୟ ଓ ଡାକ୍ତର ମନୋଜ ନନ୍ଦ, ନାତି ଶ୍ରେୟାଂଶ, ସୌନକ ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଧର୍ମ ପରାୟଣା ଓ ପରୋପକାର ପାଇଁ ସେ ସଦା ତତ୍ପର ଥିଲେ। ସକରାତ୍ମକ ଚିନ୍ତାଧାରା, ଉଚ୍ଚମାନବିକ ମୂଲ୍ୟବୋଧ, ଅଗାଧ ସାହିତ୍ୟିକ ଜ୍ଞାନ, କାବ୍ୟାତ୍ମକ ଦକ୍ଷତା ପାଇଁ ସେ ଆଦୃତ ଥିଲେ । ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ତାଙ୍କ ସ୍ୱାମୀ ଲଳିତ ମୋହନ ମିଶ୍ରଙ୍କର ଦୁଇବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଥିଲା।

### ମହିଳା ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ

ପଡିଆବାହାଲ,୯।୩(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଜୟନ୍ତପୁର, କବରାପାଲି, ଝାଙ୍କରପାଲି, ବିରସିଂଗଡ଼ ଓ ବାହାମ ପଞ୍ଚାୟତକୁ ନେଇ ସୋମବାର ପଧାନପାଲି କଲ୍ୟାଣମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ବାହାମ ଗ୍ରାମ ପଞ୍ଚାୟତ ସହଯୋଗରେ ଆୟୋଜିତ ସଭାରେ ସଦର ଥାନା ଅଧିକାରୀ ଅନିତା ପାଟନିଆ, ଯୁଯୁମୁରା ଏବିଡ଼ିଓ ପ୍ରଜ୍ଞା ପାଣିଗ୍ରାହୀ, ଓଡିଶା ଜୀବିକା ମିଶନର ଡିପିଏମ ସଞ୍ଜୟ କୁମାର ମହାପାତ୍ର, ଯୁଯୁମୁରା ସିଡିପିଓ ମିନତୀ ଦାଶ, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, କବରାପାଲି ସମିତି ସଭ୍ୟା ବନିତା ଓରାମ, ବାଲ୍ୟ ବିଭାହ ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ ଓ ଏଫଇଏସ ଜଲା ସଂଯୋଜକ ସଞ୍ଜୀବ କୁମାର ସାହୁ ଏମବିକେ ଦିପ୍ତୀରାଣୀ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ମହିଳା ମାନେ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ ବୋଲି ଅତିଥିମାନେ କହିଥଲେ। ଲୀନାରାଣୀ ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ମହିଳା ବିକାଶ ନେଇ ନିଜ ରଖିଥିଲେ। ଏହି ଅବସରରେ ଜୈବିକ କୃଷି କ୍ଷେତ୍ରରେ ନିଜର ପରାକାଷ୍ଠା ପାଇଁ ଅଞ୍ଚଳର ୧୦ଜଣ ମହିଳା କୃଷି ଉଦ୍ୟୋଗୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ରବିଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ଆଜିଠାରୁ

ସମ୍ବଲପୁର,୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ରବିଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ମଙ୍ଗଳବାରଠାରୁ ଆରମ୍ଭ ହେବ। ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୨୦୨୫-୨୬ ବର୍ଷର ରବି ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ପାଇଁ ବିଧିବଦ୍ଧଭାବେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମା ଅନୁସାରେ ସମ୍ବଲପୁରକୁ ମିଶାଇ ରାଜ୍ୟର ୨୦ଟି ଜିଲାରେ ମେ ୧ରୁ ଜୁନ ୩୦ତାରିଖ ପର୍ଯ୍ୟନ୍ତ ରବି ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିବ। ତେବେ ସମ୍ବଲପୁର ଜିଲାରେ ମଙ୍ଗଳବାର ମାର୍ଚ୍ଚ ୧୫ରୁ ୨୪ତାରିଖ ପର୍ଯ୍ୟନ୍ତ ଜିଲାର ୩୨ଟି ପ୍ରାଥମିକ କୃଷି ସମବାୟ ସମିତି ଓ ବୃହତ୍ତ ଅଞ୍ଚଳ ବହୁମୁଖୀ ସମବାୟ ସମିତି ମାଧ୍ୟମରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କ ପଞ୍ଜୀକରଣ କରାଯିବ। ଏପରରିକି ଧାନ ବିକ୍ରୟ ପାଇଁ ଆଗ୍ରହୀ ଚାଷୀମାନେ ଅଧିକୃତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ନିକଟସ୍ଥ ପାଣି ପଞ୍ଚାୟତରେ ମଧ୍ୟ ନିଜ ନାମ ପଞ୍ଜୀକରଣ କରିପାରିବେ। ସରକାରଙ୍କ ପକ୍ଷରୁ ଖରିଫ ଧାନ ଭଳି ରବିଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ 'କୃଷକ ସମୃଦ୍ଧି ଯୋଜନା' ଅନ୍ତର୍ଗତ ଚାଷୀଙ୍କୁ ଅତିରିକ୍ତ ୭୩୧ଟଙ୍କାର ଇନପୁଟ୍ ସହାୟତା ପ୍ରଦାନ କରାଯିବ। ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଆଧାରଭିତ୍ତିକ ଇ-କେୱାଇସି ଏବଂ ବାୟୋମେଟ୍ରିକ ଯାଞ୍ଚକୁ ବାଧ୍ୟତାମୂଳକ କରାଯାଇଛି। ଧାନବିକ୍ରିର ଅର୍ଥ ସିଧାସଳଖ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଖାତାକୁ ପଠାଯିବ। ଯେଉଁ ଚାଷୀମାନେ ପୂର୍ବରୁ ପଞ୍ଜୀକୃତ ହୋଇଛନ୍ତି, ସେମାନଙ୍କ ପାଇଁ ଏହି ପ୍ରକ୍ରିୟାକୁ ଅଧିକ ସହଜ କରି ନବୀକରଣ ବ୍ୟବସ୍ଥା କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ସାଟେଲାଇଟ୍ ସର୍ଭେ ମାଧ୍ୟମରେ ଅଣ-ଭୂଲେଖ ଜମି ଓ ଭାଗଚାଷୀଙ୍କ ତଥ୍ୟ ତଥା ଚାଷ କରାଯାଇଥିବା ଜମିର ସଠିକତା ଯାଞ୍ଚ କରାଯିବ।

### ଦୂର ହେଲା ଚାଷୀଙ୍କ ସଂଶୟ

ଓଡ଼ିଶାରେ ରବିଧାନ ସଂଗ୍ରହ ପଞ୍ଜିକରଣ ପ୍ରକ୍ରିୟା ଆସନ୍ତା ମାର୍ଚ୍ଚ ୧୦ରୁ ଆରମ୍ଭ ପାଇଁ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମା ପରେ ଚାଷୀଙ୍କ ମଧ୍ୟରେ ଥିବା ଅନିଶ୍ଚିତତା ଦୂର ହୋଇଛି। ଗତବର୍ଷ ମାର୍ଚ୍ଚ ୧୫ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଚଳିତବର୍ଷ ସରକାର ୫ଦିନ ପୂର୍ବରୁ ଏହାକୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେବା ସ୍ୱାଗତଯୋଗ୍ୟ ବୋଲି ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି। ସେ କହିଛନ୍ତି, ଛତିଶଗଡ଼ରେ ରବିଧାନ ସଂଗ୍ରହ ବନ୍ଦ ଥିବାରୁ ଓଡ଼ିଶାର ଚାଷୀଙ୍କ ମଧ୍ୟରେ ସରକାରଙ୍କ ରବିଧାନ ସଂଗ୍ରହକୁ ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏଥିସହ ପଞ୍ଜୀକରଣ ପ୍ରକିୟାରେ ସାଟେଲାଇଟ୍ ସର୍ଭେ ଓ କାଗଜପତ୍ର ଯାଞ୍ଚ ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିବାରୁ ଏହା ଚାଷୀଙ୍କ ପାଇଁ ସୁବିଧାଜନକ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

# ଲିଙ୍ଗଗତ ସମାନତା ରକ୍ଷା କରି ଦେଶକୁ ଆଗକୁ ନେବା



ମହିଳା ଦିବସ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ମହିଳାମାନେ।

ସମ୍ବଲପୁର,୯।୩(ବି.ଶଙ୍କର)

**ହିଣ୍ଡାଲକୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦସ୍ଥିତ ପାୱାର କଲୋନୀ କମ୍ୟୁନିଟି ହଲରେ ଅନ୍ତର୍ଜାତିକ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ହିଣ୍ଡାଲକୋ ସମ୍ବଲପୁର ୟୁନିଟ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଓ ହୀରାକୁଦ ଥାନା ଅଧିକାରୀ ସୁଶ୍ରୀ ନିକିତା ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସଭାରେ ହିଣ୍ଡାଲକୋ ସିଏସଆର ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର ଏବଂ କର୍ପୋରେଟେ ଏଫଇରସ ମୁଖ୍ୟ ବିଗ୍ନେଶ୍ୱର ପଣ୍ଡା, ମାନବସମ୍ବଳ ପରିଚାଳିକା ସୁଶ୍ରୀ ପ୍ରେରଣା ସିନା ସମ୍ମାନିତ ଅତିଥି ଥିଲେ। ଅତିଥିମାନେ ଉପସ୍ଥିତ ମହିଳାମାନଙ୍କୁ ଉଦ୍‌ବୋଧନ ଦେଇ ଝିଅପୁଅଙ୍କୁ ସମାନ ଦେଖି ଆଗକୁ ନେବାକୁ ଉପଦେଶ ଦେଇଥିଲେ। ଆସ ଆମେ ଲିଙ୍ଗଗତ ସମାନତାକୁ ରକ୍ଷା କରି ଦେଶକୁ ଆଗକୁ ନେବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଞ୍ଜଳି ତ୍ରିପାଠୀ ମହିଳାଙ୍କୁ ଆଗକୁ ବଢ଼ିବାକୁ ହେଲେ ସମାନତାର ଆବଶ୍ୟକତା ଜରୁରୀ ହେବ ବୋଲି ମତ ପ୍ରକାଶ କରିଥିଲେ। ହୀରାକୁଦ କଲ୍ୟାଣୀ ଗୋଷ୍ଠୀ ବିକାଶ ସଂଘ ସଭାପତି ପୂର୍ଣ୍ଣବାସୀ ପଣ୍ଡା, ସମ୍ପାଦିକା ଶିବାନୀ ସୋନି ଉପସ୍ଥିତ ରହି ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । କାର୍ଯ୍ୟକ୍ରମକୁ ସିଏସଆର ବିଭାଗର ସରୋଜ କୁମାର ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ ଏବଂ କଲ୍ୟାଣୀ ଗୋଷ୍ଠୀ ବିକାଶ ପରିଷଦର ବାସନ୍ତୀ ପାଣିଗ୍ରାହୀ, ସୁଜାତା କରାଳି, ଅନୁସୂୟା ପାତ୍ର, ଜ୍ୟୋସ୍ନା ବେହେରା, ଲକ୍ଷ୍ମୀ କୁମ୍ଭାର ଏବଂ ସୁନିତା କରାଳି ପରିଚାଳନା କରିଥିଲେ।

# ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟରରେ ରକ୍ତଦାନ ଶିବିର

ସମ୍ବଲପୁର,୯।୩(ପ୍ରମୋଦ ବହିଦାର)

କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍) ଗୋଶାଳାସ୍ଥିତ ଗ୍ରୁପ ସେଣ୍ଟରରେ ଏକ ରକ୍ତଦାନ ଶିବିର ସୋମବାର ଆୟୋଜିତ ହୋଇଯାଇଛି। ସିଆର୍‌ପିଏଫ୍ ସମ୍ବଲପୁର ଉପମହାନିରୀକ୍ଷକ ସଞ୍ଜୟ କୁମାର ସିଂହଙ୍କ ମାର୍ଗଦର୍ଶନ ଏବଂ ଉପ ମହାନିରୀକ୍ଷକ (ଚିକିତ୍ସା) ଡା ସି ବାଲୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଗୋଷ୍ଠୀ କେନ୍ଦ୍ରରେ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାନିରୀକ୍ଷକ ସିଂହ କହିଥିଲେ, ସଂପ୍ରତି ରକ୍ତର ଅଭାବ ପୂରଣ କରିବା ସହ ସାମାଜିକ ଉତ୍ତରଦାୟିତ୍ୱବୋଧ ଜାଗ୍ରତ କରିବା ଏହି ଶିବିରର ମୁଖ୍ୟ ଲକ୍ଷ୍ୟ। ଏଥିରେ ଗ୍ରୁପ୍ ସେଣ୍ଟରର ୨୬ ଜଣ ଅଧିକାରୀ ଓ ସୈନିକ





ରକ୍ତଦାନ ଶିବିରରେ ରକ୍ତଦାନ କରୁଛନ୍ତି ଯବାନ।

ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ଅଧିକାରୀ ଡା. କଲ୍ଲେଶ କକ୍କଡ଼ ଓ ତାଙ୍କ ଦଳ ପରିଚାଳନା କରିଥିଲେ। ସେହିପରି ଗତ ୪ ଦିନ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡା. ଦେବାଶିଷ ସାହାଙ୍କ ସହଯୋଗରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରୋଗୀଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା।

### ନାରାୟଣୀ ପଣ୍ଡା ଜଣେ ବିରଳ ମଣିଷ

**ସରକାରୀ ମହିଳା ମହାବିଦ୍ୟାଳୟ ନାରାୟଣୀ ପଣ୍ଡାଙ୍କ ନାମରେ ନାମିତ ହେଉ**

ସମ୍ବଲପୁର,୯।୩(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ବିଶିଷ୍ଟ ସମାଜସେବୀ ଡାକ୍ତର ନାରାୟଣୀ ପଣ୍ଡାଙ୍କ ପରଲୋକରେ ସୋମବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଡାକ୍ତର ନାରାୟଣୀ ପଣ୍ଡାଙ୍କୁ ଏକ ବିରଳ ମଣିଷ ଭାବେ ଚିତ୍ରଣ କରିଥିଲେ । ତାଙ୍କର ଅମର ଆତ୍ମା ସଦଗତି ପାଇଁ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଗୁଣସାଗର ଦାଶ, ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ପୃଥ୍ୱୀରାଜ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ପ୍ରଫେସର ରବିନାରାୟଣ ମିଶ୍ର, ଡ.ପ୍ରଦୀପ ପଣ୍ଡା, ଡ.ଶ୍ୟାମସୁନ୍ଦର ଧର, ପ୍ରଫେସର ମୀନକେତନ ପାଠୀ ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଡାକ୍ତର ନାରାୟଣୀ ପଣ୍ଡାଙ୍କ ପ୍ରୋତ୍ସାହନ ରାଶିରେ ନିର୍ମିତ ଲାଇବ୍ରେରୀ ସଭାଗୃହକୁ ସୋମବାରଠାରୁ ଡାକ୍ତର ନାରାୟଣୀ ପଣ୍ଡା ହଲ ଅଫ ଏକ୍ସଲେନ୍ସ ଭାବରେ ନାମିତ କରାଗଲା ବୋଲି ସଭାପତି ପ୍ରଫେସର ପାଢ଼ୀ ଘୋଷଣା କରିଥିଲେ। ଏଥିସହ ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟକୁ ଡାକ୍ତର ନାରାୟଣୀ ପଣ୍ଡାଙ୍କ ସର୍ବସ୍ୱ ଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଏହି ମହିଳା କଲେଜକୁ ତାଙ୍କ ନାମରେ ନାମିତ କରାଯିବାକୁ ସଭ୍ୟମାନଙ୍କ ପ୍ରସ୍ତାବକୁ ଅନୁମୋଦନ ଦେଇ ସହରର ସମସ୍ତ ପ୍ରମୁଖ ଅନୁଷ୍ଠାନ ଏହି ପ୍ରସ୍ତାବକୁ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ।

# ଅଧ୍ୟାପକ ଅମିତ ଚାଟାର୍ଜୀଙ୍କୁ ଡୋମେନ ସ୍କଲାର୍ ପୁରସ୍କାର





ଅମିତ ଚାଟାର୍ଜୀଙ୍କୁ ଡୋମେନ ସ୍କଲାର ପୁରସ୍କାରରେ ସମ୍ମାନିତ କରାଯାଉଛି।

ସମ୍ବଲପୁର,୯।୩(ଭବାନୀ ଶଙ୍କର ଭୋଇ)

ବୀର ସୁରେନ୍ଦ୍ର ସାଇ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି(ଭିସୁଟ)ର ଆର୍କିଟେକ୍ଚର ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଅମିତ ଚାଟାର୍ଜୀଙ୍କୁ ଆଇଆଇଟି ଖଡ଼ଗପୁର ଦ୍ୱାରା ଡୋମେନ ସ୍କଲାର୍ ପୁରସ୍କାରରେ ସମ୍ମାନୀତ କରାଯାଇଛି। ରବିବାର କୋଲକାତାଠାରେ ଆୟୋଜିତ ଏକ ଉତ୍ସବରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଚାଟାର୍ଜୀ ଆର୍କିଟେକ୍ଚରାଲ ଥିଓରୀ କ୍ଷେତ୍ରରେ ନ୍ୟାଶନାଲ ପ୍ରୋଗ୍ରାମ ଅନ ଟେକ୍ନୋଲୋଜି ଏନହାନଡ ଲର୍ଜି (ଏନପିଟିଇଏଲ) ଅଧୀନରେ ଏହି ସମ୍ମାନ ପାଇଛନ୍ତି। ଚଳିତବର୍ଷ ସମଗ୍ର ଭାରତରେ ଆର୍କିଟେକ୍ଚରାଲ ଥିଓରୀ ବିଷୟରେ ସେ ଏକମାତ୍ର ଶିକ୍ଷାର୍ଥୀ ଭାବେ ଡୋମେନ ସ୍କଲାର୍ ଭାବେ ସମ୍ମାନୀତ ହୋଇଛନ୍ତି। ନିର୍ଦ୍ଦିଷ୍ଟ ବିଷୟରେ ଅନେକ ଏନପିଟିଇଏଲ ପାଠ୍ୟକ୍ରମରେ ଅସାଧାରଣ ଶିକ୍ଷାଗତ କୃତିତ୍ୱ ପ୍ରଦର୍ଶନ କରିଥିବା ଶିକ୍ଷାର୍ଥୀଙ୍କୁ ଡୋମେନ ସ୍କଲାରଭାବେ ସମ୍ମାନ ଦିଆଯାଇଥାଏ। ଏହା ପୂର୍ବରୁ ୨୦୨୫ ମସିହାରେ ଚାଟାର୍ଜୀ ଏନପିଟିଇଏଲ ଏକାଡେମିକ ଏକ୍ସେଲେନ୍ସ ପୁରସ୍କାର ଏବଂ ଆର୍କିଟେକ୍ଚର ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଡିଜାଇନ ଏଡୁକେଟର୍ସ ସମ୍ମାନ ମଧ୍ୟ ଲାଭ କରିଛନ୍ତି। ଚାଟାର୍ଜୀ ଶିକ୍ଷାଦାନ, ଗବେଷଣା ଓ ସ୍ଥାପତ୍ୟ ଐତିହ୍ୟ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକରୁଛନ୍ତି । ତାଙ୍କ ସଫଳତା ପାଇଁ ଭିସୁଟର ସହକର୍ମୀ ଓ ଛାତ୍ରଛାତ୍ରୀମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବାହାଘର ଶୋଭାଯାତ୍ରା ବାଣପଡ଼ି ୪ଛାତ୍ରୀ ଆହତ

ସମ୍ବଲପୁର,୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ଲେଡି ଲୁଇସ ବାଳିକା ସ୍କୁଲ ହଷ୍ଟେଲ ପରିସରରେ ସୋମବାର ଏକ ଅଘଟଣା ଘଟିଛି। ହଷ୍ଟେଲ ବାହାର ରାସ୍ତାରେ ଏକ ବାହାଘର ଶୋଭାଯାତ୍ରା ଯାଉଥିବା ସମୟରେ ଫୁଟା ଯାଇଥିବା ବାଣରୁ ଏକ ରକେଟ ହଷ୍ଟେଲ ଅଗଣାରେ ବସି ପାଠ ପଢୁଥିବା ୪ ଜଣ ଛାତ୍ରୀଙ୍କ ଉପରେ ପଡ଼ି ଫୁଟିଯାଇଥିଲା। ଫଳରେ ସେମାନେ ଆହତ ହୋଇଥିଲେ। ହଷ୍ଟେଲର ଜଣେ ମହିଳା କର୍ମଚାରୀ ସେଠାରେ ପହଞ୍ଚି ଆହତ ଛାତ୍ରୀମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସମସ୍ତ ଆହତ ଛାତ୍ରୀ ଏବେ ଚିକିତ୍ସିତ ହେଉଛନ୍ତି ଏବଂ ସେମାନଙ୍କ ଅବସ୍ଥା ସ୍ଥିର ରହିଛି। ଅପରପକ୍ଷରେ ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବରଯାତ୍ରୀ ଦଳ ସଦସ୍ୟଙ୍କୁ ପଚରାଉଚରା କରିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଟାଉନ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ପ୍ରକାଶ। ସୂଚନାଯୋଗ୍ୟ ଯେ, ସମ୍ବଲପୁରର ପଞ୍ଚନାୟକପଡ଼ା ଫ୍ରେଜର୍ କ୍ଲବରୁ ରାଧାନାଥ କମ୍ୟୁନିଟି ସେଣ୍ଟର ଅଭିମୁଖେ ଏକ ବିବାହ ଶୋଭାଯାତ୍ରା ବାହାରିଥିଲା। ରାତ୍ର ପ୍ରାୟ ସାଢ଼େ ୯ ଟା ବେଳେ ଏକ ବାଣ ଫୁଟି ଫ୍ରେମୱର୍କ ସମ୍ମୁଖସ୍ଥ ବାଳିକା ହଷ୍ଟେଲରେ ପଡ଼ିଥିଲା। ତେବେ ବରଯାତ୍ରୀଙ୍କ ନିକଟରେ ଶୋଭାଯାତ୍ରା ଓ ବାଣଫୁଟା ପାଇଁ ଅନୁମତି ଥିବା ପୋଲିସ କହିଛି।

# ୭୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ





ଜିଲାପାଳ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଉପରେ ଶୁଣାଣି କରୁଛନ୍ତି।

କୁଚିଣ୍ଡା,୯।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ୭୦ଗୋଟି ଅଭିଯୋଗ ଆସିଥିଲା। ଜିଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବାମରା ବ୍ଲକକୁ ସୁନ୍ଦରଗଡ଼ କିମ୍ବା ଝାରସୁଗୁଡା ଜିଲାରେ ସାମିଲ କରିବା ପାଇଁ ଅଞ୍ଚଳାସୀ ଦାବି କରିଥିଲେ। ଏହାଛଡା ବହୁ ପୁରାତନ ଇଂରେଜ ଅମଳର ରାଜା ବଗିଚା ଓ ମକର ମିଳନ ପଡ଼ିଆକୁ କେତେକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିଥିବା ନେଇ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଶିବିରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧ୍ରୁଆ, କୁଚିଣ୍ଡା ଉପଜିଲାପାଳ ସରୱନନ ସ, ସମ୍ବଲପୁର ସିଡିଓ ପ୍ରସନ୍ନ କୁମାର ପାତ୍ର, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ, ସିଡିଏମ୍‌ଓ ପ୍ରଦୀପ ହୋତା, ଏସଡିପିଓ ପ୍ରଦୀପ କୁମାର ଦାସଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଡ଼ିଓ ପୁଷ୍ପକ ପ୍ରଧାନ ଓ ତହସିଲଦାର ବାଳ ପଟେଲ ଶିବିରକୁ ପରିଚାଳନା କରିଥିଲେ। ଏହି ଅସରରେ ୨ଜଣଙ୍କୁ ହ୍ୱିଲ ଚେୟାର, ୧୫ଜଣଙ୍କୁ ଲେବର କାର୍ଡ,୧୦ ଜଣଙ୍କୁ ବିଭିନ୍ନ ଭତ୍ତା କାର୍ଡ ବଣ୍ଟନ କରାଯାଇଥିଲା ।

# ଏସ୍‌ୟୁରେ ଜାତୀୟ ସମନ୍ୱୟ ଶିବିର

ସମ୍ବଲପୁର,୯।୩(ବି.ଶଙ୍କର)

ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରାୟୋଜିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସୋମବାର ଜାତୀୟ ସମନ୍ୱୟ ଶିବିର ଅନୁଷ୍ଠିତ ହୋଇଛି। ଜ୍ୟୋତିବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ସପ୍ତ ଦିବସାତ୍ମକ ଜାତୀୟ ସଂହତି ଶିବିରର ପ୍ରାତଃ ସମୟରେ ସୁସ୍ଥ ଓ ନୀରୋଗ ଜୀବନ ପାଇଁ ଯୋଗଭ୍ୟାସ କରାଯାଇଥିଲା। ପରବର୍ତ୍ତୀ ସମୟରେ ସୂଚନା ଅଧିକାର ଆଇନ ଉପରେ ଆଲୋଚନା ହୋଇଥିଲା। ଆଲୋଚକଭାବେ ଆଇନ ବିଭାଗ ପ୍ରଫେସର ଡ. ପ୍ରୟାସ ଡନସନା ଯୋଗଦେଇଥିଲେ। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରାଙ୍କନ ଓ ତତ୍କାଳିକ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଜାତୀୟ ସଂହତି ଶିବିରରେ ଯୋଗାଭ୍ୟାସ କରାଯାଉଛି।

# ଦୋକାନରୁ ଚୋରି: ବ୍ୟବସାୟୀ ସଂଘ ଏସ୍‌ପିଙ୍କ ଦ୍ୱାରସ୍ଥ

ସମ୍ବଲପୁର,୯।୩(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ପଡ଼ିଆବାହଲ ଅଞ୍ଚଳରେ ଚୋରମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଗତ ଶନିବାର ବିଳମ୍ବିତ ରାତିରେ ପଡ଼ିଆବାହଲ ବଜାରରେ ଥିବା ଏକ ବ୍ୟୁଟି ପାର୍ଲର ସହିତ ଏକାକାଳୀନ ୫ଟି ଦୋକାନରୁ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସର ଅବହେଳାକୁ ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସୋମବାର ପଡ଼ିଆବାହଲର ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ ସଦସ୍ୟଙ୍କ ସହ ଶତାଧିକ ସ୍ଥାନୀୟ ଲୋକେ ଜିଲା ପୋଲିସ ମୁଖ୍ୟାଳୟରେ ଏସ୍‌ପି ଅଫିସ ଆସିଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ରଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ୟବସାୟୀ ସଂଘର ଅଭଯୋଗ ଅନୁସାରେ ଗତ ଶନିବାର



ପଡ଼ିଆବାହାଲ ବ୍ୟବସାୟୀ ସଂଘ କର୍ମକର୍ତ୍ତା ଅତିରିକ୍ତ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

ରାତିରେ ପଡ଼ିଆବାହାଲର ଏକ ବ୍ୟୁଟି ପାର୍ଲର ସହିତ ଏକକାଳୀନ ୫ଟି ଦୋକାନରୁ ଚୋରି ହୋଇଥିଲା। ରବିବାର ସକାଳେ ବ୍ୟୁଟି ପାର୍ଲର ମାଲିକ ଆଭାରଣୀ ବାଡ଼ପଣ୍ଡାଙ୍କ ପକ୍ଷରୁ ସଦର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ପକ୍ଷରୁ ତତ୍କାଳ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ରାତି ୯ଟା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ସମ୍ପର୍କରେ ପୋଲିସ ପକ୍ଷରୁ ବ୍ୟବସାୟୀ ସଂଘ ବା ସ୍ଥାନୀୟ ଲୋକଙ୍କ ସହିତ କୌଣସି ପ୍ରକାର କଥାବାର୍ତ୍ତା କରି ନ ଥିବାରୁ ବ୍ୟବସାୟୀ ସଂଘ ଅସନ୍ତୋଷ ପ୍ରକାଶ କରିଥିଲା। ସେମାନେ ଅଭିଯୋଗ କରିଥିଲେ, ପଡ଼ିଆବାହାଲ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର, ସଟ୍ଟା ଖେଳ ସହ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପଉଛି। ମାତ୍ର ଏଠାରେ ଉପଯୁକ୍ତ ପାଟ୍ରୋଲିଂ ହେଉନାହିଁ। ଆପରାଧିକ କାର୍ଯ୍ୟକଳାପରେ ରୋକ ଲଗାଇବା, ପାଟ୍ରୋଲିଂ କଡ଼ାକଡ଼ି କରିବା, ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ସହିତ ଚୋରି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘ ପକ୍ଷରୁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏ ନେଇ ସଦର ଥାନା ଆଇଆଇସି ଅନୀତା ପଟନିଆଙ୍କୁ ପଚାରିବାରୁ ବ୍ୟୁଟି ପାର୍ଲର ମାଲିକାଣୀ ଆଭାରାଣୀ ବଡ଼ପଣ୍ଡାଙ୍କ ଏତଲା ଆଧାରରେ ଏକ ମାମଲା(ନଂ.୭୮/୨୬)ଏକ ମାମଲା ରଜୁ କରି ତଦନ୍ତ କରାଯାଇଛି। ଏକାଧିକ ଦୁର୍ବୃତ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରାଯାଇଛି। ଆଖପାଖ ଆଞ୍ଚଳରେ ଲାଗିଥିବା ସିସି କ୍ୟାମେରାର ଯାଞ୍ଚ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ବିଂଝାଲ ସମାଜ ନୂତନ ବ୍ଲକ କମିଟି ଗଠିତ

ବେଲପଡା,(ମନୋଜ କୁମାର ମିଶ୍ର): ସର୍ବଭାରତୀୟ ସ୍ୱାଲାଖ ବିନ୍ଧ୍ୟ ଗିରିବାସୀ ବିଂଝାଲର ବେଲପଡା ବ୍ଲକସ୍ତରୀୟ ନୂତନ ପରିଚାଳନା କମିଟି ଗଠିତ ହୋଇଛି। ବ୍ଲକ ଅନ୍ତର୍ଗତ ବେହେରାମୁଣ୍ଡା ଗ୍ରାମଠାରେ ରଘୁନାଥ ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଚୟନ ପ୍ରକ୍ରିୟା ପର୍ଯ୍ୟବେକ୍ଷକ ଭାବେ ସୁଗ୍ରେସ ମାଝୀ ଯୋଗ ଦେଇଥିଲେ। ସଭାପତି ଭାବେ ସୁଗ୍ରେସ ମାଝୀ, ଉପସଭାପତି ରାଜ ବରିହା, ସମ୍ପାଦକ ଛବିଲାଲ ବରିହା, ସହ ସଂପାଦକ ରାମେଶ୍ୱର ବରିହା, କୋଷାଧକ୍ଷ ଭାବେ କଲାକାହ୍ନୁ ବରିହା ମନୋନୀତ ହୋଇଥିଲେ ।

## ସଂକ୍ଷେପରେ

### ମାଟିଆଭଟା ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ଲାଗି ଦାବି

ଖପ୍ରାଖୋଲ,୯।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ସଦର ମହକୁମାରେ ଖରାଦିନ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଦେଖାଯାଇଛି। ଗାଁରେ ତିନି ବର୍ଷ ହେଲା ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ହେଲେ କୂଅରେ ଆବଶ୍ୟକ ପାଣି ନହେବାରୁ ପ୍ରକଳ୍ପ ଅଧାପନ୍ତରିଆ ପଡ଼ିଛି। ଗାଁରେ ପାଇପ ଲାଇନ ହେବା ସହ ଟ୍ୟାପ୍ ମଧ୍ୟ ଖଞ୍ଜା ହୋଇଥିଲା । ହେଲେ ଜଳଯୋଗାଣ ବନ୍ଦ ଥିବାରୁ ଅଧେ ଟ୍ୟାପ୍ ନଷ୍ଟ ହେଲାଣି। ତୁରନ୍ତ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଜ୍ଞାନ ଶିକ୍ଷକଙ୍କ ପରଲୋକ

ବେଲପଡା,୯।୩(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ଘାଗୁର୍ଲୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା (୪୮)ଙ୍କ ପରଲୋକ ହୋଇଯାଇଛି।



ସେ ଗତ ୨ମାସ ହେଲା ରକ୍ତ ଶର୍କରା ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପଣ୍ଡା ଜଣେ ମେଳାପି ଓ କର୍ତ୍ତବ୍ୟ ନିଷ୍ଠ ଶିକ୍ଷକ ଭାବରେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କର ୨ଟି ସନ୍ତାନ ଥିବା ବେଳେ ସ୍ତ୍ରୀ ତରଙ୍ଗିଣୀ ହୋତା ମଣ୍ଡଳ ଜଗନ୍ନାଥ ଦେବ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଅଛନ୍ତି। ସ୍ୱର୍ଗତ ପଣ୍ଡାଙ୍କ ପୈତୃକ ଗ୍ରାମ ତୁଷରା ନିକଟ ନୂଆପଡ଼ାରେ। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ରବିବାର ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ଭାଇ ପୁରୁଷୋତ୍ତମ ପଣ୍ଡା ମୁଖାଗ୍ନି ଦେଇଥିଲେ।

### ବୁଢ଼ିବାହାଲରୁ ଓଡ଼ିଆପାଲିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ଦାବି

ଖପ୍ରାଖୋଲ,୯।୩(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ବୁଢିବାହାଲ ଗାଁରୁ ପଞ୍ଚାୟତ ସଦର ମହକୁମା ଓଡ଼ିଆପାଲିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ବୁଢିବାହାଲ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ଦୁଇ କିମି ରାସ୍ତାରେ ପ୍ରତିଦିନ ପଞ୍ଚାୟତକୁ ବିଭିନ୍ନ କାମରେ ଜନସାଧାରଣ ଯାତାୟତ କରିଥାନ୍ତି । ଏହାଛଡା ବସ୍‌ରେ ଯିବାକୁ ଓଡ଼ିଆପାଲି ଯାଇଥାନ୍ତି। ହେଲେ ବର୍ଷ ବର୍ଷ ଧରି ରାସ୍ତାର ଉନ୍ନତୀକରଣ ହେଉ ନଥିବା ବେଳେ ମାଟି ରାସ୍ତା ରହିଛି। ବର୍ଷା ଋତୁରେ ଜନସାଧାରଣ ହଇରାଣ ହରକତ ହୋଇଥାନ୍ତି । ସେହିପରି ବୁଢୀବାହାଲ ଗ୍ରାମର ଲୋକଙ୍କୁ ସରକାରୀ ଚାଉଳ ଆଣିବାକୁ ଦୀର୍ଘ ୮ କିମି ଦୂର ଓଡିଆପାଲି ଯିବାକୁ ପଡୁଛି। ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତାକୁ ସବୁଦିନିଆ ପିଚୁ ରାସ୍ତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କେନାଲ ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ଦାବି

ଲୋଇସିଂହା,୯।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ଗ୍ରାମ ପଞ୍ଚାୟତ ମୁଖ୍ୟାଳୟ ଦେଇ ତୁଡୁକା ବ୍ଲକ ମୁଖ୍ୟାଳୟକୁ କେନାଲ ରାସ୍ତା ଦେଇ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ସାଧାରଣରେ ଦାବି ହେଉଛି। ଅଙ୍ଗ ମୁଖ୍ୟକେନାଲ ଘୁଚେପାଲି ଡ୍ୟାମରୁ ବ୍ଲକର ଭରସୁଜା, ରୋତ, ନୁନିଆଁପାଲି, ଉପରବାହାଲ, ତୁଡୁକା ଗ୍ରାମ ପଞ୍ଚାୟତ ସୀମା ଅତିକ୍ରମ କରି ସୁବର୍ଣ୍ଣପୁର ଜିଲାକୁ ଲମ୍ବି ଯାଇଛି। କେନାଲ ଉଭୟ ପାର୍ଶ୍ୱରେ ରହିଛି ୧୨ ଖଣ୍ଡ ଗାଁ। ଏହିସବୁ ଗାଁର ଲୋକଙ୍କୁ ବିଭିନ୍ନ ସ୍ଥାନକୁ ଯିବାକୁ ହେଲେ ବସ ଧରିବା ପାଇଁ ସାଲେଭଟା ଓ ଆଗଲପୁର ଯିବାକୁ ପଡିଥାଏ । କେନାଲ ରାସ୍ତା ହିଁ ଏହି ଅଞ୍ଚଳବାସୀଙ୍କ ପାଇଁ ଜୀବନ ରେଖା ସଦୃଶ। ଅପରପକ୍ଷେ ତୁଡୁକା ହାଇସ୍କୁଲ ଛକରୁ ଭରସୁଜା ଗ୍ରାମ ପଞ୍ଚାୟତର ମନୁପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ କାମ ମଧ୍ୟ ଗୋଟିଏ ବର୍ଷ ହେବ ସମ୍ପୂର୍ଣ୍ଣ ହୋଇ ଯାତାୟାତ ଉପଯୋଗୀ ହୋଇଛି । ଏଣୁ କେନାଲ ରାସ୍ତାରେ ମୁଖ୍ୟମନ୍ତ୍ରୀ ବସ ଚଳାଚଳ ଦିଗରେ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

# ଡାକ୍ତରୀ ଛାତ୍ରୀଙ୍କ ମୃତ୍ୟୁ ପ୍ରତିବାଦରେ ରାସ୍ତାରୋକୋ

ବଲାଙ୍ଗୀର,୯।୩(ବୀରେନ୍ଦ୍ର କୁମାର ଝାଙ୍କର)

- ଆୟୁର୍ବେଦିକ କଲେଜ ପରିସରରେ ଶୋକାକୁଳ ପରିବେଶ
- ଦୁର୍ଘଟଣା ଘଟାଇଥିବା ସ୍ପିଡ୍ ବାଇକ୍ ଆରୋହୀ ଗିରଫ



ଛାତ୍ରୀଛାତ୍ରମାନେ ଆୟୁର୍ବେଦିକ କଲେଜ ସମ୍ମୁଖ ଭିଆଇପି ରାସ୍ତାରେ ରାସ୍ତାରୋକୋ କରୁଛନ୍ତି।



ମୃତ ଛାତ୍ରୀ ସିମରନ୍ ଷଡଙ୍ଗୀ ।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ଜଣେ ଛାତ୍ରୀଙ୍କୁ ଶନିବାର କଲେଜ ସମ୍ମୁଖରେ ଏକ ସ୍ପିଡ୍ ବାଇକର ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଛାତ୍ରୀ ଜଣକ ଗୁରୁତର ଆହତ ହୋଇ ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଛାତ୍ରୀ ଜଣକ ହେଲେ କୋରାପୁଟର ସିମରନ୍ ଷଡଙ୍ଗୀ। ସେ ପ୍ରଥମ ବର୍ଷ (ବିଏଏମ୍ଏସ୍) ଡାକ୍ତରୀ ଛାତ୍ରୀ ଭାବେ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଏବଂ ହସ୍ପିଟାଲରେ ପାଠ ପଢୁଥିଲେ। ଦୁର୍ଘଟଣା ଯୋଗୁ ସିମରନ୍‌ଙ୍କ ମୃତ୍ୟୁ ଘଟିବା ଖବର ପାଇବା ପରେ ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ଛାତ୍ରୀଛାତ୍ରମାନେ ସୋମବାର ଆନ୍ଦୋଳନକୁ ଓହ୍ଲାଇ ରାସ୍ତାରୋକୋ କରିଥିବା ଖବର ମିଳିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ବଲାଙ୍ଗୀର ଶାସ୍ତ୍ରୀନଗରର ସୁବ୍ରତ ପାତ୍ରଙ୍କୁ ଗିରଫ କରିବା ସହ ତାଙ୍କ ବାଇକ୍ ଜବତ କରିଛି।

ପ୍ରକାଶ ଯେ, ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ସିମ୍‌ରନ୍ ତାଙ୍କର କେତେଜଣ ସହପାଠିନୀଙ୍କ ସହ କଲେଜକୁ ପାଠ ପଢ଼ିବା ପାଇଁ ଯାଉଥିଲେ। ଏହି ସମୟରେ କଲେଜ ସମ୍ମୁଖ ଦେଇ ଯାଇଥିବା ଭାଗିରଥି ଛକ-ସର୍କିଟ୍ ହାଉସ ଭିଆଇପି ରାସ୍ତାରେ କ୍ଷିପ୍ର ଗତିରେ ଯାଉଥିବା ଏକ ବାଇକ୍ (ନଂ ଓଡି୦୩ପି ୮୯୬୦) କଲେଜ ଗେଟ୍ ନିକଟରେ ସିମରନ୍‌ଙ୍କୁ ଜୋରରେ ଧକ୍କା ଦେଇଥିଲା। ବାଇକ୍ ଧକ୍କାରେ ସିମରନ୍ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସେଠାରୁ ତାଙ୍କୁ କେତେଜଣ ସହପାଠୀ ଏବଂ ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋ ରିକ୍ସାରେ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ ବରଗଡର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିବା ଖବର ପ୍ରଚାରିତ ହେବା ପରେ ସୋମବାର ଛାତ୍ରୀଛାତ୍ରମାନେ ଆୟୁର୍ବେଦିକ କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ଦାବି କରିବା ସତ୍ତ୍ୱେ ଏହି ରାସ୍ତାରେ ସ୍ପିଡ୍ ବ୍ରେକର ବ୍ୟବସ୍ଥା କରାଯାଉନଥିବାରୁ ସେମାନେ ଏହାର ପ୍ରତିବାଦ କରିଥିଲେ। ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖ ଭିଆଇପି ରାସ୍ତାରେ ବେପରୁଆ ଗାଡି ଚାଳନାକୁ ରୋକିବା ପାଇଁ ସ୍ପିଡ୍ ବ୍ରେକର ବ୍ୟବସ୍ଥା, କଲେଜ ସମ୍ମୁଖରେ ସିସି ଟିଭି ଲଗାଯିବା, ପୀଡିତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରିବାକୁ ଦାବି କରି ରାସ୍ତାରୋକୋ କରିଥିଲେ। କଲେଜ ଅଧ୍ୟକ୍ଷ ଡା. ମନୋଜ କୁମାର ସାହୁ, ଆଲୁମ୍ନି ଆସୋସିଏଶନ ସଭାପତି ଡା. ବାସୁଦେବ ପତି, ଛାତ୍ର କଂଗ୍ରେସ ନେତା ଅଙ୍କିତ ସାହୁ ଓ ବିଜେଡି ଛାତ୍ର ନେତା ସୁମନ ନନ୍ଦ ଘଟଣାସ୍ଥଳରେ ପହଞ୍ଚି କ୍ଷୀପ୍ରତର ଗତିରେ ଗାଡି ଚାଳନାକୁ ବିରୋଧ କରିଥିଲେ। ଅତିରିକ୍ତ ତହସିଲଦାର ଏବଂ ଟାଉନ ଥାନା ଆଇଆଇସି ଅବନୀ ସାହୁ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଅପରାହ୍ଣରେ ସମ୍ପୃକ୍ତ ଛାତ୍ରୀଙ୍କ ମୃତଦେହ କଲେଜ କ୍ୟାମ୍ପସକୁ ଅଣାଯିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଛାତ୍ରୀଛାତ୍ର, ଅଧ୍ୟକ୍ଷ, ଅଧ୍ୟାପକ, ଷ୍ଟାଫ୍ ସିମରନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସମୟରେ ମୃତ ଛାତ୍ରୀଙ୍କ ମାତାପିତା, ସମ୍ପର୍କୀୟ ଉପସ୍ଥିତ ଥିଲେ । ପରେ ସିମରନ୍‌ଙ୍କ ମୃତଦେହ କୋରାପୁଟ ନିଆଯାଇଥିବା ଜଣାଯାଇଛି ।

# ଟଙ୍କପାଣି-ସୁନାମୁଦି ରାସ୍ତା ନିର୍ମାଣ ଦାବି

ଲାଠୋର,୯।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି-ସୁନାମୁଦି ରାସ୍ତା ନିର୍ମାଣ କରିବାକୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ କେହି ନଜର ଦେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଟଙ୍କପାଣିଠାରୁ ସୁନାମୁଦି ପର୍ଯ୍ୟନ୍ତ ପ୍ରାୟ ୪ କିମି ଆରଡି ରାସ୍ତା ମରଣଯନ୍ତା ପାଲଟିଛି । ଟଙ୍କପାଣିଠାରୁ ବୁଢାଛାପର ପର୍ଯ୍ୟନ୍ତ ୨ କିମି ରାସ୍ତାର ମଝିରେ ମଝିରେ ମେଟାଲ ଉଠି ଖାଲଖମା ସୃଷ୍ଟି ହୋଇଛି। ସେହିପରି ବୁଢ଼ାଛାପରଠାରୁ ସୁନାମୁଦି ପର୍ଯ୍ୟନ୍ତ ବଳକା ୨ କିମି ମାଟି ରାସ୍ତାର ଅବସ୍ଥା ମଧ୍ୟ ଅନୁରୂପ ରହିଛି । ଏହି ରାସ୍ତା ଦେଇ ବିଭିନ୍ନ ଗ୍ରାମର ଲୋକ ଯିବା ଆସିବା କରୁଥିବା ବେଳେ ନା ନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷାଦିନ ଆସିଲେ ପରିସ୍ଥିତି ଆହୁରି ସଙ୍ଗୀନ ହୋଇପଡ଼େ। ଫଳରେ ଲୋକ ସରେଇବାହାଲ ଗ୍ରାମ ଦେଇ ଯିବା ଆସିବା କରନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ନବୀନ ବାହାଲଙ୍କୁ ପଚାରିବାରେ ସେହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ଶୀଘ୍ର କାମ ହେବ ବୋଲି କହିଥିଲେ। ତେବେ ଲୋକଙ୍କ ସୁବିଧା ଦୃଷ୍ଟିରୁ ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପୋଷଣ ପାଖୱାଡା ଉପରେ କର୍ମଶାଳା



କର୍ମଶାଳାରେ ପ୍ରଦର୍ଶିତ ପୋଷଣ ଯୁକ୍ତ ଖାଦ୍ୟ ।

ଲାଠୋର,୯।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସେକ୍ଟର ଅଧୀନ ଲାଠୋର ଅଙ୍ଗନୱାଡ଼ି କେନ୍ଦ୍ର ନଂ ୩ରେ ସୋମବାର ପୋଷଣ ପାଖୱାଡା ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେକ୍ଟର ସୁପରଭାଇଜର ରାସେଶ୍ୱରୀ ବେଷ୍ଟକାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କର୍ମଶାଳାରେ ସେକ୍ଟର ଅଧୀନ ୪୧ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ବର୍ତ୍ତମାନ ସମୟରେ ପୋଷଣ ଯୁକ୍ତ ଖାଦ୍ୟ ଖାଇ କୁପୋଷଣରୁ ମୁକ୍ତ ରହିବା ପାଇଁ ଉପସ୍ଥିତ ସାଧାରଣ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆମଦରହାରେ ସେତୁ ନିର୍ମାଣ ଦାବି

ଲୋଇସିଂହା,୯।୩(ସୁଶାନ୍ତ ବାରିକ)

**ଛେଲଖାଇ-ଭରସୁଜା ରାସ୍ତା**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଛେଲଖାଇ ରୁ ଭରସୁଜାକୁ ସଂଯୋଗ କରୁଥିବା ରାସ୍ତାରେ ଏକ କୁଲାରୀ ନାଳ ରହିଛି । ଉକ୍ତ ନାଳର ଆମଦରହାଠାରେ ଏକ ସେତୁ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି । ଏପରିକି ଅନେକ ସମୟରେ ସରକାର ଓ ପ୍ରଶାସନ ପକ୍ଷରୁ ଏନେଇ ସର୍ଭେ କରାଯାଉଛି । କିନ୍ତୁ ସେତୁ ନିର୍ମାଣ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ମିଳିଥିବା ସୂଚନା ଅନୁଯାୟୀ, ଆଗଲପୁର ବ୍ଲକ ରୋତ ପଞ୍ଚାୟତ ଛେଲଖାଇରୁ ଭରସୁଜାକୁ ସଂଯୋଗ କରୁଥିବା ରାସ୍ତା ପ୍ରାୟ ୨ କିମି ହେବ। ଛେଲଖାଇ ପଟରୁ ୮ ଶହ ମିଟର ଦୂରରେ ଉକ୍ତ ନାଳ ରହିଛି। ପ୍ରତିଦିନ ନାଳର ଉଭୟ ପାର୍ଶ୍ୱରେ ଥିବା ବ୍ଲକର ଚାରି ଗୋଟି ପଞ୍ଚାୟତ ଯଥା ରୋତ,ଭରସୁଜା,ଉପରବାହାଲ ଓ ତୁଡୁକାର ଜନସାଧାରଣ ଏହି ରାସ୍ତା ବ୍ୟବହାର କରିଥାନ୍ତି। ଭରସୁଜା-ପଦ୍ମପୁର ରାସ୍ତାକୁ ଯିବା ପାଇଁ ସୁବିଧା ଏବଂ କମ ସମୟ ଲାଗୁଥିବାରୁ ବହୁ ସଂଖ୍ୟକ ଲୋକ ଏହି ବାଟ ଦେଇ ଯାତାୟତ କରିଥାନ୍ତି। କିନ୍ତୁ ସେତୁ ହୋଇନଥିବାରୁ ନାଳ ପାରି ହେବାକୁ ସ୍କୁଲ, କଲେଜ ଛାତ୍ରୀଛାତ୍ର, ରୋଗୀ, ବୃଦ୍ଧାବୃଦ୍ଧ, ଦିନ ମଜୁରିଆମାନେ କାମ ପାଇଁ ଯିବା ଆସିବା ବେଳେ ହଟହଟାର ସମ୍ମୁଖୀନ ହୋଇ ଆସୁଛନ୍ତି। ୨୦୦୦ ମସିହାରୁ ଏଠାରେ ଏକ ସେତୁ ନିର୍ମାଣ ନେଇ ଦାବି ହୋଇ ଆସୁଛି । ସେତୁ ବନ୍ଧ ଯୋଜନା କିମ୍ବା ମୁଖ୍ୟମନ୍ତ୍ରୀ ସେତୁ ଯୋଜନାରେ ସେତୁ ନିର୍ମାଣ କରି ଯାତାୟତ ସୁଗମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଆକ୍ସନ ଏଡ୍ ତରଫରୁ ସଚେତନତା ସଭା

ଟିଟିଲାଗଡ,୯।୩(ଶରତ ମିଶ୍ର)

ଟିଟିଲାଗଡ଼ ବ୍ଲକ ଅନ୍ତର୍ଗତ ଭାଲେଗାଁ ଗ୍ରାମରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଏକ ସଚେତନତା ସଭା ଆକ୍ସନ ଏଡ୍ ଓ ଲୋକ ବିକାଶ ଅଭିଯାନ ଦ୍ୱାରା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ର ମ୍ୟୁନିସିପାଲିଟି ଅଧକ୍ଷା ମମତା ଜୈନ, ସୁନ୍ଦରଲାଲ ଶର୍ମା, ପ୍ରଜାପତି ବ୍ରହ୍ମ କୁମାରୀ ଦାମିନୀ, ସ୍ଥାନୀୟ ସବ୍ ଇନ୍ସପେକ୍ଟର ସୁକନ୍ୟା ରାଉତ, ସ୍ଥାନୀୟ ସରପଞ୍ଚ ଯୁଗଳ କିଶୋର ସାହୁ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ମହିଳାଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଗ୍ରାମର ୧୯୦ ଜଣ ମହିଳା ଓ ଯୁବତୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଅଧିକାର, ସମାନତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳାଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଅତିଥିମାନେ ମହିଳା ସଶକ୍ତିକରଣ ଉପରେ କହିଥିଲେ, ମହିଳାଙ୍କ ଅଧିକାର ଓ ସମ୍ମାନ ରକ୍ଷା କରିବା ସମାଜର ସମସ୍ତଙ୍କ ଦାୟିତ୍ୱ। ଏହି ଅବସରରେ ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହିତ ସମାଜ ଉନ୍ନତିରେ ନିଜ ଭୂମିକା ନିଭାଇବା ପାଇଁ ଶପଥ ନେଇଥିଲେ।ଏହି କାର୍ଯ୍ୟକ୍ରମରେ ଆକ୍ସନ ଏଡ୍ ତରଫରୁ ମୁରଲି ଚରଣ ଦାସ, ଭୂପେନ୍ଦ୍ର, ସଞ୍ଜୀବ, ଜ୍ୟୋର୍ତିମୟୀ, ଶୁଚିସ୍ମିତା, ପରମେଶ୍ୱର, ପ୍ରେମଲାଲ ସହଯୋଗ କରିଥିଲେ।

# ସାହିତ୍ୟିକା ଲଳିତା ରାଣୀଙ୍କ ପରଲୋକରେ ଶୋକ

ସମ୍ବଲପୁର,୯।୩(ବି.ଶଙ୍କର)

ସାହିତ୍ୟିକା ତଥା ବଲାଙ୍ଗୀର କଲେଜ ଛକର ବାସିନ୍ଦା ତଥା ଲଳିତା ରାଣୀ ମିଶ୍ରଙ୍କ ଗତ ୧ ତାରିଖ ସମ୍ବଲପୁର ବ୍ରିଜ ଧାମ ହାଉସିଂ ସୋସାଇଟି ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ଶେଷକୃତ୍ୟ ସମ୍ବଲପୁରସ୍ଥିତ ରାଜଘାଟରେ ସମ୍ପନ୍ନ ହୋଇଛି। ପୁଅ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଜିଏମ ପୁଅ ଶିଶିରକାନ୍ତ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ସମୟରେ ପୁଅ ଶିଶିର, ବୋହୁ ସମ୍ପା, ଝିଅ ଦୀପ୍ତି, ଜ୍ୟୋତି, ଜ୍ୱାଇଁ ସଞ୍ଜୟ ଓ ଡାକ୍ତର ମନୋଜ ନନ୍ଦ, ନାତି ଶ୍ରେୟାଂଶ, ସୌନକ ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଧର୍ମ ପରାୟଣା ଓ ପରୋପକାର ପାଇଁ ସେ ସଦା ତତ୍ପର ଥିଲେ। ସକରାତ୍ମକ ଚିନ୍ତାଧାରା, ଉଚ୍ଚମାନବିକ ମୂଲ୍ୟବୋଧ, ଅଗାଧ ସାହିତ୍ୟିକ ଜ୍ଞାନ, କାବ୍ୟାତ୍ମକ ଦକ୍ଷତା ପାଇଁ ସେ ଆଦୃତ ଥିଲେ । ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ତାଙ୍କ ସ୍ୱାମୀ ଲଳିତ ମୋହନ ମିଶ୍ରଙ୍କର ଦୁଇବର୍ଷ ପୂର୍ବେ ମୃତ୍ୟୁ ହୋଇଯାଇଥିଲା।

# କଣ୍ଟାବାଞ୍ଜି ସିଭିଲ କୋର୍ଟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

କଣ୍ଟାବାଞ୍ଜି,୯।୩(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ପରିସରରେ ରବିବାର ଦିନ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଏଡିଜେ ରାଜେଶ କୁମାର ନାୟାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜେଏମଏଫସି ରାହୁଲ କୁମାର ଜେନା ଯୋଗ ଦେଇଥିଲେ। ଅତିଥିମାନେ ମହିଳା ମାନଙ୍କ ବିଭିନ୍ନ ଆଇନଗତ ଅଧିକାର ତଥା କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ପାଇଁ ଥିବା ଆଇନ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ଆଇନଜୀବୀ, ପାରା ଲିଗାଲ ଭଲେଣ୍ଟିୟର,ସାମାଜିକ କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଓକିଲ ଓ ସାମାଜିକ କର୍ମୀ ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ବଲାଙ୍ଗୀର,୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ବଲାଙ୍ଗୀର ପରିସରରେ ସମ୍ପାଦକ ମଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ସହକାରୀ କୋଷାଧକ୍ଷ ମୀନାକ୍ଷୀ ସାଗର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ପ୍ରାନ୍ତୀୟ ଶିକ୍ଷା ବିକାଶ ସମିତିର ପ୍ରଭାରୀ ତଥା ଆଦ୍ୟାଶକ୍ତି ନାରୀ ଶକ୍ତି ସଙ୍ଗଠନର ସମ୍ପାଦକ କସ୍ତୁରୀ ରଥ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଇଷ୍ଟକୋଷ୍ଟ ରେଲୱେ ମହିଳା ସଙ୍ଗଠନ ବଲାଙ୍ଗୀର ଶାଖାର ସମ୍ପାଦିକା ଗୀତା ସିଂ ମୁଖ୍ୟବକ୍ତା, ଦେଓଗାଁ ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସମ୍ପାଦିକା ତଥା ଆଇନ ପରାମର୍ଶଦାତା ଜୟନ୍ତୀ ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ନାରୀମାନଙ୍କ ବିଭିନ୍ନ ସମସ୍ୟା, ସାମାଜିକ ଓ ଘରୋଇ ହିଂସା, ସାମାଜିକ ଓ ବୃତ୍ତିଗତ ଅସମାନତା, କାର୍ଯ୍ୟ କ୍ଷେତ୍ରରେ ଶୋଷଣ ଆଦି ଦିଗରେ ଆଲୋକପାତ କରିଥିଲେ।

# ରକ୍ତଦାନ ଶିବିର: ୫୧ ୟୁନିଟ ରକ୍ତ ସଂଗ୍ରହ

ବଲାଙ୍ଗୀର,୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ମୁଖ୍ୟାଳୟ ହସ୍ପିଟାଲ ପରିସରରେ ସହଯୋଗ ଫାଉଣ୍ଡେଶନ, ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଓ ଲାୟନ୍ସ କ୍ଲବ ବଲାଙ୍ଗୀରର ମିଳିତ ଉଦ୍ୟମରେ ଅର୍ନ୍ତଜାତୀୟ ମହିଳା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୨୦ ଜଣ ନାରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନବିକ ସେବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଠାରେ ଶତାଧିକ ମହିଳାଙ୍କୁ ଶାଢ଼ୀ ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଏଠାରେ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲ। ମୁଖ୍ୟଅତିଥି ଭାବେ ପୌରାଧକ୍ଷା ଲିକା ସାହୁ ଯୋଗଦେଇ ମହିଳାମାନଙ୍କ ସେବା ଓ ସାମର୍ଥ୍ୟ ଉପରେ କହିଥିଲେ। ବିଶେଷ ଅତିଥି ଭାବେ ବିନ୍ଦୁ ସାହୁ ଓ ସାଇବର ଥାନା ଆଇଆଇସି ଭାରତୀ ନାୟକ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ଦିଗରେ କହିଥିଲେ। ଏହି ଅବସରରେ ଆୟୋଜକ ସଙ୍ଗଠନର ବହୁ ମହିଳା ପ୍ରତିନିଧି, ସଦସ୍ୟା ଓ ଜନସାଧାରଣ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ‘ବଲାଙ୍ଗୀର ଟେକ୍ସଟାଇଲ ପାର୍କ ପାଇଁ ଜମି ଚିହ୍ନଟ ସରିଛି’

ବଲାଙ୍ଗୀର,୯।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରରେ ଏକ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା କରାଯିବ। ଏଥିସକାଶେ ଜମି ଚିହ୍ନଟ ସରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଭୀମ ଭୋଇ ମେଡିକାଲ କଲେଜ ଅଡିଟୋରିୟମରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହରେ ଯୋଗ ଦେବାକୁ ମନ୍ତ୍ରୀ ମହାଲିଙ୍ଗ ଆସିଥିବା ବେଳେ ରବିବାର ଗଣମାଧ୍ୟମରେ ଏହି ପ୍ରତିକ୍ରିୟ ରଖିଥିଲେ। ସେ କହିଥିଲେ, ଆଗାମୀ ଦିନରେ ବଲାଙ୍ଗୀର ଜିଲାର ଅର୍ଥନୈତିକ ଅଭିବୃଦ୍ଧି ଏବଂ ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ବଜେଟରେ ଅନେକ ସୁବ୍ୟବସ୍ଥା କରିଛନ୍ତି। ବଲାଙ୍ଗୀର ତଥା ପଡୋଶୀ କଳାହାଣ୍ଡି, ନୂଆପଡା, ରାୟଗଡା, ସୁବର୍ଣ୍ଣପୁର, ବରଗଡ ଜିଲାରେ ପ୍ରଚୁର ପରିମାଣର କପା ଉତ୍ପାଦନ ହେଉଛି। ଏହାସହିତ ଏଠାରେ ଅନେକ ଜିନିଂ ମିଲ ମଧ୍ୟ ରହିଛି। ଏଠାରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେଲେ ବଲାଙ୍ଗୀର ତଥା ଆଖପାଖ ଅଞ୍ଚଳର ଅର୍ଥନୈତିକ ଉନ୍ନତି ସାଧିତ ହୋଇପାରିବ। ଇଡ୍‌କୋ ଜରିଆରେ ଜମି ଚିହ୍ନଟ ହୋଇସାରିଥିବାରୁ ଶୀଘ୍ର ଏଠାରେ ଟେକ୍ସଟାଇଲ ପାର୍କ ପ୍ରତଷ୍ଠା ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ। ଜମି ଚିହ୍ନଟ ସଂକ୍ରାନ୍ତରେ ଇଡ୍‌କୋ କର୍ତ୍ତୃପକ୍ଷ ଏବଂ ଜିଲାପାଳଙ୍କ ସହ ଆଲୋଚନା ମଧ୍ୟ ହୋଇଥିବା ମନ୍ତ୍ରୀ ମହାଲିଙ୍ଗ ସୂଚନା ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ଓଡିଶାରେ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, ନୂଆପଡା, ବୌଦ୍ଧ, ବରଗଡ ଓ ସୁବର୍ଣ୍ଣପୁର ଜିଲାରୁ ପ୍ରାୟ ୯୯ ପ୍ରତିଶତ କପା ଉତ୍ପାଦନ ହେଉଛି। ବଲାଙ୍ଗୀର ଜିଲାରେ ୭୦୯୯୮ ହେକ୍ଟର, କଳାହାଣ୍ଡିରେ ୭୧୪୦୭, ରାୟଗଡାରେ ୪୯୪୭୩, ନୂଆପଡାରେ ୧୯୫୫୦, ବୌଦ୍ଧରେ ୭୨୮୫, ବରଗଡରେ ୫୮୨୫ ଏବଂ ସୁବର୍ଣ୍ଣପୁରରେ ୫୫୫୩ ହେକ୍ଟର ଜମିରେ କପା ଚାଷ ହେଉଛି। ଏହି ଅଞ୍ଚଳରେ ଉତ୍ପାଦିତ କପା ଅତ୍ୟନ୍ତ ଉତ୍କୃଷ୍ଟ ମାନର ହୋଇଥିବାରୁ ଜାତୀୟ ଏବଂ ବିଶ୍ୱସ୍ତରରେ ଏହାର ଚାହିଦା ରହିଛି। ଏହାସହିତ ବଲାଙ୍ଗୀର, କଳାହାଣ୍ଡି, ରାୟଗଡା, ବରଗଡ, ନୂଆପଡା ଓ ସୋନପୁର ଜିଲାରେ ଓଡିଶାର ପ୍ରାୟ ୯୦ ପ୍ରତିଶତ ଜିନିଂ ମିଲ ମଧ୍ୟ ରହିଛି। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ମାନବ ସମ୍ବଳ, ଜମି, ବିଜୁଳି ଏବଂ ଯାତାୟାତ ସୁବିଧା ମଧ୍ୟ ଭରପୁର ରହିଛି। ବଲାଙ୍ଗୀରବାସୀ ଜିଲାରେ ଟେକ୍ସଟାଇଲ ପାର୍କ ଓ ଆପାରାଲ ୟୁନିଟ୍ ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି କରିଆସୁଛନ୍ତି। ସରକାର ଏ ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।





ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଉଛନ୍ତି।

DHARITRI
ଧରିତ୍ରୀ 52 Years






ସରକାରୀ ମାନ୍ୟତା, ମାସିକ ଦରମା ୧୮ହଜାର ଓ ଅବସରକାଳୀନ ସହାୟତା ୫ ଲକ୍ଷ ଟଙ୍କା ଆଦି ବିଭିନ୍ନ ଦାବି ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ଅନୁବନ୍ଧିତ ଅଲ୍ ଓଡ଼ିଶା ଆଶାକର୍ମୀ ସାମ୍ମୁଖ୍ୟ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶ।

# ୮ ଲକ୍ଷ ରାଶନ କାର୍ଡ କାଟିଛନ୍ତି ରାଜ୍ୟ ସରକାର: ବିରୋଧୀ

## ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା ନେଇ ମୁଲତବୀ ଆଲୋଚନା

**ଭୁବନେଶ୍ୱର, ୯।୩(ରବିନାରାୟଣ ଜେନା)**

ରାଜ୍ୟ ସରକାର ଇ-କେୱାଇସି ଆଳରେ ୮ଲକ୍ଷ ଯୋଗ୍ୟ ହିତାଧିକାରୀଙ୍କ ରାଶନକାର୍ଡ କାଟିଛନ୍ତି। ଚଳିତବର୍ଷ ଧାନ ସଂଗ୍ରହରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ସରକାର କହୁଛନ୍ତି ଗୋଟେ, କରୁଛନ୍ତି ଆଉ ଗୋଟେ। ଚାଷୀକୁଳ ଭାରି ହୀନସ୍ତାରେ ଅଛନ୍ତି, ଯେଉଁଥିପାଇଁ କେନ୍ଦ୍ରାପଡ଼ା ରାଜନଗରରେ ଚାଷୀ ତ୍ରିଲୋଚନ ନାୟକ ମୃତ୍ୟୁ ମୁଖରେ ପଡ଼ିଲେ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ମୁଲତବୀ ଆଲୋଚନା କାଳରେ ସରକାରଙ୍କୁ ଅକଳରେ ପକାଇବାକୁ ଉଦ୍ୟମ କରିଛନ୍ତି। ଅନ୍ୟପକ୍ଷରେ ଶାସକଦଳ ସଦସ୍ୟ ଓ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିରୋଧୀଙ୍କୁ କଡ଼ା ଜବାବ ଦେବା ସହିତ ଭାଜପା ସରକାର ନେଇଥିବା ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ। ଶାସକ ଓ ବିରୋଧୀଙ୍କ ଆଲୋଚନା ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଲତବୀ ଆଲୋଚନାକୁ ଅଗ୍ରାହ୍ୟ କରିଥିଲେ। ଏହି ସମୟରେ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ। ଉପବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

'ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା' ଶୀର୍ଷକ ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଜଣାପଡୁଛି ସରକାର ଇ-କେୱାଇସି ଆଳରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇଛନ୍ତି। ସରକାର ପ୍ରାୟ ୧୭ ଲକ୍ଷ ରାଶନ୍‌କାର୍ଡ କାଟିଥିବାବେଳେ ମାତ୍ର ୯ ଲକ୍ଷଙ୍କୁ ଯୋଡ଼ିଛନ୍ତି। ପୋର୍ଟାଲରେ ଲୋକ ଆବେଦନ କରିପାରୁନାହାନ୍ତି। ସରକାରଙ୍କ ଗତବର୍ଷର ତଥ୍ୟ ଅନୁସାରେ ୩୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ କେଉଁଠି ରଖିଛନ୍ତି ତାହାର ଉତ୍ତର ମନ୍ତ୍ରୀ ଦିଅନ୍ତୁ। ଏହି ସମୟରେ ଏଫ୍‌ସିଆଇ କେତେ ଚାଉଳ ଉଠାଇଛି ଏବଂ ମିଲର୍ସଙ୍କ ନିକଟରେ କେତେ ରହିଛି ତାହା ମଧ୍ୟ ଜଣାନ୍ତୁ। ସେ କହିଥିଲେ, କେନ୍ଦ୍ର ସରକାରଙ୍କ ଆଇନ ଅନୁଯାୟୀ, ଏମ୍‌ଏସ୍‌ପି ଉପରେ ବୋନସ ଦେଲେ କେନ୍ଦ୍ର ଚାଉଳ ନେବାକୁ ବାଧ୍ୟ ନୁହେଁ। ବିଭିନ୍ନ ଆଳରେ ବହୁ ☞ପୃଷ୍ଠା-୧୧

# ୯୭% ଇ-କେୱାଇସି ସରିଛି: ଯୋଗାଣ ମନ୍ତ୍ରୀ

## ହୃଦ୍‌ଘାତ ଯୋଗୁ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଛି

**ଭୁବନେଶ୍ୱର, ୯।୩(ରବିନାରାୟଣ ଜେନା)**

ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଯୋଗ୍ୟ ବ୍ୟକ୍ତିଙ୍କୁ ରାଶନକାର୍ଡ ଦେବାପାଇଁ ପଦକ୍ଷେପ ନେଇଥିଲେ। ଇତିମଧ୍ୟରେ ୯୭ ପ୍ରତିଶତ ରାଶନକାର୍ଡରେ ଇ-କେୱାଇସି ଅପଡେଟ୍ ହୋଇସାରିଲାଣି ବୋଲି ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଲତବୀ ଆଲୋଚନା କାଳରେ ବିରୋଧୀଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ମନ୍ତ୍ରୀ ପାତ୍ର କହିଛନ୍ତି, ରାଜ୍ୟରେ ଜଣେ ହେଲେ ବି ଚାଷୀ କଟ୍‌ନୀ/ଛଟ୍‌ନୀର ସମ୍ମୁଖୀନ ହୋଇନାହାନ୍ତି। ଆମ ସରକାର କେବଳ ମୃତ ରାଶନକାର୍ଡଧାରୀ, ଚାକିରିଆ ଏବଂ ଆୟକରଦାତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦେଇଛି। ଜଣେ ହେଲେ ବି ଯୋଗ୍ୟ ହିତାଧିକାରୀ ବଞ୍ଚିତ ହୋଇନାହାନ୍ତି।

ବିରୋଧୀମାନେ ସରକାରଙ୍କୁ ବଦ୍‌ନାମ କରିବାପାଇଁ ଯେଉଁ ପ୍ରୟାସ କରୁଛନ୍ତି, ସେଥିରେ ସେମାନେ ସଫଳ ହେବେନାହିଁ। ବାହାର ରାଜ୍ୟରେ କାମ କରୁଥିବା ୧ଲକ୍ଷ ୪୬ହଜାର ଜଣଙ୍କ ରାଶନକାର୍ଡ ଅପ୍‌ଡେଟ୍ ହୋଇସାରିଛି। ଜଣଙ୍କର ବି କଟିନାହିଁ। ୨୦୨୪-୨୫ ଖରିଫ ଓ ରବି ଋତୁରେ ରାଜ୍ୟ ସରକାର ୯୨ଲକ୍ଷ ୬୪ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲେ। ସେ ବାବଦକୁ ୬୨.୮୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟରୁ ଏଫ୍‌ସିଆଇ ୨୬ଲକ୍ଷ ୭୫ହଜାର ମେଟ୍ରିକ୍ ଟନ୍ ଚାଉଳ ଉଠାଇଥିବାବେଳେ ସାଧାରଣ ବଣ୍ଟନ ମାଧ୍ୟମରେ ୩୬ଲକ୍ଷ ୬୫ହଜାର ମେଟ୍ରିକ୍ ଟନ୍ ଚାଉଳ ରାଶନକାର୍ଡଧାରୀଙ୍କୁ ବଣ୍ଟାଯାଇଛି। ବଳକା ୪ଲକ୍ଷ ୯୫ହଜାର ମେଟ୍ରିକ୍ ଟନ୍ ମଧ୍ୟରୁ ଗୋଦାମରେ ୩.୭୯ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରହିଥିବାବେଳେ ମିଲର୍ସଙ୍କ ଉପରେ ମାତ୍ର ୧.୧୮ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରହିଛି। ନିକଟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିବା ପରେ ସେ ୧.୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଉଠାଇବାକୁ ରାଜି ହୋଇଛନ୍ତି।

ମନ୍ତ୍ରୀ କହିଛନ୍ତି, କେନ୍ଦ୍ରାପଡ଼ା ରାଜନଗରର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁକୁ ବିରୋଧୀମାନେ ସରକାରଙ୍କ ମୁଣ୍ଡରେ ଲଦିବା ପାଇଁ ଅପପ୍ରୟାସ କରୁଛନ୍ତି। ମାତ୍ର ଜିଲାପାଳ ଏବଂ ☞ପୃଷ୍ଠା-୧୧

# ଦୁର୍ଘଟଣାରେ ଗଲା ୬ ଜୀବନ

**ଜମନକିରା/କେନ୍ଦୁଝର/ରାଜଗାଙ୍ଗପୁର, ୯।୩(ରବୀନ୍ଦ୍ର ପ୍ରସାଦ ଦାନୀ/ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର/ଅଶୋକ ପାଣି)**

ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସଡ଼କ ଦୁର୍ଘଟଣାରେ ଯାଇଛି ୬ ଜଣଙ୍କ ଜୀବନ। ସମ୍ବଲପୁର ଜିଲା ଜମନକିରାରେ କଣ୍ଟେନର ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ କେନ୍ଦୁଝର ଜିଲା ସଦର ଥାନା ତେନ୍ତୁଳିଗ୍ରାମ ନିକଟରେ ଟ୍ରକ୍‌ରେ ପିଟିହୋଇ ବାଇକରେ ଥିବା ବାପ ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେହିପରି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଡିଭାଇଡରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି।

ସମ୍ବଲପୁର ଜିଲା ଜମନକିରା ଥାନା ୫୩ ନଂ. ଜାତୀୟ ରାଜପଥର ବଡ଼ରମା ପଞ୍ଚାୟତ ଡିମିରିମୁଣ୍ଡା ଛକ ନିକଟରେ ସୋମବାର କଣ୍ଟେନର-ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ରମା ପଞ୍ଚାୟତ ବିଶାଳପାଲି ଗାଁର ରନ୍‌ଜିତ ସିଂ(୨୧), କୁଲୁଣ୍ଡି ପଞ୍ଚାୟତର ବୁଲୁ ରଣା(୨୦) ଏବଂ ସୁଜିତ ଲଙ୍ଗା(୧୭)। ପୂର୍ବାହ୍ଣ ପ୍ରାୟ ୧୦ଟା ୩୦ରେ ସେମାନେ ଏକ ବାଇକ୍‌ରେ ଜମନକିରାରୁ ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା କଣ୍ଟେନର(ୟୁପି-୮୬-ଟି-୩୭୨୫) ସହ ଧକ୍କା ହୋଇଥିଲା। ଏଥିରେ କଣ୍ଟେନର ଭିତରକୁ ବାଇକ୍‌ଟି ପଶିଯାଇଥିବାବେଳେ ଆରୋହୀମାନେ ଛିଟିକି ପଡ଼ିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବାଇକ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ କଣ୍ଟେନର କ୍ୟାବିନ୍‌ରେ ନିଆଁ ଲାଗିଯାଇଥିଲା। ଖବର ପାଇ ଜମନକିରା ପୋଲିସ ଓ ଅଗ୍ନିଶମ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ପରେ ଅପରାହ୍ଣରେ ମୃତଦେହ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

କେନ୍ଦୁଝର ସଦର ଥାନା ତେନ୍ତୁଳି ଗ୍ରାମ ନିକଟସ୍ଥ ଏନ୍‌ଏଚ୍ ୪୯ରେ ଅପରାହ୍ଣ ୧ଟାରେ ଏକ ସଡ଼କ ଦୁର୍ଘଟଣାରେ ବାପ ☞ପୃଷ୍ଠା-୧୧

# ତୈଳ ଦର ୧୦୦ ଡଲାର ଟପିଲା

## ବୈଶ୍ୱିକ ଅର୍ଥନୀତି ପାଇଁ ଆଗକୁ ବଡ଼ ଆହ୍ୱାନ

ଇରାନ-ଆମେରିକା ଯୁଦ୍ଧକୁ ନେଇ ବଢ଼ୁଥିବା ତୈଳ ସଙ୍କଟ ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ବିପଦ ହେବାକୁ ଯାଉଛି। ଯୁଦ୍ଧ ଯୋଗୁ ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ସେମାନଙ୍କ ଉତ୍ପାଦନ ହ୍ରାସ କରିଥିବାବେଳେ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନର ପ୍ରତିବନ୍ଧକ ତୈଳ ଯୋଗାଣ କ୍ଷେତ୍ରକୁ ଠପ୍ କରିଦେଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇ ଚାଲିଛି। ୨୦୨୨ ପରେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବ୍ୟାରେଲ୍ ପ୍ରତି ୧୦୦ ଡଲାର ଟପିଛି।

**ନ୍ୟୁୟର୍କ, ୯।୩**

ଇରାନ-ଆମେରିକା ଯୁଦ୍ଧର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ବିଶ୍ୱକୁ ଗ୍ରାସିବାକୁ ବସିଛି। ମଧ୍ୟପ୍ରାଚ୍ୟରେ ସୃଷ୍ଟି ହୋଇଥିବା ତୈଳ ସଙ୍କଟ ଏବେ ବିଶ୍ୱର ପ୍ରତ୍ୟେକ ଭାଗକୁ ପ୍ରଭାବିତ କରି ଚାଲିଛି। ତୈଳ ଉତ୍ପାଦନ ହ୍ରାସ ପାଇବା ସାଙ୍ଗକୁ ଯୋଗାଣ ପ୍ରକ୍ରିୟା ଭାରି ମାତ୍ରାରେ ପ୍ରଭାବିତ ହୋଇଥିବାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଅହେତୁକ ମୂଲ୍ୟ ବୃଦ୍ଧି ବୈଶ୍ୱିକ ଅର୍ଥନୀତି ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ଗୋଟିଏ ପଟେ ସାଉଦି ଆରବ, ୟୁଏଇ, କାତାର, କୁଏଟ୍, ବାହାରିନ୍, ଇରାକ୍, ଜୋର୍ଡାନ ଭଳି ବହୁ ଉପସାଗରୀୟ ତଥା ତୈଳ ଉତ୍ପାଦନକାରୀ ଦେଶ ଉପରେ ଇରାନ ଆକ୍ରମଣ ଜାରି ରଖିଥିବାରୁ ଏହିସବୁ ଦେଶର ତୈଳ ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହୋଇଛି। କାତାର ଏବଂ ସାଉଦି ଆରବସ୍ଥିତ ବିଶ୍ୱର ସର୍ବବୃହତ ତୈଳ ରିଫାଇନେରି ଆରାମ୍‌କୋରୁ ତୈଳ ଉତ୍ପାଦନ ଏକପ୍ରକାର ବନ୍ଦ ହୋଇଯାଇଛି। ଅନ୍ୟପଟେ ବିଶ୍ୱର ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଇରାନର ☞ପୃଷ୍ଠା-୧୧

## ୧ ଡଲାର= ୯୨.୩୫ ଟଙ୍କା



**ମୁମ୍ବାଇ, ୯।୩(ପି.ଟି.)**

ଆମେରିକା ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ସର୍ବନିମ୍ନ ୯୨.୩୫କୁ ହ୍ରାସ ପାଇଛି, ଅର୍ଥାତ୍ ୧ ଡଲାରର ମୂଲ୍ୟ ୯୨ ଟଙ୍କା ୩୫ ପଇସା ହୋଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଏବଂ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହେଉଥିବାରୁ ଟଙ୍କା ମୂଲ୍ୟ ହ୍ରାସ ପାଇ ଚାଲିଛି। ଘରୋଇ ଶେୟାର ବଜାରରୁ ନିବେଶକମାନେ ବିଦେଶୀ ପାଣ୍ଠି ପ୍ରତ୍ୟାହାର କରିନେଉଥିବାରୁ ଟଙ୍କା ଉପରେ ଚାପ ବଢ଼ିଥିବା ଫରେକ୍ସ ଟ୍ରେଡରମାନେ କହିଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ମୂଲ୍ୟ ଆରମ୍ଭରେ ୯୨.୨୨ ଥିବାବେଳେ ପରେ ଏହା ସାମାନ୍ୟ ବୃଦ୍ଧି ପାଇ ୯୨.୧୫ରେ ପହଞ୍ଚିଥିଲା। ପରେ ଏହା ପୂର୍ବ କାରବାର ଦିବସ ତୁଳନାରେ ୫୩ ପଇସା ହ୍ରାସ ପାଇ ☞ପୃଷ୍ଠା-୧୧

# ବରଫକଳ କମ୍ପ୍ରେସର ଟାଙ୍କି ଫାଟି ଜଣେ ମୃତ, ୩ ଗୁରୁତର

## ଉଡିଗଲା ଘରର ଟିଣ ଛପର

**ଧରାକୋଟ, ୯।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ଧରାକୋଟ ଥାନା ଅନ୍ତର୍ଗତ ତାଳପାଟଣା ଗ୍ରାମରେ ମଲେଇ (ଆଇସକ୍ରିମ୍) ତିଆରି ପାଇଁ ରହିଥିବା ବରଫକଳର କମ୍ପ୍ରେସର ମରାମତି ବେଳେ ଟାଙ୍କି ଫାଟି ଜଣକର ମୃତ୍ୟୁ ହୋଇଛି। ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ବିଦେଶୀ ପ୍ରଧାନ। ଆହତମାନଙ୍କୁ ଆସିକା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

ଖବରରୁ ଜଣାପଡିଛି, ଗ୍ରାମର ରମେଶ ଚନ୍ଦ୍ର ମହାପାତ୍ର (୭୫) ମଲେଇ ବ୍ୟବସାୟ କରିବାକୁ ନିଜ ଘରେ ଏକ ଛୋଟ ଫ୍ୟାକ୍ଟ୍ରି କରିଥିଲେ। ଗତ ଦୁଇ ଦିନ ତଳେ ମଲେଇ ବାହାର କରି ବିକ୍ରି କରିବା ପାଇଁ ସେ ପ୍ରକ୍ରିୟା ଆରମ୍ଭ କରିଥିଲେ। ତେବେ ଉପଯୁକ୍ତ ଥଣ୍ଡା ନ ହେବାରୁ ଏହି ମେଶିନକୁ ଫିଟିଂ କରିଥିବା ମେକାନିକ ଜଗନ୍ନାଥପ୍ରସାଦ ନିକଟସ୍ଥ କୁସପଲି ଗ୍ରାମର ବିଦେଶୀ ପ୍ରଧାନ (୫୬)ଙ୍କୁ ଡାକିଥିଲେ। ସେ ଆସି ସୋମବାର ଏହାକୁ ସଜାଡୁଥିବା ବେଳେ ଅଚାନକ କମ୍ପ୍ରେସର ଟାଙ୍କି ଫାଟି ଯାଇଥିଲା। ଘଟଣା ସ୍ଥଳରେ ପ୍ରବଳ ଶବ୍ଦ ହେବା ସହ ଘରର ଟିଣ ଛପର ଉଡିଯାଇଥିଲା। ଏଭଳି ଶବ୍ଦ ଶୁଣି ପରିବାର ଲୋକେ ଏବଂ ପଡୋଶୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ମିସ୍ତ୍ରି ବିଦେଶୀ, ରମେଶ, ଶୋଭାବତୀ ମହାପାତ୍ର (୬୫) ଓ ହେମନ୍ତ ମହାପାତ୍ର (୪୮)ଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁର ମେଡ଼ିକାଲରେ ବିଦେଶୀଙ୍କ ମୃତ୍ୟୁ ହୋଇଥିଲା। ରମେଶ ଓ ହେମନ୍ତ ଚିକିତ୍ସାଧୀନ ଥିବା ବେଳେ ଶୋଭାବତୀ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି। ଖବରପାଇ ଧରାକୋଟ ପୋଲିସ ଘଟଣା ସ୍ଥଳ ଏବଂ ବ୍ରହ୍ମପୁର ମେଡ଼ିକାଲ ଅଭିମୁଖେ ଯାଇ ଏହାର ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ☞ପୃଷ୍ଠା-୧୧



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଶିରିଡ଼ି ସାଇ ଗ୍ଲୋବାଲ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ ସାଣ୍ଡି ଟାୱାର, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ ଦ ନିୟୁ ଇଣ୍ଡିଆ ଆସୁରାନ୍ସ କୋ.ଲିମିଟେଡ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର, ସ୍ଥାନ: ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଗଣ୍ଡମୁଣ୍ଡା, ସମୟ: ଅପରାହ୍ନ ୪ଟା।

## କଟକ
- ଜେମାଦେଈପୁରରେ ୭ ଦୋଳ ଯାତ୍ରା ଆରମ୍ଭ, ସ୍ଥାନ: ଜେମାଦେଈପୁର, ତିଗିରିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ସୃଷ୍ଟି ଓ ସ୍ରଷ୍ଟା ଆଧ୍ୟାତ୍ମିକ ସାହିତ୍ୟ ମହୋତ୍ସବ, ସ୍ଥାନ: ହରିରାଜପୁର ପଞ୍ଚଦୋଳ ମେଳଣ ପଡ଼ିଆ, ମା' ସନ୍ତୋଷୀ ମନ୍ଦିର ନିକଟ ମହୋତ୍ସବ ମହାମଞ୍ଚ, ସମୟ: ଅପରାହ୍ନ ୪ଟା।

## ବ୍ରହ୍ମପୁର
- ହୋମିଓପାଥିକ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ଏମ୍ଆର୍‌ସିସି ନାଇଟ୍ ଚ୍ୟାଲେଞ୍ଜ କପ୍‌ର ତୃତୀୟ ଦିବସରେ କ୍ରିକେଟ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା କ୍ରିକେଟ ପଡ଼ିଆ, ସମୟ : ରାତି ୮ଟା।

## ଜଗତ୍‌ସିଂହପୁର
- ଆଇସିଡିଏସ୍ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଚଇତି କବିତା ଆସର କାର୍ଯ୍ୟକ୍ରମ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ମୁଖ୍ୟମନ୍ତ୍ରୀ ବସ୍ ସେବା ରୁଟ ସଂଶୋଧନ ସମ୍ପର୍କିତ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା ୩୦।
- ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ନାଟକ 'ଯେଉଁ ବନସ୍ତରେ ମଣିଷ ନାହିଁ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାସୁଦେବ ପୀଠ, କୋଚିଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।
- ମଧୁସାଗର ମହୋତ୍ସବ, ସ୍ଥାନ: ବାଲିଆ, ଭାଗବତପୁର, କେନ୍ଦ୍ରାପଡା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ବ୍ୟାଙ୍କର୍ସଙ୍କୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଜିଲା ଶୌଣ୍ଡିକ ସମାଜର ପ୍ରସ୍ତୁତି ବୈଠକ, ସ୍ଥାନ: ବାରବାଟି ନିକଟ ଦୁର୍ଗାମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ସପ୍ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଭୋର ୫ଟା।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।
- ବନଦୁର୍ଗାଙ୍କ ୩ୟ ବାର୍ଷିକ ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ସିଂଘାପଡା, ସମୟ: ସକାଳ ୮ଟା।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ, ସ୍ଥାନ: ଖଣ୍ଡପଡା ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩.୩୦ଟା।
- ଅଷ୍ଟ ପ୍ରହର ଓ ନାମ ଯଜ୍ଞ ଉଦ୍‌ଯାପନ, ସ୍ଥାନ: ଖଣ୍ଡପଡା ବ୍ଲକ ସୋହମ ଆଶ୍ରମ ବଳରାମ ପ୍ରସାଦ, ସମୟ:ସକାଳ ୮ଟା।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ, ସ୍ଥାନ: ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟରେ, ସମୟ: ଅପରାହ୍ନ ୩.୩୦।
- ସିଦ୍ଧାମୂଳା ମଙ୍ଗଳାଙ୍କର ବାର୍ଷିକୋତ୍ସବ, ସ୍ଥାନ:ଖଣ୍ଡପଡା ସିଦ୍ଧାମୂଳା ମଙ୍ଗଳା ମନ୍ଦିର, ସମୟ: ସକାଳ ୭.୩୦ଟା।

## ରାୟଗଡ଼ା
- ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ସଭା ଗୃହ, ଗୁଣପୁର, ସମୟ: ଅପରାହ୍ନ ୪ ଟା।

## ନବରଙ୍ଗପୁର
- ମା ଙ୍କ ନବଦିନ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଉମରକୋଟ ଗାନ୍ଧୀଛକ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃଜିଲା ମୁଖ୍ୟମନ୍ତ୍ରୀ କପ୍ କବାଡି ପ୍ରତିଯୋଗିତା ପ୍ରସ୍ତୁତି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଲୋକ ଅଧିକାର ଯାତ୍ରା କମିଟିର ଖବରଦାତା ସମ୍ମିଳନୀ, ସ୍ଥାନ: ଅତିଥି ଭବନ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ନିଗଙ୍ଗାମା'ଙ୍କ ଯାତ୍ରା ଉଦ୍‌ଯାପନ, ସ୍ଥାନ: ନୀଳାବାଡି, ବନ୍ଧୁଗାଁ, ସମୟ: ରାତି ୧୦ଟା।

## ମାଲକାନଗିରି
- ସମ୍ପୂର୍ଣ୍ଣତା ଅଭିଯାନ ୨.୦ କାର୍ଯ୍ୟକ୍ରମ ଶୁଭାରମ୍ଭ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ପରିସର, ମାଲକାନଗିରି , ସମୟ : ସକାଳ ୯ଟା ୩୦।
- ସଚେତନତା ଶୋଭାଯାତ୍ରା, ଷ୍ଟଲ ଉଦ୍‌ଘାଟନ ଏବଂ ଚାରାରୋପଣ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଜିଲା ପରିଷଦ କାର୍ଯ୍ୟାଳୟ, ମାଲକାନଗିରି, ସମୟ: ସକାଳ ୯ଟା।

## ସମ୍ବଲପୁର
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ରବିଧାନ ସଂଗ୍ରହ ସକାଶେ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ପାକ୍ସ ଅଫିସ, ସମୟ : ସକାଳ ୯ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ସ୍ତ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରି ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ବାଟିକାରେ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ପ୍ରସ୍ତୁତି ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ ଡଲଫିନ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଭୁବନେଶ୍ୱର ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ -୨୦୨୬ରେ ପୁରୀ ଶ୍ରୀକ୍ଷେତ୍ର ନାଟ୍ୟଶାଳା ପକ୍ଷରୁ ନାଟକ ସ୍ୱୟଂମ୍ବର ମଞ୍ଚସ୍ଥ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର
- ଶ୍ରୀ ଶ୍ରୀ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ଜାମୁଟଝୁଲା ଗ୍ରାମ, ତୁରେକେଲା ବ୍ଲକ, ସମୟ: ସକାଳ ୮ଟା ୫୫।

## ରାଉରକେଲା
- ସିଏଆଇଏସ୍‌ଏଫ୍ ରାଇଜିଂ ଡେ ନେଇ ପରେଡ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୯ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକଙ୍କ କଲ୍ୟାଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସରକଣ୍ଡା, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଡିପିସି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରବି ଧାନ କିଣା ପାଇଁ ପଞ୍ଜୀକରଣ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ଡିଜିଟାଲ ଫସଲ ସର୍ବେକ୍ଷଣ ପାଇଁ କାର୍ଯ୍ୟ ଯୋଜନା ଓ ମାନକ କାର୍ଯ୍ୟ ପ୍ରଣାଳୀ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ସିଡିଏଓ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଅମଲାପାଲି ଗାଁ, ସମୟ: ପ୍ରାତଃ ୫ଟା ୩୭।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ କ୍ୱାର୍ଟର ଫାଇନାଲ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- -ଷୋହଳ ପ୍ରହର ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ସୁଭଦ୍ରା ଶକ୍ତିମେଳା ଉଦ୍‌ଘାଟନ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ରାତ୍ର ୯ଟା ୩୦।
- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ କ୍ରିଷ୍ଣା ଗାଁ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ଷୋହଳ ପ୍ରହର ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: କାଙ୍କମାଲ ନାମ ମଣ୍ଡପ, ଲଇକେରା, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ପନଖିପଡ଼ା ନାମ ମଣ୍ଡପ, କିର୍ମିରା, ସମୟ: ସକାଳ ୮ ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ସଭା, ସ୍ଥାନ: କନକତୋରା ମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

## ୬ ଜିଲାରେ...

ପ୍ରଥମ ପୃଷ୍ଠାରୁ...

ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହୋମ୍ ବେସଡ ନିୟୁ ବର୍ନ କେୟାର କାର୍ଯ୍ୟକ୍ରମ, ନବଜାତ ଶିଶୁ ଯତ୍ନ କୋଣ ସ୍ଥାପନ(ଏନ୍‌ବିସିସି), ନବଜାତ ଶିଶୁ ଯତ୍ନ କେନ୍ଦ୍ର ସ୍ଥାପନ, ରାଜ୍ୟର ସବୁ ଭେଷଜ ମହାବିଦ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉପଖଣ୍ଡ ଚିକିତ୍ସାଳୟରେ ନବଜାତ ଶିଶୁ ଯତ୍ନ କେନ୍ଦ୍ରମାନ ସ୍ଥାପନ କରାଯିବା ସହିତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାବାଦ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ପୁଷ୍ଟି ପୁନର୍ବାସ କେନ୍ଦ୍ରରେ ଇଞ୍ଜେକ୍ସନ ପ୍ରଦାନ, ଆଶା, ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସମସ୍ତ ଶିଶୁ ସ୍ୱାସ୍ଥ୍ୟ ସହ ଜଡିତ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଉଛି। ଏହାସହିତ ସରକାରଙ୍କ ଅନେକ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ଗଣମାଧ୍ୟମ ଯଥା ରେଡିଓ, ଟେଲିଭିଜନ, ଖବରକାଗଜ ଓ ପ୍ରଚାରପତ୍ର ମାଧ୍ୟମରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସେରନ୍ତାରେ ସେରନ୍ତା**
**ଝିଅ କାନ୍ଦେନା**
**ଚାଉଳ ପଛକେ ଖାଇବା**
**ଭାତ ରାନ୍ଧେନା।**

କିଛି ବ୍ୟକ୍ତି ଅପେକ୍ଷାକୃତ ସ୍ତ୍ରୀକୁ ଅଧିକ ମୁଣ୍ଡରେ ବସେଇଥାନ୍ତି। ସ୍ତ୍ରୀ କିଛି କାମଦାମ କଲେ ଦେହକୁ କଷ୍ଟ ହେବ ଜାଣି ମନ ଉଣା କରିଥାନ୍ତି। ଭାତ ରାନ୍ଧିବା ସମୟସାପେକ୍ଷ, ଚାଉଳ ପାଛୁଡ଼ି ଧୋଇ ହାଣ୍ଡିରେ ବସେଇବା କଷ୍ଟକର। ଫଳସ୍ୱରୂପ ଯାହିତାହି ଖାଇ ଚଳେଇନବା ନେଇ ପରାମର୍ଶ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ୍ଟା ଭଙ୍ଗା ଗୁଆକାତି**
**ପାଖରେ ବସାଇ ପାନ ଖୁଆନ୍ତି**
**ନୁହନ୍ତି ଆପଣା ଜାତି।**

ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଲ ପାଇବା ନେଇ ପରିପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନା ସୃଷ୍ଟିକରି ନିଜର କରିବାକୁ ଇଚ୍ଛାହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରି ପାରୁ ନ ଥାଏ କି ତାକୁ ଛାଡ଼ି ରହିପାରୁ ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ଏନି ପସିବିଲିଟି'

ଭୁବନେଶ୍ୱର, ୯।୩ (ସୁନିତ୍ ମିଶ୍ର)



ରାଜ୍ୟ ସଭାର ୪ ଆସନରେ ନିର୍ବାଚନ ପାଇଁ ନାମାଙ୍କନ ଶେଷ ହେବା ପରଠାରୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରତ୍ୟେକ ଦିନ ବିଧାୟକମାନଙ୍କୁ ଡାକି ବୈଠକ କରୁଛନ୍ତି। ବୈଠକରେ ରାଜ୍ୟ ସଭା ବିଷୟରେ ହିଁ ପଚାରୁଛନ୍ତି। ସବୁ ବିଧାୟକଙ୍କୁ ସେ ପ୍ରାୟ ଏକ ପ୍ରକାର କଥା କହୁଥିବା ଶୁଣିବାକୁ ମିଳୁଛି। ସେ ବିଧାୟକଙ୍କୁ କହୁଛନ୍ତି, ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କ ପାଖରେ ବହୁତ ଟଙ୍କା ଅଛି ବୋଲି ଚର୍ଚ୍ଚା କରାଯାଉଛି। ମାତ୍ର ସେ ବ୍ୟକ୍ତି କେବେ ବି କାହାକୁ କିଛି ଟଙ୍କା ଦିଅନ୍ତି ନାହିଁ। ଯେଉଁମାନେ କ୍ରସ୍ ଭୋଟିଂ କରିବେ ସେମାନଙ୍କ ଭବିଷ୍ୟତ ଖରାପ ହୋଇଯିବ। ତେଣୁ ବିଧାୟକମାନେ ସାମାଜିକ ସ୍ତରରେ ନିନ୍ଦିତ ହୋଇ ନିଜର ଭବିଷ୍ୟତ ଖରାପ କରିବା ଭଳି କାର୍ଯ୍ୟ କରିବାରୁ ନିବୃତ୍ତ ରହିବା ଜରୁରୀ। ଯିଏ ଶାସକ ଦଳର ପ୍ରାର୍ଥୀ ହୋଇଛନ୍ତି, ସିଏ ନବୀନ ନିବାସ ଆସିବାକୁ ଚେଷ୍ଟା କରିଥିଲେ। ମାତ୍ର ଏ ଖବର ମିଳିବା ମାତ୍ରେ ନବୀନ ନିବାସ ମୁଖ୍ୟ ଫାଟକ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ନବୀନ ତାଙ୍କ ଦଳର ବିଧାୟକମାନଙ୍କୁ କହୁଥିବା ଏବେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ବିଜେଡିର ବହୁ ବିଧାୟକ କ୍ରସ୍ ଭୋଟିଂ କରିବା ଅପେକ୍ଷା ନିଜର ଲମ୍ବା ରାଜନୈତିକ ଭବିଷ୍ୟତ ଲାଗି ନିଜକୁ ସ୍ୱଚ୍ଛ ରଖିବା ଅଧିକ ଜରୁରୀ ବୋଲି ମନେ କଲେଣି।

ଅନ୍ୟପକ୍ଷରେ ବିଜେଡି ଏବଂ କଂଗ୍ରେସ ବିଧାୟକମାନେ ମଧ୍ୟ ବିଧାନସଭା ଲବିଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ହୋଟେଲରେ ଚା ଖଟି କରି କ୍ରସ୍ ଭୋଟିଂ ବିଷୟରେ ଆଲୋଚନା କରୁଛନ୍ତି। ବିରୋଧୀ ଦଳର ବିଧାୟକମାନେ ମଧ୍ୟ ବୁଝିଲେଣି କ୍ରସ୍ ଭୋଟିଂ କରିବା ସହଜ ହେବନାହିଁ। ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ୨୦୦୨ ଭଳି ରାଜ୍ୟ ସଭା ଭୋଟ୍‌ରେ ଜିତିଯିବେ ବୋଲି ଦମ୍ଭୋକ୍ତି ଦେଖାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାକୁ ନେଇ ଅନେକ ଚର୍ଚ୍ଚା ଚାଲିଛି। କେତେଜଣ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ୨୦୦୨ ମସିହାରେ ଡିଜିଟାଲ ଯୁଗ ନ ଥିଲା। ସେତେବେଳେ ସିକ୍ରେଟ୍ ବାଲଟ୍ ବ୍ୟବସ୍ଥା ଥାଇ ସୁଦ୍ଧା ଯେଉଁମାନେ କ୍ରସ୍ ଭୋଟିଂ କରିଥିଲେ, ସେମାନଙ୍କ କଥା ସମସ୍ତେ ଜାଣି ଯାଇଥିଲେ। ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଦାୟିତ୍ୱ ନେବାପରେ ଭାରତ ଡିଜିଟାଲ କ୍ଷେତ୍ରରେ ବିଶ୍ୱସ୍ତରରେ ବହୁ ଆଗରେ ରହିଛି। ତେଣୁ ୨୦୨୬କୁ ଯଦି ୨୦୦୨ ସମୟ ସହିତ ତୁଳନା କରି କୌଣସି ବିଧାୟକ କ୍ରସ୍ ଭୋଟିଂ କରନ୍ତି, ତେବେ ଭାରତର ଡିଜିଟାଲ ବ୍ୟବସ୍ଥା ଜରିଆରେ ସେମାନେ ନିନ୍ଦିତ ହେବେ। ବିଶ୍ୱର କୋଣ ଅନୁକୋଣର ଲୋକଙ୍କ ପାଖରେ କ୍ରସ୍ ଭୋଟିଂ କରିଥିବା ବିଧାୟକ ଟଙ୍କା ଖାଇଗଲେ ବୋଲି ପ୍ରଚାର ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିବ ବୋଲି ଚର୍ଚ୍ଚା ଚାଲିଛି।

ଅନ୍ୟପଟେ କଂଗ୍ରେସ ବିଧାୟକମାନଙ୍କୁ ଏକଜୁଟ ରଖିବା ଲାଗି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକାଧିକ ଥର ବୈଠକ ହେଲାଣି। ସୋମବାର ଏକ ଘରୋଇ ହୋଟେଲ୍‌ରେ ରାତ୍ରିଭୋଜନ ବ୍ୟବସ୍ଥା କରାଯାଇ ସବୁ ବିଧାୟକଙ୍କୁ ଡକାଯାଇଥିବା ଜଣାପଡ଼ିଛି। ମାତ୍ର କଂଗ୍ରେସର ଯେତେଥର ବୈଠକ ହେଲାଣି, ଦଳର ସବୁ ବିଧାୟକ ଏକାଠି ହେବାର ଦୃଶ୍ୟ ଏପର୍ଯ୍ୟନ୍ତ ନଜରକୁ ଆସିନାହିଁ। କେତେଜଣ ବିଧାୟକ ବାରମ୍ବାର ଅନୁପସ୍ଥିତ ରହୁଛନ୍ତି। ଯାହା ଚର୍ଚ୍ଚା ହେଉଛି, ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପକ୍ଷରୁ କଂଗ୍ରେସର କେତେଜଣ ବିଧାୟକଙ୍କୁ ଟେଲିଫୋନ୍ ଯୋଗେ ଯୋଗାଯୋଗ କରାଯାଇଛି। ସେହି ବିଧାୟକଙ୍କୁ କେବଳ ପଚରାଯାଇଛି, ଏନି ପସିବିଲିଟି। ଏସବୁ ଦେଖି ଭକ୍ତ ନିଜେ ରାଜ୍ୟ ସଭା ନିର୍ବାଚନରେ ଏଜେଣ୍ଟ ହେବେ ବୋଲି କୁଆଡେ ତାଙ୍କ ଦଳ ଭିତରେ ଘୋଷଣା କରିଥିବା ଶୁଣାଯାଉଛି। ସୂଚନାଯୋଗ୍ୟ, ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷଦିନ ଥିଲା। ଶେଷଦିନ ସୁଦ୍ଧା ରାଜ୍ୟ ସଭା ପାଇଁ ନାମାଙ୍କନ କରିଥିବା ୫ ପୁରୁଷ ପ୍ରାର୍ଥୀ ମନମୋହନ ସାମଲ, ସୁଜିତ କୁମାର, ସନ୍ତୃପ୍ତ ମିଶ୍ର, ଦତ୍ତେଶ୍ୱର ହୋତା ଏବଂ ଦିଲୀପ ରାୟ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିନାହାନ୍ତି।

# ୧୯ ମାସରେ ୭୧୨ କୋଟିର ସାଇବର ଠକେଇ

ଭୁବନେଶ୍ୱର,୯।୩(ରବିନାରାୟଣ ଜେନା)

**ଆଦାୟ ୭.୮୦ କୋଟି; ଜବତ ୯୨.୩୫ କୋଟି**

ରାଜ୍ୟରେ ସାଇବର ଅପରାଧ ବଢ଼ିବାରେ ଲାଗିଛି। ଗତ ପ୍ରାୟ ୧୯ ମାସ ମଧ୍ୟରେ ରାଜ୍ୟରେ ୭୧୧କୋଟି ୯୯ଲକ୍ଷ ୨୯ହଜାର ୬୬୨ଟଙ୍କାର ସାଇବର ଠକେଇ ହୋଇଥିବାବେଳେ ଅପରାଧୀମାନଙ୍କଠାରୁ ୭ କୋଟି ୭୯ ଲକ୍ଷ ୩୩ ହଜାର ୧୫୪ ଟଙ୍କା ଆଦାୟ ହୋଇପାରିଛି। ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ସ୍ଥିତି ଚିନ୍ତାଜନକ ରହିଥିବା ବିଧାନସଭାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି।

ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୨୪ ଜୁନ୍ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ୨୭ହଜାର ୩୬୮ଟି ସାଇବର ଅପରାଧଜନିତ ମାମଲା ରୁଜୁ ହୋଇଥିଲା ବେଳେ ୨୦୨୫ ବର୍ଷରେ ୪୯ହଜାର ୪୨୬ଟି ମାମଲା ରୁଜୁ ହୋଇଛି। ସେହିପରି ୨୦୨୪ ଜୁନ୍‌ରୁ ଡିସେମ୍ବର ମଧ୍ୟରେ ୨୭୯କୋଟି୭୧ଲକ୍ଷ ୨୯ହଜାର୬୬୨ଟଙ୍କା ଏବଂ ୨୦୨୫ରେ ୪୩୨କୋଟି ୨୮ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଛି। ତେବେ ଏହି ଅବଧି ମଧ୍ୟରେ ଯଥାକ୍ରମେ ୨କୋଟି ୪୭ଲକ୍ଷ ୮୭ହଜାର ୨୬୮ ଟଙ୍କା ଏବଂ ୫କୋଟି ୩୧ଲକ୍ଷ ୪୫ହଜାର ୮୮୬ଟଙ୍କା ଅପରାଧୀଙ୍କଠାରୁ ସମୟୋଚିତ ପଦକ୍ଷେପ ଯୋଗୁ ଆଦାୟ କରାଯାଇଛି। ଏହାବାଦ୍ ୨୦୨୪ ଡିସେମ୍ବର ମଧ୍ୟରେ ୨୩କୋଟି ୬୪ଲକ୍ଷ ୩୦ହଜାର ୭୬୮ଟଙ୍କା ସାଇବର ଅପରାଧୀମାନେ ସରକାରଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ନେଇପାରି ନ ଥିବାବେଳେ ୨୦୨୫ରେ ୬୮କୋଟି ୭୧ଲକ୍ଷ ଟଙ୍କା ଜବତ ହୋଇପାରିଛି। ସେହିପରି ଏହି ଅବଧି ମଧ୍ୟରେ ଅର୍ଥନୈତିକ ସାଇବର ଅପରାଧଜନିତ ୨୪୮୨ଟି ମାମଲା ରୁଜୁ ହୋଇଥିବାବେଳେ ୧୭୨ଜଣ ଗିରଫ ହୋଇଛନ୍ତି। ଏଥିରେ ୨୫୯କୋଟି ୧ଲକ୍ଷ ୩୪ହଜାର ୨୧୮ଟଙ୍କା ରହିଥିବାବେଳେ ୫୮ଲକ୍ଷ ୬ହଜାର ୩୮୧ଟଙ୍କା ଆଦାୟ ହୋଇଛି ଏବଂ ୮କୋଟି ୮୯ଲକ୍ଷ ୫୨ହଜାର ୪୨୩ଟଙ୍କା ଜବତ କରାଯାଇଛି। ଏହାସହିତ ୧୬୮୯ଟି ସାମାଜିକ ଗଣମାଧ୍ୟମ ଦୁର୍ନୀତିଜନିତ ମାମଲା ରୁଜୁହୋଇଛି। ୬୩୮ଜଣ ଗିରଫ ହୋଇଥିବାବେଳେ ୧କୋଟି ୨୮ଲକ୍ଷ ୬୭ହଜାର ୩୮୦ଟଙ୍କା ଲୋକେ ହରାଇଛନ୍ତି। ଏଥିମଧ୍ୟରୁ ୩ଲକ୍ଷ ଟଙ୍କା ଆଦାୟ କରାଯାଇଛି। ଏହାବାଦ୍ ହ୍ୟାକିଂ ଏବଂ ଅନ୍ୟାନ୍ୟ ପ୍ରକାର ସାଇବର ଠକେଇ ମଧ୍ୟ ଏହି ସମୟ ମଧ୍ୟରେ ହୋଇଥିବା ମୁଖ୍ୟମନ୍ତ୍ରୀ ଗୃହକୁ ଜଣାଇଛନ୍ତି।

ଅନ୍ୟପକ୍ଷରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସାଇବର ଅପରାଧ ରୋକିବାପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କିତ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୨୦ଟି ପୋଲିସ ଜିଲା ଯଥା କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, ଭଦ୍ରକ, ସୁନ୍ଦରଗଡ଼, ବରଗଡ଼, ସୁବର୍ଣ୍ଣପୁର, ଝାରସୁଗୁଡ଼ା, ଗଞ୍ଜାମ, ଗଜପତି, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଏବଂ ମାଲକାନଗିରିରେ ଗୋଟିଏ ଲେଖାଏ ସାଇବର ଥାନା ମାର୍ଚ୍ଚ ୬ରୁ କାର୍ଯ୍ୟକାରୀ କରିଛନ୍ତି। ଏହାବାଦ୍ ରାଜ୍ୟ କ୍ରାଇମବ୍ରାଞ୍ଚ ଅଧୀନରେ ଭୁବନେଶ୍ୱରଠାରେ ଏକ ସାଇବର କ୍ରାଇମ ୟୁନିଟ୍ କାର୍ଯ୍ୟ କରୁଛି। ଏଥିରେ ସାଇବର ହେଲ୍ପଲାଇନ ନମ୍ବର-୧୯୩୦ ଓ କଲ୍ ସେଣ୍ଟର, ସାଇବର ହେଲ୍ପ ଡେସ୍କ, ଶିଶୁ ଓ ମହିଳା ଅନ୍‌ଲାଇନ ଅତ୍ୟାଚାର ନିରୀକ୍ଷଣ ୟୁନିଟ,ସାଇବର ମନିଟରିଂ ଓ ସମନ୍ୱୟ ୟୁନିଟ୍, ସୋସିଆଲ ମିଡିଆ ୟୁନିଟ, ସାଇବର ଟ୍ରେନିଂ ୟୁନିଟ୍ ଓ ସାଇବର ଫୋରେନ୍‌ସିକ ୟୁନିଟ ଅନ୍ତର୍ଭୁକ୍ତ। ଏହି ସମସ୍ତ ୟୁନିଟ ମିଶି ଅଭିଯୋଗ ପଞ୍ଜୀକରଣ, ଏତଲା ପଞ୍ଜୀକରଣ, ପରିବହନ ବ୍ଲକିଂ ଓ ଟଙ୍କା ଫେରସ୍ତ, ଖାତା ଜମାକରଣ, କଣ୍ଟେଣ୍ଟ ହଟାଇବା, ବିଭିନ୍ନ ଏଜେନ୍ସି ସହିତ ସୂଚନା ଆଦାନ-ପ୍ରଦାନ, ଡିଜିଟାଲ ଫୋରେନ୍‌ସିକ ପରୀକ୍ଷା ଓ ପୋଲିସ କର୍ମଚାରୀଙ୍କ କ୍ଷମତା ବୃଦ୍ଧି ଆଦି କାର୍ଯ୍ୟ କରୁଛନ୍ତି। ଏହାବାଦ୍ ୩ଟି ସାଇବର କମାଣ୍ଡୋ ସେଣ୍ଟର ପ୍ରତିଷ୍ଠା କରିବାକୁ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲାରେ ପଞ୍ଜୀକରଣ ହୋଇଥିବା ଅଭିଯୋଗର ତଥ୍ୟ ସହିତ ଜଣାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ଆଶା ଓ ଅଭିଳାଷକୁ ସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ସ୍ୱାସ୍ଥ୍ୟ, ବାଣିଜ୍ୟ, କର୍ମାରମ୍ଭ ସକାଶେ ଦିନଟି ଭଲ। ନୂତନ ଯୋଜନା , ଅର୍ଥନୈତିକ ଆଲୋଚନା, ମନୋରଞ୍ଜନ କାର୍ଯ୍ୟକ୍ରମାଦି ଗଡ଼ବଡ଼ ହୋଇପାରେ। ଅଶ୍ୱିନୀ ନକ୍ଷତ୍ର ସକାଶେ ପୂର୍ବ ବିବାଦକୁ କେନ୍ଦ୍ରକରି ନିଜ ଲୋକଙ୍କ ନିକଟରୁ ଆସ୍ଥା ହରାଇବାକୁ ପଡ଼ିପାରେ।

**ବୃଷ**
ସ୍ୱାର୍ଥସାଧନର ନୈରାଶ୍ୟରେ ଅତି ବିଶ୍ୱସ୍ତ ଲୋକଟି ବିପକ୍ଷରେ ଯାଇପାରେ। ଆନୁଷ୍ଠାନିକ କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟା କରି କିଛି ମାତ୍ରାରେ ସଫଳ ହେବେ। କୃତ୍ତିକା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ କୌଣସି ବିଳାସ ସାମଗ୍ରୀ କ୍ରୟକରିବା ସକାଶେ ଘରୁ ବରାଦ ଆସିପାରେ।

**ମିଥୁନ**
ଆଜି ବନ୍ଧୁମାନଙ୍କ ଦ୍ୱାରା ସଭାସମିତି, ବନ୍ଧୁ ସମ୍ପର୍କ, ପାରିବାରିକ ସୌହାର୍ଦ୍ଦ୍ୟ ଅକ୍ଷୁଣ୍ଣ ରହିବ। କିନ୍ତୁ ଆରଦ୍ରା ନକ୍ଷତ୍ର ସକାଶେ କେତେକ ପ୍ରତିବନ୍ଧକଜନିତ ଅଟକି ରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଆଗାମୀ ମାଙ୍ଗଳିକ କର୍ମ ସକାଶେ ଘର ସାଜସଜ୍ଜା ସାଙ୍ଗକୁ ବକେୟା କର୍ମ ସମାପନ ସକାଶେ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ**
ଆପଣଙ୍କ କାମରେ, ଚିନ୍ତାଧାରାରେ ଅନୁକୂଳ ବାତାବରଣ ସୃଷ୍ଟିରୁ ମନ ପ୍ରଫୁଲ୍ଲ ରହିବ। ଯେପରି ଭାବୁଛନ୍ତି ତାହାହିଁ ହେବ, କିନ୍ତୁ ପରିଣତ ସମୟକୁ ଅପେକ୍ଷା କରିବାକୁ ପଡ଼ିପାରେ। ଅଶ୍ଳେଷା ନକ୍ଷତ୍ର ଅନ୍ୟଦ୍ୱାରା ପ୍ରଭାବିତହୋଇ ଭୁଲ୍ କାମ କରିପାରନ୍ତି। ବିରକ୍ତି ପ୍ରକାଶକଲେ ଆନୁଷ୍ଠାନିକ କାମରେ ସମସ୍ୟା ଆସିପାରେ।

**ସିଂହ**
ମାଙ୍ଗଳିକ କାମ ବନ୍ଧୁଙ୍କ ସହାୟତାରେ ହାସଲ ସକାଶେ ଆଲୋଚନା କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ସକାଶେ ଚେଷ୍ଟା ବ୍ୟର୍ଥ ହେବନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। ମଘା ନକ୍ଷତ୍ରର ଜମିଜମା କିଣାବିକା ବାବଦରେ ଚୁକ୍ତିପତ୍ର ସ୍ୱାକ୍ଷରିତହେବା ସୂଚନା ରହିଛି।

**କନ୍ୟା**
ବହୁଦିନ ହେଲା ଯାହା ପାଇବା ସକାଶେ ଆଶା ବାନ୍ଧି ବସିଛନ୍ତି ତାହା ନିଶ୍ଚିତ ପାଇବେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ବିବାଦୀୟ ପରିସ୍ଥିତି ଜଟିଳାକାର ଗ୍ରହଣ କରିବା ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ଲାଗି ରହିବା ସମ୍ଭାବନା ଥିବାରୁ ମନରେ ଅଶାନ୍ତି ସୃଷ୍ଟି ହୋଇପାରେ।

**ତୁଳା**
ଆଜିର ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ କାର୍ଯ୍ୟସିଦ୍ଧି, ଆଶା କରୁଥିବା ଦିଗରୁ ଅର୍ଥ ଓ ବିବାଦର ସମାଧାନ ହୋଇପାରିବ। ନୂତନଭାବରେ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହୋଇଯିବା ଆଶା ରହିଛି। ବିଶେଷ ଭ୍ରମଣ କାରଣରୁ ସାମୟିକ ଭାବରେ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ବିଛା**
ଆଜି ଆତ୍ମୀୟଙ୍କ ସହାୟତାରେ କର୍ମାରମ୍ଭ, ଦୂରଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରନ୍ତି। ମନକୁ ପାଇଲା ଭଳି ଆଲୋଚନା କାହା ସହ ମଧ୍ୟ ହୋଇପାରିବ ନାହିଁ। ଜ୍ୟେଷ୍ଠା ନକ୍ଷତ୍ରର କେତେକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରଶାସନ, ଯାନବାହନ, ନିର୍ମାଣ, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରୁ ସୁଫଳ ପାଇବେ।

**ଧନୁ**
ଦୈହିକ ସୁସ୍ଥତା ସାଙ୍ଗକୁ ପାରିବାରିକ ଶାନ୍ତି ଯୋଗୁ ଆଶ୍ୱସ୍ତି ଅନୁଭବ କରିବେ। ସଭାସମିତି, ଆନୁଷ୍ଠାନିକ କାମ ଓ ଗବେଷଣାଦି କାର୍ଯ୍ୟରେ ଆଶାନୁଯାୟୀ ଫଳ ପାଇବେ। ସାମାଜିକ ସ୍ତରରେ ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ନିଜର ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଆଜି ବନ୍ଧୁଙ୍କ ପ୍ରାୟୋଜିତ ମନୋରଞ୍ଜନ କାର୍ଯ୍ୟରେ ମଜ୍ଜିରହିବେ।

**ମକର**
ଶୁକ୍ରଙ୍କ ପ୍ରଭାବରୁ ମନରେ ପ୍ରଫୁଲ୍ଲତା, ଚନ୍ଦ୍ର ଓ ମଙ୍ଗଳ ନୂତନ ବନ୍ଧୁତ୍ୱ ସାଙ୍ଗକୁ କାର୍ଯ୍ୟସାଧନର ହେତୁ ସ୍ୱରୂପ ହୋଇପାରନ୍ତି। ନିଜ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିପାରନ୍ତି। ଶ୍ରବଣା ନକ୍ଷତ୍ରର ଜମିଜମା କ୍ରୟ ବିକ୍ରୟ, ଯାନବାହନାଦି ମରାମତି ଓ ମାଙ୍ଗଳିକ କାମର ପ୍ରସ୍ତୁତି ପାଇଁ ଚିନ୍ତିତ ରହିପାରନ୍ତି।

**କୁମ୍ଭ**
ବନ୍ଧୁଗହଣରେ ଅପ୍ରିୟସତ୍ୟ ଭାଷଣ ଅଯଥା ସୁସମ୍ପର୍କ ନଷ୍ଟହେବାର କାରଣ ହୋଇପାରେ। ପୂର୍ବଭାଦ୍ରପଦ ନକ୍ଷତ୍ର ପରିବାରର ଖର୍ଚ୍ଚ ବୃଦ୍ଧି ପାଇବାରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶକରି ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ**
ଆଜି ରେବତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ବାଧା, ବିଘ୍ନ, ପ୍ରତିବନ୍ଧକାଦି ରହିବ ନାହିଁ। ତଥାପି ପରିବାର, ଲୋକସମ୍ପର୍କ, ଯାନବାହନ ପ୍ରଭୃତିରେ ସତର୍କ ରହିବା ଭଲ। କୌଣସି ଭୁଲ୍ ନ କରି ମଧ୍ୟ ଦୋଷାରୋପ ଆସିପାରେ। ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାମରେ ସଫଳତା ପାଇପାରିବେ।

ଆଜି ମାର୍ଚ୍ଚ ୧୦ ତାରିଖ, ଚୈତ୍ର କୃଷ୍ଣ ସପ୍ତମୀ ମଙ୍ଗଳବାର, ମା' ତାରାତାରିଣୀଙ୍କ ଯାତ୍ରା ଆରମ୍ଭ, ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ। ରାଶିନକ୍ଷତ୍ର-ଅନୁରାଧା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୯।୦୦ ଗତେ ଘ.୧୦।୪୬ ମଧ୍ୟେ, ଘ.୦୧।୦୭ ଗତେ ଘ.୦୧।୨୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ. ୦୨।୫୪ ଗତେ ଘ.୦୪।୨୨ ମଧ୍ୟେ ରାହୁକାଳ।

# ପୁଣି କୋର୍ଟକୁ ବୋମା ଧମକ

**ରାଜ୍ୟର ବିଭିନ୍ନ କୋର୍ଟକୁ ଗତ କିଛି ସପ୍ତାହ ହେଲା ବାରମ୍ବାର ଇମେଲ୍ ଯୋଗେ ବୋମା ଧମକ ମିଳୁଛି। ଧମକ ମିଳିବା ପରେ ଅଦାଲତ ପରିସରରେ ସୁରକ୍ଷା ଦୃଷ୍ଟିରୁ ଯାଞ୍ଚ କରାଯାଉଛି। ହେଲେ ପରେ ତାହା ମିଥ୍ୟା ବୋଲି ଜଣାପଡ଼ୁଛି। ସୋମବାର ମଧ ବରଗଡ଼, ଭବାନୀପାଟଣା, କେନ୍ଦୁଝର ଏବଂ ପୁରୀ କୋର୍ଟକୁ ଉଡ଼ାଇ ଦେବା ପାଇଁ ଧମକ ମିଳିଥିଲା। ଯାଞ୍ଚ ପରେ କୌଣସିଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲେ ହେଁ ସମସ୍ତଙ୍କ ମନରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା।**

## ବରଗଡ଼ ସିଭିଲ କୋର୍ଟକୁ ସିଆନାଇଡ୍ ଗ୍ୟାସ୍ ବୋମା ବିସ୍ଫୋରଣ ଧମକ

ବରଗଡ଼,୯।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସିଭିଲ୍ କୋର୍ଟକୁ ଇ-ମେଲ୍ ଯୋଗେ ସୋମବାର ପୁଣି ବୋମା ଧମକ ମିଳିଛି। ଅପରାହ୍ନ ୧ଟା ପୂର୍ବରୁ ୧୪ଟି ସିଆନାଇଡ୍ ଗ୍ୟାସ୍ ବୋମା ବିସ୍ଫୋରଣ ହେବ ବୋଲି ମେଲ୍‌ରେ ଧମକ ଦିଆଯାଇଥିଲା। ଏଭଳି ଧମକ ମିଳିବା ପରେ କୋର୍ଟରେ କାର୍ଯ୍ୟରତ ବିଚାରପତି, ବିଚାର ବିଭାଗୀୟ କର୍ମଚାରୀ ଏବଂ ଓକିଲମାନେ କୋର୍ଟ ବାହାରକୁ ଚାଲିଆସିଥିଲେ। ଏ ନେଇ ଜିଲା ଓ ଦୌରାଜଜ୍ ତୁରନ୍ତ ବରଗଡ଼ ଏସ୍‌ପିଙ୍କୁ ଅବଗତ କରିଥିଲେ। ଏହାପରେ ପୋଲିସ



ବରଗଡ଼ ସିଭିଲ୍ କୋର୍ଟ ପରିସରରେ ପୋଲିସ ଯାଞ୍ଚ କରୁଛି।

ସନ୍ଧାନୀ କୁକୁର ଏବଂ ବୋମା ନିଷ୍କ୍ରିୟକାରୀ ଟିମ୍ ଧରି କୋର୍ଟକୁ ପହଞ୍ଚିଥିଲା ଏବଂ କୋର୍ଟ ପରିସର ସବୁଆଡ଼େ ଯାଞ୍ଚ କରିଥିଲା। କିନ୍ତୁ କିଛି ମିଳି ନ ଥିଲା। ଗତ ୫ ସପ୍ତାହ ମଧ୍ୟରେ ଉକ୍ତ କୋର୍ଟକୁ ତୃତୀୟଥର ପାଇଁ ଏଭଳି ଧମକପୂର୍ଣ୍ଣ ମେଲ୍ ଆସିଛି। ଏହା ପୂର୍ବରୁ ଗତ ଫେବୃଆରୀ ୬ ଏବଂ ଚଳିତ ମାସ ୨ତାରିଖରେ ଏହି କୋର୍ଟକୁ ଅନୁରୂପ ଧମକ ଆସିଥିଲା।

## ଟାର୍ଗେଟରେ କଳାହାଣ୍ଡି ଜିଲା କୋର୍ଟ



ଡଗ୍ ସ୍କ୍ୱାଡ୍ ଦ୍ୱାରା ଛାନ୍‌ଭିନ୍ ଚାଲିଛି।

ଭବାନୀପାଟଣା,୯।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କୋର୍ଟକୁ ଇ-ମେଲ୍ ମାଧ୍ୟମରେ ବୋମା ପକାଇ ଉଡ଼ାଇଦେବାକୁ ଧମକ ମିଳିଛି। ଜିଲା ଓ ଦୌରାଜଜ୍ କୋର୍ଟଙ୍କ ସରକାରୀ ଇ-ମେଲ୍‌କୁ ଏହି ଧମକପୂର୍ଣ୍ଣ ମେଲ୍ ଆସିଥିଲା। ଏହି ଖବର ଜଣାପଡିବା ପରେ କୋର୍ଟରେ ଟାଉନ ପୋଲିସ ସମେତ ବୋମା ନିଷ୍କ୍ରିୟକାରୀ ଦଳ ଓ ଡଗ୍ ସ୍କ୍ୱାଡ୍ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏପରି କି କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବୋମା ଧମକ ମିଳିବା ପରେ ସୋମବାର ପୂର୍ବାହ୍ନରେ କୋର୍ଟ କାର୍ଯ୍ୟ ବନ୍ଦ ରହିଥିଲା। ଅପରାହ୍ନ ୨ଟା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଏ ନେଇ ଜିଲା ବାର୍ ଆସୋସିଏଶନ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସୋମବାର ସକାଳୁ ଜିଲା ଓ ଦୌରା ଜଜ୍‌ଙ୍କ ଅଫିସିଆଲ ମେଲ୍‌କୁ ଏକ ଇ-ମେଲ୍ ଆସିଥିଲା, ଯେଉଁଥିରେ କୋର୍ଟ ଭିତରେ ବୋମା ଥିବା ଦର୍ଶାଯାଇଥିଲା। ଏହାପରେ କୋର୍ଟ ପକ୍ଷରୁ ପୋଲିସକୁ ଜଣାଯାଇଥିଲା ବୋଲି ସେ କହିଥିଲେ।

## ପୁରୀ କୋର୍ଟକୁ ଉଡ଼ାଇବାକୁ ଇମେଲ୍

ପୁରୀ,୯।୩(ଅଜିତ୍ କୁମାର ମହାନ୍ତି)

କିଛି ଦିନର ବ୍ୟବଧାନ ପରେ ପୁଣି ଥରେ ଅଜଣା ମେଲ୍ ଆଇଡିରୁ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ସୋମବାର ଧମକ ଆସିଥିଲା। ଧମକ ଆସିବା ପରେ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳରେ ଏକ ଭୟର ବାତାବରଣ ଖେଳି ଯାଇଥିଲା। ଖବର ପାଇ ପୋଲିସ କୋର୍ଟ ପରିସରରେ ପହଞ୍ଚି ତଦନ୍ତ କରିବା ସହ ଅଜଣା ଇ-ମେଲ୍ ଆଇଡିକୁ ନେଇ ଅଧିକ ତର୍ଜମା ସହ କୋର୍ଟ ପରିସରରେ ସଶସ୍ତ୍ର ପୋଲିସ ଓ ବମ୍ ସ୍କ୍ୱାଡ୍ ପହଞ୍ଚି ସର୍ଚ୍ଚ ଆରମ୍ଭ କରିଥିଲା। ସର୍ଚ୍ଚ ପରେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏହି ମେଲ୍ ପଠାଇଛି, କାହିଁକି ପଠାଇଛି ଓ କାହା ଉଦ୍ଦେଶ୍ୟରେ ପଠାଇଛି ସେ ନେଇ ଖୋଳତାଡ଼ କରାଯାଇଥିଲା। କିନ୍ତୁ ସେମିତି କୌଣସି ଘଟଣା ଘଟି ନ ଥିବାବେଳେ କିଛି ବିସ୍ଫୋରକ ମଧ ଠାବ ହୋଇ ନ ଥିଲା। ଏ ନେଇ ପୁରୀ ଓକିଲ ସଂଘ ସମ୍ପାଦକ ଶରତ କୁମାର ରାୟଗୁରୁ କହିଛନ୍ତି, ଅଜଣା ମେଲ୍ ଆଇଡି କରି ଅଭିଯୁକ୍ତ ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଉଛନ୍ତି। ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ଏପରି ମେଲ୍ କରାଯାଉଛି। ପୋଲିସ ମେଲ୍ କରୁଥିବା ବ୍ୟକ୍ତିଙ୍କୁ କାହିଁକି ଧରିପାରୁନି ବୋଲି ରାୟଗୁରୁ ପ୍ରଶ୍ନ କରିଛନ୍ତି। ଗତ ଫେବୃଆରୀ ୬ ତାରିଖରେ ଏହିଭଳି ଭାବେ ପୁରୀ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକପୂର୍ଣ୍ଣ ମେଲ୍ ଆସିଥିଲା। ପରେ ତାହା ମିଥ୍ୟା ବୋଲି ଜଣାପଡିଥିଲା।

## କେନ୍ଦୁଝର କୋର୍ଟକୁ ସପ୍ତାହରେ ୨ୟ ଥର ଧମକ

କେନ୍ଦୁଝର,୯।୩(ଦୀପକ ମିଶ୍ର)

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଇମେଲ୍ ଯୋଗେ ଧମକପୂର୍ଣ୍ଣ ମେଲ୍ ଆସିଛି। ଏନେଇ କୋର୍ଟ ପକ୍ଷରୁ କେନ୍ଦୁଝର ଟାଉନ ଥାନାରେ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ଟାଉନ ପୋଲିସ ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ଦଳ ସହ କୋର୍ଟ ପରିସରରେ ପହଞ୍ଚି ତନ୍ନତନ୍ନ କରି ଯାଞ୍ଚ କରିଥିଲା। ତେବେ ବୋମା ସମ୍ପର୍କରେ କିଛି ତଥ୍ୟ ମିଳି ପାରି ନାହିଁ। ସରକାରୀ ଓକିଲ ଅଶ୍ୱିନୀ ପଟ୍ଟନାୟକ ଏପରି ମେଲ୍ ଦେଇ ଭୟଭୀତ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ୩ ତାରିଖରେ ମଧ୍ୟ କେନ୍ଦୁଝର ଜିଲା ଦୌରା ଜଜ୍‌ଙ୍କ କୋର୍ଟକୁ ଧମକ ମିଳିଥିଲା।



ଜିଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ଯାଞ୍ଚ କରାଯାଉଛି।

## ପୁଣି ଛୁରାମାଡ଼: ଚାଲିଗଲା ଜଣଙ୍କ ଜୀବନ

ବରଗଡ଼,୯।୩(ପ୍ରେମାନନ୍ଦ ଖମାରୀ)

**ବରଗଡ଼ରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ**

ବରଗଡ଼ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହୋଇପଡିଛି। ଏଠାର ବିଟ୍ ରାସ୍ତା ଉପରେ ଛୁରି, ଭୁଜାଲି ବୁଲୁଛି। ଛୁରି, ଭୁଜାଲି ଆକ୍ରମଣରେ ଲୋକେ ମୃତାହତ ହେଉଛନ୍ତି। ସୋମବାର ରାତି ପ୍ରାୟ ୯ଟାରେ ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଛୁରାମାଡ଼ରେ ଜଣେ ଲୋକଙ୍କ ଜୀବନ ଯାଇଛି। ଖବର ଲେଖାହେବା ବେଳକୁ ମୃତକଙ୍କ ସମ୍ପୂର୍ଣ୍ଣ ପରିଚୟ ମିଳିପାରିନାହିଁ। ସେ ସ୍ଥାନୀୟ ବରଗଡ଼ ପଞ୍ଚାୟତ କଲେଜ ନିକଟ ପଣ୍ଡରୀପଥର କୁଳିବନ୍ଧ ପଡ଼ା ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ମୃତଦେହକୁ ବରଗଡ଼ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ହତ୍ୟାକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଘଟଣାସ୍ଥଳରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରିକୁ ଜବତ ସହିତ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖ ଶୌଚାଳୟ ନିକଟରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା। ଏହାପରେ ଦୁର୍ବୃତ୍ତମାନେ ଛୁରାମାଡ଼ କରିଥିଲେ। ଏହାପରେ ଗୁରୁତର ଅବସ୍ଥାରେ ମୃତକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶଥାଉକି, ଗତ କିଛିଦିନ ତଳେ ବରଗଡ଼ ଟାଉନ ଥାନା ସମ୍ମୁଖ ହାଟପଦାରେ ଭୁଜାଲି ଆକ୍ରମଣ ଯୋଗୁ ୨ଜଣଙ୍କ ଜୀବନ ଚାଲିଯାଇଥିବାବେଳେ ଶନିବାର ସ୍ପଷ୍ଟ ଦିବାଲୋକରେ ସହର ଉପକଣ୍ଠ ଘୁଲିପାଲି ଛକରେ ଜଣେ ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ ହୋଇଥିଲା। ତେଣୁ ଏହା ଲୋକଙ୍କ ଆଖିରୁ ଲିଭି ନ ଥିବାବେଳେ ସହରର କେନ୍ଦ୍ରସ୍ଥଳୀରେ ପୁଣି ହତ୍ୟାକାଣ୍ଡ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି। କଫ୍ ସିରପ୍, ନିଶା ବଟିକା, ବ୍ରାଉନ ସୁଗର ଭଳି ନିଶା କାରବାର ଯୋଗୁ ଏଭଳି ଅପରାଧ ବଢିଚାଲିଥିବା ବରଗଡ଼ ସହରବାସୀ ଅଭିଯୋଗ କରିଛନ୍ତି। ପୋଲିସ ମଧ ବିଭିନ୍ନ ସମୟରେ ଏଭଳି ନିଶାଦ୍ରବ୍ୟ ଜବତ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରୁଛି। କିନ୍ତୁ ସହର ମଧ୍ୟରେ କଥାକଥାକୁ ଛୁରାମାଡ଼ରୁ ହତ୍ୟାକାଣ୍ଡ ଭଳି ଅପରାଧ ବଢି ଚାଲିବା ପୋଲିସର କାର୍ଯ୍ୟଦକ୍ଷତାକୁ ପଦାରେ ପକାଇଛି ବୋଲି ସବୁଠି ଆଲୋଚନା ହେଉଛି।

## ଦିନ ଦ୍ୱିପ୍ରହରରେ ଝାମ୍ପିନେଲେ ୨ ଲକ୍ଷ ଟଙ୍କା

ରାୟଗଡ଼ା,୯।୩(ଆଶିଷ ରଞ୍ଜନ ପଣ୍ଡା)

ଜଣେ ବ୍ୟକ୍ତି ବ୍ୟାଙ୍କକୁ ଟଙ୍କା ଡିପୋଜିଟ୍ କରିବାକୁ ଯିବା ସମୟରେ ଲୁଟେରାମାନେ ଦିନ ଦ୍ୱିପ୍ରହରରେ ତାଙ୍କଠାରୁ ୨ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି। ରାୟଗଡା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ (ଏଡିବି) ନିକଟରେ ଏଭଳି ଲୁଟ୍ ଘଟିଛି। ସୋମବାର ଅପରାହ୍ନ ୧୧ ଟାରେ କପିଳାସ ରୋଡ଼ରେ ଥିବା ପାତ୍ର ଇଲକ୍ଟ୍ରୋନିକ୍ସ ଶୋ'ରୁମର ଆକାଉଣ୍ଟାଣ୍ଟ ରଞ୍ଜିତ କୁମାର ଦଳାଇ ଷ୍ଟେଟ୍ ବ୍ୟାଙ୍କ ଏଡିବି ଶାଖାକୁ ଟଙ୍କା ଡିପୋଜିଟ କରିବାକୁ ଯାଉଥିବା ସମୟରେ ପଛ ପଟୁ ୨ ଜଣ ଦୁର୍ବୃତ୍ତ ଏକ ବାଇକ ଯୋଗେ ଆସି ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ। ସମ୍ପୃକ୍ତ ଆକାଉଣ୍ଟାଣ୍ଟ ସେମାନଙ୍କ ପିଛା କରିଥିଲେ ହେଁ ଲୁଟେରାମାନେ କେଉଁଆଡେ ଚମ୍ପଟ ମାରିଥିଲେ ଜଣାପଡି ନ ଥିଲା। ଏ ନେଇ ରାୟଗଡ଼ା ଥାନାରେ ଅଭିଯୋଗ ହେବା ପରେ ଆଇଆଇସି ପ୍ରସନ୍ନ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ସିସିଟିଭିକୁ ଯାଞ୍ଚ କରାଯାଇଛି। କିଛି ସ୍ଥାନରେ ସିସିଟିଭି ଫୁଟେଜ ମଧ ସଂଗ୍ରହ କରି ତଦନ୍ତ କରାଯାଉଥିବା ଆଇଆଇସି କହିଛନ୍ତି।

# Business

## ପୂର୍ବତଟ ରେଳପଥ ଦେଇ ଗଡ଼ିବ ୨ ଅମୃତ ଭାରତ ଏକ୍ସପ୍ରେସ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଭାରତୀୟ ରେଳପଥ ପକ୍ଷରୁ ପୂର୍ବତଟ ରେଳପଥର କ୍ଷେତ୍ରାଧିକାର ଦେଇ ଯିବାକୁଥିବା ୨ ନୂଆ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନ ପ୍ରଚଳନ କରାଯାଇଛି। ଏହି ଟ୍ରେନଗୁଡ଼ିକ ଉତ୍ତର-ପୂର୍ବ ଭାରତ, ପୂର୍ବ ଭାରତ ଏବଂ ଦକ୍ଷିଣ ଭାରତର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ସଂଯୋଗ କରିବ। କାମାକ୍ଷା ଚର୍ଲାପାଲ୍ଲି ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଭାରତର ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାଗ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ। ଯାତ୍ରା ସମୟରେ ଏହି ଟ୍ରେନ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଶ୍ରୀକାକୁଲମ ଏବଂ ବିଶାଖାପାଟଣା ଦେଇ ଚଳାଚଳ କରିବ। ଏହା ଉତ୍ତର-ପୂର୍ବ ଏବଂ ଦକ୍ଷିଣ ଭାରତକୁ ଉନ୍ନତ ସଂଯୋଗ ପ୍ରଦାନ କରି ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳର ଯାତ୍ରୀମାନଙ୍କୁ ଉପକୃତ କରିବ। ଏହି ଟ୍ରେନଟି ପ୍ରତି ରବିବାର କାମାକ୍ଷାରୁ ଏବଂ ପ୍ରତି ବୁଧବାର ଚର୍ଲାପାଲ୍ଲିରୁ ପ୍ରସ୍ଥାନ କରିବ। ପୋତନୁର-ଧାନବାଦ ଅମୃତ ଭାରତ ସାପ୍ତାହିକ ଏକ୍ସପ୍ରେସ ତାମିଲନାଡୁର ପୋତନୁରକୁ ପୂର୍ବ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ସହର ଧାନବାଦ ସହିତ ସଂଯୋଗ କରିବ। ଟ୍ରେନଟି ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ଅନେକ ଜିଲା ଯଥା ବିଶାଖାପାଟଣା, ବିଜୟନଗରମ, ପାର୍ବତୀପୁରମ ମାନ୍ୟମ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲା ଦେଇ ଚଳାଚଳ କରିବ, ଯାହା ଦକ୍ଷିଣ ଭାରତ ଏବଂ ପୂର୍ବ ଭାରତର କୋଇଲା ବେଲ୍ଟ ଅଞ୍ଚଳ ମଧ୍ୟରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପାଇଁ ଉନ୍ନତ ରେଳ ସଂଯୋଗ ପ୍ରଦାନ କରିବ। ଏହି ଟ୍ରେନ ପ୍ରତି ଶନିବାର ପୋତନୁରରୁ ଏବଂ ପ୍ରତି ସୋମବାର ଧାନବାଦରୁ ଛାଡ଼ିବ। ଅମୃତ ଭାରତ ଏକ୍ସପ୍ରେସ ହେଉଛି ଏକ ଆଧୁନିକ ଏଲ୍‌ଏଚ୍‌ବି ରେକ ଟ୍ରେନ, ଯାହା ଉନ୍ନତ ପୁସ-ପୁଲ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ, ଉନ୍ନତ ଗତି, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ ଯାତ୍ରୀ ଆରାମ ପ୍ରଦାନ କରେ। ଏହି ଟ୍ରେନରେ ଏର୍ଗୋନୋମିକାଲି ଡିଜାଇନ ହୋଇଥିବା ବର୍ଥ, ମଡ୍ୟୁଲାର୍ ଶୌଚାଳୟ, ଏଲ୍‌ଇଡି ଆଲୋକୀକରଣ, ସିସିଟିଭି ନିରୀକ୍ଷଣ ଏବଂ ମୋବାଇଲ ଚାର୍ଜିଂ ଭଳି ସୁବିଧା ସମେତ ଆଧୁନିକ ଯାତ୍ରୀ ସୁବିଧା ପ୍ରଦାନ କରାଯାଇଛି। ଏହି ଟ୍ରେନଗୁଡ଼ିକର ପ୍ରଚଳନ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ଅଞ୍ଚଳରେ ପର୍ଯ୍ୟଟନ, ତୀର୍ଥଯାତ୍ରା ଏବଂ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।



## ଷ୍ଟାର୍ଟଅପ୍ ସଶକ୍ତ ହେଲେ ରାଜ୍ୟ ସମୃଦ୍ଧ ହେବ

- ୧୨ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା
- ଓ-ହବ୍‌ରେ ଷ୍ଟାର୍ଟଅପ୍ ସମ୍ମିଳନୀ

ଭୁବନେଶ୍ୱର, ୯।୩(ଅନୁରାଧା ମହାରଣା)





ରାଜ୍ୟରେ ଷ୍ଟାର୍ଟଅପ୍ ଅଧିକ ସଶକ୍ତ ହେଲେ ରାଜ୍ୟ ସମୃଦ୍ଧି ଦିଗରେ ଆଗେଇପାରିବ । ତେଣୁ ଷ୍ଟାର୍ଟଅପ୍ ଆରମ୍ଭ କରିବା ପାଇଁ ଯୁବ ପିଢ଼ି ଆଗେଇ ଆସିବା ଦରକାର ବୋଲି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ସ୍ଥାନୀୟ ଓ-ହବ୍‌ଠାରେ ସୋମବାର ଅନୁଷ୍ଠିତ ଷ୍ଟାର୍ଟଅପ୍ ସମ୍ମିଳନୀରେ ଯୋଗ ଦେଇ ଯୁବ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ମଲ୍ଲିକ ଏପରି କହିଛନ୍ତି। କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଅଭିଭାଷଣରେ ବିଭାଗ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ୧୨ ଜଣ ଯୁବ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ମନ୍ତ୍ରୀ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଉତ୍ପାଦ ବିକାଶ ଏବଂ ମାର୍କେଟିଂ ସହାୟତା ବାବଦରେ ଡିରାକାଇ, ଇଗଲ ଏଆଇ, ଜୟଦେବ ନାଚୁରାଲ ଫୁଡ୍ସ, ଇକୋ ସାଥ ଗ୍ରୀନ ଇଣ୍ଡିଆ, ରେଟ୍ରୋଡ, ସେରଲକ ଷ୍ଟୁଡିଓ ଆର୍ଥିକ ପ୍ରୋତ୍ସାହନ ରାଶି ପାଇଥିବା ବେଳେ ଆବଶ୍ୟକତା ଆଧାରିତ ସହାୟତା ବାବଦରେ ଆଷ୍ଟ୍ରୋନେକ୍ସଟ ଟେକ୍ନୋଲୋଜିସ, ଟେଷ୍ଟ କ୍ୱେଷ୍ଟ ଇ-ଲର୍ନିଂ, ଏନସି ସ୍କୋୟାର୍ ଏଡ ଟେକ, ରେଟ୍ରିକ ଡିଜାଇନ୍ସ, ଡିଏମଏନ ଏଡଟେକ ଏବଂ ଟିଡିବି ରୁଟଲଞ୍ଚ ଷ୍ଟାର୍ଟ ଅପକୁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଷ୍ଟାର୍ଟଅପ୍ ଓ ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରଫୁଲ୍ଲ କୁଜୁର ଧନ୍ୟବାଦ ଦେଇଥିଲେ । ଇଗଲ ଏଆଇ ଏବଂ ରେଟ୍ରିକ ଡିଜାଇନ୍ସ ସମ୍ମିଳନୀରେ ନିଜର ଅଭିଜ୍ଞତା ଓ ଅନୁଭୂତି ବାଣ୍ଟିଥିଲେ । ସୂଚନାଥାଉକି, ଓ-ଷ୍ଟାର୍ଟଅପ ପଲିସି ମାଧ୍ୟମରେ ଉଦ୍ୟୋଗୀଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା, ମେଣ୍ଟରଶିପ, ବିପଣନ, ନେଟୱର୍କିଂ ଆଦି ବିଭିନ୍ନ ସୁଯୋଗ ପ୍ରଦାନ କରାଯାଉଛି ।

## ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଭୁବନେଶ୍ୱର ଶାଖାରେ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଗୀତା ଦାଶ, ଡିଏନ୍ ହୋମ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଡାଇରେକ୍ଟର ରତ୍ନମାଳା ସ୍ୱାଇଁ, ଅଭିନେତ୍ରୀ ଅନୁ ଚୌଧୁରୀ ଏବଂ ଉତ୍କଳ ହସ୍ପିଟାଲର ସିନିୟର ଗାଇନୋକୋଲୋଜିଷ୍ଟ ଓ ଇନଫର୍ଟିଲିଟି ସ୍ପେଶିଆଲିଷ୍ଟ ଡା.ଅଭିପ୍ସା ମିଶ୍ର ବିଶିଷ୍ଟ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସିଏ ଗୌତମ ଲେଙ୍କା, ଉପାଧ୍ୟକ୍ଷ ସିଏ ପୃଥ୍ୱୀ ରଞ୍ଜନ ପାଢ଼ୀ ଓ ଛାତ୍ର ସଙ୍ଗଠନର ଅଧ୍ୟକ୍ଷ, ସଚିବ ଏବଂ କୋଷାଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସଦସ୍ୟମାନେ 'ସି ରୋଜ୍ ୱିଥ୍ କରେଜ୍, ସି ଷ୍ଟାଣ୍ଡ୍ସ ୱିଥ୍ ଇଣ୍ଟିଗ୍ରିଟି' ଶୀର୍ଷକ ବିଷୟ ଉପରେ ନିଜ ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ ଜୀବନଯାତ୍ରାର ଅନୁଭବ ଓ ସଫଳତାକୁ ଆଧାର କରି ସଂକ୍ଷିପ୍ତ ଲେଖା ପ୍ରଦାନ କରିଥିଲେ। ୧୨ ମାର୍ଚ୍ଚ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଏକ ଚିତ୍ରକଳା ପ୍ରଦର୍ଶନୀ ମଧ କରାଯାଇଛି।





ଆଇସିଏଆଇ ଭବନରେ 'ମହିଳା ସିଏଙ୍କର ରାଷ୍ଟ୍ର ବିକାଶରେ ଭୂମିକା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଉପସ୍ଥିତ ଅଛନ୍ତି।

## ମହିଳା ଦିବସରେ ଟାଟା ପାୱାରର 'ନୂଆ ଆରମ୍ଭ'



ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡିକ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ନୂଆ ଆରମ୍ଭ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୌଣସି କାରଣରୁ ନିଜ ବୃତ୍ତିଗତ ଜୀବନରୁ ବିରତି ନେଇଥିବା ମହିଳାମାନଙ୍କୁ ପୁଣିଥରେ କାର୍ଯ୍ୟକ୍ଷେତ୍ରକୁ ଫେରାଇ ଆଣିବା, ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିବା ଏବଂ ଅଭିବୃଦ୍ଧି ପାଇଁ ସୁଯୋଗ ପ୍ରଦାନ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି। ଦ୍ୱିତୀୟ ସଂସ୍କରଣରେ ଏହି ଅଭିଯାନ ମାଧ୍ୟମରେ, ଡିସକମ୍‌ଗୁଡିକ ପ୍ରତିଭାବାନ ମହିଳା ବୃତ୍ତିଧାରୀମାନଙ୍କ ପାଇଁ ସେମାନଙ୍କର ଦ୍ୱିତୀୟ କ୍ୟାରିୟର ଆରମ୍ଭ କରିବା ଏବଂ ଓଡ଼ିଶାର ବିଦ୍ୟୁତ୍ ବିତରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ପଥ ସୃଷ୍ଟି କରୁଛି। ୪ ଡିସକମ୍‌ରେ ବିଭିନ୍ନ ଦାୟିତ୍ୱ ଓ ପେସାଗତ ପୃଷ୍ଠଭୂମିରୁ ସାତ ଜଣ ମହିଳା ବୃତ୍ତିଧାରୀଙ୍କୁ ନିଯୁକ୍ତି ଦିଆଯାଇଛି। କାର୍ଯ୍ୟକ୍ରମରେ ଦିଲ୍ଲୀର ଫାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ପ୍ରଫେସର ତଥା ଟିପିଏନଓଡିଏଲ୍ ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ବୋର୍ଡ ନିର୍ଦ୍ଦେଶିକା ଡ. ମୋନିକା ସିଂଘାଣିଆ, ଟାଟା ପାୱାରର ଚିଫ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ବିଜନେସ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ଏବଂ ଚିଫ୍ ବିଏଚ୍ଆର ଶ୍ୟାମ ସୁନ୍ଦର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଓଆଇ ପକ୍ଷରୁ ମେଗା ସମ୍‌ଝୋତା ଅଭିଯାନ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ପକ୍ଷରୁ ମାର୍ଚ୍ଚ ୧୬ରୁ ୨୦ ପର୍ଯ୍ୟନ୍ତ ସମସ୍ତ ଶାଖା/ ଜୋନ୍ ଏବଂ କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟଗୁଡ଼ିକରେ ଏକକାଳୀନ ସମାଧାନ (ଓଟିଏସ୍) ମାଧ୍ୟମରେ ଋଣଗ୍ରହୀତାଙ୍କ ଏନ୍‌ପିଏ ଋଣ ଆକାଉଣ୍ଟର ସମାଧାନ ପାଇଁ ମେଗା ସମ୍‌ଝୋତା ଅଭିଯାନ ଜାରି ରହିବ। ଏହି ସମ୍‌ଝୋତା ଅଭିଯାନ ସେହି ଏନ୍‌ପିଏ ଋଣଗ୍ରହୀତାମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ବ୍ୟବସାୟରେ ଅସୁବିଧା/ ଚିକିତ୍ସାଜନିତ ସମସ୍ୟା କିମ୍ବା ଅନ୍ୟ କୌଣସି ଯଥାର୍ଥ କାରଣବଶତଃ ଠିକ୍ ସମୟରେ ଋଣ ପରିଶୋଧ କରିପାରି ନାହାନ୍ତି। ବ୍ୟାଙ୍କର କ୍ଷୁଦ୍ର ଓ ମଧ୍ୟମ ଆକାଉଣ୍ଟଧାରୀମାନଙ୍କ ଋଣ ସମାଧାନ ପାଇଁ ସ୍ୱତନ୍ତ୍ର ଓଟିଏସ୍ ଯୋଜନା ମାଧ୍ୟମରେ ଏନ୍‌ପିଏ ଆକାଉଣ୍ଟଧାରୀ ଋଣଗ୍ରହୀତାମାନଙ୍କୁ ରିହାତି ପ୍ରଦାନ କରାଯାଉଛି।



ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ– ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। –ଶ୍ରୀମା

# ନେପାଳରେ ଯୁବ ନେତୃତ୍ୱ

ଜୁନ୍ ୧, ୨୦୦୧ ଯେଉଁଦିନ ନେପାଳ ରାଜା ବୀରେନ୍ଦ୍ରଙ୍କୁ ତାଙ୍କ ପୁଅ ଦୀପେନ୍ଦ୍ର ଗୁଳିକରି ମା'ଙ୍କ ସମେତ ସମଗ୍ର ପରିବାରବର୍ଗଙ୍କୁ ହତ୍ୟା କରିଥିଲେ, ସେବେଠାରୁ ନେପାଳରେ ରାଜନୈତିକ ଅସ୍ଥିରତା ଲାଗିରହିଛି। ଏହି ହତ୍ୟା ପୂର୍ବରୁ ମଧ୍ୟ ନେପାଳ ସରକାରରେ ସ୍ଥିରତା ନ ଥିଲା। ଆକଳନ ଅନୁଯାୟୀ, ୧୯୯୦ରୁ ୨୦୨୫ ଯାଏ, ଯେତେବେଳେ କେ. ପି. ଶର୍ମା ଓଲି ସରକାରକୁ ଜେନ୍ ଜି ଯୁବତୀଯୁବକମାନେ ବିଦା କଲେ ସେ ପର୍ଯ୍ୟନ୍ତ, ଅର୍ଥାତ୍ ୩୫ ବର୍ଷ ମଧ୍ୟରେ ୩୨ ସରକାର ଗଢ଼ିଉଠି ଭାଙ୍ଗିପଡ଼ିଛନ୍ତି। କୌଣସି ଏକ ସରକାର ୫ ବର୍ଷ ପୂରଣ କରିନାହାନ୍ତି। ବାରମ୍ବାର ସରକାର ପରିବର୍ତ୍ତନ ଯୋଗୁ ସେଠାକାର ସାମାଜିକ ଜୀବନ ଓ ଅର୍ଥନୀତି ଅନେକ ସମୟରେ ପ୍ରଭାବିତ ହୋଇଛି। ସେପ୍ଟେମ୍ବର ୨୦୨୫ରେ ଜେନ୍ ଜି ବିପ୍ଳବ ନେପାଳ ଇତିହାସକୁ ଏକ ଉଲ୍ଲେଖନୀୟ ମୋଡ଼ରେ ରଖିଦେଇଥିଲା। ୧୯୯୭ରୁ ୨୦୧୨ ମଧ୍ୟରେ ଜନ୍ମିତ ଯୁବବର୍ଗ ଶାସନ ଓ ବ୍ୟବସ୍ଥାରେ ଅସଙ୍ଗତି ଦେଖିବା ପରେ ରାସ୍ତାକୁ ଓହ୍ଲାଇଥିଲେ। ଏହାର ପ୍ରଭାବ ସିଧାସଳଖ କେ. ପି. ଶର୍ମା ଓଲିଙ୍କ ସରକାରକୁ ଗାଦିଚ୍ୟୁତ କରିଥିଲା। ପରେ ସୁଶୀଳା କାର୍କି ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ସୁଶୀଳାଙ୍କ ତତ୍ତ୍ୱାବଧାନରେ ୫ ମାର୍ଚ୍ଚ ୨୦୨୬ରେ ଦେଶର ପାର୍ଲାମେଣ୍ଟ ପାଇଁ ସାଧାରଣ ନିର୍ବାଚନ ହୋଇଥିଲା। ସିଧାସଳଖ ନିର୍ବାଚନ ହୋଇଥିବା ୧୬୫ ଆସନ ମଧ୍ୟରୁ ଅଦ୍ୟାବଧି ୧୬୧ର ଫଳାଫଳ ପ୍ରକାଶ ପାଇସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ, ଏହି ନିର୍ବାଚନରେ ୪ ବର୍ଷ ତଳେ ଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ୧୨୪ ଆସନ ଅକ୍ତିଆର କରି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ସେଠାକାର ଗଣମାଧ୍ୟମ ସୂଚନା ଅନୁଯାୟୀ ୩୫ ବର୍ଷୀୟ ବାଲେନ ଶାହା ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ନେପାଳୀ ଯୁବାଙ୍କ ପ୍ରିୟ ଭାବେ ବାଲେନ ପରିଚିତ। ସଙ୍ଗୀତଜ୍ଞ ବା ରାପର୍ ଭାବେ କ୍ୟାରିୟର ଗଢ଼ିଥିବା ବାଲେନ ୨୦୨୨ରେ କାଠମାଣ୍ଡୁର ମେୟର ହେବାର ଗୌରବ ଅର୍ଜନ କରି ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ। ଚଳିତ ସାଧାରଣ ନିର୍ବାଚନରେ ୪ ଥରର ପ୍ରଧାନମନ୍ତ୍ରୀ ରହି ଆସିଥିବା ତଥା କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ (ୟୁନିଫାଏଡ୍ ମାର୍କସିଷ୍ଟ ଲେନିନିଷ୍ଟ) ବା ସିପିଏନ୍–ୟୁଏମ୍ଏଲ୍ ନେତା କେ. ପି. ଶର୍ମା ଓଲିଙ୍କୁ ଝାପା ନିର୍ବାଚନମଣ୍ଡଳୀରେ ବାଲେନ ୫୦,୦୦୦ ଭୋଟରେ ହରାଇ ରେକର୍ଡ କରିଛନ୍ତି। ତାଙ୍କ ବିଜୟ ସହ ଆର୍‌ଏସ୍‌ପିର ଅଭୂତପୂର୍ବ ସଫଳତା ନେପାଳବାସୀଙ୍କ ପାଇଁ ନୂଆ ଶାସନର ସୂର୍ଯ୍ୟୋଦୟ ଆଣିପାରେ ବୋଲି କୁହାଯାଉଛି।

> **ବାଲେନଙ୍କ ନେତୃତ୍ୱରେ ସରକାର ଗଢ଼ିଉଠିଲେ ଅସଙ୍ଗତି ତତ୍‌କ୍ଷଣାତ୍ ଚାଲିଯିବ ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଯୁବପିଢ଼ିଙ୍କୁ କ୍ଷମତା ହସ୍ତାନ୍ତର କରିଦେଇ ନେପାଳର ମତଦାତା ନିଜ ଦେଶକୁ ଏକ ନୂଆ ପଥରେ ଯିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ନେପାଳର ମଙ୍ଗଳ ସମସ୍ତେ କାମନା କରିବା ଦରକାର।**

ଦୀର୍ଘ ବର୍ଷ ଧରି ପୁରୁଣା ଦଳଗୁଡ଼ିକ ନେପାଳକୁ ଶାସନ କରିଆସୁଥିଲେ। ବିଶେଷକରି ସିପିଏନ୍–ୟୁଏମ୍ଏଲ୍ ନେତା ଓଲି, କମ୍ୟୁନିଷ୍ଟ ପାର୍ଟି ଅଫ୍ ନେପାଳ(ମାଓଷ୍ଟ ସେଣ୍ଟର) ମୁଖ୍ୟ ପୁଷ୍ପକୁମାର ଦହଲ ଓରଫ୍ ପ୍ରଚଣ୍ଡ ଏବଂ ନେପାଳୀ କଂଗ୍ରେସର ଶେର ବାହାଦୁର ଦେଉବା ଭିନ୍ନ ଭିନ୍ନ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଥିଲେ। ଏମାନଙ୍କ ସମୟରେ ବେକାରି ସମସ୍ୟା ବୃଦ୍ଧି ପାଇବା, ଶାସନରେ ପ୍ରିୟାପ୍ରୀତି ତୋଷଣ ଓ ଦୁର୍ନୀତି ସର୍ବୋଚ୍ଚରେ ପହଞ୍ଚିଥିବା ନେପାଳ ନାଗରିକ ବାରମ୍ବାର ଦେଖିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଯେତେବେଳେ ଶାସନ ବିରୋଧରେ ସାମାଜିକ ଗଣମାଧ୍ୟମରେ ଯୁବବର୍ଗଙ୍କ ସ୍ୱର ବ୍ୟାପକ ହେଲା ସରକାର ତତ୍‌କ୍ଷଣାତ୍ ସେଗୁଡ଼ିକୁ ନିଷିଦ୍ଧ କରିଦେଲେ। ଫଳସ୍ୱରୂପ ଦେଶବ୍ୟାପୀ 'ଘୋ' ସୃଷ୍ଟି ହୋଇ ଜେନ୍ ଜି ବିପ୍ଳବ ଜନ୍ମ ନେଲା। ଏହା କେବଳ ନିଜ ଦେଶ ନେପାଳରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଥିଲା। ଆଜିର ଡିଜିଟାଲ ଯୁଗରେ ପ୍ରତିଟି କଥା ଖୁବ୍ କମ୍ ସମୟରେ ସାମାଜିକ ଗଣମାଧ୍ୟମକୁ ଆସିଯାଉଥିବାରୁ କୌଣସି ବିଷୟକୁ ଲୁଚାଇ ରଖାଯାଇପାରୁ ନାହିଁ। ଏଠାରେ ସୂଚନା ଦିଆଯାଇପାରେ ଯେ, ଜେନ୍ ଜି ବିପ୍ଳବର ନିଅଁ ପ୍ରାୟ ୪ ବର୍ଷ ତଳୁ ପଡ଼ିଥିବା କୁହାଯାଉଛି। ଯୁବବର୍ଗଙ୍କ ଚାହିଦାକୁ ସରକାର ଗୁରୁତ୍ୱ ଦେଉ ନ ଥିବା ଜାଣିବା ପରେ ରବି ଲାମିଛାନେ ଆର୍‌ଏସ୍‌ପି ଗଠନ କରିଥିଲେ। ଉଲ୍ଲେଯୋଗ୍ୟ ଯେ, ରବି ନେପାଳରେ ଜଣେ ବିଶିଷ୍ଟ ଟେଲିଭିଜନ ବ୍ୟକ୍ତିତ୍ୱ ଭାବେ ଜଣାଶୁଣା। ନେପାଳ ଶାସନରେ ପରିବର୍ତ୍ତନ ଆଣିବାକୁ ଯାଇ ସେ ଗଢ଼ିଥିବା ଦଳ ପ୍ରଥମେ ସଫଳତା ପାଇଲା ପରେ ମିଳିତ ସରକାରରେ ସେ ପ୍ରବେଶ କରି ଦେଶର ଉପ–ପ୍ରଧାନମନ୍ତ୍ରୀ ହୋଇଥିଲେ। ତେବେ ଯେତେବେଳେ ପାରମ୍ପରିକ ରାଜନୀତିକୁ ନେପାଳ ନାଗରିକ ନାପସନ୍ଦ କରୁଛନ୍ତି ବୋଲି ହୃଦ୍‌ବୋଧ କଲେ, ସେତେବେଳେ ସେ ଜେନ୍ ଜି ବିପ୍ଳବକୁ ମଉକା ଭାବେ ନେଇଥିଲେ। ଏକଦା ତାଙ୍କ ନାମରେ ଠକେଇ ମାମଲା ଆସି ସେ ଗିରଫ ହୋଇ ପରେ ମୁକୁଳିଥିଲେ। ତେବେ ଯେତେବେଳେ ବାଲେନଙ୍କ ପ୍ରତି ଯୁବବର୍ଗଙ୍କ ଆକର୍ଷଣ ବଢ଼ିଥିଲା, ସ୍ଥିତିରୁ ଫାଇଦା ନେବାକୁ ଯାଇ ରବି ତାଙ୍କୁ ଦଳକୁ ଆଣିଥିଲେ। ଡିସେମ୍ବର ୨୦୨୫ରେ ବାଲେନ ଆର୍‌ଏସ୍‌ପିରେ ଯୋଗଦେଇଥିଲେ। ଏହା ପରେ ରବି ଘୋଷଣା କରିଥିଲେ ସାଧାରଣ ନିର୍ବାଚନରେ ଦଳ ବିଜୟୀ ହେଲେ ବାଲେନ ପ୍ରଧାନମନ୍ତ୍ରୀ ହେବେ ଓ ସେ ପାର୍ଟିର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। ଏବେ ତାହା ବାସ୍ତବ ରୂପ ନେଇଛି। ହେଲେ ନେପାଳର ରାଜନୈତିକ ଇତିହାସ ଭାରତ ଭଳି ସର୍ବଦା ଦୁର୍ନୀତି ଓ ସଂସ୍ଥାଗତ ଅବ୍ୟବସ୍ଥା ଦେଇ ଗତି କରି ଆସିଛି। ଜେନ୍ ଜି ବିପ୍ଳବ ପରେ ପ୍ରଥମ ଥର ପାଇଁ ହୋଇଥିବା ସଂସଦୀୟ ନିର୍ବାଚନ ଓ ସେଥିରେ ଯୁବ ନେତୃତ୍ୱ ଉପରେ ଦେଶବାସୀଙ୍କ ଆସ୍ଥା ପ୍ରକଟ ଏକ ବିରାଟ ପରିବର୍ତ୍ତନର ସଙ୍କେତ ଦେଉଛି। ବାଲେନଙ୍କ ନେତୃତ୍ୱରେ ସରକାର ଗଢ଼ିଉଠିଲେ ଅସଙ୍ଗତି ତତ୍‌କ୍ଷଣାତ୍ ଚାଲିଯିବ ବୋଲି ଭାବିବା ଉଚିତ ନୁହେଁ। କିନ୍ତୁ ଯୁବପିଢ଼ିଙ୍କୁ କ୍ଷମତା ହସ୍ତାନ୍ତର କରିଦେଇ ନେପାଳର ମତଦାତା ନିଜ ଦେଶକୁ ଏକ ନୂଆ ପଥରେ ଯିବା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ନେପାଳର ମଙ୍ଗଳ ସମସ୍ତେ କାମନା କରିବା ଦରକାର।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | 1 | | | 3 | | | 4 |
| | 2 | | | 8 | | | | 6 |
| 3 | | | | | | | | |
| | | | | | | 8 | | |
| | 4 | | | | 7 | 9 | | 3 |
| | | 9 | | | | | | |
| | | | | 6 | | | 1 | 7 |
| | | 4 | | | | 2 | | |
| | 8 | | 9 | | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 5 | 8 | 6 | 9 | 7 | 1 |
| 7 | 6 | 8 | 2 | 1 | 9 | 3 | 4 | 5 |
| 5 | 1 | 9 | 3 | 7 | 4 | 2 | 6 | 8 |
| 9 | 7 | 2 | 6 | 5 | 1 | 4 | 8 | 3 |
| 8 | 5 | 1 | 4 | 3 | 2 | 6 | 9 | 7 |
| 3 | 4 | 6 | 7 | 9 | 8 | 5 | 1 | 2 |
| 2 | 8 | 7 | 9 | 4 | 5 | 1 | 3 | 6 |
| 1 | 9 | 5 | 8 | 6 | 3 | 7 | 2 | 4 |
| 6 | 3 | 4 | 1 | 2 | 7 | 8 | 5 | 9 |

ଗତକାଲିର ଉତ୍ତର

# ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି କି



ଡ. ସନ୍ତୋଷ କୁମାର ମହାପାତ୍ର

ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ଭାରତ ତଥା ବିଶ୍ୱରେ ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି କି ନାହିଁ ତାହାର ସମୀକ୍ଷା ଆବଶ୍ୟକ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁଯାୟୀ ବିଶ୍ୱରେ ପ୍ରାୟ ଏକ ତୃତୀୟାଂଶ ମହିଳା ବା ୮୪ କୋଟି ଲିଙ୍ଗଜନିତ ହିଂସାର ଶିକାର ହେଉଛନ୍ତି। ସେଥିରୁ ୩୧.୬ କୋଟି ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହିଂସାର ଶିକାର ହେଉଥିବା ଜଣାପଡ଼ିଛି। ୨୦୨୫ ମସିହାରେ ପ୍ରକାଶିତ, ଜାତିସଂଘ ମହିଳା ତଥା ଜାତିସଂଘର ଡ୍ରଗ୍ ଆଣ୍ଡ କ୍ରାଇମ ଦ୍ୱାରା ଫେମିସାଇଡ ରିପୋର୍ଟ ଅନୁସାରେ ୨୦୨୪ରେ ଅନ୍ତର୍ଜାତୀୟ ସ୍ତରରେ ୮୩,୦୦୦ ମହିଳା ଓ ବାଳିକାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିଲା। ସେଥିରୁ ୬୦%ଙ୍କୁ ନିଜ ସ୍ୱାମୀ ବା ପରିବାର ସଦସ୍ୟ ହତ୍ୟା କରିଥିଲେ। ଏହି ହାର ପୁରୁଷମାନଙ୍କ କ୍ଷେତ୍ରରେ ୧୧%। ଅର୍ଥାତ୍ ବିଶ୍ୱରେ ପ୍ରତିଦିନ ୧୩୭ଜଣ ମହିଳା ଏବଂ ବାଳିକା, ଅର୍ଥାତ୍ ପ୍ରତି ୧୦ ମିନିଟ୍‌ରେ ଜଣେ ନିଜ ସ୍ୱାମୀ କିମ୍ବା ନିକଟ ସମ୍ପର୍କୀୟଙ୍କ ହାତରେ ମୃତ୍ୟୁବରଣ କରିଥାଆନ୍ତି। ଏପଷ୍ଟିନ ଫାଇଲରୁ ଜଣାପଡ଼ିଛି ଯେ କିପରି ସମଗ୍ର ବିଶ୍ୱରେ ରାଜନେତା, ବ୍ୟବସାୟୀ, ଶିଳ୍ପପତି, ପୁଞ୍ଜିପତିମାନେ ବୀଭତ୍ସ ଯୌନ ବ୍ୟଭିଚାରରେ ଲିପ୍ତ ରହିଛନ୍ତି, ଯାହା ମହିଳା ବିରୋଧୀ କୁତ୍ସିତ ମାନସିକତା ପ୍ରକାଶ କରୁଛି।

୨୦୨୫ ଡିସେମ୍ବରରେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟ ୨୦୨୩ ଅନୁଯାୟୀ, ସାରା ଦେଶରେ ମହିଳାଙ୍କ ବିରୋଧରେ ସଂଗଠିତ ଅପରାଧ ମାମଲା ରୁଜୁ ସଂଖ୍ୟା ବୃଦ୍ଧି ପାଇଚାଲିଛି। ଅପରାଧ ସଂଖ୍ୟା ୨୦୧୪ରେ ୩.୩୭ ଲକ୍ଷ ଥିଲାବେଳେ ୩୨.୯୩% ବୃଦ୍ଧିପାଇ ୨୦୨୪ରେ ୪.୪୮ ଲକ୍ଷରେ ପହଞ୍ଚିଛି। ୨୦୧୪ରେ ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୫୬.୩ ଜଣ ଅପରାଧର ଶରବ୍ୟ ହୋଇଥିଲାବେଳେ, ଏହି ହାର ୨୦୨୩ରେ ୬୬.୨ ରହିଛି। ଅର୍ଥାତ୍ ପ୍ରତି ୧ ଘଣ୍ଟାରେ ଭାରତରେ ୫୧ ଜଣ ମହିଳା ଅପରାଧର ଶରବ୍ୟ ହୁଅନ୍ତି। ଦୁଃଖର ବିଷୟ ହେଉଛି ଭାରତରେ ମହିଳାଙ୍କ ବିରୋଧରେ ହୋଇଥିବା ଅପରାଧର ଅଧିକାଂଶ ମାମଲା ବା ମୋଟ ଅପରାଧର ୨୯.୮୨% (୧,୩୩,୬୭୬) ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ସଂଗଠିତ ହୋଇଥାଏ। ସେହିପରି ୧୮.୭୧% (୮୩,୮୯୧) ଅପରାଧ ମହିଳାଙ୍କ ସତିତ୍ୱ ଲୁଣ୍ଠନ ପାଇଁ ବା ଅସଦାଚରଣଜନିତ ହୋଇଥିଲାବେଳେ ୧୯.୭୭% (୮୮,୬୦୫) ମହିଳା ଅପହରଣ ଏବଂ ୬.୬୨% (୨୯,୬୭୦) ବଳାତ୍କାର, ୦.୬୨% (୨୭୯୬) ବଳାତ୍କାର ପାଇଁ ଉଦ୍ୟମ, ୧.୩୭% (୬,୧୫୬) ଯୌତୁକଜନିତ ହତ୍ୟା, ୧୧୩ ଏସିଡଜନିତ। ଆହୁରି ସାଇବର ଅପରାଧ, ମହିଳା ଚାଲାଣ ରହିଛି। ଗତବର୍ଷ ତୁଳନାରେ ସାଇବର୍ ଅପରାଧ ୩୧.୨% ବୃଦ୍ଧି ପାଇଛି। ଭାରତରେ ୭.୩କୋଟି ଏକାକୀ ମହିଳା ଅଛନ୍ତି ଯେଉଁମାନେ ପ୍ରେମ ଏବଂ ସ୍ନେହରୁ ବଞ୍ଚିତ। ଭାରତରେ ନିଖୋଜ ମହିଳାଙ୍କ ସଂଖ୍ୟା ୨୦୧୯ରୁ ୨୦୨୧ ମଧ୍ୟରେ ୧୩.୧୩ ଲକ୍ଷରେ ପହଞ୍ଚିଛି। ମୋଟ ଉପରେ ୪.୬କୋଟି। ଓଡ଼ିଶାରେ ଗତ ୧୮ ମାସରେ ନାରୀ ନିର୍ଯାତନା ଶୀର୍ଷରେ ପହଞ୍ଚିଛି। ବିଧାନସଭାରେ ଉପସ୍ଥାପିତ ଉତ୍ତର ଅନୁସାରେ ଗତ ୧୫ ମାସ ମଧ୍ୟରେ ଓ ମୋଟ ୩୭,୬୧୧ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି। ଏହି ସମୟ ମଧ୍ୟରେ ୪୦୦୦ରୁ ଅଧିକ ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ରାଜଧାନୀ ଭୁବନେଶ୍ୱର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ।



ଲିଙ୍ଗଗତ ଅସମାନତା ଆହୁରି ଗଭୀର ହେଉଛି। ଭାରତରେ ଭୟଙ୍କର। ମାର୍ଚ୍ଚ ୨୦୨୪ ରେ ପ୍ରକାଶିତ ମିଳିତ ଜାତିସଂଘର ଉନ୍ନୟନ କାର୍ଯ୍ୟକ୍ରମର ଲିଙ୍ଗଗତ ଅସମାନତା ସୂଚକାଙ୍କ ୨୦୨୨ରେ ଭାରତ ୧୯୩ ଦେଶ ମଧ୍ୟରୁ ୧୦୭ ଦେଶ ପଛରେ (୧୦୮ସ୍ଥାନରେ) ରହିଛି। ବିଶ୍ୱ ଅର୍ଥନୈତିକ ମଞ୍ଚର ୧୮ ତମ ବିଶ୍ୱ ଲିଙ୍ଗ ପ୍ରଭେଦ ସୁଚକାଙ୍କ ୨୦୨୫ ଅନୁସାରେ ଯେଉଁପରି ମନ୍ଥର ଭାବେ ଲିଙ୍ଗଗତ ଅସମାନତା ହ୍ରାସ ପାଉଛି , ସେହି ଅନୁସାରେ ବିଶ୍ୱରେ ମହିଳାମାନଙ୍କୁ ପୁରୁଷଙ୍କ ସହିତ ସମକକ୍ଷ ହେବା ପାଇଁ ୧୩୪ବର୍ଷ ଲଗିବ। ଏହି ଲିଙ୍ଗ ଜନିତ ପାର୍ଥକ୍ୟ ବିଶ୍ୱ ହାରାହାରି ଠାରୁ ଭାରତରେ ଅଧିକ ଗୁରୁତର। ବିଶ୍ୱ ଲିଙ୍ଗଗତ ସମାନତା ୬୮.୮% ହାସଲ ହେଲା ବେଳେ ଲିଙ୍ଗ ଜନିତ ପ୍ରଭେଦ ଆହୁରି ୩୧.୨ % ବାକି ରହିଛି। ଅପରପକ୍ଷରେ ଭାରତ ଲିଙ୍ଗଗତ ସମାନତା ୬୪.୧ % ହାସଲ କରିଲାବେଳେ ଲିଙ୍ଗ ଜନିତ ପ୍ରଭେଦ ଆହୁରି ୩୫.୯ % ରହିଛି। ୨୦୨୫ ସୂଚକାଙ୍କରେ ଭାରତ ୧୩୧ ସ୍ଥାନରେ ପହଞ୍ଚିଛି। ଅର୍ଥାତ ଲିଙ୍ଗଗତ ପାର୍ଥକ୍ୟ ଦୂର କରିବାରେ ଏବେବି ୧୩୦ଟି ଦେଶ ତଳେ ଭାରତ ରହିଛି। ଗତବର୍ଷଠାରୁ ଦୁଇଅଙ୍କ ତଳକୁ ଖସିଛି। ଭାରତ ବର୍ତ୍ତମାନ ବାଂଲାଦେଶ(୭୫), ନେପାଳ(୧୨୫) ଏବଂ ଶ୍ରୀଲଙ୍କା (୧୩୦) ସମେତ ଅଧିକାଂଶ ଦକ୍ଷିଣ ଏସୀୟ ଦେଶ ତୁଳନାରେ ପଛରେ ମଧ୍ୟ ଅଛି।

ବିଶ୍ୱ ଅସମାନତା ରିପୋର୍ଟ ୨୦୨୬ ଅନୁସାରେ ଭାରତ ତଥା ବିଶ୍ୱରେ ଲିଙ୍ଗ ଅସମାନତା ଗଭୀର ଏବଂ ବ୍ୟାପକ। ସମସ୍ତ ଅଞ୍ଚଳରେ ଦରମା ପାର୍ଥକ୍ୟ ରହିଛି। ଘରୋଇ ଏବଂ ଯତ୍ନ କାର୍ଯ୍ୟକୁ ହିସାବକୁ ନେଲେ ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଅଧିକ ଘଣ୍ଟା କାମ କରନ୍ତି। ପୁରୁଷମାନେ ପ୍ରତି ସପ୍ତାହରେ ହାରାହାରି ୪୩ ଘଣ୍ଟା କାର୍ଯ୍ୟ କରିଲାବେଳେ ମହିଳାମାନେ ୫୩ ଘଣ୍ଟା କାର୍ଯ୍ୟ କରନ୍ତି। ତଥାପି ସେମାନଙ୍କ କାମକୁ କମ୍ ମୂଲ୍ୟ ଦିଆଯାଇଛି। ଅବୈତନିକ କାମକୁ ବାଦ ଦେଲେ, ମହିଳାମାନେ ପୁରୁଷଙ୍କ ଘଣ୍ଟା ପ୍ରତି ଆୟର କେବଳ ୬୧% ରୋଜଗାର କରନ୍ତି; ଯେତେବେଳେ ଅବୈତନିକ ଶ୍ରମକୁ ସାମିଲ କରାଯାଏ, ଏହି ସଂଖ୍ୟା ମାତ୍ର ୩୨%କୁ ଖସିଯାଏ। ଏହି ବୈଷମ୍ୟ ଓ ପାତର ଅନ୍ତର ମହିଳାମାନଙ୍କ କ୍ୟାରିୟର ସୁଯୋଗକୁ ସୀମିତ କରେ, ରାଜନୈତିକ ପ୍ରକ୍ରିୟାରେ ଅଂଶଗ୍ରହଣକୁ ସଙ୍କୁଚିତ କରେ ଏବଂ ସମ୍ପଦ ଅର୍ଜନକୁ ନକାରାତ୍ମକ ଭାବେ ପ୍ରଭାବିତ କରେ। କେବଳ ସେତିକି ନୁହେଁ, ନିଯୁକ୍ତି ଦେଲାବେଳେ ମହିଳା ପଛରେ, କିନ୍ତୁ ଛଟେଇବେଳେ ମହିଳା ଆଗରେ। ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନବେଳେ କନ୍ୟା ଶିଶୁକୁ କମ୍ ଗୁରୁତ୍ୱ ଦିଆଯାଏ।

ଲିଙ୍ଗ ସମାନତା କେବଳ ଏକ ସାମାଜିକ ଓ ନୈତିକ ଆବଶ୍ୟକତା ନୁହେଁ, ଏହା ଏକ ଶକ୍ତିଶାଳୀ ଆର୍ଥିକ ଚାଳକ ମଧ୍ୟ। ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ଅଧ୍ୟୟନ ଅନୁସାରେ, ନିଯୁକ୍ତି, ଶିକ୍ଷା ଓ ଡିଜିଟାଲ ପ୍ରାପ୍ତି ବା ପହଞ୍ଚରେ ଥିବା ଲିଙ୍ଗଗତ ପାର୍ଥକ୍ୟ କମାଇବା ଦ୍ୱାରା ବିଶ୍ୱ ଏବଂ ବିଭିନ୍ନ ଦେଶର ଜିଡିପି ଦ୍ରୁତ ଭାବେ ବୃଦ୍ଧି ପାଇପାରେ। ଅବଶ୍ୟ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହନ ଦେବା କେବଳ ନ୍ୟାୟର ପ୍ରଶ୍ନ ନୁହେଁ; ଏହା ସମାବେଶୀ ଆର୍ଥିକ ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶ। ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ପ୍ରଯୁକ୍ତିବିଦ୍ୟା, ଆଇନଗତ ଏବଂ କର୍ମକ୍ଷେତ୍ର ସୁଯୋଗରେ ଉଭୟ ପୁରୁଷ ଓ ମହିଳାଙ୍କୁ ସମାନ ସୁଯୋଗ ଦେଲେ ଆର୍ଥିକ ବିକାଶ ନିରନ୍ତର ଓ ସମତୁଲ ହେବ।

ମୋ:୯୪୩୭୨୦୮୭୬୨

# ଅନ୍ଧବିଶ୍ୱାସ ରାସ୍ତାରେ ଏଆଇର ସ୍ୱପ୍ନ



ବିଚିତ୍ର ବିଶ୍ୱାଳ

ଗାଲଗୋଟିଆ ବିଶ୍ୱବିଦ୍ୟାଳୟର ଚାଇନା ରୋବୋ କୁକୁରକୁ ନେଇ ଧୂର୍ତ୍ତାମି ଓ ସମ୍ମିଳନୀ ଅବସରରେ ଯୁବ କଂଗ୍ରେସ କର୍ମୀଙ୍କର ଅର୍ଦ୍ଧନଗ୍ନ ପ୍ରତିବାଦକୁ ନେଇ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ–୨୦୨୬'ର ସଫଳତା ଅନେକାଂଶରେ ଫିକା ପଡିଯାଇଛି। ଗୋଟେ ଶିକ୍ଷାନୁଷ୍ଠାନ ଅନ୍ୟର ଉତ୍ପାଦକୁ ନିଜର କହିବା ପରି ଧୂର୍ତ୍ତାମି ଭାରତର ଛବିକୁ ନିଶ୍ଚିତ ଭାବେ ମଳିନ କରିଛି। କିନ୍ତୁ ଏହିସବୁ ମଧ୍ୟରେ ଏଆଇ ତଥା କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ସରକାରଙ୍କ ଘୋଷଣା ଅଧିକ ସନ୍ଦେହ ସୃଷ୍ଟି କରୁଛି।

ନୂଆଦିଲ୍ଲୀରେ ଆୟୋଜିତ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ–୨୦୨୬'ର ଉଦ୍‌ଘାଟନ ଅବସରରେ କୁହାଯାଇଛି ଯେ, ଭବିଷ୍ୟତରେ ଭାରତ ବିଶ୍ୱର ତିନି ଏଆଇ ମହାଶକ୍ତି ମଧ୍ୟରେ ରହିବ। ଅର୍ଥାତ୍ ଭାରତ ଏଆଇ କ୍ଷେତ୍ରରେ ନିକଟ ଭବିଷ୍ୟତରେ ପ୍ରଗତି ହାସଲ କରିବ। ଭାରତର ଏଆଇ ଅଭିଯାନ ବିକଶିତ ଭାରତର ଏକ ମୁଖ୍ୟ ଅଂଶ ବୋଲି କୁହାଯାଇଛି। ଏବେ ଭାରତ ଭାଇବ୍ରାଣ୍ଟ ଇଣ୍ଡେକ୍ସ ୨୦୨୫ରେ ଗବେଷଣା, ପ୍ରତିଭା ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ବିଶ୍ୱରେ ତୃତୀୟ ସ୍ଥାନରେ ଅଛି। ଏଆଇ କ୍ଷେତ୍ରରେ ଭାରତ କେବଳ ଏକ ବଜାର ନ ହୋଇ ଏଆଇର ଉତ୍ପାଦନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବ ବୋଲି ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ଯେକୌଣସି ଭାରତୀୟଙ୍କ ପାଇଁ ଖୁସିର କଥା ହେବ, ଯଦି ଆମେ ଆମ ସରକାରଙ୍କ ଏହି ଘୋଷଣାକୁ ତାଙ୍କ ବାସ୍ତବ କାର୍ଯ୍ୟକଳାପ ସହିତ ତୁଳନା ନ କରିବା। କିନ୍ତୁ ଯେଉଁ ମୁହୂର୍ତ୍ତରେ ଆମେ ସରକାରଙ୍କ ବାସ୍ତବ କାମକୁ ତୁଳନା କରିବା, ଏହା କେବଳ ଏକ ତୁଚ୍ଛା ଘୋଷଣା ବୋଲି ବୁଝିବାରେ ବିଳମ୍ବ ହେବନାହିଁ। ଘୋଷଣା ଓ ବାସ୍ତବତା ଭିତରେ ଆକାଶ ପାତାଳ ପ୍ରଭେଦ ଜଳଜଳ ଦେଖାଯିବ।

ଗୋଟିଏ ପଟେ ଏଆଇ କ୍ଷେତ୍ରରେ ଦେଶ ଆଗକୁ ବଢ଼ିବ ବୋଲି ସରକାର କହୁଥିବା ବେଳେ ଅନ୍ୟପଟେ ସମଗ୍ର ଦେଶରୁ ସାଇଣ୍ଟିଫିକ୍ ଟେମ୍ପେରାମେଣ୍ଟ ତଥା ବୈଜ୍ଞାନିକ ମନୋଭାବ କମ କରିବାର ପ୍ରୟାସରେ ଟିକେ ବି କମ୍ କରାଯାଉନାହିଁ। ଦିନକୁ ଦିନ ଦେଶକୁ ଏକ ମଧ୍ୟଯୁଗୀୟ ଅନ୍ଧବିଶ୍ୱାସ ଭିତରକୁ ଠେଲି ଦିଆଯାଉଛି। ଆମ ପ୍ରତିରକ୍ଷାମନ୍ତ୍ରୀ ରାଫେଲ ଯୁଦ୍ଧ ବିମାନରେ ସିନ୍ଦୂରରେ ସ୍ୱସ୍ତିକ ଅଙ୍କନ କରୁଛନ୍ତି, ଯାହାଦ୍ୱାରା କି କିଛି ଯେପରି ଅମଙ୍ଗଳ ନ ହୁଏ। ଡଜନ ଡଜନ କେନ୍ଦ୍ରମନ୍ତ୍ରୀ କୁମ୍ଭ ମେଳାରେ ବୁଡ ପକେଇ ପାପ କ୍ଷୟ କରୁଛନ୍ତି। ବାଗେଶ୍ୱର ବାବାଙ୍କ ପାଖରେ ଅନେକ ମନ୍ତ୍ରୀ, ନେତା, ଅଫିସର ଧାଡ଼ି ଲଗାଉଛନ୍ତି। ବଳାତ୍କାର ଓ ହତ୍ୟା ଅପରାଧରେ ଜେଲଦଣ୍ଡ ଭୋଗୁଥିବା ବାବାଙ୍କର ଭିଆଇପି ଭକ୍ତ ମଣ୍ଡଳୀରେ ସରକାରର ଅଧା ନେତା,ମନ୍ତ୍ରୀ ଅଛନ୍ତି। ମନ୍ଦିର ପ୍ରତିଷ୍ଠାକୁ ଏକ ରାଷ୍ଟ୍ରୀୟ କାର୍ଯ୍ୟ ଭାବେ ପାଳନ କରାଯାଉଛି। ସାରା ପ୍ରଶାସନ ସବୁକିଛି ଛାଡ଼ି ସେଇ କାମରେ ଲାଗିଯାଉଛି। ଗୋଟେ ଦେଶର ସରକାର ଓ ତା'ର ମୁଣ୍ଡିଆଳଙ୍କର ଏହି ସବୁ କାର୍ଯ୍ୟ ଦେଶକୁ ବିଜ୍ଞାନର ବିକାଶ ଦିଗରେ ନେବ ନା ଅନ୍ଧବିଶ୍ୱାସର କୂଅ ଭିତରକୁ ନିକ୍ଷେପ କରିବ, ଏହା ବେଶ୍ ଅନୁମେୟ। ଏହି ରାସ୍ତାରେ ଯାଇ ଭାରତ କ'ଣ ବିଶ୍ୱର ପ୍ରମୁଖ ଏଆଇ ଶକ୍ତିରେ ପରିଣତ ହେବ ? ଏଆଇ ସମ୍ପର୍କିତ ସରକାରଙ୍କ ଭାଷଣ ଯଦି ଗୋଟିଏ ପଟେ ଯାଉଥାଏ, ତେବେ ତାଙ୍କ ବାସ୍ତବ କାମ ଠିକ୍ ତା'ର ବିପରୀତ ଦିଗରେ ଯାଉଛି।





ବିଶ୍ୱର ଶହେଟି ଉଚ୍ଚମାନର ଶିକ୍ଷାନୁଷ୍ଠାନ ଭିତରେ ଭାରତର ସ୍ଥାନ ନଗଣ୍ୟ। ଗବେଷଣା ଅନୁଷ୍ଠାନକୁ ସରକାରୀ ପ୍ରୋତ୍ସାହନ ନାହିଁ। ଶିକ୍ଷାନୁଷ୍ଠାନ ଅପେକ୍ଷା ମନ୍ଦିର ପ୍ରତିଷ୍ଠା ବଡ କାମ ବୋଲି ଆମ ଦେଶରେ ପରିଗଣିତ କରାଯାଉଛି। ସରକାର ବି ସେହି କାମ ପୂରଣ କରିବାରେ ଲାଗିଛନ୍ତି ଓ ମନ୍ଦିର ପ୍ରତିଷ୍ଠାକୁ ତାଙ୍କର ଐତିହାସିକ ସଫଳତା ଭାବେ ବର୍ଣ୍ଣନା କରୁଛନ୍ତି। ରାଜନୈତିକ ଦଳର ଇସ୍ତାହାର ଏବଂ ପ୍ରତିଶ୍ରୁତିରେ ଶିକ୍ଷା ଓ ସ୍ୱାସ୍ଥ୍ୟ କଥା କମ୍ ରହି ମନ୍ଦିର କଥା ବେଶି ରହୁଛି। ତା'ହେଲେ ଦେଶ କୁଆଡେ ଯିବ ? ଯୁବକମାନଙ୍କୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରୁ ଦୂରେଇ ନେଇ ତାଙ୍କୁ ଧର୍ମ ନାମରେ ଲଢ଼ିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଉଛି ଓ ତାହାକୁ ହିଁ ପ୍ରଗତିର ପଥ ଭାବେ ପ୍ରଦର୍ଶିତ କରାଯାଉଛି। ବିଚରା ଯୁବକମାନେ ଧର୍ମ ରକ୍ଷା ପାଇଁ ପତାକା ଧରି ରାସ୍ତାରେ ଚିତ୍କାର କରୁଛନ୍ତି। ଏହି ଚିନ୍ତାଧାରା ସହିତ ଓ ଏହି ରାସ୍ତାରେ ଚାଲି ଦେଶ କ'ଣ ଏଆଇ କ୍ଷେତ୍ରରେ ବିକାଶ କରିବ ? ଏହା କେବଳ ଆଉ ଏକ ମନ୍ କୀ ବାତ୍ ଛଡା ଆଉ କିଛି ନୁହେଁ।

ଆମ ଦେଶରେ ଚନ୍ଦ୍ର ଅଭିଯାନର ସଫଳତା ବିଷୟରେ ଯେତିକି ଆଲୋଚନା ହୁଏନି, ତା'ଠାରୁ ଅଧିକ ଆଲୋଚନା ହୁଏ ଇସ୍ରୋ ମୁଖ୍ୟଙ୍କ ମନ୍ଦିର ଯିବା ବିଷୟରେ। ତା'ମାନେ ଆମେ ଭବିଷ୍ୟତ ପିଢ଼ିକୁ କୁଆଡେ ଠେଲୁଛେ ? ଆମ ମନ୍ତ୍ରୀ ହନୁମାନଙ୍କୁ ପ୍ରଥମ ମହାକାଶଚାରୀ ବୋଲି ଛାତ୍ରଙ୍କୁ କହୁଛନ୍ତି। ସମ୍ପ୍ରତି ଦେଶର ଶୀର୍ଷ ନ୍ୟାୟାଳୟ ସାବରିମାଲା ମନ୍ଦିରକୁ ମହିଳା ପ୍ରବେଶ କରିବେ କି ନାହିଁ, ସେ ବିଷୟରେ ଦିନ ଦିନ ସାରୁଛନ୍ତି। ସରକାରୀ ଆଡ୍‌ଭୋକେଟ ନିଜେ କେସ୍‌ର ଗୋଟିଏ ପକ୍ଷ ହେଉଛନ୍ତି। ତା'ହେଲେ ବିଚାର କଲେ – ଗୋଟେ ଦେଶ ଭାବେ ଆମ ବୈଜ୍ଞାନିକ ଚିନ୍ତାଧାରା କେଉଁ ଆଡ଼କୁ ଯାଉଛି ? ଆଜି ଯଦି ଆମେ ମାନୁଛୁ, ମହିଳାଙ୍କ ପ୍ରବେଶ ଯୋଗୁ କୌଣସି ସ୍ଥାନ ଅପବିତ୍ର ହୋଇଯାଏ, ତା'ହେଲେ ଆମ ବୈଜ୍ଞାନିକ ମନୋଭାବ କେତେ ରସାତଳକୁ ଗଲାଣି ଓ ଆମେ କେତେ ଅନ୍ଧବିଶ୍ୱାସ ଭିତରେ ଅଛେ, ଏହା ସହଜରେ ଅନୁମେୟ। ଆମ ଦେଶର ବିଦ୍ୱାନମାନେ ବିଦେଶକୁ ଗଲେ ଆଉ ଦେଶକୁ ଫେରିବାର ନାଁ ନେଉନାହାନ୍ତି। କାରଣ ଆମ ଦେଶରେ ଗବେଷଣା ଭିତ୍ତିଭୂମି ଅପେକ୍ଷା ମନ୍ଦିର ଭିତ୍ତିଭୂମି ଉପରେ ଅଧିକ ଧ୍ୟାନ ଦିଆଯାଉଛି ଓ ଖର୍ଚ୍ଚ କରାଯାଉଛି। ଆଜିକାଲି ତ ଖୋଜାଯାଉଛି ଅତୀତରେ କେଉଁ ମାଟି ତଳେ କି ମନ୍ଦିର ଥିଲା କି ମୂର୍ତ୍ତି ଥିଲା। ଶିକ୍ଷାନୁଷ୍ଠାନ ଅପେକ୍ଷା ତଥାକଥିତ ଧର୍ମ ପାଇଁ ଯେଉଁଠି ଅଧିକ ଗୁରୁତ୍ୱ ଦିଆଯାଏ, ସେଠି ସ୍କଲାର ଓ ଉନ୍ନତ ମସ୍ତିଷ୍କମାନେ ବିଦେଶରେ ରହିବାକୁ ହିଁ ଅଧିକ ଉଚିତ ମଣିବେ ଓ ମଣୁଛନ୍ତି ବି। ଏପରି ସ୍ଥଳେ ସରକାରଙ୍କ ଏଆଇ କ୍ଷେତ୍ରରେ ବିକାଶର ସ୍ୱପ୍ନ, କେବଳ ସ୍ୱପ୍ନ ଓ ପ୍ରହେଳିକା ଛଡା ଅଧିକ କିଛି ନୁହେଁ। ଯଦି ସତରେ ଆମେ ଏଆଇ ଓ ଅନ୍ୟାନ୍ୟ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ବିକାଶ କରିବାକୁ ଚାହୁଁଛୁ, ତେବେ ଭବିଷ୍ୟତ ପିଢ଼ିଙ୍କ ଭିତରେ ଆମକୁ ବୈଜ୍ଞାନିକ ମନୋଭାବକୁ ବଢେଇବାକୁ ହେବ। ବିଶ୍ୱାସ ଓ ଅନ୍ଧବିଶ୍ୱାସରୁ ଉର୍ଦ୍ଧ୍ୱକୁ ଉଠି ଆମକୁ ତଥ୍ୟ, ତତ୍ତ୍ୱଭିତ୍ତିକ ହେବାକୁ ପଡିବ।

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

## ଏଇ ଭାରତରେ

ବର୍ଷାଦିନ ପରେ ମହାରାଷ୍ଟ୍ର ବିଦର୍ଭ ଅଞ୍ଚଳରୁ ଭାରୱାଡ ଯାଯାବର ସମ୍ପ୍ରଦାୟର ଲୋକେ ସେମାନଙ୍କ ଗୃହପାଳିତ ପଶୁଙ୍କୁ ନେଇ ଚାରଣଭୂମି ଅଞ୍ଚଳକୁ ଚାଲିଯାଆନ୍ତି। ସେମାନେ ଡିସେମ୍ବରରେ ଯାଇ ଜୁନ ବେଳକୁ ଫେରିଥାନ୍ତି। ଏହି ସମୟରେ ସେମାନଙ୍କ ପିଲାଙ୍କ ପଢ଼ା ବନ୍ଦ ହୋଇଯାଏ। ଫଳରେ ଅନେକେ ପାଠ ଛାଡ଼ିଦେଉଛନ୍ତି। ତେବେ ଅଣ ଲାଭକାରୀ ସଂସ୍ଥା ଲର୍ଣ୍ଣିଂ କାମ୍ପେନିୟନ(ଏଲ୍‌ସି) ଦ୍ୱାରା ଏହି ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିଛି। ଗଣେଶ ବିରାଜଦାର ଏହାର ପ୍ରତିଷ୍ଠାତା ନିର୍ଦ୍ଦେଶକ। ପିଲାମାନେ ଯେଉଁ ସମୟରେ ବାହାରକୁ ନ ଯାଇ ପରିବାର ସହ ରହୁଛନ୍ତି ସେହି ସମୟରେ ସେମାନଙ୍କୁ ଏଲ୍‌ସି ସେଣ୍ଟରେ ପଢାଯାଉଛି। ଏବେ ଏଭଳି ୫ଟି କେନ୍ଦ୍ରରେ ୨୦୦ ପିଲାଙ୍କୁ ଶିକ୍ଷା ଦିଆଯାଉଛି। ସକାଳେ ପ୍ରି ପ୍ରାଇମେରୀ ପିଲା ପଢୁଛନ୍ତି ଓ ପ୍ରଥମରୁ ଊର୍ଦ୍ଧ୍ୱ ଶ୍ରେଣୀର ପିଲାମାନେ ସନ୍ଧ୍ୟାବେଳେ ପଢିବାକୁ ଆସୁଛନ୍ତି। ଯେତେବେଳେ ପିଲାମାନେ ପରିବାର ସହ ବାହାରକୁ ଯାଇ ଯେଉଁଠାରେ ରହୁଛନ୍ତି ଏଲ୍‌ସି ସେଣ୍ଟରର ଶିକ୍ଷକମାନେ ପ୍ରତି ସପ୍ତାହରେ ସେହି ସବୁ ସ୍ଥାନକୁ ଯାଉଛନ୍ତି ଏବଂ ପିଲାମାନଙ୍କ ମାର୍କଶିଟ୍ ଦେଉଛନ୍ତି। ଏପରି କି ସେଠାରେ କ୍ୟାମ୍ପ ଆୟୋଜନ କରାଯାଇ ପିଲାଙ୍କୁ ଏକାଠି କରାଯାଉଛି। ଏହି ଶିକ୍ଷାକେନ୍ଦ୍ର ପ୍ରତି ପିଲାଙ୍କ ଆଗ୍ରହ ଜନ୍ମିବାରୁ ସେମାନେ ବାହାରକୁ ଯାଇ ଫେରିଲା ପରେ ବି ସରକାରୀ ସ୍କୁଲକୁ ମଧ୍ୟ ଯିବା ପାଇଁ ପସନ୍ଦ କରୁଛନ୍ତି। ଫଳରେ ଡ୍ରପଆଉଟ୍ କମୁଛି।

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଊର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ତାପମାତ୍ରା ବୃଦ୍ଧିର ଚେତାବନୀ

ମହାଶୟ,
ଚଳିତବର୍ଷ ଦେଶରେ ଗ୍ରୀଷ୍ମ ପ୍ରବାହ ଅସହ୍ୟ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ସହ ବହୁ ଘରୋଇ ପାଣିପାଗ ସଂସ୍ଥା ପୂର୍ବାନୁମାନ କରିଛନ୍ତି। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରେ ଦୈନିକ ଉଚ୍ଚ ତାପମାତ୍ରା ଏହାର ଏକ ଚେତାବନୀର ସଂକେତ ବୋଲି କହିଲେ ଅତ୍ୟୁକ୍ତି ହୋଇ ନ ପାରେ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ବେଳକୁ ଦେଶର ବିଭିନ୍ନ ଭାଗରେ ବିଶେଷ କରି ଉତ୍ତରଭାରତରେ ଦିନର ତାପମାତ୍ରା ୩୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ, ଯାହାକି ଏହି ସମୟରେ ସ୍ୱାଭାବିକ ତାପମାତ୍ରାଠାରୁ ୪ଡିଗ୍ରୀ ଅଧିକ। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆମ ରାଜ୍ୟର ଝାରସୁଗୁଡା ଅଞ୍ଚଳରେ ତାପମାତ୍ରା ୩୯ ଡିଗ୍ରୀରେ ପହଞ୍ଚି ସାରିଲାଣି। ବସନ୍ତ ଋତୁ ଉଭାନ ହୋଇଯିବା ସହ ଆଗୁଆ ଗ୍ରୀଷ୍ମକାଳ ଆରମ୍ଭ ହୋଇଯାଇଛି, ଯାହାକି ଆଞ୍ଚଳିକ ବାୟୁମଣ୍ଡଳୀୟ ଏବଂ ଦୀର୍ଘକାଳୀନ ଜଳବାୟୁ ପରିବର୍ତ୍ତନର ସନ୍ଦେଶ ପ୍ରଦାନ କରେ। ଦେଶରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ଏଣିକି ଜଳବାୟୁ ଉପଯୋଗୀ ବା ଜଳବାୟୁ ନମନୀୟ ଚାଷ ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ଅନ୍ୟଥା ଦେଶ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇପାରେ। ଆସନ୍ତା ୨୦୫୦ ବେଳକୁ ଖାଦ୍ୟ ସଙ୍କଟ ଦେଖାଦେବା ନେଇ ବିଜ୍ଞାନୀମାନେ ଚେତାବନୀ ଦେଇସାରିଲେଣି। ତେବେ କେବଳ ଖାଦ୍ୟ ସଙ୍କଟ ନୁହେଁ, ଉତ୍କଟ ପାନୀୟ ଜଳ ସଙ୍କଟକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଜଳବାୟୁ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ଗୋଟଏ ଦେଶର ସମସ୍ୟା ନୁହେଁ, ଏହା ଏକ ବୈଶ୍ୱିକ ସମସ୍ୟା। ବେଳ ହୁଁ ସାବଧାନ ନ ହେଲେ, ତାପମାତ୍ରା ବୃଦ୍ଧି ମୁକାବିଲା ପାଇଁ ଯୋଜନା ନ କଲେ, ଧ୍ୱଂସ ହିଁ ସାର ହେବ।

**– ସୌଭାଗ୍ୟ ରଞ୍ଜନ ମହାନ୍ତି, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆମେ ବି ନାହୁଁ

ଭୁବନେଶ୍ୱର, ୯।୩(ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ହେବାକୁ ଥିବା ନିର୍ବାଚନ ଏବେ ଧୀରେ ଧୀରେ ରୋଚକ ମୋଡ଼ ନେବାକୁ ଲାଗିଲାଣି। ପ୍ରାର୍ଥୀପତ୍ର ଦାଖଲ ଯାଏ ରାଜ୍ୟ ସଭା ନିର୍ବାଚନ ନେଇ ସବୁ ଦଳର ବିଧାୟକମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ଏବେ ସେହି ଧାରାରେ ପରିବର୍ତ୍ତନ ଆସିଥିବା ଲକ୍ଷ୍ୟ କରାଯାଉଛି। ୪ର୍ଥ ଆସନ ଲାଗି ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ତଥା ଶିଳ୍ପପତି ଦିଲୀପ ରାୟ ଏବଂ ବିଜେଡି, କଂଗ୍ରେସ ଓ ସିପିଆଇ(ଏମ୍) ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ମଧ୍ୟରେ ମୁଖ୍ୟତଃ ଲଢ଼େଇ ହେବ। ଏଠାରେ ଉଲ୍ଲେଖ କରାଯାଇପାରେ, ଭାଜପା ପାଖରେ ୪ର୍ଥ ଆସନ ଲାଗି ୨୨ ଖଣ୍ଡ ଭୋଟ୍ ରହିଛି। ଏହା ବ୍ୟତୀତ ୮ଟି ଭୋଟ୍ କମ୍ ପଡୁଥିବା ସତ୍ତ୍ୱେ ଦିଲୀପ ଜିତିବେ ବୋଲି ଗଣମାଧ୍ୟମରେ ନିଜଆଡୁ ବାରମ୍ବାର ଦମ୍ଭୋକ୍ତି ଦେଖାଉଛନ୍ତି। ଅର୍ଥାତ୍ ୮ଟି ଭୋଟ୍ ଯେପର୍ଯ୍ୟନ୍ତ କିଣା ନ ହେବ ଶାସକ ଦଳ ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ୪ର୍ଥ ଆସନରେ ଜିତିବା ସହଜ ହେବନାହିଁ। ରାଜନୈତିକ ମହଲର ଆଲୋଚନା ମୁତାବକ, ଭାଜପା ସମର୍ଥିତ ପ୍ରାର୍ଥୀ ନିଶ୍ଚିତ ଜିତିଯିବେ ବୋଲି ଯେଉଁ ପ୍ରଚାର କରୁଛନ୍ତି, ଏମିତି କହିକି ସେ ବିରୋଧୀ ଭୋଟ ଭାଙ୍ଗିଦେଇପାରିବେ ବୋଲି ଭାବୁଥାଇପାରନ୍ତି। ଅନ୍ୟପଟେ ଏଥର ରାଜ୍ୟ ସଭା ନିର୍ବାଚନରେ ଗୋଟିଏ ଭୋଟ ପିଛା ୭ରୁ ୧୦ କୋଟି ପର୍ଯ୍ୟନ୍ତ ମିଳିବ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଶାସକ ଦଳ ଯେତେବେଳେ ଜଣେ ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ ଦେଇଛି, ତେଣୁ ଏହି ଆସନ ଜିତିବା ଭାଜପା ପାଇଁ ସମ୍ମାନର ବିଷୟ ହେବ। ଏହାରି ଭିତରେ ଶାସକ ଦଳର ଅଧିକାଂଶ ବିଧାୟକ ଏବଂ ମନ୍ତ୍ରୀ କୁଆଡେ ୪ର୍ଥ ଆସନ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ବିଶେଷ ଆଗ୍ରହ ଦେଖାଇବା ଆରମ୍ଭ କରିଛନ୍ତି। ଦଳର ପ୍ରାୟ ସବୁ ବିଧାୟକ କହୁଛନ୍ତି ଭୋଟର ତାଲିକା ଯେତେବେଳେ ପ୍ରସ୍ତୁତ ହେବ ସେମାନଙ୍କ ନାଁ ଶେଷ ୨୨ ଜଣଙ୍କ ଭିତରେ ରଖାଯାଉ।

ସୂତ୍ରରୁ ମିଳିଥିବା ଖବର ମୁତାବକ, ଭାଜପାର ବହୁ ବିଧାୟକ ଏବେ ଗୋଷ୍ଠୀ ହୋଇ ଭିନ୍ନ ଭିନ୍ନ ସ୍ଥାନରେ ଏକାଠି ହେଉଛନ୍ତି। ଭାଜପା ବିଧାୟକମାନଙ୍କ କହିବା କଥା, ତାଙ୍କ ଦଳ ସମର୍ଥନରେ ଦିଲୀପ ସ୍ୱାଧୀନ ପ୍ରାର୍ଥୀ ହେଲେ। ଏବେ ଭାଜପାର ୨୨ ଖଣ୍ଡ ଭୋଟ୍ ତାଙ୍କୁ ମିଳିବ। ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ପାଖରେ ଦିଲୀପଙ୍କ ଅପେକ୍ଷା ଅଧିକ ୮ ଖଣ୍ଡ ଭୋଟ୍ ରହିଛି। ଏହାସତ୍ତ୍ୱେ ଦିଲୀପ ଜିତିଯିବେ ବୋଲି ନିଶ୍ଚିତ ଅଛନ୍ତି। ବିରୋଧୀ ଦଳ ସଦସ୍ୟଙ୍କ ଭିତରୁ କେତେଜଣଙ୍କୁ ମୋଟା ଅଙ୍କ ଦେଇ ସମୀକରଣକୁ ବଦଳାଇପାରିବେ ବୋଲି ଦିଲୀପ ଭାବୁଛନ୍ତି। ତେଣୁ ଶାସକ ଦଳର ବିଧାୟକମାନଙ୍କୁ ମଧ୍ୟ ଶିଳ୍ପପତି ପ୍ରାର୍ଥୀ ଟଙ୍କା ଦିଅନ୍ତୁ ବୋଲି ସେମାନେ ଦାବି କରୁଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ରାଜନୈତିକ ବିଶ୍ଳେଷକମାନେ ମଧ୍ୟ ଶାସକ ଦଳର ବିଧାୟକମାନଙ୍କ ଭିତରୁ ଯେଉଁମାନେ ଏଭଳି ଯୁକ୍ତି ରଖୁଛନ୍ତି, ତାହାକୁ ଯଥାର୍ଥ ବୋଲି କହୁଛନ୍ତି।

ବିଶ୍ଳେଷକମାନଙ୍କ ମତରେ, ୪ର୍ଥ ଆସନ ଲାଗି ଶାସକ ଦଳ ବିଧାୟକଙ୍କ ଭୋଟ୍ ଯାହା ରହିଛି ସେଥିରେ ଜିତିପାରିବେନି ବୋଲି ଜାଣିବା ସତ୍ତ୍ୱେ ଦିଲୀପ ବାକି ଭୋଟ୍ ଯୋଗାଡ଼ରେ ଲାଗିଗଲେଣି। ବିରୋଧୀ ଶିବିରରୁ ଭୋଟ୍ କ୍ରସ୍ କରିବା ଲାଗି ଫୋନ୍ ମଧ୍ୟ ଗଲାଣି। ବିରୋଧୀ ବିଧାୟକଙ୍କୁ ଫୋନ୍ ଯୋଗେ ପଚରାଯାଉଛି, ଏନି ପସିବିଲିଟି। ଏମିତିରେ ଦେଖିଲେ, ଶାସକ ଦଳର ବିଧାୟକମାନେ ମଧ୍ୟ ଭୋଟ୍ ଦେବେ। ବିଧାୟକମାନେ ବାରମ୍ବାର ନିଜ ନିର୍ବାଚନମଣ୍ଡଳୀକୁ ଯିବା ଏବଂ କର୍ମୀମାନଙ୍କ ସୁବିଧା, ଅସୁବିଧା ବୁଝିବାରେ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ କେବଳ ବିରୋଧୀ ବିଧାୟକ କାହିଁକି ଶାସକ ଦଳର ନିର୍ବାଚିତ ପ୍ରତିନିଧି ନ ଚାହିଁଲେ କ'ଣ ଦିଲୀପ ଜିତିପାରିବେ। ତେଣୁ ଶାସକ ବିଧାୟକମାନଙ୍କୁ ପ୍ରଥମେ ଶିଳ୍ପପତି ପ୍ରାର୍ଥୀ ଖୁସି କରିବା ଦରକାର। କିଛିଦିନ ତଳେ ବିଧାୟକମାନଙ୍କ ଦରମା ବଢ଼ିବା ବିଷୟକୁ ନେଇ ଭାଜପାର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଗଣମାଧ୍ୟମରେ କହିଥିଲେ, ସବୁଦିନ ଯେତିକି ଚା କର୍ମୀମାନଙ୍କୁ ଦେବାରେ ଖର୍ଚ୍ଚ ହେଉଛି, ସେଥିରେ ମାସକୁ ଲକ୍ଷେ ଟଙ୍କା ପଳାଉଛି। ସବୁ ଦୃଷ୍ଟିକୋଣରୁ ଲକ୍ଷ୍ୟ କଲେ, ଶାସକ ଦଳ ବିଧାୟକମାନେ ଯାହା ଚର୍ଚ୍ଚା କରୁଛନ୍ତି, ସେଥିରେ କିଛି ଭୁଲ୍ ନାହିଁ। ନିକଟରେ ନିଜ ଦଳରୁ ବିଦା ହୋଇଥିବା ଜଣେ ବିଧାୟକଙ୍କ ପାଖରେ ସାହାଯ୍ୟ ପହଞ୍ଚିସାରିଲାଣି ବୋଲି ଗୁଜବ ହେଉଛି। ରାଜ୍ୟ ସଭା ପ୍ରାର୍ଥୀଙ୍କ ସହିତ ନିଲମ୍ବିତ ବିଧାୟକଙ୍କ ପିତାଙ୍କ ଘନିଷ୍ଠତା ସମ୍ପର୍କରେ ସମସ୍ତେ ଜାଣନ୍ତି। ତେଣୁ ଏହି ଗୁଜବ ବିଶ୍ୱାସଯୋଗ୍ୟ ହେଉଛି।



## ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

କଟକ,୯।୩(କାର୍ତ୍ତିକ ସାହୁ)

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଛି। ବିଚାରପତି ଆଦିତ୍ୟ ମହାପାତ୍ରଙ୍କ ଇଜିଲାସ୍‌ରେ ମାମଲାର ଦୀର୍ଘ ସମୟ ଧରି ଶୁଣାଣି ଚାଲିଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ତେବେ ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ କେଉଁ ଆଧାରରେ ଗିରଫ କରାଯାଇଛି ସେନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ଉତ୍ତର ଚାହିଁଛନ୍ତି। ଆସନ୍ତା ମାର୍ଚ୍ଚ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଧାର୍ଯ୍ୟ ହୋଇଛି। ସୂଚନାନୁସାରେ, ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବ୍ରହ୍ମପୁର ପୋଲିସ ଗଞ୍ଜାମ ବିଜେଡି ସଭାପତି ବିକ୍ରମ ପଣ୍ଡା, ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାସ, କର୍ପୋରେଟର ମଳୟ ବିଶୋୟୀ, ଛାତ୍ର ନେତା ମଦନ ଦଳେଇଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତମାନେ ନିମ୍ନକୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇଯାଇଥିଲା। ଫଳରେ ଅଭିଯୁକ୍ତମାନେ ଜାମିନ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଅଟୋ ପଛକୁ ଧକ୍କାଦେଲା କାର୍, ଜଣେ ମହିଳା ମୃତ

ଜଟଣୀ,୯।୩
(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ନାଇଜର ଛକଠାରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଟୋ ପଛକୁ କାର୍ ଧକ୍କାଦେବାରୁ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତା ହେଲେ ବାଙ୍କୀ ଥାନା ଅନ୍ତର୍ଗତ କେନ୍ଦୁପଲ୍ଲୀ ଅଞ୍ଚଳର ସଞ୍ଜୁ ବେହେରା। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ ଏକ ଅଟୋ (ଓଡି ୦୨ଜେ ୦୫୨୧)ରେ ୫ଜଣ ଯାତ୍ରୀ ଜଟଣୀ ଅଭିମୁଖେ ଆସୁଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ କାର୍ (ଓଡି ୦୨ସିଏ ୮୨୯୫) ନାଇଜର ଛକଠାରେ ଉକ୍ତ ଅଟୋ ପଛକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଡେଲାଙ୍ଗ ଥାନ ଅଧୀନ ଗୁଣୁପୁଟ ନୂଆଗଡ଼ ଅଞ୍ଚଳର ଗୋପୀନାଥ ପରିଡା, କୁନି ପରିଡା, ବାଘମାରୀ ଥାନା ସିମର ଅଞ୍ଚଳର ସନ୍ତୋଷ କୁମାର ସାହୁ, ଜଟଣୀ ଥାନା କୁସୁମାଟି ସବର ସାହିର ମମତା ବେହେରା ଏବଂ ବାଙ୍କୀ ଥାନା କେନ୍ଦୁପଲ୍ଲୀ ଅଞ୍ଚଳର ସଞ୍ଜୁ ବେହେରା ଗୁରୁତର ଆହତ ହୋଇଥିଲେ। ଖବରପାଇ ଜଟଣୀ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେଠାରେ ଡାକ୍ତର ସଞ୍ଜୁଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଆହତଙ୍କ ମଧ୍ୟରେ ଜଣଙ୍କର କାନରେ ଗୁରୁତର ଆଘାତ ଲାଗିଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରାଯିବା ସହ କାର୍ ଚାଳକ ଏବଂ ସହଯୋଗୀଙ୍କୁ ଅଟକ ରଖାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ କହିଛନ୍ତି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଆଠଗଡ, ୯।୩
(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ସହର ଉପକଣ୍ଠ ରାଧାଗୋବିନ୍ଦପୁର ପେଟ୍ରୋଲ ପମ୍ପ ନିକଟରେ ରବିବାର ରାତିରେ ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଏନ୍‌ଏସି ୧ନଂ ୱାର୍ଡ ହେମମାଳପୁର ଗ୍ରାମର ବ୍ରଜ ଦଳାଇଙ୍କ ପୁଅ ବିଶ୍ୱ ଭୂଷଣ(୩୫)। ପଞ୍ଚୁ ଦୋଳଯାତ୍ରା ଥିବାରୁ ଟିକିନା ବାଇକ୍‌ରେ ବୁଲିବାକୁ ଯାଇଥିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ଆଠଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଟିକିନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ତାଙ୍କ ସାନଭାଇ ଆଠଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୧୦୦/୨୬) ରୁଜୁ କରିଛି।

---

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, BONAI**
Letter No.1065 Date : 07.03.2026

**CANCELLATION OF TENDER**

**No.25001/315/2526** : Due to unavoidable circumstances tender invited by this Office vide Bid Identification No.ONLINE-EEBNI-08 of 2025-26, Letter No-743 Dtd-13.02.2026 is hereby cancelled.

Sd./- Executive Engineer, Rural Works Division, Bonai
OIPR-25001/25200/1/25-26/0004

---

**OFFICE OF THE PRINCIPAL CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR**
Plot No.GD 2/12, 5th Floor, Aranya Bhawan, Chandrasekharpur,Bhubaneswar, Odisha Pin-751023, Phone No.0674-2300915/2300916, E-mail ID-pccfkldak@gmail.com

**ABRIDGED TENDER CALL NOTICE**
File No.3KL (WFA) 01/2026
No.25/Dated 09th March, 2026

**PROCUREMENT OF HESSIAN CLOTH (SUPERIOR) AND HESSIAN TWINE**

Selaed tenders in prescribed format are invited from Companies/Firms/ Manufacturers/Traders of Hessian material for supply about 463 Bales of Hessian Cloth (Superior) and 12.00 MT of Hessian Twine for 2025 KL Crop Year. The Tender Document alongwith terms & conditions can be obtained from the O/o. the PCCF (KL), Odisha on submitting the proof of payment of Rs.10,000/- (Rupees Ten Thousand) only towards cost of Tender Paper (Non-Refundable) in the (Account No.32269698772 (State Bank of India, Fortune Towers Branch, IFSC Code. SBIN0004414. The tender document can also be downloaded from Kendu Leaf Organisation Web Portal:- https://kenduleaves.odisha.gov.in.

**SCHEDULE OF TENDER**

| | |
|---|---|
| Sale of Tender Documents | On all working days from 09.03.2026 to 23.03.2026 |
| Cost of Tender Documents (Non-refundable) | Rs.10,000/- |
| Last Date of Submission of Tender | 23.03.2026 (5.00 P.M.) |
| Opening of Technical Bid and Evaluation | 24.03.2026 (11.00 A.M.) |
| Opening of Financial Bid | 24.03.2026 (4.00 P.M.) |

Sd./- ACCF (Kendu Leaves)

---

**OFFICE OF THE COLLECTOR AND DISTRICT MAGISTRATE**
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
TOURISM SECTION, COLLECTORATE, ANGUL
Telephone:06764-230567/230234, Email: dm-angul@od.gov.in
Notice No.:32, Date: 06.03.2026

**REQUEST FOR PROPOSAL (RFP)**
**SELECTION OF AGENCY FOR PROVIDING MANPOWER FOR FACILITY MANAGEMENT SERVICES AND SUPPORT SERVICES TO SATAKOSIA TOURIST DESTINATION IN ANGUL DISTRICT**

No.24001/69/2526: Collector, Angul on behalf of Tourism Department, Government of Odisha invites proposals in specified formats with certain terms and conditions from reputed & registered man power service providing agencies/companies/firms for hiring of the following man powers to be engaged in the District as well as Block level PMUs for providing necessary support at Satakosia Tourist Destination.

| Sl.No. | Name of the Post/Manpower to be Engaged | No. of Posts | Place of Engagement |
|---|---|---|---|
| 01 | Toilet Cleaner (Un Skilled) | 06 | Satakosia, Angul |
| 02 | Sweeper (Un Skilled) | 04 | Satakosia, Angul |
| 03 | House Keeping of Built up space (Un Skilled) | 06 | Satakosia, Angul |
| 04 | Gardener (Semi Skilled) | 02 | Satakosia, Angul |
| 05 | Supervisor of Cleaning (Skilled) | 02 | Satakosia, Angul |
| 06 | Parking Management (Semi Skilled) | 10 | Satakosia, Angul |
| 07 | Security Guard at Gate (Semi Skilled) | 09 | Satakosia, Angul |
| 08 | Site Security (Semi Skilled) | 09 | Satakosia, Angul |
| 09 | Security Supervisor (Skilled) | 04 | Satakosia, Angul |

**The bids can be submitted only through speed/registered post from 07.03.2026 to 06.04.2026. The details of Request for Proposal can be viewed on the District website i.e. www.angul.odisha.gov.in. Further the bid documents can be downloaded from the same website from 07.03.2026 to 06.04.2026.**

1. Last date for submission of RFP documents: 06.04.2026 upto 05.30 P.M.
2. Opening of RFP Documents: 07.04.2026 at 11.30 A.M. (Technical Bid) at 3rd Floor, Collectorate Conference Hall, Angul.
3. Opening of RFP Documents: 07.04.2026 at 03.30 PM. (Financial Bid) only after Technical Bid.
4. Cost of EMD: Rs.1,50,000/- (Rupees One Lakh Fifty Thousand only)
5. Cost of Bid Documents: Rs.10,000/- (Rupees Ten Thousand) only.

OIPR-24001/24338/1/25-26/0003 Sd./- Collector & DM, Angul

---

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ଯାଜପୁର ରୋଡ୍

NO.4001/57/2526

**ସାର୍ବଜନୀନ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ଉପକେନ୍ଦ୍ର, ରାଇରଙ୍ଗପୁର ଠାରୁ ରେଲୱେ ଟ୍ରାକ୍ସନ୍ ଉପକେନ୍ଦ୍ର, ରାଇରଙ୍ଗପୁର ପର୍ଯ୍ୟନ୍ତ ୧୩୨ କେଭି ଏକକ ସର୍କିଟ୍ (୨ ଫେଜ୍) ବିଦ୍ୟୁତ୍ ସଂଚାର ଲାଇନ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଉକ୍ତ ୯.୬୫୪ କି.ମି. ଓଭରହେଡ୍ ଲାଇନ୍ ମୟୁରଭଞ୍ଜ ଜିଲ୍ଲାର ବିଜତଳା ତହସିଲ୍ ଅନ୍ତର୍ଭୁକ୍ତ ଅସନବଣୀ,ପିଠା କୁଟୁଣୀ, ନୁସା ଡ଼ିହି, ଚମ୍ପାଉଦା, ଗୋପୀନାଥପୁର, ବେଲପାହାଡି ଗ୍ରାମ ଏବଂ ରାଇରଙ୍ଗପୁର ତହସିଲ୍ ଅନ୍ତର୍ଭୁକ୍ତ ବଦରା ଓ ସାନ ଚମ୍ପାଉଦା ଗ୍ରାମ ଦେଇ ଅତିକ୍ରମ କରୁଅଛି । ଉକ୍ତ ବିଦ୍ୟୁତ୍ ଲାଇନ୍‌ରେ ତା. ୧୦.୦୩.୨୦୨୬ ରିଖ ପରେ ଯେକୌଣସି ସମୟରେ ବିଦ୍ୟୁତ୍ ସଂଚାର କରାଯିବ।

ତେଣୁ ଉପରୋକ୍ତ ଗ୍ରାମବାସୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚିତ କରାଯାଉଛି କି, ପ୍ରଚଳିତ ଭାରତୀୟ ବିଦ୍ୟୁତ ଆଇନର ଧାରା ୭୯,୮୦ ଓ ୮୨(କ) ଅନୁସାରେ ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ଘର ନିର୍ମାଣ, ଗଛ ଲଗାଇବା, ପଶୁ ବାନ୍ଧିବା, ଲମ୍ବା କାଠ/ବାଉଁଶ ଉଠାଇବା କିମ୍ବା ବିଦ୍ୟୁତ୍ ଟାୱାର ଉପରେ ଚଢିବା ଗୁରୁତର ଅପରାଧ ଓ ଦଣ୍ଡନୀୟ।

ଏଣୁ ଲାଇନ୍ ନିକଟରେ ବସବାସ ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ । କାରଣ ଏତଦ୍ୱାରା ଯଥେଷ୍ଟ ଧନ, ଜୀବନ ହାନିର ଆଶଙ୍କା ରହିଛି । ଏଣୁ ସର୍ବସାଧାରଣ ନିଜ ଧନ, ଜୀବନର ନିରାପତ୍ତା ଦୃଷ୍ଟିରୁ ଉପରୋକ୍ତ ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

FIPR-104/2025-26
ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
OIPR-4001/4011/1/25-26/0003 ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ଯାଜପୁର ରୋଡ୍
/optcl.odisha /optcl_odisha

---

**ୟୁକୋ ବ୍ୟାଙ୍କ UCO BANK**
ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର, ୨ୟ ମହଲା, ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୧୭

**ଚୁକ୍ତି ଭିତ୍ତିରେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତାମାନଙ୍କ ନିଯୁକ୍ତି**

**ୟୁକୋ ବ୍ୟାଙ୍କ,** ଭାରତ ସରକାରଙ୍କ ଏକ ଉଦ୍ୟୋଗ, ପୂର୍ବତନ-ବ୍ୟାଙ୍କର (ଅଧିକାରୀ କ୍ୟାଡର) / ଯେକୌଣସି ଜାତୀୟକରଣ ବ୍ୟାଙ୍କ/ଆର୍‌ଆର୍‌ବି/ଘରୋଇ ବ୍ୟାଙ୍କରୁ ସ୍ୱେଚ୍ଛାକୃତ ଅବସରପ୍ରାପ୍ତ ଇଚ୍ଛୁକ ପ୍ରାର୍ଥୀମାନଙ୍କ ଠାରୁ ଆମର **ଲିଡ୍ ଡିଷ୍ଟ୍ରିକ୍ଟ ଅଫିସ୍ ପୁରୀର ପୁରୀ କେନ୍ଦ୍ର** ନିମନ୍ତେ ବିତ୍ତୀୟ ସାକ୍ଷରତା ପରାମର୍ଶଦାତା ପଦବୀ ପାଇଁ ଚୁକ୍ତି ଭିତ୍ତିରେ ଆବେଦନ ପତ୍ର ଆହ୍ୱାନ କରୁଅଛି। ବିସ୍ତୃତ ବିବରଣୀ ନିମନ୍ତେ ଆମ ବ୍ୟାଙ୍କର ୱେବସାଇଟ୍: **www.ucobank.com** ଦେଖନ୍ତୁ। **ଆବେଦନ ପତ୍ର ଦାଖଲ କରିବାର ଅନ୍ତିମ ତାରିଖ : ୧୭.୦୩.୨୦୨୬। ଦରଖାସ୍ତ ଦାଖଲ କରିବାର ଠିକଣା :** ଅଞ୍ଚଳ କାର୍ଯ୍ୟାଳୟ, ଭୁବନେଶ୍ୱର, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର। **ୟୁକୋ ବ୍ୟାଙ୍କ** କୌଣସି କାରଣ ନଦର୍ଶାଇ ସମଗ୍ର ନିଯୁକ୍ତି ପ୍ରକ୍ରିୟାକୁ ବାତିଲ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ତାରିଖ: ୦୯.୦୩.୨୦୨୬ ଅଞ୍ଚଳ ପ୍ରବନ୍ଧକ, ଭୁବନେଶ୍ୱର

---

**OFFICE OF THE NOTIFIED AREA COUNCIL, SURADA**
**"e"-Procurement Notice**
Tender Reference No - SUR/EO/3-2025-26
Tender Call Notice No-332 Dt.27.02.2026

**No.13001/527/2526** : Bid documents consisting of plans, Specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in

1. Name of the works : Civil work as mentioned in website
2. No. of Works put to tender : 05 No. of work
3. Estimated Cost : **Rs.2957620/-**
4. Period of completion : **15 days**
5. Date & time of availability of Bid documents in the portal : From 14.00 hours of dt.05.03.2026 to 17.00 hours of 16.03.2026
6. Last Date/time for receipt of bids in the portal : 17.00 hours of Dt.16.03.2026
7. Bid received online shall be opened on dt.18.03.2026 at 11:00 A.M. (During the office hours)
8. Date and time of opening of bid : 11.00 hours of dt.18.03.2026
9. Name and address of the officer Inviting Bid : Executive Officer Surada NAC, Surada

Further details can be seen from the e-procurement portal https://tendersorissa.gov.in

Sd./- Executive Officer NAC, Surada, Ganjam
OIPR-13001/13132/1/25-26/0006

---

ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗନ୍ଧିପାଲ୍ଲୀ, ମାଲକାନଗିରି
**ODISHA ADARSHA VIDYALAYA GONDHIPALLY, MALKANGIRI**
DIST. : MALKANGIRI, ODISHA, PIN CODE - 764045
Advertisement No.- 02/2026, Dt : 09.03.2026

**ADVERTISEMENT FOR EMPANELMENT OF PART-TIME CONTRACTUAL TEACHERS IN SANSKRIT**

Applications from eligible candidates are invited for the empanelment of TGT-Sanskrit for different OAVs of Malkangiri district, on purely part-time contractual basis for the academic session 2026-27. Interested candidates can apply in prescribed format to this office by registered post/speed post. The last date for receiving the application forms is 23.03.2026. For details please visit the district website : www.malkangiri.odisha.gov.in and school website : https://oav.edu.in/OAVGPY published on 02.03.2026. Candidates are instructed to be present in the vidyalaya on 24.03.2026 at 10.00 AM with all their original documents for document verification. No TA/DA will be given for attending the document verification.

Sd./- NODAL PRINCIPAL
OAV, Gondhipally, Malkangiri

---

ରେଳ ମନ୍ତ୍ରାଳୟ
[ପୂର୍ବ ତଟ ରେଳପଥ (ନିର୍ମାଣ)]
ବିଜ୍ଞପ୍ତି
ଭୁବନେଶ୍ୱର, ଦିନ 24 ତମ ଫେବୃଆରୀ, 2026
**ରେଳବାଇ ଅଧିନିୟମ 1989 ର ଧାରା 20A ଅଧୀନରେ ସୂଚନା**

**କା.ଆ. 960(ଅ).-** ରେଳବାଇ (ସଂଶୋଧନ) ଅଧିନିୟମ 1989 (24/89) ବର୍ତ୍ତମାନ ଠାରୁ ଅଧିନିୟମ ଭାବେ ଅଭିହିତ ହେବ) ର ଧାରା 20A ର ଉପଧାରା (1) ର କ୍ଷମତାର ପ୍ରୟୋଗ ଅନୁସାରେ କେନ୍ଦ୍ର ସରକାର ଏହି ଯୋଜନାରେ ସନ୍ତୁଷ୍ଟ ହୋଇଛନ୍ତି ଯେ, ରେଳବାଇ(ସଂଶୋଧନ) ଅଧିନିୟମ 1989 ର ଧାରା 20A (1) ପ୍ରକାଶିତ ବିଜ୍ଞପ୍ତି ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, **"ସମ୍ବଲପୁର ସିଟି ଶେଷରୁ ସାରଳାର DN ଗ୍ରୀଡକୁ ପୃଷ୍ଠ କ୍ରସିଂ ଏଡାଇବା ପାଇଁ ଫ୍ଲାଇ ଓଭର ସଂଯୋଗ (୪.୬୭ କିଲୋମିଟର)"**ର ନିର୍ମାଣ ପ୍ରକଳ୍ପର ଯାହା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନିଷ୍ପାଦନ, ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଓ ପରିଚାଳନା ନିମନ୍ତେ କେନ୍ଦ୍ର ସରକାରଙ୍କୁ ସମସ୍ତ ପ୍ରକାରର ବାଧା/ବୋଝରୁ ମୁକ୍ତ କରାହୋଇ ନ୍ୟସ୍ତ କରା ହେବା ନିମନ୍ତେ ଉଦ୍ଦିଷ୍ଟ ଭୂମିର ଅଧିଗ୍ରହଣ ଆବଶ୍ୟକ ହୋଇଅଛି ।

ଏଣୁ ଉପରୋକ୍ତ ଉଦ୍ଦେଶ୍ୟରେ ଅଧିକରଣ ହେବାକୁ ଥିବା ଭୂମିର ସମ୍ବନ୍ଧେ ଯଦି କାହାର କୌଣସି ଆପତ୍ତି ଥାଏ ତେବେ ସେ ଉପରୋକ୍ତ ଅଧିନିୟମର ଧାରା 20D ର ଉପଧାରା (1) ଅନୁସାରେ ଏହି ଅଫିସିଆଲ ଗେଜେଟର ପ୍ରକାଶିତ ହେବାର ତାରିଖରୁ 30 ଦିନ ମଧ୍ୟରେ ନିଜ ଆପତ୍ତି ଜଣାଇ ପାରିବେ ।

ଏହି ପରି କୌଣସି ଆପତ୍ତିକୁ ଅଧିକୃତ ଅଧିକାରୀ ଅର୍ଥାତ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ, ତାଳଚେର-ସମ୍ବଲପୁର ରେଳ ଲିଙ୍କ, ଜମି ଅଧିଗ୍ରହଣ ପାଇଁ ସମ୍ବଲପୁର ଜିଲ୍ଲାର, ସମ୍ବଲପୁର ସିଟି ଶେଷରୁ ସାରଳାର DN ଗ୍ରୀଡକୁ ପୃଷ୍ଠ କ୍ରସିଂ ଏଡାଇବା ପାଇଁ ଫ୍ଲାଇ ଓଭର ସଂଯୋଗ (୪.୬୭ କିଲୋମିଟର), ଜିଲ୍ଲା - ସମ୍ବଲପୁର, ରାଜ୍ୟ – ଓଡ଼ିଶା, ଙ୍କୁ ଲିଖିତ ଭାବେ ଜଣାଇବ ତଥା ନିଜେ ବା ନିଜର କୌଣସି ଆଇନ ଗତ ସହଯୋଗୀଙ୍କ ଦ୍ୱାରା ନିଜର ଆପତ୍ତିକୁ ପ୍ରମାଣ ସହିତ ଉପସ୍ଥାପନ କରି ପାରିବେ, ଯେଉଁ ଥିରେ ପ୍ରାଧିକୃତ କର୍ତୃପକ୍ଷ ଯଦି ଅସନ୍ତୋଷ ଅନୁଭବ କରନ୍ତି ତେବେ ଆଦେଶ ଜାରି କରାଇ ଏହି ଆପତ୍ତି ଗ୍ରହଣ ଅଥବା ଅନାଗ୍ରହ କରାଇପାରିବେ ।

ଉପରୋକ୍ତ ଆଇନ ର ଧାରା 20D ର ଉପଧାରା (2) ଅନୁସାରେ ଜାରି ଆଦେଶନାମାକୁ ଚୂଡ଼ାନ୍ତ ବୋଲି ଗ୍ରହଣ କରାଯିବ। ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆଗ୍ରହୀପକ୍ଷ ଭୂମିର ପ୍ଲାନ, ଭୂମି ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ପ୍ରାପ୍ତ କରିପାରିବେ ।

**ଅନୁସୂଚୀ**

ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ ସ୍ୱତନ୍ତ୍ର ରେଳବାଇ ପ୍ରକଳ୍ପ **"ସମ୍ବଲପୁର ସିଟି ଶେଷରୁ ସାରଳାର DN ଗ୍ରୀଡକୁ ପୃଷ୍ଠ କ୍ରସିଂ ଏଡାଇବା ପାଇଁ ଫ୍ଲାଇ ଓଭର ସଂଯୋଗ (୪.୬୭ କିଲୋମିଟର)"** ର ନିର୍ମାଣ ପ୍ରକଳ୍ପ ନିମିତ୍ତଥିବା ଭୂମି ଅଧିଗ୍ରହଣ ହେବାକୁ ଥିବା ନିର୍ମାଣ ସହ କିମ୍ବା ବୀନା ନିର୍ମାଣରେ ଜମିର ସଂକ୍ଷିପ୍ତ ବିବରଣୀ ।

ଜିଲ୍ଲାର ନାମ: **ସମ୍ବଲପୁର**

| କ୍ର. ସଂ. | ଗ୍ରାମର ନାମ | ଖାତା ସଂଖ୍ୟା | ପ୍ଲଟ ନଂ | ସମୁଦାୟ କ୍ଷେତ୍ର (ଏକର) | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକର) | କିସମ | ଜମିର ପ୍ରକାର |
|---|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 | 08 |
| 1 | ସଙ୍କରମା | 81 | 79 | 10.070 | 0.610 | ଚକ | ନିଜସ୍ୱ |
| 2 | ସଙ୍କରମା | 98/1214 | 78 | 0.770 | 0.005 | ଚକ | ନିଜସ୍ୱ |
| 3 | ସଙ୍କରମା | 98/109 | 77 | 2.890 | 0.400 | ଘରବାରି | ନିଜସ୍ୱ |
| | | | ମୋଟ = | 13.730 | 1.015 | | |

PR-290/CI/25-26 ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ), ସମ୍ବଲପୁର

---

No. W-57

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ, ୨୦୨୬

## ୧୪।୦୩।୨୦୨୬ (ଦ୍ୱିତୀୟ ଶନିବାର)

### ବିଶେଷ ସୂଚନା

୧) ଅଦାଲତରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧୀନ ରହିଛି କି ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ତାହାର ପରିସମାପ୍ତି ଲୋକ ଅଦାଲତ ମାଧ୍ୟମରେ ହୋଇପାରିବ।

୨) ୧୪।୦୩।୨୦୨୬ (ଦ୍ୱିତୀୟ ଶନିବାର)ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ତଥା ପ୍ରତ୍ୟେକ ଜିଲ୍ଲାସ୍ତରୀୟ ଅଦାଲତ ଏବଂ ତାଲୁକ୍‌ସ୍ତରୀୟ ଅଦାଲତ ଓ ଅନ୍ୟ ବିଚାରବିଭାଗୀୟ ନ୍ୟାୟାଳୟ ପରିସରରେ ଏକ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି।

୩) ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ମକଦ୍ଦମା, ଯଥା ଫୌଜଦାରି (ସାଲିସ୍‌ଯୋଗ୍ୟ), ସ୍ୱୀକାରମୂଳକ ବୁଝାମଣା (ପ୍ଲି-ବାରଗେନିଂ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ସାଲିସ୍‌ଯୋଗ୍ୟ ଟ୍ରାଫିକ୍ ଚାଲାଣ, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା ଯଥା ବିଦ୍ୟୁତ୍ ଓ ଜଳ ବିଲ୍ ପୈଠ ସମ୍ବନ୍ଧୀୟ ମାମଲା (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ (ପେନ୍‌ସନ ମାମଲା ଅନ୍ତର୍ଭୁକ୍ତ), ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା (ଉଚ୍ଚତମ ନ୍ୟାୟାଳୟ, ଜିଲ୍ଲା ଅଦାଲତ ଓ ରାଜ୍ୟ/ଜିଲ୍ଲା/ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ), ବୌଦ୍ଧିକ ସମ୍ପତ୍ତି ଅଧିକାର ମାମଲା/ଖାଉଟି ବିବାଦ/ଅନ୍ୟାନ୍ୟ ବିବାଦ କୌଣସି ଅର୍ଦ୍ଧ-ନ୍ୟାୟିକ ପ୍ରାଧିକରଣ ନିକଟରେ ବିଚାରାଧୀନ ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଆପୋସ ସହମତିରେ ସମାଧାନ କରାଯାଇପାରିବ।

୪) କେବଳ ବିଚାରାଧୀନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମାସ୍ତରୀୟ (ନ୍ୟାୟାଳୟରେ ଦାୟର ହୋଇ ନ ଥିବା ମାମଲା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ବିବାଦଗୁଡ଼ିକ (ସାଲିସ୍‌ବିହୀନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ପାରିବାରିକ ବିବାଦ ଓ ଅନ୍ୟାନ୍ୟ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ।

୫) ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଡିକ୍ରିଜାରି ଯୋଗ୍ୟ।

୬) ଯଦି କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ।

୭) ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହି ସୁବର୍ଣ୍ଣ ସୁଯୋଗର ସଦୁପଯୋଗ କରନ୍ତୁ।

୮) ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ।

**ସଦସ୍ୟ ସଚିବ**
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
ଆଇନ ସେବା ଭବନ, ସେକ୍ଟର-୧, ସିଡିଏ, କଟକ
ଯୋଗାଯୋଗ:
ମୋ: ୯୪୩୮୫୭୮୫୮୬/୮୨୪୯୫୪୨୨୫୯
ଇ-ମେଲ୍: **oslsa2020@gmail.com**

OIPR-

---

ରେଳପଥ ମନ୍ତ୍ରଣାଳୟ
[ପୂର୍ବ ତଟ ରେଳପଥ]
ବିଜ୍ଞପ୍ତି
ଭୁବନେଶ୍ୱର, ୧୩ ଫେବୃୟାରୀ ୨୦୨୬
**ରେଳବାଇ ଆଇନ-୧୯୮୯ ର ଧାରା ୨୦କ ଅନୁଯାୟୀ ନୋଟିସ୍**

**ଏସ୍.ଓ. ୭୮୫ (ଇ)** - ରେଳବାଇ (ସଂଶୋଧନ) ଆଇନ, ୧୯୮୯ (୨୪/୮୯) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି)ର ଧାରା ୨୦କ ର ଉପ-ଧାରା (୧) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହେବା ପରେ ଯେ ସାଧାରଣ ଉଦ୍ଦେଶ୍ୟ ପାଇଁ ବିଶିଷ୍ଟ ରେଳ ପ୍ରକଳ୍ପ, ଯାହାର ନାମ, "ଓଡିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ଡ଼ିଭିଜନ ଅଧୀନରେ ଭଦ୍ରକ - ବିଜୟନଗରମ (୫୨୫ କି.ମି.) ମଝିରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି.ମି.) ଏବଂ ଖୋର୍ଦ୍ଧା ରୋଡ଼ - ବିଜୟନଗରମ (୩୬୩ କି.ମି.) ମଝିରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା - ଖୋର୍ଦ୍ଧା, ରାଜ୍ୟ - ଓଡିଶା ରେ ଆବଶ୍ୟକ ଜମି, ଯାହାର ସଂକ୍ଷିପ୍ତ ବର୍ଣ୍ଣନା ଏଠାରେ ସଂଲଗ୍ନ ସୂଚୀରେ ଦିଆଯାଇଛି, ଏପରି ଜମି ଅଧିଗ୍ରହଣ କରିବାର ତାଙ୍କର ଉଦ୍ଦେଶ୍ୟ ଘୋଷଣା କରନ୍ତି।

ଉକ୍ତ ଜମିରେ ଆଗ୍ରହୀ ଯେକୌଣସି ବ୍ୟକ୍ତି ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖ ରୁ ତିରିଶ ଦିନ ମଧ୍ୟରେ, ଉକ୍ତ ଆଇନ ର ଧାରା ୨୦ଘ ର ଉପ-ଧାରା (୧) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇ ପାରିବେ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ କର୍ତ୍ତୃପକ୍ଷ, ଅର୍ଥାତ୍ ଭୂମି ଅଧିଗ୍ରହଣ ଅଧିକାରୀ, ଖୋର୍ଦ୍ଧା, ରାଜ୍ୟ - ଓଡିଶାଙ୍କ ନିକଟରେ ଦାଖଲ କରାଯିବ ଯେଉଁଥିରେ ଏହାର କାରଣ ଉଲ୍ଲେଖ ରହିବ ଏବଂ ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିକର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଜୀବୀଙ୍କ ମାଧ୍ୟମରେ ଶୁଣାଣୀର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ତଦନ୍ତ କରାଯାଏ, ଯଦି ଆବଶ୍ୟକ ମନେ କରନ୍ତି, ତେବେ ନିର୍ଦ୍ଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଅନୁମତି ଦେଇପାରିବେ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ।

ଉକ୍ତ ଆଇନର ୨୦ଘ ର ଉପ-ଧାରା (୨) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ସକ୍ଷମ ଅଧିକାରୀଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଯାଞ୍ଚ କରିପାରିବେ।

**ଅନୁସୂଚୀ**

"ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ଏବଂ ୱାଲ୍ଟିୟର ଡ଼ିଭିଜନ୍ ଅଧୀନରେ ଭଦ୍ରକ - ବିଜୟନଗରମ (୫୨୫ କି.ମି.) ମଝିରେ ସ୍ୱୀକୃତ ତୃତୀୟ ରେଳପଥ ପ୍ରକଳ୍ପ ଅନ୍ତର୍ଭୁକ୍ତ ନିର୍ଗୁଣ୍ଡୀ - ବାରଙ୍ଗ (୨୨ କି.ମି.) ଏବଂ ଖୋର୍ଦ୍ଧା ରୋଡ଼ - ବିଜୟନଗରମ (୩୬୩ କି.ମି.) ମଝିରେ ତୃତୀୟ ରେଳପଥ ନିର୍ମାଣ" ନାମକ ବିଶିଷ୍ଟ ରେଳ ପ୍ରକଳ୍ପ ପାଇଁ ଜିଲ୍ଲା - ଖୋର୍ଦ୍ଧା, ରାଜ୍ୟ - ଓଡିଶାରେ ଆବଶ୍ୟକ ଜମି, ନିର୍ମାଣ ସହିତ କିମ୍ବା ବିନା ନିର୍ମାଣରେ, ଅଧିଗ୍ରହଣ କରିବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା (ପରିଶିଷ୍ଟ-୧) ଏଠାରେ ସଂଲଗ୍ନ।

**ପରିଶିଷ୍ଟ-୧**

| କ୍ର. ସଂ. | ମୌଜା ନାମ | ଖାତା ସଂଖ୍ୟା | ପ୍ଲଟ ସଂଖ୍ୟା | ଜମିର କିସମ | ଚକ ସଂଖ୍ୟା | ରକବା କ୍ଷେତ୍ର (ଏକର) | ଅଧିଗ୍ରହଣ କ୍ଷେତ୍ର (ଏକର) | ଜମିର ପ୍ରକାର |
|---|---|---|---|---|---|---|---|---|
| ୧ | ଗୋପୀନାଥପୁର | ୩୩୭ | ୮୯୬ | ଚକ | ୩୨୨ | ୦.୧୨୦ | ୦.୧୨୦ | ବ୍ୟକ୍ତିଗତ |
| ୨ | ଗୋପୀନାଥପୁର | ୮୦ | ୮୯୭ | ଚକ | ୩୨୩ | ୦.୧୮୨ | ୦.୦୯୦ | ବ୍ୟକ୍ତିଗତ |
| ୩ | ଗୋପୀନାଥପୁର | ୩୩୭ | ୮୯୮ | ଚକ | ୩୨୪ | ୦.୧୪୦ | ୦.୧୨୧ | ବ୍ୟକ୍ତିଗତ |
| | | | | | ମୋଟ | ୦.୪୪୨ | ୦.୩୩୧ | |
| ୪ | କୋଟରୀ | ୧୦୩ | ୧୦୧୯ | ଚକ | ୩୪୯ | ୦.୮୦୨ | ୦.୦୧୬ | ବ୍ୟକ୍ତିଗତ |
| | | | | | ମୋଟ | ୦.୮୦୨ | ୦.୦୧୬ | |
| ୫ | ବିସୁନଡ଼ିହି | ୧୪୪ | ୯୬୬ | ଶାରଦ ଦୁଇ | | ୦.୦୭୩ | ୦.୦୬୬ | ବ୍ୟକ୍ତିଗତ |
| ୬ | ବିସୁନଡ଼ିହି | ୧୮୦ | ୯୬୭ | ଚକ | ୪୪୮ | ୦.୩୦୫ | ୦.୧୪୫ | ବ୍ୟକ୍ତିଗତ |
| ୭ | ବିସୁନଡ଼ିହି | ୧୨୮/୧୦୬ | ୯୬୮ | ଚକ | ୪୪୯ | ୦.୧୩୫ | ୦.୦୧୧ | ବ୍ୟକ୍ତିଗତ |
| ୮ | ବିସୁନଡ଼ିହି | ୪୧୪/୯୫ | ୯୬୯ | ଚକ | ୪୫୦ | ୦.୪୬୨ | ୦.୨୪୫ | ବ୍ୟକ୍ତିଗତ |
| ୯ | ବିସୁନଡ଼ିହି | ୭୭ | ୯୭୦ | ଚକ | ୪୫୧ | ୦.୧୩୩ | ୦.୧୨୯ | ବ୍ୟକ୍ତିଗତ |
| ୧୦ | ବିସୁନଡ଼ିହି | ୩୧୨ | ୯୭୧ | ଚକ | ୪୫୨ | ୦.୩୩୭ | ୦.୦୧୮ | ବ୍ୟକ୍ତିଗତ |
| | | | | | ମୋଟ | ୧.୪୪୫ | ୦.୬୧୪ | |

**ଗ୍ରାମ ଅନୁଯାୟୀ ସାରାଂଶ**

| କ୍ର. ସଂ. | ଗାଁ ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) | ମୋଟ ପ୍ଲଟ ସଂଖ୍ୟା |
|---|---|---|---|
| ୧ | ଗୋପୀନାଥପୁର | ୦.୩୩୧ | ୩ |
| ୨ | କୋଟରୀ | ୦.୦୧୬ | ୧ |
| ୩ | ବିସୁନଡ଼ିହି | ୦.୬୧୪ | ୬ |
| | ମୋଟ = | ୦.୯୬୧ | ୧୦ |

ଉପ ମୁଖ୍ୟ ଯନ୍ତ୍ରୀ (ନିର୍ମାଣ-III),
ପୂର୍ବ ତଟ ରେଳପଥ, ଭୁବନେଶ୍ୱର

PR-294/CI/25-26

# ମତାନ୍ତରରୁ ମଧୁର ସମ୍ପର୍କ



ଦାମ୍ପତ୍ୟରେ ପ୍ରେମର ଭାବକୁ ଅଧିକ ଦୃଢ଼ କରିବାକୁ ହେଲେ ଖାଲି ଯେ ମଧୁର କଥାବାର୍ତ୍ତା କରିବାକୁ ହୁଏ ତାହା ନୁହେଁ। ପରସ୍ପର ପାଦ ମିଳାଇ ଆଗକୁ ଯିବାବେଳେ କେବେ କେବେ ତ ଝୁଣ୍ଟିବାକୁ ହୁଏ। ତେଣୁ କଥାବାର୍ତ୍ତା ଭିତରେ ମତାନ୍ତର ମନାନ୍ତର ତ ସାଧାରଣ କଥା। ଆଉ ଏଥିପାଇଁ ପତ୍ନୀପତିଙ୍କ ଭିତରେ ଅନେକ ସମୟରେ କଥା କଟାକଟି ବି ହୁଏ। ଏକଥା କେହି ବି ଅସ୍ୱୀକାର କରିପାରିବେ ନାହିଁ। ହେଲେ ଏଥିପାଇଁ କେବେ ସମ୍ପର୍କ ଭାଙ୍ଗିଯାଏ ନାହିଁ, ବରଂ ଆହୁରି ଦୃଢ଼ ହୁଏ। ଏମିତିକି ମତାନ୍ତର ହେବା ପରେ ସମ୍ପର୍କ ଅଧିକ ନିବିଡ଼ ହୁଏ। ତେଣୁ ଦାମ୍ପତ୍ୟରେ ଏମିତି ଛୋଟମୋଟ କଳିଝଗଡ଼ାକୁ ସକାରାତ୍ମକ ଢଙ୍ଗରେ ନେବା ଦରକାର।

**ବୁଝାମଣା ଠିକ୍ କରେ:** ପତ୍ନୀପତିଙ୍କ ମଧ୍ୟରେ ସମ୍ପର୍କ ମଜଭୁତ କରିବାକୁ ହେଲେ ମତାନ୍ତରର ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶୁଣିବାକୁ ହୁଏତ ଅଜବ ଲାଗିପାରେ, କିନ୍ତୁ ଏହାର ଅନେକ ସକାରାତ୍ମକ ପ୍ରଭାବ ବି ରହିଛି। କାରଣ ଉଭୟଙ୍କ ମଧ୍ୟରେ କୌଣସି ପ୍ରସଙ୍ଗରେ ମତାନ୍ତର ହେବା ପରେ ପରସ୍ପର ମନ ଭିତରେ ଥିବା ଥିବା ଦ୍ୱନ୍ଦ୍ୱ ସବୁ ବାହାରି ଆସେ। ଫଳରେ ଉଭୟ କ'ଣ ଚାହୁଁଛନ୍ତି ପରସ୍ପର ଜାଣି ପାରିଥାନ୍ତି। ଆଉ ଅନେକ ସମୟରେ ପ୍ରକୃତ ସତ୍ୟ ଘଟଣା ବି ସାମ୍ନାକୁ ଆସେ। ଏମିତି ଭାବରେ ଆକ୍ଷେପ ପ୍ରତି ଆକ୍ଷେପ ଭିତରେ ଅନେକ ସମସ୍ୟା ସମାଧାନର ରାସ୍ତା ବାହାରିଥାଏ। ତେଣୁ ପରସ୍ପର ଭିତରେ ବୁଝାମଣା ଠିକ୍ ହୋଇଯାଏ। ଆଉ ତା'ପରେ ସେମାନେ ପରସ୍ପର ପ୍ରତି ଥିବା ସବୁ ଅଭିଯୋଗକୁ ମଧ ଭୁଲିଯାନ୍ତି। ଫଳରେ ମାନ ଅଭିମାନ ସବୁ ଶେଷ ହୋଇଯିବା ପରେ ଭଲପାଇବା ବଢ଼ିଯାଇଥାଏ।

**ଅନୁତାପରୁ ପ୍ରେମ:** ପରସ୍ପର ମତାନ୍ତର ଭିତରେ ହୁଏତ ଅନେକ ସମୟରେ ଜଣଙ୍କର ଅନ୍ୟଜଣଙ୍କ ପ୍ରତି କଟୁକଥା ବି ବାହାରି ଆସେ। କିନ୍ତୁ କଥା ସମାଧାନ ହୋଇସାରିବା ପରେ ସେହି କଥା ଭାବି ଅନୁତାପ ହୁଏ। ମନର ଏହି ଅବସ୍ଥାରେ ସାଥୀଙ୍କ ପ୍ରତି ପ୍ରେମ ଭାବ ବଢ଼ିଯାଏ। ତେଣୁ ପରୋକ୍ଷରେ ହେଲେ ବି ଝଗଡ଼ା ହେବା ପରେ ସମ୍ପର୍କ ଦୃଢ଼ ହୋଇଥାଏ।

**ସକାରାତ୍ମକ ମନୋଭାବ:** କାହା ସହ ବି ଅଧିକ ଦିନ ରହିବା ଫଳରେ କେବେ କେବେ ମତଭେଦ ହେବା ତ ସ୍ୱାଭାବିକ କଥା। ଦୁଇଜଣଙ୍କର ଅନୁଭବ, ଚିନ୍ତାଧାରା ଓ ଦୃଷ୍ଟିକୋଣ ସବୁବେଳେ ସମାନ ହୋଇ ନ ପାରେ। ତେଣୁ କେବେ କେବେ କୌଣସି କଥାରେ ଯୁକ୍ତିତର୍କ ହୋଇଯାଏ। ତେବେ ପରସ୍ପରକୁ ଭଲ ପାଉଥିବା ଦମ୍ପତି କେହି ବି ଜାଣି ଜାଣି ଯୁକ୍ତିତର୍କ କରି ଅଶାନ୍ତି ସୃଷ୍ଟି କରିବାକୁ ଚାହିଁ ନ ଥାନ୍ତି। ମାତ୍ର ପରିସ୍ଥିତି ସେଭଳି ହେବା ଫଳରେ ଉଭୟେ ପରସ୍ପରକୁ ଆକ୍ଷେପ କରନ୍ତି। ହେଲେ କିଛି ସମୟ ଏଭଳି ପାଟିତୁଣ୍ଡ ହେବା ପରେ ସମସ୍ୟା ସମାଧାନ ହୋଇଯାଏ। ଆଉ ପରିସ୍ଥିତି ଶାନ୍ତହେବା ପରେ ମନ ବି ବଦଳିଯାଏ। ସାଥୀଙ୍କ ବିଷୟରେ ନୂଆ କଥା ଜାଣିବାକୁ ସମର୍ଥ



ହୋଇପାରିବେ। ତାଙ୍କର କହିବା ଶୈଳୀ, ତାଙ୍କ ଭାବନା ଓ ମନ କଥା ବୁଝିବାର ସୁଯୋଗ ମିଳିପାରିବ। ଏସବୁ ପରେ କେତେକ ଦିଗକୁ ନେଇ ସଚେତନ ରହିବାକୁ ହେବ।

➔ମତାନ୍ତର ହେବା ଦାମ୍ପତ୍ୟର ଏକ ପ୍ରମୁଖ ଅଂଶ, ଏକଥାକୁ ଅସ୍ୱୀକାର କରିହେବନାହିଁ। ହେଲେ ଏହା ଏକ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ରହିବା ଦରକାର। ଅନ୍ୟକୁ ଅତ୍ୟନ୍ତ ବାଧିବା ଭଳି କୌଣସି ବ୍ୟବହାର କରିବା ଠିକ୍ ନୁହେଁ।

➔ମନକୁ କ୍ରୋଧ ଆସିଲେ ବି ନିଜ ଉପରେ ନିୟନ୍ତ୍ରଣ ହରାନ୍ତୁ ନାହିଁ। ଆକ୍ଷେପ କରିବା ସମୟରେ ସେଭଳି ଶବ୍ଦ ପ୍ରୟୋଗ କରନ୍ତୁ ନାହିଁ ଯାହା ନିଜ ଚରିତ୍ରର ବିରୁଦ୍ଧାଚରଣ କରୁଥିବ। ତେଣୁ ଝଗଡ଼ା କରିବା ସମୟରେ ଖରାପ ଶବ୍ଦ





ବ୍ୟବହାର କରନ୍ତୁ ନାହିଁ।

➔ସାଥୀଙ୍କ ଦୃଷ୍ଟିକୋଣ ପ୍ରତି ଧ୍ୟାନ ଦିଅନ୍ତୁ। ଯଦି କୌଣସି କଥାର ବିରୋଧ କରୁଛନ୍ତି ତେବେ କେବଳ ନିଜ କଥା ଭାବନ୍ତୁ ନାହିଁ। ସାଥୀଙ୍କ ଭାବନାକୁ ମଧ ବୁଝିବାକୁ ଚେଷ୍ଟା କରନ୍ତୁ।

➔ଯୁକ୍ତିତର୍କ ସମୟରେ ଖୋଲାମନରେ କଥା ଶୁଣନ୍ତୁ ଓ ଗ୍ରହଣ କରିବାର ମାନସିକତା ରଖନ୍ତୁ। କେବଳ ନିଜ କଥାକୁ ଯୁକ୍ତିଯୁକ୍ତ ପ୍ରମାଣ କରିବାକୁ ଗଲେ ସମ୍ପର୍କ ଖରାପ ହୋଇପାରେ। ତେଣୁ ପ୍ରକୃତ ଘଟଣାକୁ ବୁଝନ୍ତୁ ଓ ସାଥୀଙ୍କ କଥା ଗ୍ରହଣ କରନ୍ତୁ।

**ସଚେତନତା ବି ଜରୁରୀ:** ବାରମ୍ବାର ମତାନ୍ତର ହେବା ଫଳରେ ବେଳେବେଳେ ସମ୍ପର୍କ ଖରାପ ହେବାକୁ ଲାଗେ। ତେଣୁ ଏଭଳି ପରିସ୍ଥିତି ଯେପରି ନ ଆସିବ ସେଥିପ୍ରତି ସଚେତନ ରହିବାକୁ ହେବ। ଏଥିପାଇଁ କ'ଣ କରିବେ ଜାଣନ୍ତୁ ସେସମ୍ପର୍କରେ...

– କୌଣସି କଥାରେ ଯଦି ଝଗଡ଼ା ଅଧିକ ହୁଏ ତା'ହେଲେ ନିଜେ ପ୍ରଥମେ 'ସରି' କୁହନ୍ତୁ। ଏଇ ଛୋଟିଆ ଶବ୍ଦଟି କହିଲେ ଆପଣ ଛୋଟ ହୋଇଯିବେ ନାହିଁ, କିନ୍ତୁ ଅନେକ ସମସ୍ୟା ସମାଧାନ ହୋଇଯିବ। ନିଜ ଭୁଲ୍ ଗ୍ରହଣ ନ କଲେ ଝଗଡ଼ା ବଢ଼ି ଚାଲିଥିବ। ତେଣୁ ଭୁଲ୍ ସ୍ୱୀକାରକରି ଶାନ୍ତିପୂର୍ଣ୍ଣ ସମାଧାନ କରନ୍ତୁ।

– ଝଗଡ଼ା କମ୍ କରିବା ପାଇଁ ପରସ୍ପରକୁ ପ୍ରେମ ନିବେଦନ କରନ୍ତୁ। ଏପରି କିଛି ମଧୁର କଥା କହି ପରିବେଶକୁ ହାଲ୍କା କରନ୍ତୁ। ଝଗଡ଼ା ବନ୍ଦ କରିବାର ସବୁଠୁ ଭଲ ଉପାୟ ହେଉଛି ସାଥୀଙ୍କ କଥାକୁ ସମର୍ଥନ କରନ୍ତୁ ଓ ପ୍ରଶଂସା କରନ୍ତୁ।

– ଝଗଡ଼ା ଶେଷ କରିବାକୁ ହେଲେ ନିଜ ଭୁଲ୍ ସୁଧାରିବା ପାଇଁ ଚେଷ୍ଟା କରନ୍ତୁ ଓ ପରସ୍ପର ଏକାଠି ଅଧିକ ସମୟ କଟାନ୍ତୁ। କିଛି ସମୟ ପରେ ମନୋମାଳିନ୍ୟ ଦୂର ହୋଇଯିବ।

– ଝଗଡ଼ା କରିବା ପରେ ଯଦି ଅତ୍ୟଧିକ କ୍ରୋଧ ଆସୁଛି ତେବେ ପରସ୍ପରକୁ କିଛି ସମୟ ଦିଅନ୍ତୁ। ନିଜେ ଏକୁଟିଆ କିଛି ସମୟ ଏକାନ୍ତରେ ବସି ମନକୁ ଶାନ୍ତ କରିବାକୁ ଚେଷ୍ଟା କରନ୍ତୁ।

– ଧୈର୍ଯ୍ୟର ସହ ଶୁଣନ୍ତୁ। ଝଗଡ଼ା କମ୍ କରିବା ପାଇଁ ସାଥୀ କ'ଣ କହୁଛନ୍ତି ସେକଥା ଶୁଣି ବୁଝିବାକୁ ଚେଷ୍ଟା କରନ୍ତୁ।

**ଦାମ୍ପତ୍ୟରେ ସବୁବେଳେ ଯେ ପ୍ରେମର ଫଲ୍ଗୁ ବହିବ ସେମିତି ନିର୍ଦ୍ଦିଷ୍ଟ ନ ଥାଏ। ବିଭିନ୍ନ ସମୟରେ ପରସ୍ପର ଭିତରେ ମତାନ୍ତର ବି ହୁଏ। ଆଉ ଏମିତି ଛୋଟ ମୋଟ କଥାରେ ଯୁକ୍ତିତର୍କ ଅନେକ ସମୟରେ ସମ୍ପର୍କକୁ ଆହୁରି ନିବିଡ଼ କରିଦିଏ..**

## ପିଲାଙ୍କୁ ଦିଅନ୍ତୁ ଗାଇଡ୍‌ଲାଇନ

କେତେକ ଅଭିଭାବକ ଏପରି ଥାନ୍ତି ଯେଉଁମାନେ ପିଲାଙ୍କର ସବୁ କଥାକୁ ଗ୍ରହଣ କରି ସେହି ଅନୁସାରେ ସବୁ ଆବଶ୍ୟକତା ପୂରଣ କରିଦିଅନ୍ତି। ଏଭଳି କରି ସେମାନେ ପିଲାଙ୍କୁ ଅଧିକ ଭଲ ପାଉଛନ୍ତି ବୋଲି ଦର୍ଶାଇଥାନ୍ତି। ହେଲେ ଏ କ୍ଷେତ୍ରରେ ପିଲାମାନେ ଅନୁଶାସନ ଓ ଶୃଙ୍ଖଳାର ମୂଲ୍ୟ ବୁଝିପାରନ୍ତି ନାହିଁ। ଏହା ସହ ସେମାନେ ଭବିଷ୍ୟତରେ ଦାୟିତ୍ୱଶୂନ୍ୟ ହେବା ସହ ଭାବନାତ୍ମକ ସମ୍ପର୍କ ଠାରୁ ଦୂରେଇଯାନ୍ତି।

ପିଲାଙ୍କୁ ଦୁନିଆର ସବୁ ଖୁସି ଦେବାପାଇଁ ଚାହାନ୍ତି ଅଭିଭାବକ। ଏହି ଭାବନା ପାଇଁ ବେଳେବେଳେ ପିଲାମାନଙ୍କର ସବୁ ଜିଦ୍ ପୂରା କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏହି ପଦକ୍ଷେପ ଫଳରେ ପିଲାଙ୍କ ଭବିଷ୍ୟତ ଓ ଚରିତ୍ର ଗଠନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

ଅଭିଭାବକଙ୍କ ଏହି ନିଷ୍ପତ୍ତି ପିଲାଙ୍କୁ ଅଧିକ ସ୍ୱାଧୀନତା ଦେଇଥାଏ। ସେମାନଙ୍କର ସବୁ ଆବଶ୍ୟକତା ପୂରଣ ହୋଇଯିବା ଦ୍ୱାରା ସେମାନେ ଅନୁଶାସନର ଅର୍ଥ ବୁଝିପାରନ୍ତି ନାହିଁ। ତେଣୁ ସେମାନଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପଡ଼େ ଓ ସେମାନଙ୍କର ଭବିଷ୍ୟତ ବିକାଶରେ ବାଧା ସୃଷ୍ଟି ହୁଏ।

ମାଗିବା ମାତ୍ରେ ସବୁ ଜିନିଷ ମିଳିଯିବା ଫଳରେ ପିଲାମାନେ ପରିଶ୍ରମ, ଧୈର୍ଯ୍ୟ ଓ ସନ୍ତୁଷ୍ଟ ରହିବା ଭାବନାକୁ ବୁଝିପାରନ୍ତି ନାହିଁ। ତେଣୁ ଅଭିଭାବକମାନେ ପିଲାଙ୍କର ସବୁ ଆବଶ୍ୟକତା ସଙ୍ଗେ ସଙ୍ଗେ ପୂରା କରିବା ବଦଳରେ ନା କହିବା ମଧ ଦରକାର।

ପିଲାଙ୍କର ଆବଶ୍ୟକତା ପୂରା କରିବା ସହ ସେମାନଙ୍କୁ ଅନୁଶାସନ ମଧ ଶିଖାଇବା ଦରକାର।

ପିଲାଙ୍କୁ ସ୍ନେହ କରନ୍ତୁ ହେଲେ ଏକ ସୀମା ସ୍ଥିର କରନ୍ତୁ। କେତେବେଳେ କେଉଁ ସବୁ କାମ କରିବେ ସେନେଇ ପିଲାଙ୍କୁ ଗାଇଡ୍‌ଲାଇନ ଦିଅନ୍ତୁ।



## ଟ୍ରାଞ୍ଜିଶନାଲ ଫ୍ୟାଶନ

**ଏବେ ଅଧିକ ଗରମ ହେଉନାହିଁ କି ବେଶି ଥଣ୍ଡା ମଧ ଅନୁଭୂତ ହେଉ ନାହିଁ। ତେଣୁ ଏହି ସମୟରେ କିଭଳି ଫ୍ୟାଶନ ଆପଣାଇବେ ଜାଣନ୍ତୁ ସେସମ୍ପର୍କରେ...**

➤ଏଭଳି ପୋଷାକ ଚୟନ କରନ୍ତୁ ଯାହା ଉଭୟ ଷ୍ଟାଇଲିଶ୍ ଓ ଆରାମଦାୟକ ହୋଇପାରିବ। କାରଣ ଏହି ସମୟରେ ଶୀତ କମ୍ ଓ ଗରମ ମଧ କମ୍ ଅନୁଭୂତ ହେଉଛି। ତେଣୁ ସେହି ଅନୁସାରେ ଉପଯୁକ୍ତ ଫାବ୍ରିକ ଚୟନ କରନ୍ତୁ। ଏହି ଋତୁରେ ଟ୍ରାଞ୍ଜିଶନାଲ ଫ୍ୟାଶନ ଅଧିକ ଭଲ ଲାଗିବ।

➤ଏହି ଋତୁରେ ଲେୟରିଂ ସବୁଠାରୁ ଭଲ ବିକଳ୍ପ ହୋଇପାରିବ। ହାଲ୍କା ଟି–ଶାର୍ଟ ଓ ଟପ୍ ଉପରେ ଡେନିମ୍ ଜ୍ୟାକେଟ୍, ଶ୍ରଗ ମଧ ପିନ୍ଧିପାରିବେ। ଏହା ଆପଣଙ୍କୁ ଅଧିକ ଷ୍ଟାଇଲିଶ୍ ଲୁକ୍ ଦେଇପାରିବ।

➤ପାଣିପାଗ ବଦଳୁଥିବାରୁ ଏହି ଋତୁରେ ଉଲେନ୍ ପୋଷାକ ପିନ୍ଧି ହେବନାହିଁ କିମ୍ବା ଅତ୍ୟଧିକ ପତଳା ପୋଷାକ ମଧ ପିନ୍ଧି ହେବନାହିଁ। ତେଣୁ କଟନ ବ୍ଲେଣ୍ଡ, ଲିନେନ୍ ଲାଇଟ୍ ନେଟ୍ ଫାବ୍ରିକ୍ ମଧ ଆପଣାଇପାରିବେ।



➤ଅତ୍ୟଧିକ ବ୍ରାଇଟ୍ କିମ୍ବା ଡାର୍କ କଲର ମଧ ଏହି ସମୟରେ ପିନ୍ଧିପାରିବେ ନାହିଁ। ତେଣୁ ସଫ୍ଟ ଓ ନ୍ୟୁଟ୍ରଲ କଲର ଏହି ଋତୁରେ ଏକ ସୁନ୍ଦର ବିକଳ୍ପ ହୋଇପାରିବ। ଏହା ଏକ ଫ୍ରେଶ୍ ଓ ଏଲିଗାଣ୍ଟ ଲୁକ୍ ଦେଇପାରିବ।

➤ଜିନ୍ସର ଫ୍ୟାଶନ ସବୁ ସମୟରେ ରହିଛି। ତେଣୁ ଏହି ଋତୁରେ ବି ଆପଣ ଜିନ୍ସ ସହିତ ବିଭିନ୍ନ ଟି–ସାର୍ଟ ଓ କୁର୍ତ୍ତା ପିନ୍ଧିପାରିବେ।

➤ଫୁଲ୍ ସ୍ଲିଭ୍ ଓ ଥ୍ରୀ–ଫୋର୍ଥ ଆଉଟଫିଟ୍ ମଧ ଭଲ ଲାଗିବ।

ଖାଦ୍ୟରୁଚି

## ଆଳୁ ପୁରି

**ଆବଶ୍ୟକ ସାମଗ୍ରୀ:** ଅଟା ୨ କପ୍, ଆଳୁ ୨ରୁ ୩ଟି, ଗୋଲମରିଚ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆଳୁକୁ ସିଝାଇ ରଖନ୍ତୁ। ଏହାପରେ ଅଟା ସହ ସିଝା ଆଳୁ, ବ୍ଲାକ୍ ସଲ୍ଟ, ଗୋଲମରିଚ ଗୁଣ୍ଡ ଓ ଧନିଆପତ୍ର ମିଶାଇ ଚକଟି ଦିଅନ୍ତୁ। ଅଟା ଚକଟାକୁ ନରମକରି ଚକଟି ଦିଅନ୍ତୁ। ଏହା ପରେ ଛୋଟ ଛୋଟ ଗୁଳା କରି ରଖନ୍ତୁ। ପୁରି ଭଳି ଏହାକୁ ବେଲନ୍ତୁ। ତେବେ ଏହାକୁ ଅଧିକ ପତଳା କରନ୍ତୁ ନାହିଁ ବରଂ ଟିକେ ମୋଟା ରଖନ୍ତୁ। ଏବେ ତାୱା ଗରମକରି ଏହି ପୁରିକୁ ସେକି ଦିଅନ୍ତୁ। ପରଟା ସେକିବା ଭଳି ଏଥିରେ ତେଲ କିମ୍ବା ଘିଅ ପକାନ୍ତୁ। ଦୁଇପଟକୁ ହାଲ୍କା ଭାବରେ ସେକି ରଖନ୍ତୁ। ଆବଶ୍ୟକଠାରୁ ଅଧିକ ତେଲ ପକାନ୍ତୁ ନାହିଁ। ଦୁଇପଟକୁ ଭଲଭାବରେ ସେକି ଦିଅନ୍ତୁ। ଏହିପରି ଭାବରେ ସବୁ ପୁରିକୁ ହାଲ୍କା ତେଲ ଦେଇ ତାୱାରେ ସେକି ରଖନ୍ତୁ। ଯେକୌଣସି ଚଟଣି ସହ ଏହାକୁ ଗରମ ଗରମ ଖାଆନ୍ତୁ।



ସୌନ୍ଦର୍ଯ୍ୟ

## ଗ୍ଲୋଇଂ ସ୍କିନ୍ ପାଇଁ ଗୁଜୁରାତି

**ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ତେବେ ଆଜି ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାରକରି କିପରିଭାବେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ...**

ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାରକଲେ ତ୍ୱଚାକୁ ପୋଷଣ ମିଳିବା ସହିତ ବ୍ରଣ ଓ ଟାନିଂ ଭଳି ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

**ଗୁଜୁରାତି ଓ ଗୋଲାପ ଜଳ**

ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ବାହାରକରି ଗୁଣ୍ଡ କରିନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛି ଦିଅନ୍ତୁ।

**ଗୁଜୁରାତି ଓ ମହୁ**

ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଲଗାନ୍ତୁ। ଗୁଜୁରାତି ଗୁଣ୍ଡକୁ ମହୁ ସହିତ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।



**ଗୁଜୁରାତି ଓ କ୍ଷୀର**

ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୫–୨୦ ମିନିଟ୍ ରଖିବା ପରେ ଧୀରେ ଧୀରେ ମସାଜ୍ କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ ପରେ ଦୁଇ କିମ୍ବା ୩ଥର ଏହି ପ୍ୟାକ୍ ଲଗାଇପାରିବେ।






# ପ୍ରଧାନ ଶିକ୍ଷକ ନିଲମ୍ବିତ

## ଶିକ୍ଷୟିତ୍ରୀଙ୍କୁ ଅସୌଜନ୍ୟ ବ୍ୟବହାର ଘଟଣା

ହାଟଡିହୀ,୯।୩(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ଶିକ୍ଷା ଜିଲାର ମିଠିଗାଁ ଉପ୍ରା ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିବା ମହଙ୍ଗା ପଡ଼ିଛି। ଏ ନେଇ ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

ସୂଚନାଯୋଗ୍ୟ, ଗତ ଶନିବାର ବିଦ୍ୟାଳୟ ଛୁଟି ହେବା ପରେ ଏକୁଟିଆର ସୁଯୋଗ ନେଇ ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ଜଣେ ଶିକ୍ଷୟିତ୍ରୀଙ୍କୁ ଅସୌଜନ୍ୟ ବ୍ୟବହାର ପ୍ରଦର୍ଶନ କରିଥିଲେ। ଅଭିଯୋଗ ହେବା ପରେ ହାଟଡ଼ିହୀ ବିଇଓ ରାଜୀବ ଦଳେଇ ଆଇସିସି (ଇଣ୍ଟରନାଲ କମ୍ପ୍ଲାଣ୍ଟ କମିଟି) ଜରିଆରେ ତଦନ୍ତ ରିପୋର୍ଟ ମଗାଇଥିଲେ। ଅପରପକ୍ଷେ ଘଟଣା ସମ୍ପର୍କରେ ବିଦ୍ୟାଳୟ କମିଟି ଏବଂ ଗ୍ରାମର ବରିଷ୍ଠ ବ୍ୟକ୍ତିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଲୋଚନା ଚାଲୁଥିବା ବେଳେ ଶିକ୍ଷୟିତ୍ରୀ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଜୋତାରେ ପିଟିଥିଲେ। ସୋମବାର ହାଟଡ଼ିହୀ ବିଇଓ ପ୍ରଧାନଶିକ୍ଷକଙ୍କୁ ସସ୍‌ପେଣ୍ଡ (ଚିଠି ନମ୍ବର ୭୩୬/୭ ମାର୍ଚ୍ଚ ୨୦୨୬)କରିଥିବା ସୂଚନା ମିଳିଛି।

# ସ୍ୱାମୀଙ୍କ ମୃତଦେହ ଜଗିରହିଛନ୍ତି ସ୍ତ୍ରୀ

## ଏନ୍‌ଆଇଟିର ପୂର୍ବତନ ପ୍ରଫେସରଙ୍କ ମୃତ୍ୟୁ

ରାଉରକେଲା,୯।୩(ସଙ୍ଗୀତା ଜେନା)

ରାଉରକେଲା ଏନ୍‌ଆଇଟିର ଜଣେ ପୂର୍ବତନ ପ୍ରଫେସରଙ୍କ ମୃତଦେହ ଝିରପାଣି ଥାନା ଅନ୍ତର୍ଗତ ଜଗଦାସ୍ଥିତ ବାସଭବନରେ ପଡିରହିଛି। ମୃତକ ହେଲେ ଏନ୍‌ଆଇଟି କମ୍ପ୍ୟୁଟର ବିଭାଗର ପ୍ରାକ୍ତନ ପ୍ରଫେସର ରଜନୀକାନ୍ତ ଛୋଟରାୟ। ମୃତଦେହକୁ ତାଙ୍କ ସ୍ତ୍ରୀ ଜଗି ରହିଛନ୍ତି। ଝିଅପୁଅ ବାହାରେ ରହୁଛନ୍ତି। ସେମାନେ ଆସିଲେ ମୃତଦେହ ସଂସ୍କାର କରାଯିବ ବୋଲି ପୋଲିସ କହିଛି। ତେବେ ଖବର ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ମୃତଦେହ ଜବତ ହୋଇ ନ ଥିବା ଜଣାପଡ଼ିଛି।

ମୃତକଙ୍କ ସ୍ତ୍ରୀ ଅନୁପମା ଛୋଟରାୟଙ୍କ କହିବା ଅନୁସାରେ, ସେ ଓ ତାଙ୍କ ସ୍ୱାମୀ ଜଗଦାର ଜେଇ-୯୪ରେ ରହୁଥିଲେ। ଗତ ୩ତାରିଖରେ ସ୍ୱାମୀ ରଜନୀକାନ୍ତ ଓ ଅନୁପମା ଚେନ୍ନାଇରୁ ଝିଅ ନିକଟରୁ ଫେରିଥିଲେ। ଫ୍ଲାଇଟ୍ ଟିକେଟ୍ ନ ମିଳିବାରୁ ବାଧ୍ୟ ହୋଇ ଉଭୟ ଟ୍ରେନରେ ଭୁବନେଶ୍ୱର ଓ ପରେ ରାଉରକେଲାରେ ପହଞ୍ଚିଥିଲେ। ଉକ୍ତ ଦମ୍ପତି ଆଜ୍‌ମା ରୋଗୀ ଥିବାରୁ ପ୍ରାୟ ୩ ଦିନ ତଳେ ଉଭୟଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା। ଏପରିକି ସେମାନେ ଘରେ ଖାଇବା ତିଆରି କରିପାରି ନ ଥିଲେ କି ହୋଟେଲରୁ ମଧ୍ୟ ଖାଦ୍ୟ ଆଣିପାରି ନ ଥିଲେ। ତେଣୁ ଉଭୟ ଉପାସରେ ରହିଥିଲେ। ହେଲେ ରବିବାର ସନ୍ଧ୍ୟାରେ ଅନୁପମା ସ୍ୱାମୀଙ୍କୁ ଡାକିବା ପାଇଁ ଘର ଉପର ମହଲାକୁ ଯାଇଥିଲେ। ସେତେବେଳେ ତାଙ୍କ ଦେହରୁ ରକ୍ତସ୍ରାବ ହେଉଥିବା ଦେଖି ସେ ଭୟରେ ତଳକୁ ଚାଲିଆସିଥିଲେ ଏବଂ ପୁଅକୁ ଫୋନ୍ କରି ଜଣାଇଥିଲେ ବୋଲି ସେ କହିଛନ୍ତି। ଏ ନେଇ ଥାନାଧିକାରୀ ପ୍ରଦୀପ ନାୟକଙ୍କୁ ପଚରାଯିବାରୁ ମୃତକଙ୍କ ଝିଅପୁଅଙ୍କୁ ସୂଚନା ଦିଆଯାଇଛି। ସେମାନେ ଆସିବା ପରେ ମୃତଦେହ ଜବତ କରାଯିବ ବୋଲି ସେ କହିଥିଲେ। ତେବେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଚର୍ଚ୍ଚା ହେଉଛି।

# ୧୪ରୁ ପୁରୀ ଷ୍ଟେଶନକୁ ୬ ଟ୍ରେନ୍ ଅସ୍ଥାୟୀ ବାତିଲ

ଭୁବନେଶ୍ୱର୯।୩(ଅନୁରାଧା ମହାରଣା)

ଯାତ୍ରୀ ସୁବିଧା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ପକ୍ଷରୁ ପୁରୀ ରେଳ ଷ୍ଟେଶନରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ କାର୍ଯ୍ୟ କରାଯାଉଛି। ଷ୍ଟେଶନ ୟାର୍ଡରେ ବାଲାଷ୍ଟଲେଶ୍ ଟ୍ରାକ୍ ନିର୍ମାଣ ଏବଂ ପ୍ଲାଟଫର୍ମ ନମ୍ବର ୭ ଓ ୮ର ବିକାଶମୂଳକ କାର୍ଯ୍ୟ ପାଇଁ ମାର୍ଚ୍ଚ ୧୪ରୁ ମେ' ୧୬ ମଧ୍ୟରେ ୬ ଟ୍ରେନର ସେବା ଅସ୍ଥାୟୀ ଭାବରେ ବାତିଲ କରାଯିବ। ଭିନ୍ନ ଭିନ୍ନ ତାରିଖରେ ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୦୨୮୩୯ ଶାଲିମାର-ପୁରୀ ଟିଓଡ଼ି ସ୍ପେଶାଲ, ୦୨୮୪୦ ପୁରୀ-ଶାଲିମାର ଟିଓଡ଼ି ସ୍ପେଶାଲ, ୦୮୦୧୨ ପୁରୀ-ଭଞ୍ଜପୁର ଟିଓଡ଼ି ସ୍ପେଶାଲ, ୦୮୦୧୧ ଭଞ୍ଜପୁର-ପୁରୀ ଟିଓଡ଼ି ସ୍ପେଶାଲ ଓ ୬୮୪୦୯/୬୮୪୧୦ ଖୋର୍ଦ୍ଧା ରୋଡ - ପୁରୀ- ଖୋର୍ଦ୍ଧା ରୋଡ ମେମୁ ବାତିଲ କରାଯିବ। ଯାତ୍ରୀମାନେ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପୂର୍ବରୁ ଏନ୍‌ଟିଇଏସ୍ କିମ୍ବା ରେଳପଥ ଅନୁସନ୍ଧାନ ପ୍ରଣାଳୀ ମାଧ୍ୟମରେ ଟ୍ରେନ୍‌ଗୁଡ଼ିକର ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ତୃତୀୟ ପୃଷ୍ଠାରୁ

## ତୈଳ ଦର...

କବ୍‌ଜା ତୈଳ ଯୋଗାଣ କ୍ଷେତ୍ରକୁ ପ୍ରଭାବିତ କରିଛି। ସେହିପରି ରବିବାର ଇରାନର ପ୍ରମୁଖ ତୈଳ ଡିପୋଗୁଡିକ ଉପରେ ଇସ୍ରାଏଲର ବୋମାମାଡ଼ କରାଯିବା ଘଟଣା ବୈଶ୍ୱିକ ତୈଳ ଯୋଗାଣ କ୍ଷେତ୍ରକୁ ମଧ୍ୟ କ୍ଷତି ପହଞ୍ଚାଇଛି। ଏହାକୁ ନେଇ ଅନ୍ତର୍ଜାତୀୟ ତୈଳ ବଜାରରେ ଏବେ ଘଡ଼ିକେ ଘୋଡା ଛୁଟୁଥିବା ଦେଖାଯାଇଛି।

ଅନ୍ତର୍ଜାତୀୟ ବଜାରରେ ସୋମବାର ସୁଦ୍ଧା ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ମୂଲ୍ୟ ୧୨୦ ଡଲାର ପହଞ୍ଚିବା ପରେ ଏଥିରେ ସାମାନ୍ୟ ହ୍ରାସ ଘଟି ବ୍ୟାରେଲ ପିଛା ମୂଲ୍ୟ ୧୦୭.୮୦ ଡଲାର ରହିଛି। ୨୦୨୨ ପରେ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ୧୦୦ ଡଲାର ଟପିଛି। ୨୦୨୨ ଜୁନ୍ ୩୦ରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ୧୦୦ ଡଲାର ଟପିବା ସହିତ ବ୍ୟାରେଲ ପିଛା ମୂଲ୍ୟ ୧୦୫.୭୬ ଡଲାର ଛୁଇଁଥିଲା। ଗତ ୬ ତାରିଖ ସୁଦ୍ଧା ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୯୨.୬୯ ଡଲାର ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଥିରେ ପ୍ରାୟ ୨୩ ପ୍ରତିଶତ ବୃଦ୍ଧି ଘଟିଛି। ସେହିପରି ଡବ୍ଲ୍ୟୁଟିଆଇ( ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ୍) ବ୍ୟାରେଲ ପିଛା ମୂଲ୍ୟ ସୋମବାର ୧୧୯.୪୮ ଡଲାର ଛୁଇଁଥିଲା ବେଳେ ସନ୍ଧ୍ୟା ସୁଦ୍ଧା ଏହାର ମୂଲ୍ୟ ୧୦୩ ଡଲାର ରହିଥିବା ଜଣାପଡ଼ିଛି। ଗତ ୬ ତାରିଖରେ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୯୦.୯୦ ଡଲାର ରହିଥିଲା। କିନ୍ତୁ ଏହାମଧ୍ୟରେ ଏଥିରେ ୨୫ ପ୍ରତିଶତ ବୃଦ୍ଧି ଘଟିଛି। ହାରାହାରି ଭାବେ ଆମେରିକୀୟ ତୈଳ ମୂଲ୍ୟ ଅନ୍ୟୂନ ୨୮ ପ୍ରତିଶତ ବୃଦ୍ଧି ପାଇଛି। ତୈଳ ଦର ମୂଲ୍ୟବୃଦ୍ଧିକୁ ନେଇ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ଏବଂ ପୁଞ୍ଜିବଜାର ଭାରି ମାତ୍ରାରେ ପ୍ରଭାବିତ ହୋଇ ଚାଲିଥିବାରୁ ଆଗକୁ ବୈଶ୍ୱିକ ଅର୍ଥନୀତି ପାଇଁ ସାମଗ୍ରିକ ଭାବେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହେବାକୁ ଯାଉଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

## ୧ ଡଲାର=...

ସର୍ବନିମ୍ନ ୯୨.୩୫ରେ ସ୍ଥିର ରହିଛି। ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୧୮ ପଇସା ହ୍ରାସ ପାଇ ୯୨.୮୨ ପଇସା ରହିଥିଲା। ଏସିଆ ସେସନ୍‌ରେ ଅଶୋଧିତ ତୈଳ ଦର ୨୫% ବୃଦ୍ଧି ପାଇଥିବାବେଳେ ସୁଦୃଢ଼ ଡଲାର ଏବଂ ଏଫ୍‌ଆଇଆଇ ପ୍ରତ୍ୟାହାର ଟଙ୍କା ଉପରେ ଚାପ ପକାଇଥିବା ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି। ଘରୋଇ ଶେୟାର ବଜାରରେ ସେନ୍‌ସେକ୍ସ ୧,୩୫୨.୭୪ ପଏଣ୍ଟ ଖସି ୭୭,୫୬୬.୧୬ ରହିଥିବାବେଳେ ନିଫ୍ଟି ୪୨୨.୪୦ ପଏଣ୍ଟ କମି ୨୪,୦୨୮.୦୫ ରହିଛି। ଫରେନ୍ ଇନ୍‌ଷ୍ଟିଚ୍ୟୁସନାଲ ଇନ୍‌ଭେଷ୍ଟରମାନେ ଶୁକ୍ରବାର ୬,୦୩୦.୩୮ କୋଟି ଟଙ୍କା ମୂଲ୍ୟର ଅଂଶଧନ ବିକ୍ରି କରିଥିବା ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି।

## ୮ ଲକ୍ଷ ରାଶନକାର୍ଡ...

ରାଶନ୍ କାର୍ଡ କାଟି ସରକାର ୨୦୦ କୋଟି ଟଙ୍କା ରାଜସ୍ୱ ବଞ୍ଚାଇଛନ୍ତି ବୋଲି ବାହାସ୍ଫୋଟ ମାରୁଛନ୍ତି, ହେଲେ ପର୍ବ ପର୍ବାଣି ଆଳରେ ବିଭିନ୍ନ ଅଞ୍ଚଳରେ ବଳକା ଚାଉଳ ବଣ୍ଟାଯାଇଛି। ସେଥିରେ ସରକାର ୧୧୦୦ କୋଟି ଟଙ୍କା ଖର୍ଚ୍ଚ କଲେ। ସରକାର ଲାଭ କଲେ କି କ୍ଷତି କଲେ ତାହା ନ କହିଲେ ବି ବୁଝାପଡୁଛି। ଯଦି ଏହିଭଳି ଚାଲୁ ରହିବ ତେବେ ୫ବର୍ଷ ମଧ୍ୟରେ ୧୮୦୦ କୋଟି ଟଙ୍କା ସରକାର ଋଣ କରିବେ। କେବଳ ପୂର୍ବ ସରକାର ନାଁ ନେଇ ଓଡ଼ିଶାବାସୀଙ୍କୁ ହାରକିନ୍ ଦେଖାଇଲେ ଚଳିବ ନାହିଁ। ଧାନ ସଂଗ୍ରହ ଲକ୍ଷ୍ୟ ବଢ଼ାଇ ଦେଇଛନ୍ତି। ରଖିବା ପାଇଁ ଜାଗା ନାହିଁ। ୩୧୦୦ ଟଙ୍କା ଦେବା କଥା କହି ଭାଜପା ସରକାରକୁ ଆସିଲେ, ହେଲେ ମଣ୍ଡିରୁ ଧାନ ଉଠୁନାହିଁ। ତୁମ ଠଣ ଠଣ କୁଆଡ଼େ ଗଲା ବୋଲି ପ୍ରତାପ ପ୍ରଶ୍ନ କରିଥିଲେ। ଆଲୋଚନାରେ ବିଜେଡି ସଦସ୍ୟ ବ୍ୟୋମକେଶ ରାୟ ଓ ଧ୍ରୁବଚରଣ ସାହୁ ଭାଗ ନେଇ କହିଥିଲେ, ରାଜ୍ୟରେ ଏବେବି ବହୁ ଅଞ୍ଚଳରେ ନେଟ୍‌ୱର୍କ ସମସ୍ୟା ରହିଛି। ଦାଦନ ଯାଇଥିବା ଲୋକ ଥରେ ଇ କେୱାଇସି କରି ଫେରିବା ପରେ ସେମାନଙ୍କର ହୋଇନାହିଁ ବୋଲି କହୁଛନ୍ତି। ବ୍ଲକରେ ଗେରୁଆ ଗାମୁଛା ପକେଇ ଯାଉଥିବା ଲୋକଙ୍କୁ ଯୋଡ଼ାଯାଉଛି। ପୁରୁଣା ଚାଉଳ ମିଲରଙ୍କ ପାଖରେ ପଡ଼ିଥିବାରୁ, ସେମାନେ ଚାଉଳ ଉଠାଉ ନାହାନ୍ତି। କେନ୍ଦ୍ରାପଡ଼ାରେ ମିଲରଙ୍କଠାରୁ ଚାନ୍ଦା ଆଦାୟ ହୋଇଛି। ସରକାରଙ୍କ ଦାଉରୁ ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ହୋଇଛି।

କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ, ରାଜ୍ୟରେ ମଣ୍ଡିପାଙ୍କରେ ଆମ୍ବ ଟାକୁଆ ଖାଇ ଅନାହାର ମୃତ୍ୟୁ ହୋଇଥିଲା। ଏବେ ବି ଖାଦ୍ୟ ଅଭାବରୁ ମୃତ୍ୟୁ ହେଉଛି। ପୂର୍ବ ସରକାର ସମୟରେ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କର ନାଁ ନ ଥିବା ବେଳେ ସେମାନଙ୍କ ବାପା ମା'ଙ୍କ ନାଁ ଆଧାରରେ ଚିକିତ୍ସା ସୁବିଧା ମିଳୁଥିଲା। ଏବେ ଆୟୁଷ୍ମାନ କାର୍ଡରେ ସେ ସୁବିଧା ମିଳିପାରୁନାହିଁ। କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦ୍ଦୋସ ରାଶନ କାର୍ଡ ବଣ୍ଟନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷରେ ଭାଜପା ସଦସ୍ୟ ସନ୍ତୋଷ ଖଟୁଆ, ଓମ୍ ପ୍ରକାଶ ମିଶ୍ର, ଅଶ୍ୱିନୀ ଷଡ଼ଙ୍ଗୀ ଓ ଭାଜପାକୁ ସମର୍ଥନ କରୁଥିବା ସ୍ୱାଧୀନ ସଦସ୍ୟ ସାରଦା ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିରୋଧୀଙ୍କ ଅଭିଯୋଗକୁ ଗୋଟି ଗୋଟି କରି ଖଣ୍ଡନ କରିଥିଲେ। ୨୪ ବର୍ଷ ଧରି ଓଡ଼ିଶାବାସୀଙ୍କୁ ବିଜେଡି ସରକାର ଭୁଆଁ ବୁଲାଉଥିଲେ। କର୍ମୀଙ୍କୁ ପୋଷିବା ପାଇଁ ଭୂତ ରାଶନକାର୍ଡ ବାଣ୍ଟିଥିଲେ। ରାଜ୍ୟ ସରକାର ଯେଉଁ ବଜେଟ୍ କରିଛନ୍ତି ତାହା ସବୁଠାରୁ ଦେଶର ଭଲ ବଜେଟ। ଭାଜପା ସରକାର କ୍ଷମତାକୁ ଆସିବା ପରେ ଚାଷୀ ଖୁସିରେ ଅଛନ୍ତି ବୋଲି ସଦସ୍ୟମାନେ କହିଥିଲେ।

## ୯୭% ଇ-କେୱାଇସି...

ଯୋଗାଣ ବିଭାଗ ଅଧିକାରୀଙ୍କୁ ରିପୋର୍ଟ ଅନୁଯାୟୀ, ତ୍ରିଲୋଚନ ମଣ୍ଡିର ଦାଉ ତଥା ସାହୁକାରଙ୍କ ଋଣ ଶୁଝିବା ଡରରେ ମୃତ୍ୟୁବରଣ କରିନାହାନ୍ତି। ତାଙ୍କର ଫେବୃଆରୀ ୨୫ରେ ହୃଦ୍‌ଘାତ ଜନିତ ମୃତ୍ୟୁ ହୋଇଛି। ମୃତ୍ୟୁର ୬ଦିନ ପୂର୍ବରୁ ତାଙ୍କ ବ୍ୟାଙ୍କ ଖାତାକୁ ୧୮ ତାରିଖରେ ୧ଲକ୍ଷ ୨୦ହଜାର ଟଙ୍କା ଯାଇଛି। ସେ ୨୦ ଏବଂ ୨୧ ତାରିଖରେ ଯଥାକ୍ରମେ ୧୦ହଜାର ଏବଂ ୨୫ହଜାର ଟଙ୍କା ଉଠାଇଛନ୍ତି। ଅର୍ଥାଭାବରୁ ତାଙ୍କର ମୃତ୍ୟୁ ହୋଇନାହିଁ। ମନ୍ତ୍ରୀ ପାତ୍ର କହିଛନ୍ତି, ପୂର୍ବ ସରକାର ୨୦୨୩-୨୪ରେ ୧୩.୩୨ଲକ୍ଷ କୃଷକଙ୍କଠାରୁ ଧାନ ସଂଗ୍ରହ କରୁଥିବାବେଳେ ଏବେ ଆମ ସରକାର ୧୬.୫୧ଲକ୍ଷ କୃଷକଙ୍କଠାରୁ ଧାନ କିଣିଛନ୍ତି। ମାତ୍ର ବିରୋଧୀ କେବଳ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଏବଂ ଗୃହକୁ ବିଭ୍ରାନ୍ତିକର ତଥ୍ୟ ଦେଇଚାଲିଛନ୍ତି। ପୂର୍ବ ସରକାର ବିଭିନ୍ନ ସର୍ଭେ ଆଳରେ ୧୦ଲକ୍ଷ ୫୪ହଜାର ପରିବାରକୁ ବାଦ୍ ଦେଇଥିଲା। ମାତ୍ର ଭାଜପା ସରକାର କ୍ଷମତାକୁ ଆସିବା ପରେ ୧୭ ଲକ୍ଷ ୩୮ ହଜାର ୯୪୬ ଆବେଦନର ଯାଞ୍ଚ କରୁଛି। ଏଥିମଧ୍ୟରୁ ୪ଲକ୍ଷ ୯୬ହଜାର ୯୧୯ ପରିବାରକୁ ଯୋଗ୍ୟ ବିବେଚିତ କରିଛି। ୮ଲକ୍ଷ ୫୮ହଜାର ୬୫୪ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେଇଛି। ଇ-କେୱାଇସି ପ୍ରକ୍ରିୟା ବେଳେ ୭ଲକ୍ଷ ୭୨ହଜାର ୯୬୫ଜଣ ମୃତକ ଏବଂ ୧ଲକ୍ଷ ୨୫ହଜାର ୮୪୦ଜଣଙ୍କୁ ବାଦ୍ ଦିଆଯାଇଛି। ୩ଲକ୍ଷ ୮୩ହଜାର ୩୭୩ ଆବେଦନର ଯାଞ୍ଚ ଚାଲିଛି, ମାତ୍ର ବିରୋଧୀ ଏହାକୁ ନେଇ ରାଜନୀତି କରୁଛନ୍ତି, ହେଲେ ସଫଳ ହେବେନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## ବରଫକଳ କମ୍ପ୍ରେସର...

ବୋଲି ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି। ଘଟଣା ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତା ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ମୃତକ ବିଦେଶୀଙ୍କ ପୁଅ ମୁନା ପ୍ରଧାନଙ୍କ ଏତଲାକୁ ଭିତ୍ତିକରି ନଂ. ୧୦୩/୨୬ରେ ମାମଲା ରୁଜୁ ହୋଇଛି। ବରଫକଳ ସଜାଡ଼ିବା ବେଳେ ଏପରି ଘଟଣା ଘଟିଛି। ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଗଲା...

ଓ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ଉକ୍ତ ଗ୍ରାମର ନୁର ସଲିମ(୩୫) ଓ ପୁଅ ଏମ୍‌ଡି ସମା (୩)। ଗୁରୁତର ହେଲେ ନୁରଙ୍କ ସ୍ତ୍ରୀ ଆକବରୀ ବେଗମ। ସଲିମ୍ ସ୍ତ୍ରୀ ଓ ପୁଅଙ୍କୁ ଧରି ଏକ ବାଇକ୍ ଯୋଗେ ସମ୍ପର୍କୀୟଙ୍କ ଘର ଦେବଗଡ଼ ଯାଉଥିଲେ। ଘରୁ କିଛି ବାଟ ଯାଇଥିବା ବେଳେ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଥିଲା। ଘଟଣାସ୍ଥଳରେ ପୁଅ ଓ ବାପାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ମୃତଦେହଦ୍ୱୟ ବାଇକରେ ଓହଳି ରହିଥିଲା। ପଛରେ ବସିଥିବାରୁ ଆକବରୀ ରାସ୍ତାକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଓ ପୋଲିସ ମୃତାହତଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ନୁର ଦୀର୍ଘବର୍ଷ ହେଲା ଟେଣ୍ଟୁଲି ନିକଟରେ ରହି ଡାଇନାମୋ ମେକାନିକଭାବେ କାମ କରିଆସୁଥିଲେ।

ସେହିପରି ରାଜଗାଙ୍ଗପୁର ରାଜ୍ୟ ରାଜପଥ ନଂ. ୧୦ର ଝଗରପୁରଠାରେ ଡିଭାଇଡରରେ ପିଟିହୋଇ ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଜଗାଙ୍ଗପୁର ତିଲେଇମାଲର ଲାରା ମିଞ୍ଜ(୨୨)। ଅନ୍ୟ ଜଣେ ଆହତ ହୋଇଛନ୍ତି। ଲାରା ଓ ତାଙ୍କ ବନ୍ଧୁ ଏକ ବାଇକ୍(ନଂ. ଓଡି୧୪ଏଏଲ ୭୫୮୩) ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା।

# ସମିତିସଭ୍ୟଙ୍କ ଗୁହାଳରେ ଅଗ୍ନିକାଣ୍ଡ, ଜଳିଗଲେ ୧୫ ଛେଳି

ଭଞ୍ଜନଗର,୯।୩(ବାବୁଲା ପ୍ରଧାନ)


ସମିତିସଭ୍ୟଙ୍କ ଜଳିଯାଇଥିବା ଗୁହାଳ।

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ଗୁଣ୍ଡିରିବାଡି ସମିତିସଭ୍ୟ ଶ୍ରୀନିବାସ ବିଶ୍ୱାଳଙ୍କ ଛେଳି ଗୁହାଳରେ ରବିବାର ସନ୍ଧ୍ୟାରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛି। ଫଳରେ ଗୁହାଳରେ ଥିବା ୧୫ରୁ ଊର୍ଦ୍ଧ୍ୱ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ତେବେ ସମିତିସଭ୍ୟ ବିଶ୍ୱାଳ ଗୁହାଳ କରିଥିବା ସ୍ଥାନରୁ ୧ କି.ମି. ଦୂରରେ ରହୁଥିବାରୁ ଏହି ଅଗ୍ନିକାଣ୍ଡ ସମ୍ପର୍କରେ ହଠାତ୍ ଜାଣିପାରି ନ ଥିଲେ। ସେ ଜାଣିବା ବେଳକୁ ୧୫ ଛେଳି ଜୀବନ୍ତ ଦଗ୍ଧ ହୋଇ ସାରିଥିଲେ। ଖବର ପାଇ ଭଞ୍ଜନଗର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏନେଇ ସମିତିସଭ୍ୟ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରବିବାର ଅପରାହ୍ଣରେ ଆମେ ଗ୍ରାମରେ ଏକ ଭୋଜିରେ ବ୍ୟସ୍ତ ଥିଲୁ। ଏହି ସମୟରେ କୌଣସି ଦୁର୍ବୃତ୍ତ ଆମ ଛେଳି ଗୁହାଳରେ ନିଆଁ ଲଗାଇ ଦେଇଥିଲେ। ଘରଠାରୁ ପ୍ରାୟ ୧ କି.ମି. ଦୂରରେ ଗୁହାଳଟି ଥିବାରୁ ଆମେ ବିଳମ୍ବରେ ଘଟଣା ସମ୍ପର୍କରେ ଜାଣି ଘଟଣା ସ୍ଥଳକୁ ଯିବା ବେଳକୁ ୧୫ଟି ଛେଳିଛୁଆ ମରି ସାରିଲେଣି। ଆଉ ଦୁଇଟିକୁ ଟୁନା ସେନାପତି ଉଦ୍ଧାର କରିଥିଲେ। ଏହି ସମୟରେ ତାଙ୍କ ହାତ ସାମାନ୍ୟ ପୋଡିଯାଇଛି। ଘଟଣା ସମ୍ପର୍କରେ ଭଞ୍ଜନଗର ଥାନାରେ ଅଭିଯୋଗ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ନିଆଁ ଲାଗିବା ସମୟରେ ବଡ଼ ଛେଳି ଓ ବୋଦାଗୁଡ଼ିକ ବିଲ ମାଳକୁ ଚରିବାକୁ ଚାଲି ଯାଇଥିବାରୁ ସେମାନେ ରକ୍ଷା ପାଇଯାଇଥିଲେ ବୋଲି ବିଶ୍ୱାଳ ପ୍ରକାଶ କରିଛନ୍ତି।

# ବିଶାଖାପାଟଣା-ରାୟଗଡ଼ା ମଧ୍ୟରେ ଗଡ଼ିଲା ମହିଳା ପରିଚାଳିତ ଟ୍ରେନ୍

ଭୁବନେଶ୍ୱର୯।୩
(ଅନୁରାଧା ମହାରଣା)

ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହର ଏକ ଅଂଶ ସ୍ୱରୂପ ଗୁଣ୍ଟୁର-ରାୟଗଡା ଏକ୍ସପ୍ରେସ୍ ବିଶାଖାପାଟଣାରୁ ରାୟଗଡ଼ା ପର୍ଯ୍ୟନ୍ତ ସମସ୍ତ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ରେଳ ପରିଚାଳନାରେ ମହିଳାଙ୍କ ବର୍ଦ୍ଧିତ ଅଂଶଗ୍ରହଣ ଏବଂ ନେତୃତ୍ୱକୁ ପ୍ରଦର୍ଶିତ କରିବା ହେଉଛି ଏହାର ମୂଳ୍ୟ ଲକ୍ଷ୍ୟ। ୱାଲ୍‌ଟିୟର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ବୋହରା ବିଶାଖାପାଟଣା ରେଳ ଷ୍ଟେଶନରୁ ଏହି ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଟ୍ରେନଟି ସମ୍ପୂର୍ଣ୍ଣ ଭାବେ ମହିଳା ରେଳ କର୍ମଚାରୀଙ୍କ ଏକ ନିର୍ଦ୍ଦିଷ୍ଟ ଦଳ ଦ୍ୱାରା ପରିଚାଳିତ ହୋଇଥିଲା, ଯେଉଁଥିରେ ମହିଳା ଲୋକୋ ପାଇଲଟ, ସହାୟକ ଲୋକୋ ପାଇଲଟ, ଟ୍ରେନ ମ୍ୟାନେଜର, ଟିକେଟ ନିରୀକ୍ଷକ ଏବଂ ସହାୟକ ସାମିଲ ଥିଲେ। ସୂଚନାଥାଉକି, ପୂର୍ବତଟ ରେଳପଥ ଟ୍ରାକ୍ ରକ୍ଷଣାବେକ୍ଷଣ, ଟ୍ରେନ ପରିଚାଳନା, ରୁଟ୍ ରିଲେ ଇଣ୍ଟରଲକିଂ ପରିଚାଳନା, ଟ୍ରେନ୍ ପରିଚାଳନା, ଲୋକୋ ଅପରେଶନ, ଟିକେଟ ଯାଞ୍ଚ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମହିଳାଙ୍କ ଅଧିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିଆସୁଛି।

# ମାର୍କ ବୃଦ୍ଧି ପାଇଁ ଯୁକ୍ତ୨ ଛାତ୍ରୀଛାତ୍ର ଦେବେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା

## ସିଏଚ୍‌ଏସ୍‌ଇର ନୂଆ ପଦକ୍ଷେପ

ଭୁବନେଶ୍ୱର,୯।୩ (ସୁଚିସ୍ମିତା ସାହୁ)

ଚଳିତ ଶିକ୍ଷାବର୍ଷଠାରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ନୂଆ ପଦକ୍ଷେପ ନିଆଯାଇଛି। ଯୁକ୍ତ ୨ ପରୀକ୍ଷାରେ ଅଧିକ ନମ୍ବର ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ। ପରୀକ୍ଷାରେ ପାସ୍ କରିଥିବା ପିଲାମାନେ ଗୋଟିଏ ବିଷୟରେ ଅଧିକ ମାର୍କ ରଖିବା ପାଇଁ ଇମ୍ପ୍ରୁଭ୍‌ମେଣ୍ଟ (ଉନ୍ନତି) ପରୀକ୍ଷା ଦେଇପାରିବେ। ସେମାନଙ୍କ ପରୀକ୍ଷା ଫଳ ଦୁଇମାସ ମଧ୍ୟରେ ପ୍ରକାଶ ପାଇବ ବୋଲି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ଏହି ପରୀକ୍ଷା ସମ୍ପର୍କରେ ଡ. ପରିଡା କହିଛନ୍ତି, ପୂର୍ବପରି ଗୋଟିଏ ବିଷୟରେ ଫେଲ୍ ହେଉଥିବା ଛାତ୍ରୀଛାତ୍ର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବେ। ମାତ୍ର ସମସ୍ତ ବିଷୟରେ ପାସ୍ କରିଥିବା ପିଲା ନିଜ ମାର୍କ ବଢ଼ାଇବା ପାଇଁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଦେଇପାରିବେ। ନିଜ ଇଚ୍ଛା ମୁତାବକ କେବଳ ଗୋଟିଏ ବିଷୟରେ ହିଁ ଏହି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ର ସୁଯୋଗ ପାଇବେ। ଏକାଧିକ ବିଷୟରେ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଦେଇପାରିବେ ନାହିଁ। ଇନ୍‌ଷ୍ଟାଣ୍ଟ ପରୀକ୍ଷା ସହ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ହେବ। ଏକା ସାଙ୍ଗରେ ହିଁ ପରୀକ୍ଷା ଫଳ ପ୍ରକାଶ ପାଇବ। ନିୟମିତ ପରୀକ୍ଷା ଫଳ ପ୍ରକାଶ ପାଇବାର ୨ ମାସ ମଧ୍ୟରେ ଏସବୁ ପରୀକ୍ଷା ସରି ରେଜଲ୍ଟ ପ୍ରକାଶ ପାଇବ। ୨୦୨୬ ବାର୍ଷିକ ପରୀକ୍ଷାରୁ ଏହି ନୂଆ ବ୍ୟବସ୍ଥା ଲାଗୁ କରାଯାଉଥିବା ଡ. ପରିଡ଼ା ସ୍ପଷ୍ଟ କରିଛନ୍ତି।

# ହାତମିଳାଇ ସୁନାମୁଦି ନେଇଗଲେ

ଦିଗପହଣ୍ଡି,୯।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ଚିନ୍ନାରି.ରାଘବ ସୁବୁଦ୍ଧି ରବିବାର ସାନ୍ଧ୍ୟ ଭ୍ରମଣରେ ଯାଉଥିବା ବେଳେ ଗାଁ ର ଶେଷ ମୁଣ୍ଡରେ ଜଣେ ହେଲମେଟ୍ ପିନ୍ଧିଥିବା ଅଜଣା ବ୍ୟକ୍ତି ସ୍କୁଟି ରଖି ରାସ୍ତା କଡରେ ଠିଆ ହୋଇଥିଲେ। ଉକ୍ତ ବ୍ୟକ୍ତି ଜଣଙ୍କ ରାଘବଙ୍କୁ ନମସ୍କାର କରି ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ପରେ ତାଙ୍କ ସହ ହାତମିଳାଇ ରାଘବଙ୍କ ଆଙ୍ଗୁଠିରୁ ସୁନାମୁଦିକୁ ଟାଣି ନେଇ ଚମ୍ପଟ ମାରିଥିଲେ। ଏନେଇ ରାଘବ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର ସାମଲ ନଂ. ୯୩/୨୬ରେ ମାମଲା ରୁଜୁ କରିଛନ୍ତି।


OUR SIMILIPAL, OUR PRIDE

**OFFICE OF THE DEPUTY DIRECTOR, SIMILIPAL (NORTH) WILDLIFE DIVISION**
AT-MATIAGARH CHHAKA, PO- K. JASHIPUR, DIST-MAYURBHANJ, ODISHA-757091
Tel:-06797-295030, Email-dfo.similipalnorthwl@odisha.gov.in/ ddsimilipalnorth@gmail.com

**TENDER CALL NOTICE**

No.8001/131/2526: No.1102, Date: 06.03.2026

The Deputy Director, Similipal North WL Division, Jashipur on behalf of Governor of Odisha invites Percentage Rate bids to be received in offline mode for Supply and installation of Audio-Visual System for Conference Hall required for different location under Similipal North Wildlife Division, Jashipur.

| | | | |
|---|---|---|---|
| 1 | Nature of Work | :- | Supply and installation of Audio-Visual System for Conference Hall required for different location under Similipal North Wildlife Division,Jashipur |
| 2. | Cost of tender | :- | Rs.6000/- (Six Thousand) only |
| 3. | Time Period assigned for completion | :- | Till 31st March, 2026 |
| 4. | Date & time of availability of tender document | :- | Tender documents for Supply and installation of Audio-Visual System for Conference Hall required for different location under Similipal North Wildlife Division, Jashipur on payment of cost of Tender Document as mentioned above. The tender document cost which is non-refundable, should be deposited in shape of Demand Draft from any Nationalized Bank drawn in favour of the Deputy Director, Similipal North Wildlife Division, Jashipur, Mayurbhanj payable at Jashipur from 09.03.2026 (during office time) to 10.30 AM of 16.03.2026 |
| 5. | Receipt of bid documents | :- | Through Direct Deposit by hand/Registered post/Speed Post/Courier service to the Deputy Director, O/o the Deputy Director, Similipal North (WL) Division, At-Matiagarh Chhaka, P.O.-K.Jashipur, Dist-Mayurbhanj, Pin-757091 on or before 16.03.2026 by 11.00 AM. |
| 6. | Date & time of opening of technical bid | :- | Dt.16.03.2026 at 11.30 AM hours onwards |
| 7. | Receipt of bid Cost, bid security, documents | :- | Earnest Money Deposit (EMD) of Rs.50000/- (Rupees Fifty Thousand) Only shall be submitted alongwith Tender, EMD will be in the form of demand draft in favour of Deputy Director, Similipal North (WL) Division, Jashipur payable at Jashipur. The EMD will be refunded to the unsuccessful bidder. The EMD for the successful bidder will be released only after completion of the tender period. |
| 8. | The undersigned reserves the right to accept/reject any or all Tender without assigning any reason thereof. | | |
| 9. | Also view the tender notice and document in official webpage of Similipal Tiger Reserve (https://similipal.org/tender.php) | | |

OIPR-8001/8133/1/25-26/0015 Sd./-Deputy Director, Similipal (North) WL Division, Jashipur

Government of Odisha
Forest, Environment and Climate Change Department, Odisha
ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER BALASORE WILDLIFE DIVISION**
At/PO : KURUDA, Dist. : BALASORE, PIN - 756056, ODISHA
Control Room No. : 94376-91870, e-mail : dfo.balasorewl@odisha.gov.in
**Bid Identification No. DFO, BWD 05/2025-26, Dated. 2nd March, 2026**

**TENDER CALL NOTICE**

**No.8001/129/2526** : The Divisional Forest Officer, Balasore Wildlife Division invites sealed Quotation to be received only in **"OFF LINE"** mode in **Double Cover System** from eligible Firms/Vendors/Suppliers as mentioned below

| | | |
|---|---|---|
| **Nature of the Work** | Procurement of **Binocular (Nikon Monarch M7 10x42)/ White Flash Trap Camera/Mirror less camera with zoom lens with standard accessories** as in Annexure-I of Tender Document. | |
| Estimated Cost | Depending upon funds availability | |
| Tender Paper Cost | Rs.1,000/- (One Thousand) only | |
| EMD | Earnest Money Deposit (EMD) of Rs.10,000/- (Rupees Ten Thousand) only (Refundable) | |
| Date & Time of availability of the bid document | 05.03.2026 to 12.03.2026 (11.00 A.M.) | |
| Bid Documents & other details can be obtained/ downloaded from | Website | **https://balasore.odisha.gov.in https://odishaforest.in/** |
| | Office | Can be obtained from the O/o the Divisional Forest Officer, Balasore Wildlife Division, Balasore |
| Last date & Time for receipt of bids | Up to 01.00 P.M. of 12.03.2026 | |
| Date & Time of Bid opening | 03.00 P.M. of 12.03.2026 | |
| Note : The undersigned reserves all the rights to accept or reject any or all tenders without assigning any reason thereof. | | |

Sd./- Divisional Forest Officer
OIPR-8001/8036/1/25-26/0003 Balasore Wildlife Division, Balasore

**GOVERNMENT OF ODISHA** No.25001/307/2526
**OFFICE OF THE EXECUTIVE ENGINEER RURAL WORKS DIVISION-II, SUNDARGARH**
E-Mail : rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-32 of 2025-26**

1. Name of the work : Road and Bridges Works, 2. Total No. of works : 03 (Three) Nos, 3. Estimated Cost : Rs.7.19 Lakhs to 25.42 Lakhs, 4. Class of Contractor : "D" & "C" & "B" Class, 5. Period of Completion : 01 (One) Calendar Month, 6. Type of Tender : Single Cover, 7. Other details :

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division-II, Sundargarh** | **Online - EERKL-32 of 2025-26** | **06.03.2026 from 10.00 A.M.** | **11.03.2026 upto 3.00 P.M.** |

Further details can be seen from the website www.tendersodisha.gov.in
Sd./- Executive Engineer
OIPR-25001/25193/1/25-26/0034 RW Division-II, Sundargarh

ପଞ୍ଚାୟତ ସମିତି, ଗୁମ୍ମା
**OFFICE OF THE PANCHAYAT SAMITI, GUMMA, GAJAPATI**
E-Mail: ori-gumma@nic.in/bdogumma2020@gmail.com
Tel.06815-282620
No.738 Date:05.03.2026
**CORRIGENDUM**
No.19001/71/2526
Para No.12 of DTCN's published vide Tender Call Notice No.651 Dated 21.02.2026 is modified and may be read as per Annexure-1.
Sd./-
Block Development Officer,
OIPR-19001/19347/1/25-26/0002 Gumma, Gajapati

**OFFICE OF THE MUNICIPAL COUNCIL, TALCHER**
DIST- ANGUL, PIN- 759107
Phone No.(06760) 240259, E-Mail ID: e.o.talcher@gmail.com
No.930/ Dt.06.03.2026
**CORRIGENDUM**
Tender Notice No.813, Dt.23.02.2026
Tender Reference No.TCRM-14/2025-26
Tender Identification No.2026_ORULB_126211
**No.13001/521/2526:** As per tender identification No.2026_ORULB_126211 Sl.No.1 to 14 is hereby cancelled due to unavoidable circumstances.
Sd./- Executive Officer
OIPR-13001/13077/1/25-26/0018 Talcher Municipality

**ODISHA SPACE APPLICATIONS CENTRE (ORSAC)**
Dept. of Science & Technology, Govt. of Odisha
Bhubaneswar-751 023
No.28001/5/2526 Tender Notice No. 01/2026
**Empanelment of Eligible Firms to undertake DGPS & ETS Geospatial Survey in Odisha**
Odisha Space Applications Centre (ORSAC) invites sealed Application from reputed, established and reliable Firms for Empanelment to undertake DGPS/ ETS Geo-Spatial Survey in Odisha.
ORSAC reserves the right to accept/reject/ modify & cancel the full tender or part thereof at any time without assigning any reason thereof.
For details, please visit Website odisha.gov.in. & ORSAC Website orsac.odisha.gov.in or ORSAC office.
OIPR-28001/28007/1/25-26/0002 CHIEF EXECUTIVE

**MAA MANIKESHWARI UNIVERSITY**
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ
माँ माणिकेश्वरी विश्वविद्यालय
(Erstwhile : Kalahandi University)
Manikya Vihar,Bhawanipatna,Kalahandi,Odisha
Website-kalahandiuniversity.ac.in
No.648/MMU, Dt.05.03.2026
**NOTICE**
**Corrigendum to Recruitment Notice No.526/MMU,Dtd.21.02.2026**
No.11001/50/2526: It is for information of all concerned that the following correction has been made in the Recruitment Notice of this University.
1. The UGC Notification dated should be read as 18th July, 2018 instead of 4th July, 2018.
2. The commencement of online application form will be notified soon in the University website.
Beside above, all other terms and conditions of the Recruitment Notice shall remain unchanged. The concerned candidates are advised to visit the website of the University at www.kalahandiuniversity.ac.in for any further information.
OIPR-11001/11182/1/25-26/0002 Sd./- REGISTRAR

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଫାଇନାଲରେ କଟକ 'ଏ' - ସୁନ୍ଦରଗଡ଼

## କଳାହାଣ୍ଡି କପ୍

**କଟକ,୯।୩ (କୁମାରଶ୍ରୀ)**

କଳାହାଣ୍ଡି କପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ କଟକ-ଏ ଓ ସୁନ୍ଦରଗଡ ମଧ୍ୟରେ ଅନୁଷ୍ଠିତ ହେବ। ଆସନ୍ତା ୧୧ରେ ବାରବାଟୀ ଷ୍ଟାଡିୟମରେ ଉଭୟ ଦଳ ଟାଇଟଲ ନିମନ୍ତେ ଲଢ଼େଇ କରିବେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ କଟକ-ଏ ୨୫୪ରନରେ ଅନୁଗୋଳକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କଟକ-ଏ ୮ ଉଇକେଟରେ ୩୯୬ରନ ସଂଗ୍ରହ କରିଥିଲା। ବିପ୍ଳବ ସାମନ୍ତରାୟ ୧୭୫ ଏବଂ ରାମଚନ୍ଦ୍ର ବେହେରା ୧୩୦ରନର ଶତକୀୟ ଇନିଂସ ଖେଳିଥିଲେ। ଅନୁଗୋଳ ପକ୍ଷରୁ ମିଳନ ସାମଲ ଏବଂ ଆକାଶ ପ୍ରଧାନଙ୍କୁ ୩ଟି ଲେଖାଏ ଉଇକେଟ ମିଳିଥିଲା। ୩୯୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଅନୁଗୋଳ ୯ ଉଇକେଟ ବିନିମୟରେ ୧୪୨ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଶୁଭମ ନାୟକ ଏବଂ ସୁମିତ ଶର୍ମା ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିବା ବିପ୍ଳବଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲରେ ସୁନ୍ଦରଗଡ ଏବଂ ରାଉରକେଲା ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ ଗୋବିନ୍ଦ ପୋଦ୍ଦାରଙ୍କ ୧୧୧ରନ ସହାୟତାରେ ୭ ଉଇକେଟ ବିନିମୟରେ ୩୫୩ରନ କରିଥିଲା। ରାଉରକେଲାର ସ୍ୱପ୍ନ ଭୂୟାଁଙ୍କୁ ୩ଟି ଉଇକେଟ ମିଳିଥିଲା। ଜବାବରେ ରାଉରକେଲା ୨୩୫ରନରେ ଅଲଆଉଟ ହେବା ଯୋଗୁ ସୁନ୍ଦରଗଡ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲା। ଶତକୀୟ ଇନିଂସ ଖେଳିବା ସହ ଦୁଇ ଉଇକେଟ ଦଖଲ କରିଥିବା ଗୋବିନ୍ଦ ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଥିଲେ।


ବିପ୍ଳବ ସାମନ୍ତରାୟ


ରାମଚନ୍ଦ୍ର ବେହେରା


ଗୋବିନ୍ଦ ପୋଦ୍ଦାର


କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍‌ରେ ସୋମବାର ଫ୍ୟୁଚର ହୋପ୍ ଓ ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ।

# ଦିଲ୍ଲୀ ହରିକେନ୍ସ, ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ସେମିରେ

**ଭୁବନେଶ୍ୱର, ୯।୩ (ବିଜୟ ରଣା)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ରଗ୍‌ବୀ ୧୫ଏସ୍ ଚାମ୍ପିୟନଶିପ୍ ଡିଭିଜନ-୧ର ୩ୟ ଦିବସରେ ଦିଲ୍ଲୀ ହରିକେନ୍ସ ଓ ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ସେମାନଙ୍କ ମ୍ୟାଚରେ ସହଜ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ୩ୟ କ୍ୱାର୍ଟରଫାଇନାଲରେ ହରିକେନ୍ସ ୪୮-୬ରେ ବାଙ୍ଗାଲୋର ରଗ୍‌ବୀ କ୍ଲବକୁ ହରାଇ ଦେଇଛି। ଚତୁର୍ଥ କ୍ୱାର୍ଟରଫାଇନାଲରେ ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ୨୬-୦ରେ ସର୍ଜେଣ୍ଟ ଇନ୍‌ଷ୍ଟିଚ୍ୟୁଟକୁ ପରାସ୍ତ କରିଛନ୍ତି। ଏହି ଦୁଇ ଦଳ ବୁଧବାର ସେମିଫାଇନାଲରେ ଯଥାକ୍ରମେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ ରଗ୍‌ବୀ କ୍ଲବ ଏବଂ ବମ୍ବେ ଜିମ୍‌ଖାନା ରଗ୍‌ବୀ କ୍ଲବକୁ ଭେଟିବେ। ସୋମବାର ଖେଳାଯାଇଥିବା କ୍ଲାସିଫିକେଶନ ମଧ୍ୟରେ ଦିଲ୍ଲୀ ଲାୟନ୍ସ ଲଗ୍‌ବୀ କ୍ଲବ ୨୦୧୫ରେ ଓଡ଼ିଶା ରଗ୍‌ବୀ କ୍ଲବକୁ ହରାଇ ଟୁର୍ନାମେଣ୍ଟରେ ୯ମ ସ୍ଥାନ ଅଧିକାର କରିଛି। ମଙ୍ଗଳବାର ପ୍ରଥମ ମହିଳା ସେମିଫାଇନାଲ ଓଡ଼ିଶା ରଗ୍‌ବୀ କ୍ଲବ ବନାମ ସିସି ଆଣ୍ଡ୍ ଏଫ୍‌ସି ଏବଂ ଦ୍ୱିତୀୟ ସେମିଫାଇନାଲ ଦିଲ୍ଲୀ ହରିକେନ୍ସ ବନାମ ଫ୍ୟୁଚର ହୋପ୍ ହାର୍ଲେକୁଇନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପ୍ଲେଟ୍ କାଟେଗୋରୀରେ ଚଣ୍ଡିଗଡ଼ ୟୁନାଇଟେଡ୍ ବନାମ ରଗ୍‌ବୀ ୱାରିଅର୍ସ କେରଳ ମଧ୍ୟରେ ପରସ୍ପରକୁ ଭେଟିବେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ଆସୋସିଏଶନର ସହଯୋଗ କ୍ରମେ ଇଣ୍ଡିଆନ ରଗ୍‌ବୀ ଫୁଟ୍‌ବଲ ୟୁନିୟନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଦେଶର ସବୁଠାରୁ ବଡ଼ ରଗ୍‌ବୀ କ୍ଲବ ଟୁର୍ନାମେଣ୍ଟ।

# 'ପରବର୍ତ୍ତୀ ଲକ୍ଷ୍ୟ ଅଲିମ୍ପିକ୍ ସ୍ୱର୍ଣ୍ଣ'

**ନୂଆଦିଲ୍ଲୀ,୯।୩**

ଘରୋଇ ପରିବେଶରେ ଭାରତକୁ ଐତିହାସିକ ଟି୨୦ ବିଶ୍ୱକପ୍ ଜିତାଇବା ପରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କର ପରବର୍ତ୍ତୀ ବଡ଼ ଲକ୍ଷ୍ୟ ଘୋଷଣା କରିଛନ୍ତି। ଆମେରିକାର ଲସ୍‌ଏଞ୍ଜେଲ୍ସରେ ୨୦୨୮ରେ ହେବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ତାଙ୍କର ପରବର୍ତ୍ତୀ ଟାର୍ଗେଟ ବୋଲି ସେ ପ୍ରକାଶ କରିଛନ୍ତି। ''ଏହି ବିଶ୍ୱକପ୍ ବିଜୟ ଖୁବ୍ ସ୍ୱତନ୍ତ୍ର। ଆମର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସ। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ସହ ସେହିବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଜିତିବାକୁ ଆମେ ଲକ୍ଷ୍ୟ ରଖିଛୁ'' ବୋଲି ଅଧିନାୟକ ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ବ୍ୟତୀତ ଦଳର ବିଜୟ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ମୋ ମତରେ ୨୦୨୪ରେ ଆମର ଆଇସିସି ଟ୍ରଫିକୁ ନେଇ ଲାଗି ରହିଥିବା ମରୁଡ଼ି ଶେଷ ହେବା ପରେ ଆମେ ପଛକୁ ଫେରି ଚାହିଁ ନାହୁଁ।

## ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ

# ଭାମ୍ବ୍ରି-ଗୋରାନସନ ପ୍ରି-କ୍ୱାର୍ଟରରେ

**ଇଣ୍ଡିଆନ ୱେଲ୍ସ (ୟୁଏସ୍‌ଏ), ୯।୩ (ପି.ଟି.)**

ଭାରତର ଟପ୍ ଡବଲ୍ସ ଖେଳାଳି ୟୁକି ଭାମ୍ବ୍ରି ଓ ତାଙ୍କ ସ୍ୱିଡିଶ ପାର୍ଟନର ଆନ୍ଦ୍ରେ ଗୋରାନସନ ସିଧାସଳଖ ସେଟ୍‌ରେ ଡେଭିଡ୍ ପେଲ୍ ଓ ଫେବ୍ରିସ ମାର୍ଟିନଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଇଣ୍ଡିଆନ ୱେଲ୍ସ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅଣସିଡ ଇଣ୍ଡୋ-ସ୍ୱିଡିଶ ଯୋଡ଼ି ଏହି ଏଟିପି ୧,୦୦୦ ଇଭେଣ୍ଟର ଓପନିଂ ରାଉଣ୍ଡରେ ଫ୍ରେଞ୍ଚ-ଡଚ୍ ଯୋଡ଼ିକୁ ୬-୧, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୬୬ ମିନିଟ ଧରି ଚାଲିଥିଲା।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୪ ପଦକ

## ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତା

**ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)**


ଓଁକାର ପ୍ରସାଦ ନନ୍ଦ


ଅଙ୍କିତା ମହାପାତ୍ର


ଦିବ୍ୟା ସାଣ୍ଡିଲ୍ୟ


କିଶୋର କୁମାର ଜେନା

ଆଥ୍ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଆନୁକୂଲ୍ୟରେ ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ୫ମ ଇଣ୍ଡିଆନ ଓପନ ଥ୍ରୋ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀ ୧ ସ୍ୱର୍ଣ୍ଣ ସହ ମୋଟ ୪ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସାମିଲ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୪ ଆଥ୍ଲେଟ ଭାଗ ନେଇଥିଲେ ଏବଂ ସମସ୍ତେ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ଓଁକାର ପ୍ରସାଦ ନନ୍ଦ ୨୦ ବର୍ଷରୁ କମ୍ ଶଟ୍‌ପୁଟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନିଜ ତୃତୀୟ ଉଦ୍ୟମରେ ୧୭.୮୫ ମିଟର ଥ୍ରୋ କରି ଏହି ସଫଳତା ପାଇଛନ୍ତି। ହରିୟାଣାର ହର୍ଷିତ ଗେହଲଟ (୧୭.୦୨) ରୌପ୍ୟ ଓ ଦିଲ୍ଲୀର ଯଶ୍ ଚିକ୍କାରା (୧୭.୦୧) ବ୍ରୋଞ୍ଜ ପଦକ ଜିତିଛନ୍ତି। ଦିବ୍ୟା ସାଣ୍ଡିଲ୍ୟ ମହିଳା ହାମର ଥ୍ରୋରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ନିଜ ତୃତୀୟ ଉଦ୍ୟମରେ ୫୩.୩୧ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉତ୍ତର ପ୍ରଦେଶର ତାନ୍ୟା ଚୌଧାରୀ (୬୧.୦୯) ସ୍ୱର୍ଣ୍ଣ ଓ ରାଜସ୍ଥାନର ସୋନିୟା (୫୨.୨୯) ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ଅଙ୍କିତା ମହାପାତ୍ର ୨୦ ବର୍ଷରୁ କମ୍ ମହିଳା ହାମର ଥ୍ରୋରେ ରୌପ୍ୟ ଜିତିଛନ୍ତି। ସେ ନିଜ ପ୍ରଥମ ଉଦ୍ୟମରେ ଥ୍ରୋ କରିଥିବା ୪୫.୪୯ ମିଟର ଶେଷ ପର୍ଯ୍ୟନ୍ତ ବଳବତ୍ତର ରହିଥିଲା। ହରିୟାଣାର ଖୁସୀ (୪୯.୪୫) ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶର ଆୟେଶା ବାନୁ ମୋହମ (୪୫.୩୭) ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶାର ତାରକା ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଏଠାରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି। ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ନିଜ ୫ମ ଉଦ୍ୟମରେ ୭୪.୭୫ ମିଟର ଥ୍ରୋ କରି ତୃତୀୟ ସ୍ଥାନରେ ରହିଛନ୍ତି। ଆର୍ମି ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଶିବମ ଲୋହାକାରେ (୮୧.୦୮) ଓ ଏସ୍‌ଏସ୍‌ସିବିର ଆନନ୍ଦ ସିଂ (୭୬.୯୪) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଭାରତର ପ୍ରତିଭା ସମ୍ପନ୍ନ ଓ ପ୍ରତିଷ୍ଠିତ ଆଥଲେଟ୍‌ମାନେ ଶଟ୍‌ପୁଟ, ଡିସ୍କସ୍, ହାମର ଥ୍ରୋ ଓ ଜାଭେଲିନ୍ ଥ୍ରୋରେ ଭାଗ ନେଇଥିଲେ।

# ଓଡ଼ିଶା ଦଳ ଓଭରଅଲ୍ ଚାମ୍ପିୟନ

## ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ୍ ସିଲାଟ ଲିଗ୍


ଓଭରଅଲ୍ ଚାମ୍ପିୟନ ଓଡ଼ିଶା ଦଳର ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୯।୩ (ତପନ ସ୍ୱାଇଁ)**

ଝାରସୁଗୁଡ଼ା ମଙ୍ଗଳ ବଜାରସ୍ଥିତ ଅଡିଟୋରିଅମ୍ ସହ କ୍ରୀଡ଼ା ପ୍ରାଙ୍ଗଣରେ ଖେଲୋ ଇଣ୍ଡିଆ ଅସ୍ମିତା ପେନ୍‌ଚାକ ସିଲାଟ (ପୂର୍ବାଞ୍ଚଳ) ଲିଗ୍-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଦଳ ୨୩ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୦ ବ୍ରୋଞ୍ଜ ପଦକ ସହିତ ମୋଟ ୮୦ଟି ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛି। ଏହି ପ୍ରତିଯୋଗିତା ଗତ ୭ଓ ୮ ତାରିଖରେ ଓଡ଼ିଶା ପେନ୍‌ଚାକ ସିଲାଟ ସଂଘ ଦ୍ୱାରା ଭାରତୀୟ ପେନ୍‌ଚାକ ସିଲାଟ ଫେଡେରେଶନ୍, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଓ ଭାରତ ସରକାରଙ୍କ କ୍ରୀଡ଼ା ମନ୍ତ୍ରଣାଳୟ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଏହି ଲିଗ୍‌ରେ ପୂର୍ବ ଭାରତର ୧୨ ରାଜ୍ୟରୁ ୬୦୦ରୁ ଅଧିକ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ସଶସ୍ତ୍ର ପୋଲିସ ଦ୍ୱିତୀୟ ବାଟାଲିଅନ୍, ଝାରସୁଗୁଡ଼ାର କମାଣ୍ଡାଣ୍ଟ ପ୍ରସାଦ ତମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁରସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଲେଙ୍କା ମଧ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶା ପେନ୍‌ଚାକ ସିଲାଟ ସଂଘ ସଭାପତି ତାପସ କୁମାର ରାୟ ଚୌଧୁରୀ, ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା ଓ ଖଜାଞ୍ଚୀ ଭବାନୀ କୁମାରୀ ସାହୁଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିରେ ନାଗାଲାଣ୍ଡ ପ୍ରଥମ ରନର୍‌ଅପ୍ ଓ ଆସାମ ଦ୍ୱିତୀୟ ରନର୍‌ଅପ୍ ହୋଇଥିଲା।

# ବ୍ୟକ୍ତିଗତ ଜୀବନରେ ଅନେକ ସମସ୍ୟାରେ ଥିଲି

**ନୂଆଦିଲ୍ଲୀ,୯।୩**

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟକ୍ତିଗତ ଜୀବନରେ ସଂଘର୍ଷରୁ ଲଗାତର ଦୁଇ ଥର ଟି୨୦ ବିଶ୍ୱକପ୍ ଜିତିବା ପର୍ଯ୍ୟନ୍ତ ଯାତ୍ରା ସମ୍ପର୍କରେ ପ୍ରକାଶ କରିଛନ୍ତି। ଏହି ଷ୍ଟାର ଅଲରାଉଣ୍ଡର ଅହମଦାବାଦରେ ୨୦୨୬ ଟାଇଟଲ ଜିତିବା ସହ ପ୍ରତ୍ୟେକ ଟୁର୍ନାମେଣ୍ଟରେ ଭାରତ ପାଇଁ ଟ୍ରଫି ଜିତିବା ଲକ୍ଷ୍ୟରେ ଖେଳିବେ ବୋଲି ନିଜକୁ ଦେଇଥିବା ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ହାର୍ଦ୍ଦିକ କହିଛନ୍ତି ଯେ, 'ଆମେ ୨୦୨୪ରେ ଯେତେବେଳେ ଟି୨୦ ବିଶ୍ୱକପ୍ ଜିତିଥିଲୁ, ମୁଁ ବ୍ୟକ୍ତିଗତ ଭାବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲି। ଟୁର୍ନାମେଣ୍ଟ ପୂର୍ବରୁ ଅନେକ କିଛି ଘଟିଥିଲା ଏବଂ କିଛି ବି ମୋ ସପକ୍ଷରେ ଯାଉ ନ ଥିଲା। ୨୦୨୬ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ମୋତେ ସେଥିରୁ ମୁକ୍ତି ଦରକାର ବୋଲି ମନ ସ୍ଥିର କରିଥିଲି।


# Classified Everyday

0674-2580101, 9692975378


## REAL ESTATE
## SALE

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




All types of physiotherapy and massage contact 9556924059 / 7656969134. D-3523

All types of physiotherapy and massage contact 9556924059 / 7656969134. D-3591

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LOST

By virtue of an affidavit sworn before the Notary Public, Malkangiri, I, Rama Madi, aged 50 yrs, S/o- Late Era Madi of village- Doraguda, P.O.- Gompakonda, P.S.- Kalimela, Dist.- Malkangiri, Odisha, I, lost my ROR vide Khata No. 56, under Mouza Doraguda anywhere from my house. I swear this affidavit is in order to produce for in my favour for getting second copy of ROR of the above stated khata from the competent authority.
Sd./- Rama Madi
D-3589

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated 09.10.25, Anupama Behera, Palasuni, Prachivihar, Siva Temple, Rasulgarh, Khorda, Odisha, 751010 declare that I have changed my name from old name Anupama Mohanty to new name Anupama Behera. Henceforth, I shall be known as new name Anupama Behera for all purposes. D-3590

I, Kumari Sunita Panda, D/o- Sibaram Panda, resident of H-103, Shree Mahodadhi Nilaya, Tamando, Bhubaneswar, Odisha, have changed my name to Monalisha Panda for all purposes.
D-3587

I, Mohammad Sabuddin, S/o- Mohammad Sabir, R/o. Near Odia UP School, Sunapali, Sambalpur, P.O.- Dhankauda, P.S.- Dhanupali, District.- Sambalpur, PIN- 768006 (Odisha) declare by this affidavit No.- 113, Dt. 25.02.26 that now onwards I shall be known as Muhammad Shahabuddin for all future purposes. D-3588

By virtue of an affidavit sworn before Notary Public, Rayagada, dated 07.03.2026 I, KUNI JAKAKA, Address: AT-REGEDA, P.O.-KUTULI, P.S./DIST.- Rayagada, PIN-765002 declare that I have changed the name of my son from VISHMA JAKAKA to DEBENDRA JAKAKA. Henceforth, he shall be known as DEBENDRA JAKAKA for all purposes.
KUNI JAKAKA
D-3583

By virtue of an affidavit sworn before Executive Magistrate cum Tahasildar, Bhandaripokhari, No.- 368, dated- 19.02.2026, I, Sanjay Kumar Nayak, S/o.- Gouranga Charan Nayak, Address: At-Neulia, P.O.- Manjuri, P.S.- Bhandaripokhari, Dist.- Bhadrak, Odisha, PIN- 756122 declare that I have changed the name of my son from Jigansu Nayay to Jijnasu Nayak. Henceforth, he shall be known as Jijnasu Nayak for all purposes.
Sanjay Kumar Nayak
D-3575

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ହରପ୍ରିୟା ମହାନ୍ତି**
ସ୍ୱାମୀ: ୰କ୍ଷୀରୋଦ ଚନ୍ଦ୍ର ମହାନ୍ତି
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୪।୦୫।୧୯୪୩
ତିରୋଧାନ: ୨୮।୦୨।୨୦୨୬
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣ ଓ ଉତ୍ସର୍ଗୀକୃତ ଜୀବନାଦର୍ଶ ଆମର ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର- ଶିବ ମହାନ୍ତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୩୫୮୬

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିମା ଦାଶ**
ସ୍ୱାମୀ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଦାଶ
ଆବିର୍ଭାବ: ୦୨।୦୫।୧୯୪୦
ତିରୋଧାନ: ୨୮।୦୨।୨୦୨୬
ଦୀର୍ଘ ୮୬ବର୍ଷର କର୍ମମୟ ଜୀବନର ଅବସାନ
ବୋଉ,
ତୁମର ଅବର୍ତ୍ତମାନରେ ଆମ ପରିବାରର ସମସ୍ତଙ୍କ ହୃଦୟର ଶୂନ୍ୟସ୍ଥାନଟି ଚିରଦିନ ପାଇଁ ଅପୂରଣୀୟ ରହିଲା! ଦୀର୍ଘ ୮୬ ବର୍ଷର ତୁମ କର୍ମମୟ ଜୀବନରେ ସମସ୍ତଙ୍କ ମନରେ ଖୁସି ଦେବାପାଇଁ ତୁମର ଜନ୍ମ ହୋଇଥିଲା! ବାପାଙ୍କୁ ହରାଇବା ପରେ ଦୀର୍ଘ ୩୫ବର୍ଷର ତ୍ୟାଗ, ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଶୃଙ୍ଖଳିତ ଜୀବନ, ମାର୍ଗଦର୍ଶନ ଓ ଆଶୀର୍ବାଦ ଆମମାନଙ୍କ ପାଇଁ ଚିର ପାଥେୟ ଥିଲା ଓ ରହିବ! ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା ପୂର୍ବକ ଭକ୍ତିପୂତ ପ୍ରାର୍ଥନା କରୁଛୁ!
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ, ଚୂନଭାଟି, ଓ ଏମ୍ ପି ଛକ, କଟକ
ଧ-୩୫୮୫

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ନିମାଇଁ ଚରଣ ନାୟକ**
ଗ୍ରାମ: ରାୟଗୁରୁ ବାସୁଦେବପୁର, ବାଳକାଟୀ, ଖୋର୍ଦ୍ଧା
ଆବିର୍ଭାବ: ୧୯୨୪
ତିରୋଧାନ: ୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର: ଚକ୍ରଧର ନାୟକ, ବନ୍ଧୁ ଓ ପରିବାରବର୍ଗ
ଧ-୩୫୮୪

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଯୁବକ ମୃତ, ଜଣେ ଗୁରୁତର

**କଲମପୁର, ୯।୩(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନା ବଡ଼କୁଟ୍ରୁ ଫାଣ୍ଡି ଅନ୍ତର୍ଗତ କୋଟାଗାଁ ନୂତନ ଧାନ ମଣ୍ଡି ନିକଟରେ ସୋମବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ଘୋଡାବନ୍ଧ ଗ୍ରାମର ଉଦିତ ନାଗ (୩୫)। ସୂଚନା ଅନୁସାରେ ସନ୍ଧ୍ୟା ପ୍ରାୟ ୬ଟାରେ ଉଦିତ ବାଇକ୍ ଯୋଗେ କୌଣସି କାମରେ କୋଟାଗାଁକୁ ଯାଉଥିଲେ। ବିପରୀତ ପଟରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ପୀତାମ୍ବର ଶବର(୩୪)ଙ୍କ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉଦିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୀତାମ୍ବରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଲମପୁର ଥାନା ସବ୍‌ଇନ୍ସପେକ୍ଟର ଶିବଶଙ୍କର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

### ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖଡିଆଳ, ୯।୩ (ସୁଜିତ କୁମାର ପ୍ରଧାନ):** ଖଡିଆଳ ବ୍ଲକ ଲାଞ୍ଜି ଗ୍ରାମଠାରେ ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ଭାବେ ବଳରାମ ନନ୍ଦ ଓ ତାଙ୍କ ସହଧର୍ମିଣୀ ମୁକ୍ତା ନନ୍ଦ ଦାୟିତ୍ୱ ସମ୍ପାଦନ କରିଥିଲେ। ଗତ ଗୁରୁବାର କଳସ ଯାତ୍ରା ପରେ ୬ ଓ ୭ରେ ନାମ ସଂକୀର୍ତ୍ତନ ଓ ୮ରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ନାମଯଜ୍ଞରେ ୭ଗୋଟି ଦଳ ସାମିଲ ହୋଇଥିଲେ। ବରଗଡ଼ର ସୁଧର୍ମା ଦାସ, ବୋରିଂବଦର ଭୋଳା ଶଙ୍କର ସାହୁ, ବରଗଡ଼ ଜିଲା ଘୁଚାପାଲିର ଜସ୍ମିନ ମାଝୀ, ଭାଲୁମୁଣ୍ଡାର ବଳିଆ ମିଶ୍ର, ଲାଞ୍ଜି ଗ୍ରାମର ଦୀନବନ୍ଧୁ ମାଝୀ, ଝରାବାହାଲ ଗ୍ରାମର ଧ୍ୱଜରାମ ତେଜିଙ୍କ ବାଦ୍ୟ ଆକର୍ଷଣ ସାଜିଥିଲା। ଏଥିରେ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବିଡିଓ ମିଲନ କୁମାର ଝାଙ୍କର, ତହସିଲଦାର ନର୍ସିଂ ଗଡବା ପ୍ରମୁଖ ସାମିଲ ହୋଇଥିଲେ।

### ଦୁର୍ଘଟଣା ଘଟାଇ ଫେରାର ଯୁବକ ଗିରଫ

**ଖଡ଼ିଆଳ, ୯।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚନାବେଡା ରାସ୍ତାରେ ଦୁର୍ଘଟଣା ଘଟାଇ ଫେରାର ଥିବା ଜଣେ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଚନାବେଡା ଗ୍ରାମର ଶତ୍ରୁଜିତ ତାଣ୍ଡି। ସୂଚନା ଅନୁସାରେ ଗତ ୧୪ ଅକ୍ଟୋବର ୨୫ରେ ଖଡ଼ିଆଳ ଶାନ୍ତିନଗର ନିବାସୀ ନବୀନ ମିଶ୍ର ସନ୍ଧ୍ୟା ଭ୍ରମଣରେ ଯାଉଥିଲେ। ଏହି ସମୟରେ ସ୍କୁଟି (ସିଜି୦୪ ଏଲ୍‌ଏମ୍-୯୨୧୨)ରେ ଯାଉଥିବା ଶତ୍ରୁଜିତ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ନବୀନ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ସୋମବାର ଏସ୍‌ଆଇ ଅଶୋକ ବିହାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଆଇ ପ୍ରକାଶ କରିଛନ୍ତି।

# ତେନ୍ତୁଳିର ଚାହିଦା ଅଛି, ବଜାର ବ୍ୟବସ୍ଥା ନାହିଁ

**କଳାହାଣ୍ଡି ଜିଲା**

- ଏମ୍‌ଏସ୍‌ପିକୁ ଦୋଷ ଦେଇ ଚୁପ ବସିଛି ଟିଡିସିସି
- ୪ ହଜାରରୁ ଖସି ଏବେ ମାତ୍ର ୯୮ କୁଇଣ୍ଟାଲ ସଂଗ୍ରହ



**ଭବାନୀପାଟଣା, ୯।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡିରେ ତେନ୍ତୁଳି ସଂଗ୍ରହ ନୀତି ଯେଉଁଭଳି ଚାଲିଛି ସଂଗ୍ରହକାରୀ ସରକାରୀ ବ୍ୟବସ୍ଥାରେ ଲାଭ ପାଇବା ଆଶା ଛାଡିଦେଲେଣି। ଭବାନୀପାଟଣା ଟିଡିସିସି (ଆଦିବାସୀ ଉନ୍ନୟନ ସମବାୟ ନିଗମ ଲି) କହୁଛି ତେନ୍ତୁଳି କୁଇଣ୍ଟାଲ ପିଛା ୩୬ ଶହ ଟଙ୍କା। ସଂଗ୍ରହକାରୀ ବଜାରକୁ ଆଣି ବିକ୍ରିକଲେ କିଲୋପ୍ରତି ପାଉଛନ୍ତି ୫୦ରୁ ୬୦ଟଙ୍କା। ଅର୍ଥାତ୍ କୁଇଣ୍ଟାଲ ହିସାବରେ ୫ରୁ ୬ହଜାରରେ ବିକ୍ରି କରୁଛନ୍ତି। କିନ୍ତୁ ଯେତେବେଳେ ତେନ୍ତୁଳି ସଂଗ୍ରହକାରୀଙ୍କ ନିକଟରେ ଦଲାଲ ପହଞ୍ଚୁଛି କୁଇଣ୍ଟାଲ ପ୍ରତି ଶାଗ ମାଛ ଦରରେ ୧୫ଶହରୁ ଦୁଇ ହଜାର ଧରେଇ ପାର କରିଦେଉଥିବା କୁହାଯାଉଛି। ଏ କ୍ଷେତ୍ରରେ ଟିଡିସିସି କାହିଁକି ଚୁପ ରହୁଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ପୂର୍ବରୁ ୪ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ତେନ୍ତୁଳି ସଂଗ୍ରହ ହେଉଥିବାବେଳେ ଗତବର୍ଷ ମାତ୍ର ୯୮କୁଇଣ୍ଟାଲ ସଂଗ୍ରହ ହୋଇଛି। ଟିଡିସିସି ଜିଲାର ଏକମାତ୍ର ଥୁଆମୂଳ ରାମପୁର ବ୍ଲକର ବାଲିସରା ଗାଁର ୪ ଏସ୍‌ଏଚ୍‌ଜି ଦ୍ୱାରା ତେନ୍ତୁଳି ପାଉଥିବା ଜଣାପଡିଛି। ଆଦିବାସୀଙ୍କ ଜୀବନଜୀବିକା ପାଇଁ ପୁରୁଷ ପୁରୁଷ ଧରି ତେନ୍ତୁଳି ଚାହିଦା ପୂରଣ କରିଆସୁଛି। ହେଲେ ଉଚିତ ପ୍ରାପ୍ୟ ନ ମିଳିବା ଉଦ୍‌ବେଗର କାରଣ ହୋଇଛି। ଟିଡିସିସି ଦ୍ୱାରା ସ୍ଥିର ହୋଇଥିବା ଦର(ଏମ୍‌ଏସ୍‌ପି)କୁ ନେଇ କଳାହାଣ୍ଡିରେ ତେନ୍ତୁଳି କୁଇଣ୍ଟାଲ ପିଛା ୩୬ ଶହ ଟଙ୍କାରେ ସଂଗ୍ରହ ହେବା ଘଟଣା ଅଡୁଆ ସାଜିଛି। ଗ୍ରାମାଞ୍ଚଳରେ ଟିଡିସିସି ସିଧାସଳଖ ଏସ୍‌ଏଚ୍‌ଜି ମହିଳାଙ୍କ ଜରିଆରେ ତେନ୍ତୁଳି ସଂଗ୍ରହ ପ୍ରକ୍ରିୟା ଜାରି ରଖିଛି। ଏସ୍‌ଏଚ୍‌ଜି ସଂଗ୍ରହକାରୀଙ୍କ ସହ ଯୋଗସୂତ୍ର ରଖି ସଂଗୃହୀତ ତେନ୍ତୁଳି ଗଚ୍ଛିତ ରଖୁଛନ୍ତି। ପରେ ତାହାକୁ ଟିଡିସିସିକୁ ହସ୍ତାନ୍ତର କରୁଛନ୍ତି। ଏହି କାର୍ଯ୍ୟ ପାଇଁ ସେମାନେ କୁଇଣ୍ଟାଲ ପିଛା ୭୨ ଟଙ୍କା ଟିଡିସିସିଠାରୁ ପାଉଛନ୍ତି। ଅନ୍ୟପକ୍ଷରେ ତେନ୍ତୁଳି ସଂଗ୍ରହକାରୀ କୁଇଣ୍ଟାଲ ପିଛା ୩୬୦୦ ଟଙ୍କା ଟିଡିସିସିରୁ ନିଜ ପ୍ରାପ୍ୟ ନେଉଥିବା ବ୍ୟବସ୍ଥା ଜାରି ରହିଛି। ଜିଲାର ଲାଞ୍ଜିଗଡ, ଏମ୍. ରାମପୁର, ଥୁଆମୂଳ ରାମପୁର, ଭବାନୀପାଟଣା ଓ କଲମପୁର ଅଞ୍ଚଳକୁ ବାଦ ଦେଲେ ଅନ୍ୟ ବ୍ଲକଗୁଡିକରୁ ତେନ୍ତୁଳି ସଂଗ୍ରହ ହେବା ଜଣାପଡୁନାହିଁ। କୋକସରା ଭଳି କେତେକ ବ୍ଲକରେ ତେନ୍ତୁଳି ସଂଗ୍ରହ ହେଉଥିଲେ ମଧ୍ୟ ଟିଡିସିସି ଏଥିପ୍ରତି ଧ୍ୟାନ ଦେଉନାହିଁ। ଫଳରେ କମ ମୂଲ୍ୟରେ ଦଲାଲଙ୍କ ହାତକୁ ଟେକି ଦେଉଛନ୍ତି ସଂଗ୍ରହକାରୀ। ଜଣାପଡିଛି ଯେ, ଦଲାଲମାନେ କିଲୋ ପିଛା ୧୫ ଟଙ୍କା ଏବଂ ୫୦ କେଜି ବସ୍ତା ପିଛା ୫୦୦ ଟଙ୍କାରୁ କମ ମୂଲ୍ୟରେ ନେଇଯାଉଥିବା ନଜିର ରହିଛି। ଟିଡିସିସି ଅଧୀନରେ ଥିବା ୫ ବ୍ଲକର ୩୨ଟି ଏସ୍‌ଏଚ୍‌ଜି କାମ କରୁଥିବା ବେଳେ ଏବେ ସବୁ ପଛରେ ପଡୁଥିବା କାରଣ ଅସ୍ପଷ୍ଟ। ଜିଲାରେ ଶୀତଳ ଭଣ୍ଡାର ନିର୍ମାଣ ସହ ଅଧିକରୁ ଅଧିକ ହିତାଧିକାରୀଙ୍କୁ ଟିଡିସିସି ଦ୍ୱାରା ଯୋଡିବା ସମୟ ଆସିଛି। ତେବେ ସରକାରୀ ମୂଲ୍ୟଠାରୁ ବେସରକାରୀ ମୂଲ୍ୟ ଅଧିକ ହେଉଥବାରୁ ସଂଗ୍ରହକାରୀ ଖୋଲା ବଜାରରେ ନିଜ ତେନ୍ତୁଳିକୁ ବିକ୍ରି କରିଦେଉଛନ୍ତି। ଫଳରେ ଦିନକୁ ଦିନ ଟିଡିସିସି ପକ୍ଷରୁ ତେନ୍ତୁଳି ସଂଗ୍ରହ କମିଯାଉଛି ବୋଲି ଅଫିସ ପକ୍ଷରୁ କୁହାଯାଇଛି।

# ମୌଳିକ ସୁବିଧାରୁ ବଞ୍ଚିତ ଲୋକପ୍ରତିନିଧି



ଭଙ୍ଗା ଘର ଆଗରେ ପରିବାର ସଦସ୍ୟ।

**ଥୁଆମୂଳ ରାମପୁର, ୯।୩ (ଦୁର୍ଗା କୀର୍ତ୍ତି)**

ଜଣେ ଜନପ୍ରତିନିଧି ହୋଇ ବି ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଘଟଣା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାର ୱାର୍ଡମେମ୍ବର ଉଆଁସୀ ମାଝୀଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କ ପରିବାରରେ ଶାଶୁ, ଶ୍ୱଶୁର, ଦୁଇପୁଅ ଓ ବୋହୂ, ନାତିନାତୁଣୀଙ୍କୁ ମିଶାଇ ମୋଟ ୧୧ ଜଣ ସଦସ୍ୟ ରହିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଏହି ୧୧ ପ୍ରାଣୀ କୁଟୁମ୍ବ ଏକ ଭଙ୍ଗା ମାଟି କୁଡ଼ିଆରେ ଦିନ କାଟୁଛନ୍ତି। ଉଆଁସୀ ଜଣେ ଜନପ୍ରତିନିଧି ହୋଇ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା କହିଛନ୍ତି। ଏହି ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନେକ ୱାର୍ଡ ମେମ୍ବରଙ୍କୁ ନା ମିଳୁଛି ପକ୍କାଘର ନା ସାମାଜିକ ସୁରକ୍ଷା ଭତ୍ତା। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବିଜୟ ମାଝୀଙ୍କୁ ପଚାରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନାହିଁ। ଅନ୍ୟପଟେ ବ୍ଲକ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ସେମାନଙ୍କ ହକ୍ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି।

# ମା' ମାଣିକେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିଗଣ।

**ଭବାନୀପାଟଣା, ୯।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନର ଦ୍ୱିତୀୟ ବାର୍ଷିକ ଉତ୍ସବ ଭବାନୀପାଟଣା ଟାଉନ ହଲଠାରେ ପାଳିତ ହୋଇଯାଇଛି। ଏଥିରେ ଶହୀଦ ରେଣ୍ଡୋ ମାଝୀ କଲେଜର ଡିନ୍ ପ୍ରଫେସର କ୍ରିଷ୍ଣା କର ମୁଖ୍ୟ ଅତିଥି, ଶିକ୍ଷାବିତ୍ ତଥା ନାଟ୍ୟକାର ଡ଼. ଉମେଶ ଚନ୍ଦ୍ର ଶତପଥି ମୁଖ୍ୟ ବକ୍ତା ଓ ଶହୀଦ ରେଣ୍ଡୋ ମାଝୀ କଲେଜର ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ଼. ଲିଟି ମହାନ୍ତି, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ରବି ପ୍ରକାଶ କାନୁନ୍‌ଗୋ, କବି କାର୍ତ୍ତିକେଶ୍ୱର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ଅଧ୍ୟକ୍ଷା ଡାକ୍ତର ସ୍ୱାଗତିକା ସ୍ୱାଇଁ ବିବରଣୀ ପାଠ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ବବୁ ବାହାନ ସୁନାନିଧନ୍ୟବାଦ ଅର୍ପଣ କରିଥିଲେ।

# ଚାଷୀଙ୍କ ପାଇଁ ନିର୍ମାଣ ହେଲା ପିଚୁ ରାସ୍ତା

**କେସିଙ୍ଗା, ୯।୩ (ଡୁମେଶ୍ୱର ସାହୁ)**

କେସିଙ୍ଗା ବ୍ଲକ କନ୍ତେଶିର କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଦକ୍ଷିଣପାର୍ଶ୍ୱ କେନାଲ ରାସ୍ତା ଅଧୀକ୍ଷଣ ଯନ୍ତ୍ରୀ କ୍ଷୁଦ୍ର ଜଳସେଚନ ବିଭାଜନ କଳାହାଣ୍ଡିଙ୍କ ନିର୍ଦ୍ଦେଶ କ୍ରମେ ଓସିସି ଲିମିଟେଡ଼ ଭୁବନେଶ୍ୱର ଦ୍ୱାରା ନିର୍ମାଣ ହେଉଛି। ସୂଚନା ଅନୁସାରେ ୨୬ନଂ. ଜାତୀୟ ରାଜପଥରୁ ପ୍ରାୟ ୩କିମି ରାସ୍ତା ପୂର୍ବରୁ ପିଚୁ କାମ ସମ୍ପୂର୍ଣ୍ଣ ହୋଇଥିଲା। ଆଉ ୨.୫୦୦କିମି ରାସ୍ତା ନିର୍ମାଣ ହୋଇ ନ ଥିବାରୁ ବର୍ଷାଦିନେ କାଦୁଅ ରାସ୍ତାରେ ଚାଷୀମାନେ ଯିବାଆସିବା କ୍ଷେତ୍ରରେ ଘୋର ସମସ୍ୟା ଭୋଗୁଥିଲେ। ଏହାକୁ ନେଇ ସେମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଆବେଦନ କରିଥିଲେ। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ଅଞ୍ଚଳର ପ୍ରାୟ ଦୁଇଶହ ଚାଷୀ ସେମାନଙ୍କ ଚାଷଜମିକୁ ସୁବିଧାରେ ଗମନାଗମନ କରିପାରିବେ। ଅଢେଇ କିମି ରାସ୍ତା ନିର୍ମାଣ ପାଇଁ ୭୨ ଲକ୍ଷ ୩ ୭୫୩ ଟଙ୍କା ବ୍ୟୟ ଅଟକଳ ରହିଥିଲା। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ଜଗମୋହନ ନାଏକଙ୍କୁ ପଚାରିବାରୁ ଅଞ୍ଚଳର ଚାଷୀମାନେ କାଦୁଅ ରାସ୍ତାରେ ଯିବାଆସିବା କରୁଥିଲେ। ଚାଷୀଙ୍କ ସମସ୍ୟା ଦୂର କରିବା ପାଇଁ ଦୁଇ ତିନି ଦିନ ମଧ୍ୟରେ ପିଚୁ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଥିଲେ।

# କିସ୍‌ରେ ଅନ୍ତର୍ଜାତୀୟ ମହିଳା ଦିବସ

**ଭବାନୀପାଟଣା, ୯।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କବି ତଥା ଖବରଦାତା ଲଳିତ କାନୁନଗୋ ମୁଖ୍ୟ ଅତିଥି ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲିଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମାଜରେ ଜଣେ ନାରୀର ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଦ୍ୟାଳୟର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ମନ୍ତ କୁମାର ପ୍ରଧାନ, ପ୍ରଶାସନିକ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବିଶ୍ୱାଳ, ପ୍ରଧାନଶିକ୍ଷୟିତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ଶ୍ରେଣୀର ଛାତ୍ରୀ ବିନୋଦିନୀ ମାଝୀ, ଲିପ୍ସା ମାଝୀ ଓ ଅର୍ପିତା ମାଝୀ ମହିଳାଦିବସ ଉପଲକ୍ଷେ ସୁନ୍ଦର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅଭିପ୍ସା ସାହୁ ଧନ୍ୟବାଦ ଦେଇଥିଲେ।

# ପୁରୀ ଗଲେ ୭୪ ବରିଷ୍ଠ ତୀର୍ଥଯାତ୍ରୀ

**ନୂଆପଡ଼ା, ୯।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାରୁ ୭୪ ଜଣ ବରିଷ୍ଠ ତୀର୍ଥଯାତ୍ରୀ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ରବିବାର ସନ୍ଧ୍ୟାରେ ପୁରୀ ଶ୍ରୀମନ୍ଦିର ଦର୍ଶନ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ନୂଆପଡ଼ା ଆମ ବସ୍ ଷ୍ଟାଣ୍ଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କଳାହାଣ୍ଡି ଏମ୍‌ପି ପ୍ରତିନିଧି ପ୍ରେମ ଅଗ୍ରୱାଲ, ନୂଆପଡ଼ା ବିଧାୟକ ପ୍ରତିନିଧି କଳ୍ପନା ଢୋଲକିଆ, ଭାଜପା ଜିଲା ସଭାପତି କମଲେଶ ଦୀକ୍ଷିତ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ପ୍ରମୁଖ ଯୋଗଦେଇ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ଦୁଇଟି ଭଲ୍‌ଭୋ ବସରେ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସୁବିଧା ଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, ନୂଆପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦିପ କୁମାର ଚନ୍ଦ୍ରକାର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଓଏସ୍‌ଆର୍‌ଟିସି ଡିଏମ୍ ଆକାଶ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଯାତ୍ରୀମାନଙ୍କ ଶୁଭକାମନା କରିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଛି ଆବର୍ଜନା ସ୍ଥଳ

**ନୂଆପଡ଼ା, ୯।୩ (ମକାରୁ ବେମାଲ)**



ପଞ୍ଚାୟତ କାର୍ଯ୍ୟାଳୟରେ ପଡିରହିଥିବା ଅଳିଆ ଆବର୍ଜନା।

ନୂଆପଡ଼ା ଜିଲାର ପଞ୍ଚାୟତ କାର୍ଯ୍ୟାଳୟ ଏବେ ଆବର୍ଜନା ସ୍ଥଳ ପାଲଟିଛି। ଦୀର୍ଘଦିନ ଧରି ଆବର୍ଜନା ପଡିରହୁଥିବାରୁ କାର୍ଯ୍ୟାଳୟ ପରିସର ପ୍ରଦୂଷିତ ହେବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଜିଲା ଗଠନ କରିବା ପାଇଁ ଆହ୍ୱାନ ଦିଆଯାଇଛି। ପଲିଥିନ, ପ୍ଲାଷ୍ଟିକ ବୋତଲ ଓ ଏକକ ବ୍ୟବହାର ପ୍ଲାଷ୍ଟିକ ବନ୍ଦ କରିବା ପାଇଁ ଜିଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶକ୍ରମେ ଅଭିଯାନ ଜାରି ରହିଛି। ୨୦୨୫ ଜୁନ ୧୩ରୁ ଏକକ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରି ପ୍ରତି ଗାଁ ଓ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସଚେତନତା କରି ଅଳିଆ ଆବର୍ଜନା ଗୋଟାଇବା ଆରମ୍ଭ କରିଥିଲେ। ଏହାସହ ପ୍ରତି ସୋମବାର ସଦର ମହକୁମା ଓ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ସେହି ବ୍ଲକର ଯେ କୌଣସି ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକକ ବ୍ୟବହାର ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମରେ ଆବର୍ଜନା ଗୋଟାଇ ଜିଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ବାର୍ତ୍ତା ଦେଇଆସୁଛନ୍ତି। ବର୍ତ୍ତମାନ ଶନିବାର ଦିନକୁ ପ୍ରଶାସନ ପକ୍ଷରୁ ସ୍ୱଚ୍ଛତା ସଚେତନତା ଦିବସ ଭାବରେ ଗ୍ରହଣ କରାଯାଇ ଅଧିକାରୀ, କର୍ମଚାରୀମାନେ ଗାଁକୁ ଗାଁ ଯାଇ ସଫେଇ ପରେ ଅଳିଆ ଆବର୍ଜନା ଅନ୍ୟତ୍ର ନ ଫିଙ୍ଗି କିମ୍ବା ନିଆଁରେ ନ ପୋଡି ପଞ୍ଚାୟତ କାର୍ଯ୍ୟାଳୟରେ ଜମା କରି ଫେରୁଛନ୍ତି। ଫଳରେ ଏବେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ କୁଢ କୁଢ ଅଳିଆ ଆବର୍ଜନା ପଡିରହିଛି। ଏହା ପଚିଶଢ଼ି ଦୁର୍ଗନ୍ଧ ହେବା ସହ ମଶାମାଛିଙ୍କ ଅନ୍ତୁଡିଶାଳ ପାଲଟିଛି। ଏ ସମ୍ପର୍କରେ ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଅଳିଆ ଫିଙ୍ଗିବା ପାଇଁ ଆମକୁ କୌଣସି ନିର୍ଦ୍ଦେଶ ନ ଥିବାବେଳେ ପ୍ରାୟ ୯ ମାସ ହେବ ଅଳିଆ ପଡିରହିଛି। ଦୁର୍ଗନ୍ଧ ଯୋଗୁ ହିତାଧିକାରୀ ପଞ୍ଚାୟତ ଆସିବା ପାଇଁ ନାକ ଟେକୁଛନ୍ତି ବୋଲି କହିଥିଲେ। ଜିଲାପାଳ ଦାଶଙ୍କୁ ପଚାରିବାରୁ ପଞ୍ଚାୟତ ପିଇଓମାନେ ଅଳିଆକୁ ଏନ୍‌ଏସିକୁ ହସ୍ତାନ୍ତର କରିବେ। ଏନ୍‌ଏସି କର୍ମଚାରୀ ଅନ୍ୟତ୍ର ନେଇ ପୋଡିବେ ନ ହେଲେ ଗାତକରି ପୋତିଦେବେ ବୋଲି କହିଥିଲେ।

# ମହିଳା ଦିବସରେ କବିତା ପାଠୋତ୍ସବ

**ନୂଆପଡ଼ା, ୯।୩ (ମକାରୁ ବେମାଲ)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ସୁର୍ମି ସୋରେନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବୟିତ୍ରୀମାନେ ମହିଳା ସଶକ୍ତୀକରଣ, ସମାଜରେ ନାରୀଙ୍କ ଭୂମିକା ଆଧାରରେ କବିତା ପାଠ କରିଥିଲେ। ସର୍ବକନିଷ୍ଠ କବିଙ୍କ ବୟସ ୮ ବର୍ଷ ଥିବାବେଳେ ବରିଷ୍ଠ କବିଙ୍କ ବୟସ ୮୩ ବର୍ଷ ରହିଥିଲା। ଶିକ୍ଷକ ଭବତୋଷ ଦାଶ, କବୟିତ୍ରୀ ଶୁଭଶ୍ରୀ ଜେନା ଓ ପ୍ରତିମା ରାଜ ସଂଯୋଜନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ରମେଶ ମହରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସ୍ୱଚ୍ଛତା ସଂଯୋଜକ ଅନିଲ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁକନ୍ୟା ସଶକ୍ତୀକରଣ କାର୍ଯ୍ୟକ୍ରମ

**ଖଡ଼ିଆଳ, ୯।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିଶୁକନ୍ୟା ସଶକ୍ତୀକରଣ ଓ କିଶୋରୀ କାର୍ଯ୍ୟକ୍ରମ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ କିଶୋରୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ରାଜ୍ୟସ୍ତରୀୟ ପ୍ରଶିକ୍ଷିକା ଡାକ୍ତର ସଂଘମିତ୍ରା ବାବୁ ଓ ଶିକ୍ଷାବିତ୍ ସବିତା ପଟ୍ଟନାୟକ ଯୋଗଦେଇ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ନୀଳିମାରାଣୀ ସାଗର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପୁନମ ମାଝୀ କିଶୋରୀମାନଙ୍କ ସଫଳ କାହାଣୀ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପରିବର୍ତ୍ତନ ଓ ଶରୀର ଉପରେ ଏହାର ପ୍ରଭାବ ନେଇ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ପ୍ରତୀକ୍ଷାରାଣୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀମାନଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ।

# ୬ମାସ ପରେ ବି ତୁର୍କେଲ ବ୍ରିଜ୍‌ରେ ଯାତାୟାତ ଠପ୍

**ଭବାନୀପାଟଣା, ୯।୩ (ଉତ୍ତମ କୁମାର ଦାଶ)**




କଳାହାଣ୍ଡି ଜିଲାଭବାନୀପାଟଣାରୁ ନୂଆପଡ଼ା ଜିଲାକୁ ସଂଯୋଗ କରୁଥିବା ତୁର୍କେଲ ବ୍ରିଜ୍ ଦବିଯିବା ଯୋଗୁ ପୂର୍ତ୍ତ ବିଭାଗ ପକ୍ଷରୁ ଯାତାୟାତ ବନ୍ଦ ଘୋଷଣା କରାଯାଇଛି। ଗତ ସେପ୍ଟେମ୍ବର ୨୨ରେ ପ୍ରବଳ ବର୍ଷା ଯୋଗୁ ତୁର୍କେଲ ବ୍ରିଜ ଦବିଯାଇଥିଲା। ଫଳରେ ବିପଦ ଆଶଙ୍କା କରି ଏହା ଉପରେ ଗାଡି ଚଳାଚଳ ବନ୍ଦ କରାଯାଇଛି। ରୋକ ଲାଗିବାପରେ ପୋଲ ପୂର୍ବରୁ ଆରଡ଼ି ରାସ୍ତାଦେଇ ଲୋକେ ଖଡ଼ିଆଳ ଯାଉଛନ୍ତି। ସେହିପରି କେସିଙ୍ଗା ଦେଇ ଜାତୀୟ ରାଜପଥ ୫୯ରେ ଟିଟିଲାଗଡ଼ କିମ୍ବା ବିଜୁ ଏକ୍ସପ୍ରେସ ରାସ୍ତାକୁ ଭରସା କରୁଛନ୍ତି। ରାଜ୍ୟ ରାଜପଥ ୧୬ରେ ତେଲ ନଦୀ ଉପରେ ତୁର୍କେଲ ପୋଲ ୧୯୭୦ ମସିହାରେ ନିର୍ମାଣ ହୋଇଥିଲା। ପୋଲର ଗୋଟିଏ ସ୍ଥାନରେ ସମ୍ପ୍ରସାରଣ ଜଏଣ୍ଟ ନିକଟରେ ପାଣି ଜମି ରହିବାରୁ ଗତ ଜୁନ ମାସରେ ସେଣ୍ଟ୍ରାଲ ରୋଡ଼ ରିସର୍ଚ୍ଚ ଇନଷ୍ଟିଚ୍ୟୁଶନ ଟିମ୍ ଆସି ସର୍ଭେ କରିଥିଲା। ବର୍ତ୍ତମାନ ବ୍ରିଜ୍‌ରେ ଯାତାୟାତ ବନ୍ଦ ଯୋଗୁ ବୋର୍ଡା ମିଲ୍‌କି ଅଞ୍ଚଳକୁ ସିଧାସଳଖ ଯୋଗାଯୋଗ ଠପ ହୋଇଛି। ଭବାନୀପାଟଣା ପଟୁ ପ୍ରଥମେ ମାଡିଙ୍ଗ ଗାଁରୁ ଠେମରା, ତେନ୍ତୁଳିଖୁଣ୍ଟି, ଗରଗାବ, ଚହକା, କାନ୍ଦୁଲଝରରୁ ସାଲେପଡା ଦେଇ ମୁଖ୍ୟରାସ୍ତାରେ ପହଞ୍ଚିବାକୁ ପଡୁଛି। ଏଥିଯୋଗୁଁ ପ୍ରାୟ ୨୦କିମି ଦୂରତା ବୁଲିବାକୁ ପଡୁଛି। ପୂର୍ତ୍ତ ବିଭାଗ ପକ୍ଷରୁ ଭବାନୀପାଟଣା ଖରିଆର ରାସ୍ତା ପାଇଁ ପ୍ରାୟ ୫ଶହ କୋଟିର ଟେଣ୍ଡର କରାଯାଇ ଓବିସି ସଂସ୍ଥାର ଚୁଡାନ୍ତ ହୋଇଛି । ଏହି ଟେଣ୍ଡର ହୋଇଥିବା ଯୋଗୁ ଅସ୍ଥାୟୀ ରାସ୍ତା ପାଇଁ ଜିଲା ପ୍ରଶାସନ ଆଗ୍ରହ ଦେଖାଉ ନ ଥିବା କୁହାଯାଉଛି। ଏହି ଟେଣ୍ଡରରେ ତୁର୍କେଲ ବ୍ରିଜକୁ ପ୍ରଥମେ କରିବା ପାଇଁ କୁଆଡେ ସମ୍ପୃକ୍ତ ସଂସ୍ଥାକୁ କୁହାଯାଇଛି। ବର୍ତ୍ତମାନ ଓବିସି ନିର୍ମାଣ ସଂସ୍ଥା ଭରସାରେ ମିଲକି ଅଞ୍ଚଳବାସୀ ରହିଛନ୍ତି। ଦୀର୍ଘ ୬ ମାସ ବିତିଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ଏହି ବ୍ରିଜ୍ ନିର୍ମାଣକୁ ନେଇ କଂଗ୍ରେସ ଓ ବିଜେଡି ପକ୍ଷରୁ ଧାରଣା ମଧ୍ୟ ଦିଆଯାଇଥିଲା। ବ୍ରିଜ୍ କେବେ ହେବ ସେ ନେଇ ଧାନ ମଣ୍ଡି, କପା ମଣ୍ଡି, ସ୍କୁଲ କଲେଜ, ହସ୍ପିଟାଲ ଉପରେ ନିର୍ଭର କରୁଥିବା ମିଲକି ଅଞ୍ଚଳବାସୀ ସନ୍ଦିହାନ ହୋଇପଡିଛନ୍ତି। ଏ ନେଇ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶିବାଜୀ ପ୍ରଧାନଙ୍କୁ ପଚାରିବାରୁ ଭବାନୀପାଟଣା ଖଡ଼ିଆଳ ରାସ୍ତା ନିର୍ମାଣ ପାଇଁ ୫ଶହ କୋଟି ବ୍ୟୟ ଅଟକଳରେ ଓଡିଶା ବ୍ରିଜ କନଷ୍ଟ୍ରକ୍ସନ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହି ସଂସ୍ଥାକୁ ତୁର୍କେଲ ବ୍ରିଜ ପ୍ରଥମେ ନିର୍ମାଣ କରିବା ପାଇଁ ଅନୁରୋଧ କରାଯାଇଥିବା ସେ କହିଥିଲେ।

## ସଂକ୍ଷେପରେ

### ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବରଗଡ଼, ୯ ।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା କାରାଗାରର ଜଣେ ବିଚାରାଧୀନ ବନ୍ଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ମୃତ ବିଚାରାଧୀନ ବନ୍ଦୀ ଜଣକ ହେଲେ, ଭେଡ଼େନ ଥାନା ଅରେଇଗୁଡ଼ି ଗ୍ରାମର ସୁଶୀଲ ସାହୁ(୪୭)। ମୃତକ ଜଣକ ଏକ ହତ୍ୟା ମାମଲାର ଅଭିଯୁକ୍ତ ଭାବେ ୨୦୧୯ ସେପ୍ଟେମ୍ବର ୨୯ତାରିଖରୁ ବରଗଡ଼ ଜିଲା କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ଗତ ୬ ତାରିଖରୁ ଭୀମସାର୍, ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁର୍ଲା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଗଞ୍ଜେଇ ସହ ୨ ବେପାରୀ ଗିରଫ



**ଝାରବନ୍ଧ, ୯।୩(ଦେବେନ୍ଦ୍ର ସାହୁ):** ବେଆଇନ ଗଞ୍ଜେଇ ଚାଲାଣ ଅଭିଯୋଗରେ ଝାରବନ୍ଧ ପୋଲିସ ସୋମବାର ୨ଜଣ ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡ଼, ପିପରିୟା ଥାନା ଅଞ୍ଚଳର ଦିଲୀପ ଯାଦବ, ଅନୁରାଗ ନିର୍ମଳକର। ତାଙ୍କଠାରୁ ୫ କେଜି ଗଞ୍ଜେଇ ସହ ଗୋଟିଏ ନମ୍ବର ବିହୀନ ବାଇକ୍, ୧୩୭୦୦ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ଝାରବନ୍ଧ ଥାନା ଅଧିକାରୀ ଶୁକ୍ର ମାଡ଼ିଙ୍କ ସୂଚନା ଅନୁସାରେ, ଝାରବନ୍ଧ ଥାନା ଅଞ୍ଚଳ ଦେଇ ଛତିଶଗଡ଼ ଅଞ୍ଚଳକୁ ଗଞ୍ଜେଇ ପାର ହେଉଥିବା ଖବର ପାଇ ଝାରବନ୍ଧ ଓ ଛତିଶଗଡ଼ ସୀମା ଲୋହରସିଂ ଗାଁଠାରେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏ ନେଇ ଝାରବନ୍ଧ ଥାନା ପୋଲିସ ନଂ.୩୫/୨୬ରେ ମାମଲା ରୁଜୁ କରିଛି।

### ବାଇକ୍ ଦୁର୍ଘଟଣା: ଯୁବକ ମୃତ, ଜଣେ ଗୁରୁତର

**କଲମପୁର, ୯।୩(ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନା ବଡ଼କୁଟ୍ରୁ ଫାଣ୍ଡି ଅନ୍ତର୍ଗତ କୋଟାଗାଁ ନୂତନ ଧାନ ମଣ୍ଡି ନିକଟରେ ସୋମବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ଘୋଡାବନ୍ଧ ଗ୍ରାମର ଉଦିତ ନାଗ (୩୫)। ସୂଚନା ଅନୁସାରେ ସନ୍ଧ୍ୟା ପ୍ରାୟ ୬ଟାରେ ଉଦିତ ବାଇକ୍ ଯୋଗେ କୌଣସି କାମରେ କୋଟାଗାଁକୁ ଯାଉଥିଲେ। ବିପରୀତ ପଟରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ପୀତାମ୍ବର ଶବର(୩୪)ଙ୍କ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଉଦିତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୀତାମ୍ବରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଲମପୁର ଥାନା ସବ୍‌ଇନ୍ସପେକ୍ଟର ଶିବଶଙ୍କର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ଧାନ ଗଦାକଲେ, ପଖାଳ ଖାଇଲେ



ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀମାନେ ପଖାଳ ଖାଉଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀମାନେ ଧାନ ଗଦା କରିଛନ୍ତି।

**ବରଗଡ଼, ୯ ।୩(ପ୍ରେମାନନ୍ଦ ଖମାରୀ)**

**ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଅଭିନବ ପ୍ରତିବାଦ**

ରବି ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ମଙ୍ଗଳବାରରୁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। କିନ୍ତୁ ବିଭାଗୀୟ ଅଧିକାରୀଙ୍କଠାରେ ଆବଶ୍ୟକ କାଗଜାତ ଦାଖଲ ସତ୍ତ୍ୱେ ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଗତ ଖରିଫ୍‌ରେ ଅମଳ ଧାନବିକ୍ରି ପାଇଁ ପଞ୍ଜୀକୃତ ହୋଇ ପାରି ନାହାନ୍ତି। ଫଳରେ ସେମାନଙ୍କ ଧାନ ଏପର୍ଯ୍ୟନ୍ତ ବିକ୍ରି ହୋଇ ନ ପାରି ବିଭିନ୍ନ ମଣ୍ଡି, ଖଳାରେ ଖୋଲା ଆକାଶତଳେ ପଡ଼ି ରହିଛି। ଧାନବିକ୍ରିରେ ଏଭଳି ଅବ୍ୟବସ୍ଥାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ସୋମବାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧୀନ ଭେଡ଼େନ ବ୍ଲକ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ପୁଣି ବାଇକ୍ ଯୋଗେ ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଗଦା କରିଛନ୍ତି। ଏହା ସହିତ ପଖାଳ ଖାଇ ସେଠାରେ ସେମାନେ ଧାରଣାରେ ବସିଛନ୍ତି। ଖବର ଲେଖା ହେବା ସୁଦ୍ଧା(ସନ୍ଧ୍ୟା ୬ଟା ୩୦ ମିନିଟ୍ ପର୍ଯ୍ୟନ୍ତ) ଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଷୀଙ୍କ ଧାରଣା ଜାରି ରହିଛି।

ସୂଚନା ଅନୁଯାୟୀ, ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଗତବର୍ଷ ଅଗଷ୍ଟ ମାସରେ ଚାଷୀ ପଞ୍ଜୀକରଣ ଚାଲିଥିଲା। ସେତେବେଳେ ଚାଷୀମାନେ ବିଭାଗୀୟ କାର୍ଯ୍ୟାଳୟରେ ଆବଶ୍ୟକ କାଗଜାତ୍ ପ୍ରଦାନ କରି ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଜିଲାର ଅନେକ ଚାଷୀ ଧାନବିକ୍ରି ପାଇଁ ପଞ୍ଜୀକୃତ ହୋଇ ପାରି ନାହାନ୍ତି ଏବଂ ଧାନବିକ୍ରିରୁ ବଞ୍ଚିତ ଅଛନ୍ତି। ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ, ଏମ୍‌ପି ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଏଭଳି ସମସ୍ୟାରେ ଛନ୍ଦି ହୋଇ ପଡ଼ିଥିବା ଭେଡ଼େନ ବ୍ଲକ ଅନ୍ତର୍ଗତ ବହଲପାଲି, ତାଲମେଣ୍ଡା, ଦେକୁଲବା, ପାତରପାଲି, ଦେହେରୀପାଲି, ସାନ ପିପିଲିପାଲି, ଖଗସିପାଲି ଆଦି ଗ୍ରାମର ଚାଷୀଙ୍କ ପ୍ରାୟ ୨୫ହଜାର ପ୍ୟାକେଟ୍ ଧାନ ସହରାଟିକ୍ରା ମଣ୍ଡିରେ ବିକ୍ରି ଅପେକ୍ଷାରେ ପଡ଼ି ରହିଛି। ଧାନ ଉଠାଣ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନିକ ତତ୍ପରତା ପ୍ରକାଶ ନ ପାଇବା ପ୍ରତିବାଦରେ ଗତ ୫ତାରିଖ ଉପରୋକ୍ତ ଗ୍ରାମର ଚାଷୀମାନେ ବାଇକ୍ ଯୋଗେ ୧୫ ପ୍ୟାକେଟ୍ ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରି ଧାରଣାରେ ବସିବା ସହିତ ସନ୍ଧ୍ୟାରେ ଘରକୁ ଫେରିଥିଲେ। ମାତ୍ର ରାତାରାତି ସେହି ଧାନ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାଏବ୍ ହୋଇଯିବାରୁ ଗତ ୬ତାରିଖ ଧାନ ଚୋରି ଅଭିଯୋଗ ନେଇ ଚାଷୀମାନେ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ।

ତେବେ ସେହି ଧାନର ଥଳକୂଳ ଏପର୍ଯ୍ୟନ୍ତ ମିଳି ନ ଥିବାବେଳେ ସୋମବାର ପୁଣି ଚାଷୀମାନେ ବାଇକ୍ ଯୋଗେ ଧାନ ଆଣି ଜିଲାପାଳଙ୍କ କାର୍ଯ୍ୟାଳୟରେ ଗଦା କରିବା ସହିତ ଧାରଣାରେ ବସିଛନ୍ତି। ଧାରଣାସ୍ଥଳକୁ ସହକାରୀ ସମବାୟ ନିବନ୍ଧକ(ଏଆରସିଏସ୍) ରାଧେ ମେହେର, ଜିଲା ଯୋଗାଣ ଅଧିକାରୀ(ସିଏସଓ) ଦିବ୍ୟସିଂ ବଡ଼ମାଳି, ସହକାରୀ ଯୋଗାଣ ଅଧିକାରୀ ବ୍ୟୋମକେଶ ମାଝି, ଅତିରିକ୍ତ ଉପଜିଲାପାଳ ମଦନଲାଲ ପଣ୍ଡା ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ ଏବଂ ଉକ୍ତ ସମସ୍ୟାର ସମାଧାନ ପାଇଁ ୨ଦିନ ସମୟ ଲୋଡ଼ିଥିଲେ। ମାତ୍ର ଚାଷୀମାନେ ଧାନବିକ୍ରି ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ରୋକଠୋକ୍ ଶୁଣାଇ ଦେଇଥିଲେ। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର, ରବିଶଙ୍କର ପ୍ରଧାନ, ନିରଞ୍ଜନ ପ୍ରଧାନ, ଯୋଗେଶ ପ୍ରଧାନ, ସୁରେଶ ନିକାଣ୍ଡିଙ୍କ ସମେତ ଅନେକ ଚାଷୀ ଧାରଣାରେ ସାମିଲ ଥିଲେ।

# ଅଧେ ଚାଷୀଙ୍କୁ ଉଠାଇନେଲା ପୋଲିସ

**ବରଗଡ଼, ୯ ।୩(ପ୍ରେମାନନ୍ଦ ଖମାରୀ)**

ଧାନବିକ୍ରି ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ବିଭିନ୍ନ ଗ୍ରାମର ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାନ ଗଦା କରି ଧାରଣାରେ ବସିଛନ୍ତି। ତେବେ ସୋମବାର ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରୁ ୭ଟା ମଧ୍ୟରେ ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଧାରଣାସ୍ଥଳକୁ ପହଞ୍ଚିଥିଲେ। ସେଠାରେ ଗଦା ହୋଇଥିବା ଧାନକୁ ଖୋଦ୍ ପୋଲିସ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ବାହାରକୁ ଉଠାଇ ଆଣିଥିଲେ। ଏହା ସହିତ କିଛିଶ୍ରମିକ ମଧ୍ୟ ନିୟୋଜିତ ଥିଲେ। ସେହିପରି ଧାରଣାରେ ବସିଥିବା ତାଲମେଣ୍ଡା ଗ୍ରାମର ଚାଷୀ ବିଜୁ ସାହୁ, ଯାଦବ ସାହୁ, ବିକାଶ ଭୋଇ, ଅକ୍ଷୟ ସାହୁ, ପ୍ରକାଶ ସାହୁଙ୍କ ସମେତ କେତେକ ଚାଷୀଙ୍କୁ ପୋଲିସ ଉଠାଇ ନେଇ ସେମାନଙ୍କୁ ଚକରକେନ୍ଦସ୍ଥିତ ରିଜର୍ଭ ପୋଲିସରେ ଅଟକ ରଖିଥିବା ସୂଚନା ମିଳିଛି। ଅନ୍ୟପଟେ ବାକି ଚାଷୀମାନେ ଖବର ଲେଖାହେବା ସୁଦ୍ଧା(ରାତି ୮ଟା ପର୍ଯ୍ୟନ୍ତ) ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଜାରି ରଖିଛନ୍ତି।

# ଶୃଙ୍ଖଳାରୁ ସଫଳତା ମିଳେ




ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ।

**ବରଗଡ, ୯ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ରବିବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ହୀରାକୁଦ ବନ୍ୟ ପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ବକ୍ତାଭାବେ ଯୋଗଦେଇ ଶୃଙ୍ଖଳା ସହ ନିଜ ଦାୟିତ୍ୱ ପ୍ରତିପାଦନ କଲେ ସଫଳତା ଆପେ ଆପେ ଆସିଥାଏ ବୋଲି କହିଥିଲେ। ଅନ୍ୟତମ ବକ୍ତାଭାବେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁଷମା ଯୋଗଦେଇ କହିଥିଲେ, ଆମ ସମାଜରେ ନାରୀର ପୂଜା ସର୍ବତ୍ର ହୋଇଥାଏ। ସେ ପୁରଣ ପୃଷ୍ଠାରୁ ବିଭିନ୍ନ ଉଦାହରଣ ମାଧ୍ୟମରେ ନାରୀ କିଭଳି ନିଜର କର୍ମ ଦକ୍ଷତା ବଳରେ ସମାଜରେ ନିଜ ସ୍ଥାନ ନିଜେ ସୃଷ୍ଟି କରିପାରିଛି ତାର ଉପରେ ଗଭୀର ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ମହାତ୍ମା ଗାନ୍ଧୀ ଓ ସରସ୍ୱତୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଧୂପଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ସଭା ପ୍ରାରମ୍ଭରେ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ କବି ଖଗେଶ୍ୱର ସେଟଙ୍କ ରଚନାରୁ ଏକ କବିତା ଗାନ କରିଥିଲେ। କାର୍ଯ୍ୟକ୍ରମରେ ପାଠାଗାରର ବରିଷ୍ଠ ସଦସ୍ୟା ଅଧ୍ୟାପିକା ଜୟଶ୍ରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଡଃ ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲେ। ଅତିଥିମାନଙ୍କୁ ପାଠାଗାର ପକ୍ଷରୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପାଠାଗାରର ସଦସ୍ୟମାନଙ୍କ ସହ ବହୁ ବୁଦ୍ଧିଜୀବୀ, କବି ଲେଖକ, ସାହିତ୍ୟିକ ଉପସ୍ଥିତ ଥିଲେ।

# ବିକାଶରେ ଅନ୍ତର୍ଜାତୀୟ ମହିଳା ଦିବସ




ବିକାଶ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସରେ ଅନ୍ତର୍ଜାତୀୟ ମହିଳା ଦିବସ।

**ବରଗଡ଼, ୯ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକେସନାଲ ଇନଷ୍ଟିଚ୍ୟୁଶନ୍ସରେ ରବିବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ ଅଭିନେତ୍ରୀ ତଥା ସାହିତ୍ୟିକା ଡଃ ତପସ୍ୱିନୀ ଗୁରୁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଉକ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ସଙ୍ଗୀତ, ନୃତ୍ୟ ପରିବେଷଣ କରିଥିଲେ। ଛାତ୍ରୀ ଅନନ୍ୟା ପାଢ଼ୀଙ୍କ ଓଡ଼ିଶୀ ଏବଂ ଛାତ୍ରୀ ସ୍ୱାତିଶ୍ରୀ ପ୍ରଧାନଙ୍କ ଅଭିଭାଷଣ ମର୍ମସ୍ପର୍ଶୀ ହୋଇଥିଲା। ଅଧ୍ୟାପିକା ମୌସୁମୀ ସ୍ୱାଇଁ ନାରୀମାନଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିକାଶ ହାୟର ଏଜୁକେଶନାଲ କ୍ୟାମ୍ପସର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିବାବେଳେ ଅଧ୍ୟାପିକା, ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ସୌମ୍ୟାଶ୍ରୀ ମିଶ୍ର, ସନ୍ତୋଷୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପିକା ଅଦିତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦୁର୍ଘଟଣା ଘଟାଇ ଫେରାର ଯୁବକ ଗିରଫ

**ଖଡ଼ିଆଳ, ୯।୩ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଚନାବେଡା ରାସ୍ତାରେ ଦୁର୍ଘଟଣା ଘଟାଇ ଫେରାର ଥିବା ଜଣେ ଯୁବକଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ସ୍ଥାନୀୟ ଚନାବେଡା ଗ୍ରାମର ଶତ୍ରୁଜିତ ତାଣ୍ଡି। ସୂଚନା ଅନୁସାରେ ଗତ ୧୪ ଅକ୍ଟୋବର ୨୫ରେ ଖଡ଼ିଆଳ ଶାନ୍ତିନଗର ନିବାସୀ ନବୀନ ମିଶ୍ର ସନ୍ଧ୍ୟା ଭ୍ରମଣରେ ଯାଉଥିଲେ। ଏହି ସମୟରେ ସ୍କୁଟି (ସିଜି୦୪ ଏଲ୍‌ଏମ୍-୯୨୧୨)ରେ ଯାଉଥିବା ଶତ୍ରୁଜିତ ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ନବୀନ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ସୋମବାର ଏସ୍‌ଆଇ ଅଶୋକ ବିହାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଆଇ ପ୍ରକାଶ କରିଛନ୍ତି।

# ସମସ୍ୟାର ତୁରନ୍ତ ସମାଧାନ ନିର୍ଦ୍ଦେଶ



ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର।

**ପାଇକମାଳ, ୯ ।୩ (ବଢ଼ ଶତପଥୀ)**

ପାଇକମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଗୋୟଲଙ୍କ ସମେତ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଉପଜିଲାପାଳ ଅରୁଗୁଲା ସ୍ନେହା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ କୁବେର ମହନ୍ତ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୭୭ ଗୋଟି ଅଭିଯୋଗ ମଧ୍ୟରୁ ୬୨ ବ୍ୟକ୍ତିଗତ, ୧୫ ସାମୁହିକ ଏବଂ ସେଥିମଧ୍ୟରୁ ୬ ଗୋଟି ଅଭିଯୋଗର ତତ୍ କ୍ଷଣାତ ଶୁଣାଣି କରି ଅନ୍ୟ ସମସ୍ତ ସମସ୍ୟାଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ



**ବରଗଡ଼, ୯ ।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କେଶବ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର(ଓଡ଼ିଆ ବିଭାଗ)ରେ ରବିବାର ନୂତନ ନାମ ଲେଖାଇଥିବା ଶିଶୁମାନଙ୍କର ମା, ବାପାଙ୍କର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ତୃତୀୟ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡା. ଯଦୁମଣି ନାୟକ, ବରଗଡ଼ ପତଞ୍ଜଳୀ ଯୋଗ ସମିତିର ଆୟୁଷ ଡାକ୍ତର ସୁଜ୍ୟୋତି ପ୍ରକାଶ ମେହେର ଉପସ୍ଥିତ ରହି ଶିଶୁଙ୍କର ରୋଗ ଏବଂ ତାର ଚିକିତ୍ସା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୩୫ଜଣ ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ସମସ୍ତ ଗୁରୁମା, ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖଡିଆଳ, ୯।୩ (ସୁଜିତ କୁମାର ପ୍ରଧାନ):** ଖଡିଆଳ ବ୍ଲକ ଲାଞ୍ଜି ଗ୍ରାମଠାରେ ୧୬ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ଭାବେ ବଳରାମ ନନ୍ଦ ଓ ତାଙ୍କ ସହଧର୍ମିଣି ମୁକ୍ତା ନନ୍ଦ ଦାୟିତ୍ୱ ସମ୍ପାଦନ କରିଥିଲେ। ଗତ ଗୁରୁବାର କଳସ ଯାତ୍ରା ପରେ ୬ ଓ ୭ରେ ନାମ ସଂକୀର୍ତ୍ତନ ଓ ୮ରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ନାମଯଜ୍ଞରେ ୭ଗୋଟି ଦଳ ସାମିଲ ହୋଇଥିଲେ। ବରଗଡ଼ର ସୁଧର୍ମା ଦାସ, ଲାଞ୍ଜି ଗ୍ରାମର ଦୀନବନ୍ଧୁ ମାଝୀ, ଝରାବାହାଲ ଗ୍ରାମର ଧ୍ୱଜରାମ ତେଜିଙ୍କ ବାଦ୍ୟ ଆକର୍ଷଣ ସାଜିଥିଲା। ଏଥିରେ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବିଡିଓ ମିଲନ କୁମାର ଝାଙ୍କର ପ୍ରମୁଖ ସାମିଲ ହୋଇଥିଲେ।

# ବିର୍ସା ମୁଣ୍ଡା ପାର୍କ କାର୍ଯ୍ୟ ସମୀକ୍ଷା

**ରାଉରକେଲା, ୯।୩ (ଦିନେଶ ମିଶ୍ର)**

ରାଉରକେଲା କୋଏଲନଗରଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ବୀର୍ସା ମୁଣ୍ଡାଙ୍କ ନାମରେ ନୂତନ ଭାବେ ନିର୍ମାଣ କରାଯାଉଥିବା ପାର୍କ କାର୍ଯ୍ୟକୁ ରାଉରକେଲା ଏଡିଏମ୍ ତଥା ଆର୍‌ଏମ୍‌ସି କମିଶନର ଦୀନା ଦସ୍ତଗିରି ସୋମବାର ବୁଲି ଦେଖିଥିଲେ। ଏଥିସହ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଏମ୍‌ସିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ମହିଳା ଦିବସରେ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୯।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ଆବାହକ ଗାୟତ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ନନ୍ଦିନୀ ନିରୋଦ ପଣ୍ଡା ମୁଖ୍ୟଅତିଥି ଓ ଆଡଭୋକେଟ ସୁଜିତ କୁମାର ଦାଶ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡଃ ପ୍ରଶାନ୍ତ କୁମାର ଦାଶ ସଭାର ଆଭିମୁଖ୍ୟ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଆଲୋଚକ ଦାଶ ତାଙ୍କର ବକ୍ତବ୍ୟରେ ପୌରାଣିକ ଯୁଗରେ ନାରୀମାନଙ୍କ ପ୍ରତି ପୁରୁଷପ୍ରଧାନ ସମାଜର ଅତ୍ୟାଚାର ଓ ଶୋଷଣରୁ ଆରମ୍ଭ କରି ସାମ୍ପ୍ରତିକ ସମାଜରେ ନାରୀମାନଙ୍କ ସ୍ଥିତି ସଜାଡ଼ିବା ଦିଗରେ ଛାତ୍ରୀମାନେ ଉଚ୍ଚ ଶିକ୍ଷିତ ହୋଇ ଆତ୍ମ ନିର୍ଭରଶୀଳ ହେବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧ୍ୟାପକ ତୁଷାରକାନ୍ତି ତ୍ରିପାଠୀ, ଡଃ ସୂର୍ଯ୍ୟନାରାୟଣ ନନ୍ଦ, ସ୍ୱର୍ଣ୍ଣପ୍ରଭା ମହାନ୍ତି ଓ ହୃଷିକେଶ ଦାଶ ବିଶ୍ୱ ମହିଳା ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବହୁସଂଖ୍ୟାରେ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଯୋଗ ଦେଇଥିଲେ। ଅଧ୍ୟାପିକା ସୁଧାରାଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ବିଶ୍ୱ ମହିଳା ଦିବସରେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ।

# ଆକାଶୀ ଜଙ୍ଗଲରେ ଚାଷୀଙ୍କୁ ଦଳିଦେଲା ହାତୀ

**ଅତାବିରା/ଗୋଡ଼ଭଗା, ୯।୩ (ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ)**

**କ୍ଷେତକୁ ଯାଉଥିଲେ**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଅନ୍ଧାରିପାଲି ଗ୍ରାମରେ ସୋମବାର ଭୋରରେ ଏକ ଅଭାବନୀୟ ଘଟଣା ଘଟିଛି। କ୍ଷେତକୁ ଯାଉଥିବାବେଳେ ଆକାଶୀ ଜଙ୍ଗଲରେ ଉକ୍ତ ଗ୍ରାମର ଜଣେ ଚାଷୀଙ୍କୁ ଗୋଠଛଡ଼ା ଏକ ହାତୀ ଦଳି ଦେଇଥିଲା। ଘଟଣାସ୍ଥଳରେ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ମୃତ ଚାଷୀ ଜଣକ ହେଲେ ଅନ୍ଧାରିପାଲି ଗ୍ରାମର ବେଣୁଧର ଛୁରିଆ (୬୫)।

ବେଣୁଧର ଭୋରରୁ ଗ୍ରାମ ନିକଟସ୍ଥ ଆକାଶୀ ଜଙ୍ଗଲ ଦେଇ ତାଙ୍କ କ୍ଷେତକୁ ଯାଉଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ନିର୍ଦ୍ଦେଶ କ୍ରମେ ଗୋଡ଼ଭଗା ଫାଣ୍ଡି ଅଧିକାରୀ ଗଣେଶ ବାରିକଙ୍କ ସହ ଏକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଅତାବିରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୬/୨୬) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିବା ଆଇଆଇସି କହିଛନ୍ତି । ଏହି ଘଟଣା ପରେ ହାତୀକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ପ୍ରଥମ ଥର ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ଅଞ୍ଚଳବାସୀ କହିଛନ୍ତି। ଅନ୍ୟପଟେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଚାଷୀ ବେଣୁଧରଙ୍କ ପରିବାରକୁ ସରକାର ତୁରନ୍ତ କ୍ଷତିପୂରଣ ଦେବାକୁ ଟାମ୍ପରସରା ସରପଞ୍ଚ ରାଜକିଶୋର ଛନ୍ଦଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ତେବେ ହାତୀ ଏବେ ଘଟଣାସ୍ଥଳରୁ ବାହାରି ଅନ୍ଧାରିପାଲି ଗାଁମୁଣ୍ଡ ନଦୀ ବ୍ରିଜ ପାଖରେ ରହିଛି ବୋଲି ହାତୀର ଗତିବିଧିକୁ ଅନୁଧ୍ୟାନ କରୁଥିବା ଅତାବିରା ଫରେଷ୍ଟର କୃଶେଶ୍ୱରୀ ପ୍ରଧାନ କହିଛନ୍ତି।



ଘଟଣାସ୍ଥଳ ଲୋକାରଣ୍ୟ।

## ସଂକ୍ଷେପରେ

### ୪ ଘରୁ ଲୁଟ୍, ଥାନାରେ ଅଭିଯୋଗ

**ହେମଗିର,୯।୩(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ଥାନା ଅନ୍ତର୍ଗତ ଆରଆର କଲୋନି ସାନଘୁମୁଡାଠାରେ ଘରେ କେହି ନ ଥିବାର ସୁଯୋଗ ନେଇ ରବିବାର ରାତିରେ ୪ଟି ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଛି। ଏନେଇ ସୋମବାର ହେମଗିର ଥାନାରେ ଅଭିଯୋଗ ହୋଇଛି। ପୋଲିସ କେସ୍ ନଂ. ୯୭/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ଅନୁସାରେ, ରବିବାର ରାତିରେ ଆରଆର କଲୋନି ସାନଘୁମୁଡାର ଘନଶ୍ୟାମ ମାଝିଙ୍କ ଘରୁ ନଗଦ ୨୦ହଜାର ଟଙ୍କା, ପୀତାମ୍ବର ମାଝିଙ୍କ ଘରୁ ୧୨ହଜାର ଟଙ୍କା,ଆଲଡ୍ରିନ ଡନସେନାଙ୍କ ଘରୁ ସୁନା ଅଳଙ୍କାର ଓ ଦୀପକ କୁମାର ଭୋଇଙ୍କ ଘରୁ ନଗଦ ୪୦ହଜାର ଟଙ୍କା ଚୋରି ହୋଇଥିବା ହେମଗିର ଥାନାରେ ଲିଖିତ ଅଭିଯୋଗ ହୋଇଛି।

### ଭାଜପା ମଣ୍ଡଳ ସ୍ତରୀୟ ପ୍ରଶିକ୍ଷଣ ଶିବିର

**ବାଲିଶଙ୍କରା,୯।୩(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକର ୨୩ ମାଇଲ କଲ୍ୟାଣ ମଣ୍ଡପଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନରେ ବାଲିଶଙ୍କରା ଭାଜପା ମଣ୍ଡଳ ସ୍ତରୀୟ ଏକଦିବସୀୟ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ଦଳ କିପରି ମଜବୁତ ହେବ ସେନେଇ କର୍ମୀଙ୍କୁ କହିଥିଲେ। ସମ୍ମାନିତ ଅତିଥିଭାବେ ଭାଜପା ଜିଲା ସମ୍ପାଦକ ଅମୀର ନାଏକ, ଭାଜପା ବାଲିଶଙ୍କରା ମଣ୍ଡଳ ସଭାପତି ଯଶନ୍ତି ଏକ୍କା, ବିଧାୟକ ପ୍ରତିନିଧି ରବିଚନ୍ଦ୍ର ପଟେଲ, ଭାଜପା ମଣ୍ଡଳ କୋ-ଅର୍ଡିନେଟର ତଥା ଏମପି ପ୍ରତିନିଧି ଉଚ୍ଛବ ତନ୍ତୀ ପ୍ରମୁଖ ଯୋଗଦେଇଥିଲେ। ଭାଜପା ବାଲିଶଙ୍କରା ମଣ୍ଡଳର ୧୦୦ ଜଣ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏହି ପ୍ରଶିକ୍ଷଣ ଦିଆଯାଇଥିଲା। ଶେଷରେ ବିଧାୟକ ପ୍ରତିନିଧି ରବିଚନ୍ଦ୍ର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁନ୍ଦରଗଡ଼ ମୁଲି ପାଡ଼ାହା ୨୧ତମ ବାର୍ଷିକ ଉତ୍ସବ

**ବାଲିଶଙ୍କରା,୯।୩ (ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ଦେଓଭୁବନପୁର ପଞ୍ଚାୟତ ରଙ୍ଗପଡାରେ ରାଜି ପାଡ଼ାହା ଭାରତ, ପାଦା ପାଡ଼ାହା ଓଡ଼ିଶା, ଜିଲା ମୁଲି ପାଡ଼ାହାର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୂର୍ବତନ ଏସଡିସି ଅଧକ୍ଷ ବିନୟ କୁମାର ଟପ୍ପୋ ଯୋଗଦେଇ ସମସ୍ତେ ଏକତ୍ରିତ ହୋଇ ନିଜ ସମାଜର କିପରି ଅଗ୍ରଗତି ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେଇ ସମସ୍ତେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଲି ପାଡାହା ସୁନ୍ଦରଗଡ଼ ବେଳ ମନୋରଞ୍ଜନ ଓରାମ, କଟୁଆର ମୁଲି ପାଡାହା ସୁନ୍ଦରଗଡ଼ ମଙ୍ଗଳ ଓରାମ ଓ ମୁଲି ପାଡାହା ଦେୱାନ ସୁନ୍ଦରଗଡ଼ ନେହେରୁ କୁଜୁର ଆୟୋଜକ ଭାବେ କାର୍ଯ୍ୟଭାର ତୁଲାଇଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ଼ ଉପ ଦେୱାନ ମୁଲି ପାଡାହା ଏତୁଆ ବାଗ, ସୁନ୍ଦରଗଡ଼ ରାକାମ ଉର୍ବଶୀନି, ମୁଲି ପାଡାହା ସରିତା କୁଜୁର, ସୁନ୍ଦରଗଡ଼ କାହାତୋ ମୁଲି ପାଡାହା କାଳିପଦ ଓରାମ, ସୁନ୍ଦରଗଡ଼ କାରଠା ମୁଲି ପାଡାହା ସୁଧୀର ମିଞ୍ଜ ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ ଉନ୍ନୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲାର ୪୦ଟି ଗ୍ରାମର କୁଣ୍ଡୁଖ ସମାଜର ମହିଳା,ପୁରୁଷ,ଝିଅ, ପୁଅ ବହୁସଂଖ୍ୟାରେ ଯୋଗଦେଇଥିଲେ। ରଙ୍ଗପ ମ୍ୟୁଜିକ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଜୟୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କଟୁଆର ମୁଲି ପାଡାହା ସୁନ୍ଦରଗଡ଼ ମଙ୍ଗଳ ଓରାମ ଧନ୍ୟବାଦ ଦେଇଥିଲେ।

### ବ୍ରହ୍ମାକୁମାରୀ ଆଶ୍ରମରେ ମହିଳା ଦିବସ

**ସୁନ୍ଦରଗଡ,୯।୩(ଜୟ ନାରାୟଣ ମେଣ୍ଡୁଲି):** ସରକାରୀ ହସ୍ପିଟାଲ ନିକଟସ୍ଥ ସାଇ ବିହାର ଅଞ୍ଚଳରେ ଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ବ୍ରହ୍ମା କୁମାରୀ ସଂସ୍ଥା ସୁନ୍ଦରଗଡ ଶାଖାର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଜ୍ୟୋସ୍ନା, ମୁଖ୍ୟ ଅତିଥି ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ପ୍ରତିଭା ନାୟକ, ସମ୍ମାନିତ ଅତିଥିଭାବେ ଜିଲା କାରାଗାରର କଲ୍ୟାଣ ଅଧିକାରୀ ପୂଜା ନାୟକ ଯୋଗଦେଇ ପରିବାରର ସୁଖ, ଶାନ୍ତି ଓ ଘରକୁ ସ୍ୱର୍ଗ ତିଆରି କରିବା ପାଇଁ ପରମାତ୍ମାଙ୍କ ପ୍ରାପ୍ତ ଆଧ୍ୟାତ୍ମିକ ଶକ୍ତିକୁ ଗ୍ରହଣ କରିବା ଆବଶ୍ୟକ ବୋଲି କହିଥିଲେ। ପ୍ରତିମା ଧନ୍ୟବାଦ ପ୍ରଦାନ କରିଥିଲେ।

# ଜମି ବିବାଦ ସମାଧାନ କର

## ବୈଠକରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ବନ୍ଧମୁଣ୍ଡା,୯।୩(ସୁବ୍ରତ ଦେ)**

ଦୀର୍ଘଦିନ ଧରି ବନ୍ଧମୁଣ୍ଡା ଅଞ୍ଚଳର ବରକାନୀ ଗ୍ରାମବାସୀ ଓ ଜିଲା ପ୍ରଶାସନଙ୍କ ମଧ୍ୟରେ ଚାଲିଥିବା ଜମି ବିବାଦକୁ ନେଇ ସୋମବାର ଗାଁରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଉରକେଲା ଡେପୁଟି କଲେକ୍ଟର, ରାଉରକେଲା ତହସିଲଦାର ସଲମା ମାଝି ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିରେ ଡିଏସପି ଜ୍ୟୋତିନ୍ଦ୍ର ନାଥ ସେଠୀ, ଥାନା ଅଧିକାରୀ ରଞ୍ଜନ କୁମାର ନାୟକ, ବନ୍ଧମୁଣ୍ଡା ସରପଞ୍ଚ ଅନିତା ତିର୍କୀ, ସମିତି ସଦସ୍ୟ ରବି ନାରାୟଣ ମାଝି, ମହେଶ୍ୱର ତାନ୍ତୀ, ବୁଦା ଓରାମଙ୍କ ସହ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ତହସିଲଦାର ମାଝି ବୈଠକର ନେତୃତ୍ୱ ନେଇଥିଲେ। ବୈଠକ ସମୟରେ ଗ୍ରାମବାସୀ ଦାବି କରିଥିଲେ ଯେ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ବିସ୍ତାର ପାଇଁ ଜମି ଅଧିଗ୍ରହଣ କରିବା ପୂର୍ବରୁ ସେମାନଙ୍କୁ ଯଥା ଉଚିତ କ୍ଷତିପୂରଣ ଦିଆଯାଉ। ଏହାସହ ଗ୍ରାମବାସୀମାନେ ଏକ ଦାବି ପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗତ ଏପ୍ରିଲରେ ଜମି ବିବାଦକୁ ନେଇ ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଘଟିଥିବା ହିଂସାତ୍ମକ ଘଟଣାରେ ଏତୋ ଏକ୍କାଙ୍କ ମୃତ୍ୟୁ ଘଟିଥିଲା। ସୁରା କୁଜୁର ଗୁରୁତର ଆହତ ହୋଇଥିଲେ। ଏହି ଦୁଇ ପରିବାରକୁ ଚାକିରି ଓ ଯଥା ଉଚିତ କ୍ଷତପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହା ଛଡ଼ା ଏହି ଘଟଣାରେ ଜଡିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ୍ୟ ଦାବି କରାଯାଇଛି।



ତହସିଲ ଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗ୍ରାମବାସୀ ଆହୁରି କହିଛନ୍ତି ଯେ, ଜମି ଅଧିଗ୍ରହଣ ସମୟରେ ୨୦୦୯ ଆଇନକୁ କଡାକଡି ଭାବେ ପାଳନ କରାଯାଉ ଏବଂ ପ୍ରଶାସନ ଦ୍ୱାରା ଅଧିଗ୍ରହଣ ହୋଇ ନ ଥିବା ଜମିଗୁଡିକୁ ପୁନର୍ବାର ଗ୍ରାମବାସୀଙ୍କୁ ଫେରାଇ ଦିଆଯାଉ। ସେମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ, ଯଦି ବରକାନୀ ଗାଁର ଜମି କୌଣସି ସରକାରୀ କାମ ପାଇଁ ନିଆଯିବ, ତେବେ ୨୦୧୩ ମସିହାର ଭୂମି ଅଧିଗ୍ରହଣ ଅଧିନିୟମ ଅନୁଯାୟୀ ପ୍ରକ୍ରିୟା ପୂରଣ କରାଯାଉ। ଏହା ସହିତ ଜମି ବିବାଦର ସମାଧାନ ହେଉ ନ ଥିବା ପର୍ଯ୍ୟନ୍ତ କୌଣସି ପ୍ରକାର ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରିବାକୁ ମଧ୍ୟ ଦାବି କରାଯାଇଛି। ଏହାର ସମାଧାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

ଏନେଇ ତହସିଲଦାର ମାଝିଙ୍କୁ ପଚାରିବାରୁ, ଗ୍ରାମବାସୀ ଦେଇଥିବା ଦାବିପତ୍ର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପଠାଯିବ। ସେମାନେ ଯାହା ନିଷ୍ପତ୍ତି ନେବେ ସେ ଅନୁସାରେ କାର୍ଯ୍ୟକରାଯିବ ବୋଲି ସେ କହିଛନ୍ତି।

# ନିଶାମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ

**ବଡ଼ଗାଁ,୯।୩(ଅଶୋକ ଷଡ଼ଙ୍ଗୀ)**

## ଜରଙ୍ଗଲୋଇ ଗାଁରେ ବିଶ୍ୱ ମହିଳା ଦିବସ

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଜରଙ୍ଗଲୋଇ ଗ୍ରାମର ଦୁର୍ଗା ମଣ୍ଡପଠାରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଜରଙ୍ଗଲୋଇ ଗ୍ରାମର ନାରୀ ଚେତନା ସଂଘ ଓ ଗାନ୍ଧିବାଦୀ ଯୁବକ ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନାରୀ ଚେତନା ସଂଘର ସହ ସମ୍ପାଦିକା ଫୁଲମତି ନାଏକ ଅଧକ୍ଷତା କରିଥିଲେ। ଗାନ୍ଧିବାଦୀ ଯୁବକ ସଂଘର ସମ୍ପାଦକ ଧନଞ୍ଜୟ ନାଏକ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ମେନକା କାଲୋ ଯୋଗଦେଇ ନାରୀମାନେ କିଭଳି ବିଭିନ୍ନ କ୍ଷେତ୍ରରେ ଆଗକୁ ଗୋଡ କାଢି ଅଗ୍ରସର ହେଉଛନ୍ତି ଆଲୋଚନା କରିଥିଲେ। ଗାନ୍ଧିବାଦୀ ଯୁବକ ସଂଘର ସମ୍ପାଦକ ଧନଞ୍ଜୟ ନାଏକ ମହିଳା ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଜରଙ୍ଗଲୋଇ ପଞ୍ଚାୟତର ଏମ୍‌ବିକେ ମାଳାବତୀ ସାହୁ, ସିଆର୍‌ପି ଦୀପା ସେଠ, ଦୀପ୍ତିମୟୀ ସାହୁ, ଅଙ୍ଗନୱାଡି କର୍ମୀ ମିନାକ୍ଷୀ ସାହୁ, ଜିପିଏଲ୍‌ଏଫ୍ ସମ୍ପାଦିକା କମଳା ନାଏକ, ସଭାନେତ୍ରୀ ଜ୍ୟୋତ୍ସ୍ନା ସାହୁ, ଗାନ୍ଧିବାଦୀ ଯୁବକ ସଂଘର ସଭାପତି ହୃଷୀକେଶ ପୃଷେଟ, ଅର୍ଚ୍ଚନା ସିଂ ଉପସ୍ଥିତ ରହି ନାରୀ ସବୁ କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିଛି। ସମସ୍ତେ ମିଳିମିଶି ନିଶାମୁକ୍ତ ଶୃଙ୍ଖଳିତ ସମାଜ ଗଠନ ପାଇଁ ସଂକଳ୍ପ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନାରୀ ଶକ୍ତିର କେତେକ ସମ୍ମାନାସ୍ପଦ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ଏଚ୍‌ଜି ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ସୁସ୍ଥ ସମାଜ ଗଠନର ମେରୁଦଣ୍ଡ ମହିଳା



ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ମହିଳାମାନେ।

**କୁତ୍ରା,୯।୩(ଦେବାଶିଷ ସାହୁ)**

କୁତ୍ରା ବ୍ଲକ ଅନ୍ତର୍ଗତ ଡାହିଜିରା ଅମାତପଡା ଖେଳ ପଡିଆଠାରେ ମହିଳା ଶିଶୁ ବିକାଶ ବିଭାଗ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ଆସପେଆରର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ମାତ୍ରାରେ ମହିଳା, ଛାତ୍ରୀ, କିଶୋରୀ ବାଳିକା ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ଦୌଡ, ବମ ବ୍ଲାଷ୍ଟ, ଗୀତ, ଅଦରକାରୀ ଜିନିଷରୁ ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ଫେସନ ଶୋ, ବେଲୁନ ଡ୍ୟାନ୍ସ, ନୃତ୍ୟ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଆସପେଆର କର୍ମଚାରୀଙ୍କ ପକ୍ଷରୁ ବାଲ୍ୟ ବିବାହ, ଲିଙ୍ଗଗତ ସମାନତା ତଥା ବେଟି ବଚାଓ ବେଟି ପଢାଓ ଭଳି ସୁନ୍ଦର ଶିକ୍ଷଣୀୟ ଡ୍ରାମା ଓ ନୃତ୍ୟ ମାଧ୍ୟମରେ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସିଡିପିଓ ଆନ୍ନା ଭାଲେରିଆ କୁଜୁର,ସମ୍ମାନିତ ଅତିଥି ଭାବେ ମିଶନ ଶକ୍ତି ବ୍ଲକ ଫେଡେରେଶନ ସଭାନେତ୍ରୀ ତରୁଣୀଲତା ସୁନାନୀ, ରସାଲିଆ ମିଞ୍ଜ, ନାଏବ ସରପଞ୍ଚ କୌଶଲ୍ୟା ଅମାତ, ଆସପେଆରର ବ୍ଲକ କୋର୍ଡିନେଟର ମନିଲାଲ ମହାକୁଡ, ସମାଜସେବୀ ପ୍ରଶାନ୍ତ କୁମାର ସାହୁ, ଦେବାଶିଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମାଜ ପ୍ରତି ମହିଳାମାନଙ୍କ ଅବଦାନ ଅତୁଳନୀୟ କହିବା ସହିତ ଉତ୍ତମ ପରିବେଶ, ସୁସ୍ଥ ସମାଜ ଗଠନ କରିବାରେ ମେରୁଦଣ୍ଡ ହେଉଛନ୍ତି ମହିଳା ବୋଲି ଅତିଥିମାନେ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ବିମଳା ଲାକ୍ରା, ଅନିତା ମିଞ୍ଜ, ପୁନମ ବାର୍ଲା ଓ କଳ୍ପନା ବୁଡା ପରିଚାଳନା କରିଥିଲେ।

## ବନ୍ଧମୁଣ୍ଡାରେ ଅନ୍ତର୍ଜାତୀୟ ମହିଳା ଦିବସ

**ବନ୍ଧମୁଣ୍ଡା,୯।୩(ସୁବ୍ରତ ଦେ) :** ବନ୍ଧମୁଣ୍ଡା ବି-ସେକ୍ଟରସ୍ଥିତ ସାଇ ମନ୍ଦିର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ପୂର୍ବତନ କାଉନ୍‌ସିଲର ବି. ବର୍ଦ୍ଦେଶ୍ୱର ରାଓଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ସ୍ଥାନୀୟ ମହିଳାମାନେ ଯୋଗଦେଇଥିଲେ। ଏହି ଅବସରରେ ରାଉରକେଲା ଚାମ୍ବର୍ ଅଫ କମର୍ସର ଅଧକ୍ଷ ଶୁଭ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ତାଙ୍କ ସହିତ ଯଶବିନ୍ଦର ସିଂ, ଆଫ୍ରୋଜ ଅହମ୍ମଦ, ପ୍ରମୋଦ ନଡୁଲ୍ୟ, ବି. ରୀନା, ପ୍ରମିଳା ସୁନା ଏବଂ ବି. ବିଜୟ ଲକ୍ଷ୍ମୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ମହିଳାଙ୍କ ଭୂମିକା ଓ ସମାଜ ଗଠନରେ ତାଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ପରେ କେକ୍ କାଟି ମହିଳାମାନେ ପରସ୍ପରକୁ ମହିଳା ଦିବସର ଶୁଭେଚ୍ଛା ଜଣାଇଥିଲେ। ଏହାସହିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ସାଂସ୍କୃତିକ ଓ ମନୋରଞ୍ଜନାତ୍ମକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ କେତେଜଣ ସକ୍ରିୟ ମହିଳାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ସୂଚନା ଅଧିକାର ଅଧିନିୟମ ଉପରେ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ସୁନ୍ଦରଗଡ଼,୯।୩(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ସଦଭାବନା ଭବନଠାରେ ସୂଚନା ଅଧିକାର ଅଧିନିୟମ ଉପରେ ଏକ କର୍ମଶାଳା ଏବଂ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଓ ଇଂରାଜୀରେ ସୂଚନା ଅଧିକାର ଅଧିନିୟମ ଉପରେ ବକ୍ତୃତା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଅଧିକାର ଅଧିନିୟମର ପୂର୍ଣ୍ଣାଙ୍ଗ କାର୍ଯ୍ୟାନ୍ୱୟନ ଉଦ୍ଦେଶ୍ୟରେ ଜିଲାର ବିଭିନ୍ନ ବିଭାଗ ତଥା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀଙ୍କୁ ନେଇ ଆୟୋଜିତ ହୋଇଥିଲା ଏହି ପ୍ରଶିକ୍ଷଣ କର୍ମଶାଳା। କର୍ମଶାଳାରେ ଭୁବନେଶ୍ୱର ସ୍ଥିତ ଲୁମିନଶ ପ୍ରାଇଭେଟ ଲିମିଟେଡ଼ରୁ ରଞ୍ଜନ କୁମାର ବକ୍ସି ବିଶାରଦ ଯୋଗଦେଇ (ଡିସ୍କ୍ଲୋଜରର ଅପଡେସନ) ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସ୍ୱତପ୍ରବୃତ୍ତ ସୂଚନା ପ୍ରକାଶନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପରେ ପ୍ରଶ୍ନୋତ୍ତର ଅଧିବେଶନରେ ଅଧିକାରୀ ମାନେ ସୂଚନା ଅଧିକାର ଆଇନରେ ଆବେଦନ ଗ୍ରହଣ, ଉତ୍ତର ପ୍ରଦାନ ଆଦି କ୍ଷେତ୍ରରେ ଥିବା ଅସୁବିଧା ତଥା ସନ୍ଦେହ ସମ୍ବନ୍ଧରେ ପ୍ରଶ୍ନ ପଚାରି ନିଜ ନିଜର ସନ୍ଦେହ ଦୂର କରିଥିଲେ।

ସୂଚନା ଅଧିକାର ଅଧିନିୟମ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ଏବଂ ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କର୍ମଶାଳାରେ ବିଭିନ୍ନ ବିଭାଗ ଏବଂ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ, ଜନ ସୂଚନା ଅଧିକାରୀ ଓ ସହକାରୀ ଜନ ସୂଚନା ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଶ୍ୱ ମହିଳା ଦିବସ,ଖାଦ୍ୟ ମେଳା

**ବଡ଼ଗାଁ,୯।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କରୁଆବାହାଲ ଗ୍ରାମରେ ସାମାଜିକ ସେବା ସଦନ ପକ୍ଷରୁ ବିଶ୍ୱ ମହିଳା ଦିବସ ଓ ଖାଦ୍ୟ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ଗାଁ ବ୍ଲକର ୪ ଟି ପଞ୍ଚାୟତର ପ୍ରାୟ ୩୦୦ ମହିଳା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଦିବସର ବିଷୟ "ଦେବାରେ ଲାଭ" ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଅତିଥିମାନେ ନାରୀମାନଙ୍କ ସମାଜ ଗଠନରେ ଭୂମିକା, ସ୍ୱାବଲମ୍ବୀ ଓ ସଶକ୍ତିକରଣର ଗୁରୁତ୍ୱ ଉପରେ ମତ ରଖିଥିଲେ। ମହିଳାମାନେ ସମାଜର ଉନ୍ନତିର ମୂଳ ଶକ୍ତି, ସମାନ ଅଧିକାର ଓ ସୁଯୋଗ ମିଳିଲେ ସେମାନେ ପରିବାର ଓ ସମାଜକୁ ଆଗକୁ ନେବାରେ ବଡ଼ ଭୂମିକା ତୁଲାଇ ପାରିବେ ବୋଲି ମହିଳାମାନେ ମତ ଦେଇଥିଲେ। ଏହାସହ ମହିଳା କୃଷକମାନେ ନିଜର ଅନୁଭବ ବ୍ୟକ୍ତ କରିଥିଲେ। ଏହି ଅବସରରେ ଲିଙ୍ଗ ଗତ ହିଂସା, ଜଳବାୟୁ ପରିବର୍ତ୍ତନ, ପ୍ରାକୃତିକ ଚାଷ, ମିଲେଟ ଚାଷ, ଗ୍ରାମ ସଭାର ଗୁରୁତ୍ୱ, ଯୁବ ମାଇଗ୍ରେସନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସରକାରୀ ଯୋଜନା ସମ୍ପର୍କିତ ସଚେତନତା ସହିତ କିଚେନ ଗାର୍ଡେନ ଓ ପଶୁପାଳନ ମାଧ୍ୟମରେ ଆୟ ବୃଦ୍ଧି ବିଷୟରେ ମହିଳାମାନେ ନାଟିକା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ, ତହସିଲଦାର ଝରଣା ପ୍ରଧାନ, ସିଡିପିଓ ସୁଜାତା ବେକ, କୃଷି ଅଧିକାରୀ ରିତୁ ରାଣୀ କାଲୋ, ଏଏସଆଇ ଅରୁପାନନ୍ଦ ଦାସ, ସ୍ଥାନୀୟ ସରପଞ୍ଚ ଆସିସାନ କେରକେଟା, ସାମାଜିକ ସେବା ସଦନ ସେକ୍ରେଟାରୀ ବେରୋନିକା ଡୁଙ୍ଗଡୁଙ୍ଗ, ଆଇସିଡିଏସ ସୁପରଭାଇଜର ଉର୍ମିଳା ବାଗ, ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରଫୁଲ୍ଲ ନାଏକ, ଶକୁନ୍ତଳା କେରକେଟା, ସୁପରଭାଇଜର ସୁନୀତା ପ୍ରଧାନ ଯୋଗଦେଇ ମହିଳା ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।





ମହିଳା ଦିବସରେ ଉପସ୍ଥିତ ଅତିଥି ଓ ମହିଳାମାନେ।

# ଶ୍ରୀରାମ ନବମୀ ଶୋଭାଯାତ୍ରା ପାଇଁ ସଭା



**ରାଜଗାଙ୍ଗପୁର,୯।୩(ଅଶୋକ ପାଣି)**

ରାଜଗାଙ୍ଗପୁରରେ ଆସନ୍ତା ୨୭ରେ ଶ୍ରୀରାମ ନବମୀ ଉତ୍ସବ ପାଳନ ସହିତ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ସୋମବାର ରାତିରେ ସ୍ଥାନୀୟ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ପୋଲିସ ପ୍ରଶାସନ ପକ୍ଷରୁ ଆଖାଡା କମିଟି ସଦସ୍ୟଙ୍କୁ ନେଇ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ସୁନ୍ଦରଗଡ ଜିଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶାନ୍ତ ନୂତନ ସାମଦ, ରାଜଗାଙ୍ଗପୁର ଏସଡିପିଓ ବିଭୂତି ଭୁଷଣ ଭୋଇ, ରାଜଗାଙ୍ଗପୁର ଥାନାଧିକାରୀ ବିଜୟ ଦାସ, କାଂଶବାହାଲ ଫାଣ୍ଡିର ଅଧିକାରୀ ଅନିଲ ସାମଲ,ରାଜଗାଙ୍ଗପୁର ଅତିରିକ୍ତ ତହସିଲଦାର କିରଣ ସରେଙ୍ଗ ତଥା ମୁଖ୍ୟ ଆଖାଡା କମିଟିର ସଭାପତି ସନ୍ଦିପ ଦାସ ତଥା ରାଜଗାଙ୍ଗପୁରର ୨୩ ଟି ଆଖାଡା ଦଳର ସଭାପତି ଓ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ଏହି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ଅନୁରୋଧ କରାଯାଇଥିଲା।

# ହକି ଖେଳାଳିଙ୍କୁ ଖେଳ ସାମଗ୍ରୀ ବଣ୍ଟନ

**ଲହୁଣୀପଡା,୯।୩(ଦାଶରଥି ପଣ୍ଡା)**

ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ପୁରୁଣାପାଣି ହକି ଟ୍ରେନିଂ ସେଣ୍ଟରଠାରେ ସୋମବାର ଜିନ୍ଦଲ ଷ୍ଟିଲର ଚେୟାରମ୍ୟାନ ନବୀନ ଜିନ୍ଦଲଙ୍କ ୫୬ତମ ଜନ୍ମଦିନ ପାଳନ ସହିତ ଟେନ୍‌ସା ଜିନ୍ଦଲ ଷ୍ଟିଲ ତରଫରୁ ହକି ଖେଳାଳିଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଇଛି। ସୋମବାର ସକାଳ ୭ଟାରେ ଜିନ୍ଦଲ ଫାଉଣ୍ଡେଶନ ଦ୍ୱାରା ପରିଚାଳିତ ଗୋଗୁଆ ଉଚ୍ଚବିଦ୍ୟାଳୟ ହକି ଟ୍ରେନିଂ ସେଣ୍ଟର ଏବଂ ଲହୁଣୀପଡ଼ା ଆଦର୍ଶ ବିଦ୍ୟାଳୟ ହକି ଟ୍ରେନିଂ ସେଣ୍ଟରର ଛାତ୍ରୀଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ହକି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ଟେନସା ଜିନ୍ଦଲ ଫାଉଣ୍ଡେଶନର ମୁଖ୍ୟ ରାଜେଶ କୁମାର ଲେଙ୍କା, ଡେପୁଟି ମ୍ୟାନେଜର ରାଜୀବ ଉପାଧ୍ୟାୟ ଉପସ୍ଥିତ ରହି ହକି ବାଡ଼ି, ବଲ, ଜର୍ସି, ନିକର, ଟ୍ରାକସୁଟ, ଜୋତା, ସିନଗାର୍ଡ ଆଦି ପ୍ରଦାନ କରିଥିଲେ। ହକି କୋଡିନେଟର ସୁଧୀର କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଲହୁଣୀପଡା ଆଦର୍ଶ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଲକ୍ଷ୍ମଣ କାର୍ଜି, ହକି କୋଚ ଅନୁପମା କୁଜୁର, ରଶ୍ମିତା କୁଲ୍ଲୁ ଉପସ୍ଥିତ ଥିଲେ।





ଖେଳାଳିମାନଙ୍କୁ ଖେଳ ସାମଗ୍ରୀ ବଣ୍ଟନ କରାଯାଉଛି।

# ମହିଳା ସଶକ୍ତୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱ





ନିର୍ମଲ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଉଛି।

**ସୁନ୍ଦରଗଡ,୯।୩(ଜୟ ନାରାୟଣ ମେଣ୍ଡୁଲି)**

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟା, କୃଷକ ଓ ସାମର୍ଥ ପ୍ରଶିକ୍ଷଣ ଅନୁଷ୍ଠାନର ଛାତ୍ରୀଛାତ୍ର ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଜିଲା ପରିଷଦ ଅଧକ୍ଷା କୁନ୍ତି ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଜ ଅଭିଭାଷଣରେ ଗ୍ରାମୀଣ ମହିଳାମାନଙ୍କ ଆତ୍ମନିର୍ଭରତା ଓ କୃଷି କ୍ଷେତ୍ରରେ ସେମାନଙ୍କ ଅବଦାନ ବିଷୟରେ ଉଲ୍ଲେଖ କରି ମହିଳା ସଶକ୍ତୀକରଣର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡା. ଲକ୍ଷ୍ମୀପ୍ରିୟା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେ କୃଷି ସମ୍ବନ୍ଧିତ କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ବିଷୟରେ ଆଲୋଚନା କରି ଏହି କେନ୍ଦ୍ର ଦ୍ୱାରା ମହିଳାଙ୍କ ପାଇଁ ହେଉଥିବା ବିଭିନ୍ନ ପ୍ରଶିକ୍ଷଣ ଓ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ କେନ୍ଦ୍ରର ବୈଜ୍ଞାନିକ ଡ. ମନୋଜ କୁମାର ଜେନା ଓ ଡେଭିଡ ଜେମ୍ସ ବାଗେ, ବିଦ୍ୟାଧର ଟୁଡୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଫୁଲଧୂଡ଼ି ଗ୍ରାମର ନିର୍ମଲ୍ୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନ ପତ୍ର ପ୍ରଦାନ କରାଯାଇଥିଲା। ଏହାସହିତ ମହିଳାମାନଙ୍କ ସାମାଜିକ ଉନ୍ନତି, କୃଷି ଉଦ୍ୟମିତା ଓ ଆତ୍ମନିର୍ଭରତା ବିଷୟରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ସଶକ୍ତୀକରଣ ଓ କୃଷି କ୍ଷେତ୍ରରେ ସେମାନଙ୍କ ସକ୍ରିୟ ଭୂମିକାକୁ ଆହୁରି ପ୍ରୋତ୍ସାହନ ନିମନ୍ତେ ଆଲୋଚନା ହୋଇଥିଲା। ଶେଷରେ ସମସ୍ତଙ୍କୁ ପୋଷଣ ନିମନ୍ତେ ସଜନା ଚାରା ବଣ୍ଟନ କରାଯାଇଥିଲା।

## ୬ ଅଭିଯୋଗର ତତ୍କ୍ଷଣାତ୍ ସମାଧାନ

**ସୁନ୍ଦରଗଡ,୯।୩(ଜୟ ନାରାୟଣ ମେଣ୍ଡୁଲି):** ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଲାଠିକଟା ବ୍ଲକର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ଶୁଭଙ୍କର ମହାପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୫୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୬ଟି ଅଭିଯୋଗର ତତ୍କ୍ଷଣାତ୍ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଗଲା। ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ରାସ୍ତାଘାଟ, ପେନ୍‌ସନ, ବ୍ରିଜ ନିର୍ମାଣ, ଆବାସ, ରାଶନ , ପାନୀୟ ଜଳ ସମସ୍ୟା ଆଦି ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ମନ୍ଦିରରେ ଦୀପ ଜାଳି ରାଜସ୍ୱ ମନ୍ତ୍ରୀଙ୍କ ଆରୋଗ୍ୟ କାମନା**

ଲଖନପୁର,(ଗୌତମ ସାହୁ): ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଅସୁସ୍ଥ ହୋଇ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ସୋମବାର ସକାଳେ ଭାଜପା ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତା ଓ ଜନ ପ୍ରତିନିଧି ସିଂଘାରପୁର ଶିବ ମନ୍ଦିରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରିବା ସହ ଦୀପ ଜାଳିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରମୋଦ ସେନାପତି, ମହିଳା ମୋର୍ଚ୍ଚାର ରୀନା ପଟେଲ, ଲଖନପୁର ସରପଞ୍ଚ ରାନା ପଟେଲ, ଉତ୍ତମ ନେଗୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୩ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ମନ୍ତ୍ରୀ ପୂଜାରୀଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ଯୁବକ କୋର୍ଟଚାଲାଣ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ବ୍ରାଉନ୍‌ସୁଗାର କାରବାର ଘଟଣାରେ ଝାରସୁଗୁଡ଼ା ଜିଲ୍ଲା ବନହରପାଲି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବିହାର ଜଲାଲପୁର ଅଞ୍ଚଳର ମୁକେଶ ଓରଫ ଗୁଡ୍ଡୁ ଖା(୩୯)। ତାଙ୍କ ନିକଟରୁ ୫ ଗ୍ରାମ୍ ୬୮ ମିଲିଗ୍ରାମ୍ ବ୍ରାଉନସୁଗାର, ୬୯ ହଜାର ୭୦୦ ଟଙ୍କା, ଗୋଟିଏ ସ୍କୁଟି, ଗୋଟିଏ ମୋବାଇଲ ଫୋନ୍ ଜବତ କରାଯାଇଛି। ସୂଚନା ଅନୁଯାୟୀ, ମୁକେଶ ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ନେଇ ପୋଲିସ ବହୁଦିନରୁ ସନ୍ଦେହ କରିଆସୁଥିଲା। ରବିବାର ଅପରାହ୍ନରେ ମୁକେଶ ବେଲପାହାଡ଼ ଓ ବ୍ରଜରାଜନଗର ମଧ୍ୟବର୍ତ୍ତୀ ଅଞ୍ଚଳ ସୁଖ ପଟ୍ଟନାୟକ ଛକରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଉଦ୍ୟମ କରୁଥିବାବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ମାମଲା(ନଂ.୬୩/୨୬) ରୁଜୁ ହୋଇଛି।

### ମରାମତି ପାଇଁ ଲେଭଲ କ୍ରସିଂ ଫାଟକ ବନ୍ଦ ରହିବ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଇବ୍ ଏବଂ ଝାରସୁଗୁଡ଼ା ମଧ୍ୟରେ ଥିବା ଲେଭଲ କ୍ରସିଂ ଗେଟ୍ ନଂ-୨୬୦ର ଜରୁରୀ ମରାମତି କରାଯିବ। ଏଥିପାଇଁ ଆସନ୍ତା ୧୧ ତାରିଖ ରାତି ୧୦ଟାରୁ ୧୨ ତାରିଖ ସକାଳ ୮ଟା ପର୍ଯ୍ୟନ୍ତ ଉକ୍ତ ଫାଟକ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ବନ୍ଦ ରହିବ। ତେଣୁ ଏହି ସମୟରେ ଜନସାଧାରଣ ଚୌକିପଡ଼ାସ୍ଥିତ ଲେଭଲ କ୍ରସିଂ ଗେଟ୍ ନଂ-୨୫୯ ବ୍ୟବହାର କରିବାକୁ ଝାରସୁଗୁଡ଼ା ରେଲୱେ ବିଭାଗ ପକ୍ଷରୁ ଅବଗତ କରାଯାଇଛି।

### ୩ ସ୍ଥାନରେ ନାମଯଜ୍ଞ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକ୍ ଅଧୀନ କାଙ୍କମାଲଠାରେ ୭୨ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେହିପରି କିର୍ମିରା ବ୍ଲକ୍ ଅନ୍ତର୍ଗତ କଙ୍କରାମୁଣ୍ଡା ଓ ପନଖିପଡ଼ାଠାରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଭାଜପା କର୍ମୀମାନେ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ନେଇଛନ୍ତି।

### ଟି୨୦ ବିଶ୍ୱକପ୍ ବିଜେତା ଭାରତୀୟ ଟିମ୍‌କୁ ଶୁଭେଚ୍ଛା

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇ ଟି୨୦ ବିଶ୍ୱକପ୍ ହାସଲ କରିଛି। ଏଥିପାଇଁ ଭାରତୀୟ ଦଳକୁ ଝାରସୁଗୁଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏଶନ ପକ୍ଷରୁ ସୋମବାର ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏଶନ ସଭାପତି ପ୍ରଜ୍ୱଳ ପଟେଲ, ଉପସଭାପତି ରବିନ୍ଦର ସିଂ, ସମ୍ପାଦକ ମେହେତାବ ଖାନ୍, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ଜେନା, ବ୍ରିଜେଶ ସା, ଓଡ଼ିଶା ରଣଜୀ କ୍ରିକେଟ୍ ଦଳର ପୂର୍ବତନ କୋଚ୍ ଶୋଭନ ଦେବ ପ୍ରମୁଖ ବିଶ୍ୱ ବିଜୟୀ ଭାରତୀୟ ଦଳକୁ ଶୁଭେଚ୍ଛା ବାର୍ତ୍ତା ପଠାଇଛନ୍ତି। ଏହି ବିଜୟ ଭାରତର ଯୁବକମାନଙ୍କୁ ପ୍ରେରଣା ଯୋଗାଇବା ସହିତ ନୂତନ ପ୍ରତିଭା ସୃଷ୍ଟି କରିବ ବୋଲି ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ଜେନା ମତବ୍ୟକ୍ତ କରିଛନ୍ତି।

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଲଖନପୁର,୯।୩(ଗୌତମ ସାହୁ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ମୁଖ୍ୟାଳୟ ସମ୍ମିଳନୀ ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଯୋଗଦେଇ ୪୧ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ଆର୍ଥିକ ସହାୟତା ପ୍ରଦାନ, ଜମି ଚିହ୍ନଟ, ଅଙ୍ଗନୱାଡି ପାଚେରି ନିର୍ମାଣ, ବିଦ୍ୟୁତ ତାର ସ୍ଥାନାନ୍ତର ଓ ବିଦ୍ୟୁତ ବିଲ୍ ସଂଶୋଧନ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଏହି ଶିବିରରେ ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଲଖନପୁର ବିଡିଓ ବିନୟ କୁମାର ପଟେଲ, ବ୍ଲକ୍ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆଙ୍କ ସମେତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୭ ଦିନରେ ସମସ୍ୟା ସମାଧାନ ନ ହେଲେ ଧାରଣା

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)


କୁରେମାଲ ଆଇବିଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜନସାଧାରଣ।

**ଟୋଲ୍‌ଗେଟ୍‌ରେ ବେଆଇନ ଟଙ୍କା ଆଦାୟ ଘଟଣା**
**ଜିଲାପାଳଙ୍କୁ ଦାବିପତ୍ର**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଅଧୀନ ଗୋବିନ୍ଦପୁରରେ ଥିବା ଟୋଲ୍‌ଗେଟ୍‌ରେ ଗାଡ଼ି ଚାଳକଙ୍କଠାରୁ ବେଆଇନ ଭାବେ ଟଙ୍କା ଆଦାୟ କରାଯାଉଥିବା ଝାରସୁଗୁଡ଼ା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ମଞ୍ଚ ପକ୍ଷରୁ ସୋମବାର ପୂର୍ବାହ୍ନରେ କୁରେମାଲ ଆଇବିଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆବାହକ ବିରଞ୍ଚି ସାହୁଙ୍କ ଉପସ୍ଥିତିରେ ଏବଂ ଗୋପୀନାଥ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା ଯେ, ଗୋବିନ୍ଦପୁର ଟୋଲ୍‌ଗେଟ୍‌ରେ ବେଆଇନ ଭାବେ ଝାରସୁଗୁଡ଼ା ଜିଲାର ୨ ଏବଂ ୪ ଚକିଆ ଛୋଟ ଯାନଠାରୁ ଟଙ୍କା ଆଦାୟ କରାଯାଉଛି। ଉକ୍ତ ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ, ଜିଲା ପ୍ରଶାସନ ଆସନ୍ତା ୭ ଦିନ ମଧ୍ୟରେ ବେଆଇନ ଟୋଲ ଆଦାୟ ସମସ୍ୟାର ସମାଧାନ ନ କଲେ ଗୋବିନ୍ଦପୁର ଟୋଲ୍‌ଗେଟ୍ ସମ୍ମୁଖରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଗଣଧାରଣା ସହ ଆନ୍ଦୋଳନ କରାଯିବ। ଏଥିସହ ଲଖନପୁରରେ ହୋଇଥିବା ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ନିବେଦନ କରାଯାଇଛି। ଏହି ବୈଠକ ଏବଂ ଦାବିପତ୍ର ପ୍ରଦାନ ସମୟରେ ବିରଞ୍ଚି ସାହୁ, ଗୋପୀନାଥ ମାଝୀ, ସଞ୍ଜୀବ ପ୍ରଧାନ, ମହୀନ୍ଦ୍ର ସାଏ, ସରୋଜ କୁମାର, ଅକ୍ଷୟ ପ୍ରଧାନ, ନେତ୍ରାନନ୍ଦ ସାହୁଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ। ଜିଲାପାଳ ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ଏହାର ତଦନ୍ତ କରି ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୟୁକୋ ବ୍ୟାଙ୍କ ଶାଖାରେ ତାଲା ପକାଇ ଧାରଣା

ବ୍ରଜରାଜନଗର,୯।୩ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବୁଢ଼ିଜାମଠାରେ ଦୀର୍ଘବର୍ଷ ଧରି ରହିଥିବା ୟୁକୋ ବ୍ୟାଙ୍କ ଶାଖାକୁ ଗାନ୍ଧୀ ଛକ ଶାଖା ସହିତ ମିଶ୍ରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଏହାକୁ ସ୍ଥାନୀୟ ଖାତାଧାରୀମାନେ ଜୋର୍‌ଦାର୍ ବିରୋଧ କରିଛନ୍ତି। ସୋମବାର ବ୍ୟାଙ୍କ ଖୋଲିବା ପୂର୍ବରୁ ଶତାଧିକ ମହିଳା ଓ ପୁରୁଷ ଖାତାଧାରୀ ବ୍ୟାଙ୍କ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଏଥିଯୋଗୁ କିଛି ସମୟ ପର୍ଯ୍ୟନ୍ତ ବ୍ୟାଙ୍କ କାର୍ଯ୍ୟ ଅଚଳ ହୋଇଥିଲା। ଖବରପାଇ ଓରିଏଣ୍ଟ ଥାନା ଆଇଆଇସି କ୍ଷମାସାଗର ନାୟକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଇଥିଲେ। ପରେ ସମ୍ବଲପୁର ଜୋନାଲ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ସୌମିତ୍ର ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ଏହି ବ୍ୟାଙ୍କ ଅସୁରକ୍ଷିତ ଅବସ୍ଥାରେ ରହିଛି। ଏମ୍‌ସିଏଲ୍ ପକ୍ଷରୁ ସୁରକ୍ଷିତ ଭବନ ମିଳିଲେ ଏହି ଶାଖାକୁ ସେଠାରେ ଚାଲୁ ରଖାଯିବ। ସେହିପରି ଆସନ୍ତା ୬ ମାସ ପର୍ଯ୍ୟନ୍ତ ବ୍ୟାଙ୍କ ଏହି ଅଞ୍ଚଳରେ ଚାଲିବ ବୋଲି କୁହାଯାଇଥିଲା। ଏହି ଆଶ୍ୱାସନା ପରେ ମଧ୍ୟାହ୍ନ ୧୨ଟାରେ ତାଲା ଖୋଲାଯିବାରୁ ବ୍ୟାଙ୍କ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ୟୁକୋ ବ୍ୟାଙ୍କ୍‌ର ବୁଢ଼ିଜାମ ଶାଖାରେ ପ୍ରାୟ ୧୧ ହଜାର ଖାତାଧାରୀ ରହିଥିବାବେଳେ ପ୍ରତି ମାସରେ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହେଉଥିବା ଜଣାପଡିଛି। ୟୁକୋ ବ୍ୟାଙ୍କର ଏହି ଶାଖାକୁ ପ୍ରାୟ ୩ କିମି ଦୂରରେ ଅବସ୍ଥିତ ଗାନ୍ଧୀଛକ ୟୁକୋ ବ୍ୟାଙ୍କ ଶାଖା ସହ ମିଶ୍ରଣ କରିବା ପାଇଁ ପ୍ରକ୍ରିୟା ଚାଲିଛି। ଏପରି ହେଲେ ବୁଢ଼ିଜାମ ଓ ଆଖପାଖ ଅଞ୍ଚଳର ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଏହାକୁ ବିରୋଧ କରି ଧାରଣା ଦିଆଯାଇଥିଲା।

# ଅଙ୍ଗଦାନ ପାଇଁ ୩୩ ଜଣ ଦେଲେ ସଂକଳ୍ପପତ୍ର

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇଜେଭି ଫାଉଣ୍ଡେଶନ ପକ୍ଷରୁ ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ରବିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାଉଣ୍ଡେଶନର ମୁଖ୍ୟ ମାନସୀ ପଣ୍ଡା ଅଧ୍ୟକ୍ଷତା କରି ସଙ୍ଗଠନ ପକ୍ଷରୁ ଅଙ୍ଗଦାନ ଭଳି ଅଭିଯାନର ସଫଳତା ଲାଗି ସମସ୍ତଙ୍କ ସହଯୋଗ ଓ ସମର୍ଥନ ଲୋଡିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଡାକ୍ତର ସବିତା ପଟେଲ, ସମ୍ମାନିତ ଅତିଥି ଭାବରେ ଡା. ବବିତା ରମାନୀ, ଡା. ଡଲି ଲାଠ ପ୍ରମୁଖ ଯୋଗଦେଇ ଅଙ୍ଗଦାନ ଅଭିଯାନକୁ ଅଧିକ ବ୍ୟାପକ କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଉପସଭାନେତ୍ରୀ ଅଞ୍ଜଳି ପଟ୍ଟନାୟକ ବିବରଣୀ ପ୍ରଦାନ ଏବଂ ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ାଠାରେ ଅଙ୍ଗଦାନ ଲାଗି ପ୍ରଥମଥର ପାଇଁ ଏକ ସଙ୍ଗେ ୩୩ ଜଣ ସଂକଳ୍ପପତ୍ର ପ୍ରଦାନ କରିଛନ୍ତି। ଅଙ୍ଗଦାନ ଲାଗି ସଂକଳ୍ପ ପତ୍ରରେ ସ୍ୱାକ୍ଷର କରିଥିବା ବ୍ୟକ୍ତିବିଶେଷ, ଦମ୍ପତିଙ୍କୁ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜେଶ ପାଢ଼ୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବରିଷ୍ଠ ନାଗରିକ ସଂଘ ସଭାପତି ବାଳଗୋବିନ୍ଦ ମିଶ୍ର, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମହେନ୍ଦ୍ର କେଡ଼ିଆ, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ହୀରାଲାଲ ଲୋକଚନ୍ଦାନୀ ପ୍ରମୁଖ ଯୋଗଦେଇଥିଲେ।

# ପୂରଣ ହେଲାନି ଦାବି: ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା

ଦେବଗଡ଼,୯।୩(ଶଶାଙ୍କ ଶେଖର ଝାଙ୍କର)

ବାରମ୍ବାର ଦାବି ସତ୍ତ୍ୱେ ସରକାର କର୍ଣ୍ଣପାତ କରୁ ନ ଥିବାରୁ ଓଡ଼ିଶା ସରକାରୀ ଆଉଟ୍ ସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ବିଭାଗର ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପୁଣିଥରେ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଦାବି ପୂରଣ ନ ହେବାରୁ ମାର୍ଚ୍ଚ ୧୦ ମଙ୍ଗଳବାରଠାରୁ ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ମାର୍ଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସହ ଗଣଧାରଣା ଦିଆଯିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ଦେବଗଡ଼ ଜିଲ୍ଲା ଶାଖା ପକ୍ଷରୁ ଜିଲାର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ନିଜ ବିଭାଗର ଅଧିକାରୀଙ୍କୁ ଉକ୍ତ ଚେତାବନୀ ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଫଳରେ ସଂଘ ଏଭଳି ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେଉଛି ବୋଲି ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ସଭାପତି ସଞ୍ଜୟ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ୧୦ ମାସ ପରେ ପରିବାରକୁ ଫେରିଲେ କୌଶଲ୍ୟା


କାର୍ଯ୍ୟକ୍ରମରେ କୌଶଲ୍ୟାଙ୍କ ପରିବାରକୁ ଫଟୋଚିତ୍ର ପ୍ରଦାନ କରାଯାଉଛି।

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ପ୍ରାୟ ୧୦ ମାସର ପ୍ରତୀକ୍ଷା ଓ ପ୍ରଶାସନିକ ଉଦ୍ୟମ ପରେ ସୋମବାର ଛତିଶଗଡ଼ ବଲରାମପୁର ଅଞ୍ଚଳର କୌଶଲ୍ୟା ବାଇ(୫୦) ନିଜ ପରିବାର ଲୋକଙ୍କୁ ଫେରି ପାଇଛନ୍ତି। ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୌଶଲ୍ୟାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ବଡ଼ମାଲ ପୋଲିସ ପକ୍ଷରୁ କୌଶଲ୍ୟାଙ୍କୁ ଉଦ୍ଧାର କରାଯାଇ ମିଶନ ଆଶ୍ରା ଅନୁଷ୍ଠାନକୁ ପଠାଯାଇଥିଲା। ସେହି ସମୟରେ ସେ ମାନସିକ ସ୍ତରରେ ବିଚଳିତ ଥିଲେ। ମାତ୍ର ଆଶ୍ରା ଅନୁଷ୍ଠାନ ପରିସରରେ ନିରନ୍ତର ଚିକିତ୍ସା, କାଉନ୍‌ସେଲିଂ, ଯୋଗ ଏବଂ ସାମାଜିକ ଦକ୍ଷତା ପ୍ରଶିକ୍ଷଣ ତାଙ୍କ ଜୀବନରେ ପରିବର୍ତ୍ତନ ଆଣିଥିଲା। ଧୀରେ ଧୀରେ ସେ ଆତ୍ମନିର୍ଭରଶୀଳ ହେବା ସହ ବଗିଚା କାମ ଓ ରୋଷେଇ ଭଳି ଦୈନନ୍ଦିନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ସେ ନିଜ ଗ୍ରାମ ଓ ପରିବାର ଲୋକଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ତାଙ୍କଠାରୁ ତଥ୍ୟ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତୁରନ୍ତ ଛତିଶଗଡ଼ସ୍ଥିତ ତାଙ୍କ ଗ୍ରାମର ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିଲା। ସ୍ତ୍ରୀ ଜୀବିତ ଏବଂ ସୁସ୍ଥ ଥିବା ଖବରପାଇ ସ୍ୱାମୀ ସୋହର ସୋମବାର ଟ୍ରେନ୍ ଯୋଗେ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ମିଳନ ପର୍ବରେ କୌଶଲ୍ୟାଙ୍କୁ ସମ୍ବର୍ଦ୍ଧନା ସହ ବିଦାୟ ଦିଆଯାଇଥିଲା। ଏହି ଅବସରରେ ଜିଲାପାଳ ଚହ୍ୱାଣ କହିଛନ୍ତି, କୌଣସି ବିଚ୍ଛିନ୍ନ ପରିବାରକୁ ଯୋଡ଼ିବା ହିଁ ସ୍ନେହ ସେତୁର ପ୍ରକୃତ ସଫଳତା। କୌଶଲ୍ୟାଙ୍କ ମୁହଁରେ ହସ ଦେଖି ଆମ ଟିମ୍ ଗର୍ବିତ।

# ମତ୍ସ୍ୟ ପ୍ରଜନନ ଫାର୍ମ ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ

ଝାରସୁଗୁଡ଼ା/ଲଖନପୁର,୯।୩
(ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)


ଜିଲାପାଳ ବାଘମୁଣ୍ଡା ମତ୍ସ୍ୟ ପ୍ରଜନନ ଫାର୍ମ ପରିଦର୍ଶନ କରୁଛନ୍ତି।

**କ୍ଷେତ୍ର ପରିଦର୍ଶନ କଲେ ଜିଲାପାଳ**

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ସୋମବାର ଲଖନପୁର ବ୍ଲକ୍ ଅଞ୍ଚଳ ଗସ୍ତ କରି ମତ୍ସ୍ୟ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜିଲାପାଳ ପ୍ରଥମେ ବାଘମୁଣ୍ଡାସ୍ଥିତ ମତ୍ସ୍ୟ ପ୍ରଜନନ ଫାର୍ମ ପରିଦର୍ଶନ କରି ସେଠାରେ ଥିବା ୧୧ଟି ନର୍ସରୀ ଟ୍ୟାଙ୍କର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଟ୍ୟାଙ୍କଗୁଡ଼ିକର ପୁନରୁଦ୍ଧାର, ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ପାଇଁ ତୁରନ୍ତ ଏକ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଜିଲାପାଳ ଲଛିପାଲି ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପରିଦର୍ଶନ କରି ସମିତିର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ଥିବା ନର୍ସରୀ ଟ୍ୟାଙ୍କଗୁଡ଼ିକ ବୁଲି ଦେଖିବା ସହ ଏକ ମତ୍ସ୍ୟ ଅବତରଣ କେନ୍ଦ୍ର ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଲଖନପୁର ବ୍ଲକ୍‌ର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ଚହ୍ୱାଣ ଏହି ସମସ୍ତ ଯୋଜନା ବାବଦରେ ଲଖନପୁର ବିଡିଓଙ୍କ ସହ ବିସ୍ତୃତ ଆଲୋଚନା କରିବାକୁ ଏବଂ ନର୍ସରୀ ଟ୍ୟାଙ୍କର ପୁନରୁଦ୍ଧାର, ନୂତନ ଏଫ୍‌ଏଲ୍‌ସି ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଯୋଜନା ପ୍ରସ୍ତୁତ କରିବାକୁ ଏବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ପୁସ୍ତକ ଉନ୍ମୋଚନ କଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଛତିଶଗଡ଼ ରାଜ୍ୟର ରାଜଧାନୀ ରାୟପୁରଠାରେ ମହିମା ଧର୍ମର ହିନ୍ଦୀ ଭାଷାରେ ବ୍ରହ୍ମାବଧୂତ ବୈଷ୍ଣବ ଚରଣ ବାବାଙ୍କ ଅନୁବାଦିତ ପୁସ୍ତକ ସମତା ଦୃଷ୍ଟି ସତ୍ୟଭାଷା ସୋମବାର ଉନ୍ମୋଚିତ ହୋଇଯାଇଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ଜିଲାର ବ୍ରହ୍ମାବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ସମେତ ମହିମା ଧର୍ମର ବିଶିଷ୍ଟ ଗବେଷକ ଭକ୍ତ ତ୍ରିଲୋଚନ ପଟେଲ, ରାୟଗଡ଼ ଆର୍‌ଏସ୍‌ଏସ୍‌ର ସଭାପତି ବିଜୟ ଶଙ୍କର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ରାୟପୁରରେ ମହିମା ଧର୍ମର ଆଶ୍ରମ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲାରେ ମାତୃ, ଶିଶୁମୃତ୍ୟୁ ହାର ଶୂନ୍ୟ କରିବାକୁ ଗୁରୁତ୍ୱ

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ହ୍ରାସ କରିବା ସହ ସ୍ୱାସ୍ଥ୍ୟ ସେବାକୁ ଅଧିକ ସୁଦୃଢ଼ କରିବା ପାଇଁ ସ୍ଥାନୀୟ ଡିଏମ୍‌ଏଫ୍ ହଲ୍‌ରେ ସୋମବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧ୍ୟକ୍ଷତା କରିଥିଲେ। ବିଶେଷକରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୂଚକାଙ୍କ କାର୍ଯ୍ୟକ୍ରମ ଏବଂ ଗତ ଜାନୁଆରୀରେ ରିପୋର୍ଟ ହୋଇଥିବା ୧ ମାତୃ ମୃତ୍ୟୁ ଏବଂ ୧୧ ଶିଶୁ ମୃତ୍ୟୁ ଘଟଣାର ଅନୁଧ୍ୟାନ କରାଯାଇଛି। ଏହି ଅବସରରେ ଜିଲାପାଳ ପ୍ରଶାସନିକ ସ୍ତରରେ ତ୍ରୁଟି ସଂଶୋଧନ ପାଇଁ ଏକାଧିକ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ମୃତ୍ୟୁ ଘଟଣାର ମୂଳ କାରଣ ଖୋଜିବା ପାଇଁ ଜିଲାପାଳ ଏକ 'ଗ୍ୟାପ୍ ଆନାଲିସିସ' ରିପୋର୍ଟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଠାରେ ଲଜିଷ୍ଟିକ ସପୋର୍ଟ କିମ୍ବା ପ୍ରଶାସନିକ ସହାୟତା ଆବଶ୍ୟକ, ସେଠାରେ ତୁରନ୍ତ ହସ୍ତକ୍ଷେପ କରାଯିବ। ସେହିପରି କମ୍ ଓଜନର ଶିଶୁ ଜନ୍ମ ହେବାର କାରଣ ଖୋଜିବା ଏବଂ ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଗର୍ଭବତୀ ମହିଳାଙ୍କ ନିରନ୍ତର ମନିଟରିଂ ପାଇଁ ଏକ ସ୍ୱତନ୍ତ୍ର ମୋବାଇଲ ଆପ୍ ବିକଶିତ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ପଞ୍ଜୀକୃତ ସମସ୍ତ ଘରୋଇ ଅଲଟ୍ରାସୋନୋଗ୍ରାଫି କ୍ଲିନିକ୍‌ରେ ଗର୍ଭବତୀ ମହିଳାଙ୍କ ପରୀକ୍ଷାକୁ ବାଧ୍ୟତାମୂଳକ କରାଯାଇଛି। ଦୂରରୁ ଆସୁଥିବା ଗର୍ଭବତୀ ମହିଳାଙ୍କ ସୁବିଧା ପାଇଁ ଜିଲାର ଦୁଇଟି ସ୍ଥାନରେ ତୁରନ୍ତ 'ମା' ଗୃହ' ପ୍ରତିଷ୍ଠା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭିତ୍ତିଭୂମି ଅଭାବ ଥିଲେ ତାହାକୁ ଜିଲା ଖଣିଜ ପାଣ୍ଠି ଜରିଆରେ ପୂରଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

# 'ନାରୀଙ୍କ ସମ୍ମାନ, ସୁରକ୍ଷା ପାଇଁ ସଚେତନ ହୁଅନ୍ତୁ'

ଝାରସୁଗୁଡ଼ା,୯।୩(ଆଶିଷ ରଞ୍ଜନ ଦାଶ)


ଝାରସୁଗୁଡ଼ା ଡିଏଭି ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା।

ଝାରସୁଗୁଡ଼ାସ୍ଥିତ ଡିଏଭି ସ୍କୁଲ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ସଭାପତିତ୍ୱ କରି କହିଛନ୍ତି, ନାରୀଙ୍କ ସମ୍ମାନ, ସୁରକ୍ଷା ପ୍ରତି ସମସ୍ତେ ସଚେତନ ହୁଅନ୍ତୁ। ଏଥିରେ ଶିକ୍ଷକମାନେ ଶପଥ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲୁ ବେଲ୍ ଇଂଲିଶ ମିଡିୟମ ସ୍କୁଲ ଅଧ୍ୟକ୍ଷା ସଞ୍ଚିତା ମୁଖାର୍ଜୀ, ସୀମା ଦେବତା ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକମାନେ ସଙ୍ଗୀତ, ନୃତ୍ୟ ଓ ଅନ୍ୟାନ୍ୟ ପ୍ରସ୍ତୁତି ମାଧ୍ୟମରେ ନାରୀଶକ୍ତିର ମହତ୍ତ୍ୱକୁ ଉପସ୍ଥାପନ କରିଥିଲେ।

# ୧୪ ଅଭିଯୋଗର ସମାଧାନ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ଦେବଗଡ଼,୯।୩(ଶଶାଙ୍କ ଶେଖର ଝାଙ୍କର)

**ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର**

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କଲ୍ୟାଣମଣ୍ଡପ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ହୋଇଥିଲା। ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଅଭିଯୋଗଗୁଡ଼ିକ ଗ୍ରହଣ କରିବା ସହ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଏସ୍‌ପି ଅନିଲ କୁମାର ମିଶ୍ର, ଉପଜିଲାପାଳ ପରିକ୍ଷିତ ସାହୁ, ସହକାରୀ ଜିଲାପାଳ ହେମନ୍ତ ସିଂ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ଶିବିରରେ ଜିଲାପାଳ ଅଭିଯୋଗର ଶୁଣାଣି କରୁଛନ୍ତି।

# ଜିଲାସ୍ତରରେ ଗୋପୀକିଶୋର, ରାଜ୍ୟସ୍ତରରେ କଟକ ଚାମ୍ପିୟନ

ଦେବଗଡ଼,୯।୩(ଶଶାଙ୍କ ଶେଖର ଝାଙ୍କର)


ଅତିଥିମାନେ ଚାମ୍ପିୟନ କଟକ ଦଳକୁ ପୁରସ୍କୃତ କରୁଛନ୍ତି।

**ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦେବଗଡ଼ ସେବା ସଂଘ ଓ ଜିଲ୍ଲା କ୍ରୀଡ଼ା ସଂସଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଓ ଜିଲାସ୍ତରୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ଖେଳପଡିଆରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାର ଜିଲାସ୍ତରରେ ପୁରୁଣାଗଡ଼ ମହାଲକ୍ଷ୍ମୀ କ୍ଲବ୍‌କୁ ପରାସ୍ତ କରି ଗୋପୀକିଶୋର କ୍ଲବ୍ ଏବଂ ରାଜ୍ୟସ୍ତରରେ ରାଉରକେଲାର ଆର୍‌ଏସ୍‌ପି ଦଳକୁ ପରାସ୍ତ କରି କଟକ ବାରବାଟୀ କବାଡ଼ି କ୍ଲବ୍ ଚାମ୍ପିୟନ ହୋଇଛି। ସନ୍ଧ୍ୟାରେ ଦେବଗଡ଼ ସେବା ସଂଘ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ପ୍ରତାପ କୁମାର ଦେବ, ବିଜେଡି ନଗର ସଭାପତି ଚନ୍ଦ୍ରଶେଖର ଭୁକ୍ତା ଯୋଗଦେଇଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆୟୋଜକ କ୍ଲବ୍ ପକ୍ଷରୁ ରାଉରକେଲା ଓ ଦେବଗଡ଼ ମଧ୍ୟରେ ମହିଳା ପ୍ରଦର୍ଶନୀ କବାଡ଼ି ମ୍ୟାଚ୍ ଆୟୋଜନ କରାଯାଇଥିଲା। ଏଥିରେ ଦେବଗଡ଼ ଦଳ ୭-୩ ପଏଣ୍ଟରେ ବିଜୟୀ ହୋଇଥିଲା। ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକୁ ପ୍ରୋ ଅଫିସିଆଲ କେ. ମାଧବ ରାଓ ଏବଂ ପୁପୁନ ମଲ୍ଲିକଙ୍କ ସମେତ ଏକେଏଫ୍‌ଆଇ ରେଫରି ସରୋଜ କୁମାର ସେଠୀ, ଅରବିନ୍ଦ ଖୁଣ୍ଟିଆ, ଅନନ୍ତ ଚରଣ ନାଥ, ପ୍ରଦୀପ ଛତ୍ରିଆ, ଓଡ଼ିଶା ରେଫରି ବିଜୁ ଭୂଷଣ ପାଲ୍, ପ୍ରଶାନ୍ତ ସେଠ ଓ ସଙ୍ଗୀତରାଜ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, ସୁବାସ ଚନ୍ଦ୍ର ଭୋଇ, ଶୁକଦେବ ଭଞ୍ଜ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍ ସମ୍ପାଦକ ଅବିନାଶ ପ୍ରଧାନ, କୋଷାଧ୍ୟକ୍ଷ ସୁରେନ କୁମାର ନାୟକଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




# ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ୪ ଭାରତୀୟ


ଯଶପ୍ରୀତ୍ ବୁମ୍‌ରା


ସଞ୍ଜୁ ସାମସନ


ଇଶାନ କିଶନ


ହାର୍ଦ୍ଦିକ ପାଣ୍ଡ୍ୟା

**ଟି୨୦ ବିଶ୍ୱକପ**

**ଅହମଦାବାଦ, ୯।୩**

ଆଇସିସି ଟି୨୦ ବିଶ୍ୱକପ ସଫଳତାର ସହ ସମ୍ପନ୍ନ ହୋଇଛି। ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଇତିହାସ ରଚିଛି। ବିଶ୍ୱର ପ୍ରଥମ ଦଳଭାବେ ଭାରତ ୩ ଥର ଏହି ଟୁର୍ନାମେଣ୍ଟ ଜିତିଛି। ପ୍ରତିଯୋଗିତା ପରେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ ପକ୍ଷରୁ ଟିମ୍ ଅଫ୍ ଦି ଟୁନାମେଣ୍ଟ ଘୋଷିତ ହୋଇଛି। ଏଥିରେ ୪ ଭାରତୀୟ ସଞ୍ଜୁ ସାମସନ, ଯଶପ୍ରୀତ୍ ବୁମ୍‌ରା, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ସ୍ଥାନ ପାଇଛନ୍ତି। ତେବେ ସାମସନ ଓ ବୁମ୍‌ରା ଚର୍ଚ୍ଚାର ଶୀର୍ଷରେ ରହିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭରେ ସାମସନ ଚୂଡ଼ାନ୍ତ ଏକାଦଶ ଭାରତୀୟ ଦଳରେ ସ୍ଥାନ ପାଇ ନ ଥିଲେ। ତେବେ ସେ ମାତ୍ର ୫ ମ୍ୟାଚରେ ସୁଯୋଗ ପାଇ ୩୨୧ ରନ କରିବା ସହ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଛନ୍ତି। ଭାରତପାଇଁ କ୍ୱାର୍ଟର ଫାଇନାଲର ରୂପ ନେଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ସୁପର-୮ ଏବଂ ସେମିଫାଇନାଲରେ ସେ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ବିଜୟୀ ଇନିଂସ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଫାଇନାଲରେ ମଧ୍ୟ ସେ ଚମତ୍କାର ବ୍ୟାଟିଂ କରି ୮୯ ରନ ସ୍କୋର କରିଥିଲେ। କିଶନ ଟୁର୍ନାମେଣ୍ଟରେ ୩୧୭ ରନ କରିଥିଲେ। ଯାହାକି ଚତୁର୍ଥ ସର୍ବାଧିକ। ଟପ୍ ଅର୍ଡରରେ ସେ ୧୯୩.୨୯ ଷ୍ଟ୍ରାଇକ୍ ହାରରେ ବ୍ୟାଟିଂ କରି ଭାରତର ବିଜୟ ପଥରେ ବଡ଼ ଯୋଗଦାନ ଦେଇଥିଲେ। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେ ଷ୍ଟ୍ରୋକପୂର୍ଣ୍ଣ ୭୭ ରନ କରିଥିଲେ। ଫାଇନାଲରେ ସେ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ହାର୍ଦ୍ଦିକ ଉଭୟ ବ୍ୟାଟ୍ ଓ ବଲ୍‌ରେ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ। ସେ ୨ଟି ଅର୍ଦ୍ଧଶତକ ହାସଲ କରିଥିବାବେଳେ ୯ଟି ଉଇକେଟ ନେଇଥିଲେ। ଫାଇନାଲରେ ବୁମ୍‌ରା ୪ଟି ଉଇକେଟ ନେବାସହ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୮ ମ୍ୟାଚରୁ ୧୪ ଉଇକେଟ ନେଇଥିଲେ। ଯାହାକି ଟୁର୍ନାମେଣ୍ଟରେ ଯୁଗ୍ମ ସର୍ବାଧିକ। ଡେଥ୍ ଓଭରରେ ସେ ଅତି ଚମତ୍କାର ବୋଲିଂ କରିଥିଲେ।

ଟପ୍ ଅର୍ଡରରେ ପାକିସ୍ତାନର ଶାହିବଜାଦା ଫରହାନଙ୍କୁ ସ୍ଥାନ ଦିଆଯାଇଛି। ସେ ଟୁର୍ନାମେଣ୍ଟରେ ସର୍ବାଧିକ ସ୍କୋର (୩୮୩) ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକାର ଏଡେନ ମାରକ୍ରମଙ୍କୁ ଦଳର ଅଧିନାୟକ କରାଯାଇଛି। ସେ ୩ଟି ଅର୍ଦ୍ଧଶତକ ସହ ୨୮୬ ରନ କରିଥିଲେ ଏବଂ ଦକ୍ଷିଣ ଆଫ୍ରିକାକୁ ସେମିଫାଇନାଲରେ ପହଞ୍ଚାଇଥିଲେ। ମାରକ୍ରମଙ୍କ ସାଥି ଖେଳାଳି ଲୁନ୍‌ଗି ଏନଗିଡି, ଇଂଲଣ୍ଡର ୱିଲ୍ ଜ୍ୟାକ୍ସ, ଆଡିଲ ରଶିଦ, ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର, ଜିମ୍ବାୱେର ବ୍ଲେସିଂ ମୁଜାରବାନି ଏକାଦଶରେ ସ୍ଥାନ ପାଇଛନ୍ତି। ଆମେରିକାର ଶାଡ୍‌ଲେ ଭାନ ଶ୍ଟାଲ୍‌ୱିକ୍‌ଙ୍କୁ ୧୨ଶ ଖେଳାଳି ମନୋନୀତ କରାଯାଇଛି। ଇଆନ ବିଶପ, ନାତାଲି ଗେର୍ମାନୋସ, ଇଅନ ମୋର୍ଗାନ (ବ୍ରଡ୍‌କାଷ୍ଟର), ଗୌରବ ସକ୍ସେନା (ଆଇସିସି ପ୍ରତିନିଧି), ରେକ୍ସ କ୍ଲେମେଣ୍ଟିନ (ସ୍ପୋର୍ଟ୍ସ ଜର୍ନାଲିଷ୍ଟ)ଙ୍କୁ ନେଇ ଚୟନ କମିଟି ଏହି ଦଳ ଚୟନ କରିଛି। ଆଇସିସି ଦଳ: ଶାହିବଜାଦା ଫରହାନ, ସଞ୍ଜୁ ସାମସନ (ଉଇକେଟ କିପର), ଇଶାନ କିଶନ, ଏଡେନ ମାରକ୍ରମ (ଅଧିନାୟକ), ହାର୍ଦ୍ଦିକ ପାଣ୍ଡ୍ୟା, ୱିଲ୍ ଜ୍ୟାକ୍ସ, ଜାସନ ହୋଲ୍ଡର, ଯଶପ୍ରୀତ୍ ବୁମ୍‌ରା, ଲୁନ୍‌ଗି ଏନ୍‌ଗିଡି, ଆଡିଲ ରଶିଦ, ବ୍ଲେସିଂ ମୁଜାରବାନି। ଦ୍ୱାଦଶ ଖେଳାଳି: ଶାଡ୍‌ଲେ ଭାନ ଶ୍ଟାଲ୍‌ୱିକ୍।

# ଫେରିପାରୁନି ଇରାନ ମହିଳା ଫୁଟ୍‌ବଲ ଦଳ

**ଗୋଲ୍ଡ କୋଷ୍ଟ (ଅଷ୍ଟ୍ରେଲିଆ), ୯।୩ (ଏପି)**

ମହିଳା ଏସିଆନ କପ୍ ଶେଷ ଗ୍ରୁପ୍ ମ୍ୟାଚରେ ଇରାନ ଫୁଟ୍‌ବଲ ଦଳ ପରାଜିତ ହେବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ବର୍ତ୍ତମାନ ଅଡୁଆରେ ପଡ଼ିଯାଇଛି। ଫେବୃଆରୀ ୨୮ରେ ଇରାନ ଉପରେ ଆମେରିକା-ଇସ୍ରାଏଲ ଆକ୍ରମଣ ପୂର୍ବରୁ ମହାଦେଶୀୟ ଚାମ୍ପିୟନଶିପ୍ ଖେଳିବା ଲାଗି ଇରାନ ମହିଳା ଦଳ ଗତମାସରେ ଅଷ୍ଟ୍ରେଲିଆରେ ପହଞ୍ଚିଥିଲା। ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ ଶେଷ ହେବାକ୍ଷଣି ପରାଜିତ ଦଳ କିଛି ଦିନ ମଧ୍ୟରେ ସ୍ୱଦେଶ ଫେରିଯାଇଥାନ୍ତି। କିନ୍ତୁ ଆୟୋଜକଗଣ ଇରାନ ଦଳର ପ୍ରସ୍ଥାନ ଉପରେ କୌଣସି ତଥ୍ୟ ପ୍ରଦାନ କରିନାହାନ୍ତି। ମାତ୍ର ଅଷ୍ଟ୍ରେଲିଆର ନ୍ୟାଶନାଲ ଏଜେନ୍ସିକୁ ଏକ ସାକ୍ଷାତ୍‌କାରରେ ଇରାନର ମୁଖ୍ୟ କୋଚ୍ ମାର୍ଜିୟେ ଜାଫାରି କହିଛନ୍ତି, ସେମାନେ ଯଥାଶୀଘ୍ର ଇରାନ ଫେରିଯିବାକୁ ଚାହାନ୍ତି। ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ତାଙ୍କ ଦେଶ ଓ ପରିବାର ସହ ରହିବାକୁ ପସନ୍ଦ କରିବେ। ଗତ ସୋମବାର ଓପନିଂ ମ୍ୟାଚରେ ଦକ୍ଷିଣ କୋରିଆଠାରୁ ପରାଜିତ ହେବା ପୂର୍ବରୁ ଜାତୀୟ ସଙ୍ଗୀତ ଗାନ ବେଳେ ଦଳର ନୀରବତାକୁ ନେଇ ନାନା କଥା ଶୁଣିବାକୁ ମିଳିଥିଲା। କେତେକେ ଏହା ପ୍ରତିରୋଧର କାର୍ଯ୍ୟ ବୋଲି ମନେ କରିଥିବା ବେଳେ ଅନ୍ୟ କେତେକେ ଶୋକ ପ୍ରଦର୍ଶନ ଭାଗରେ ଦେଖିଥିଲେ। କିନ୍ତୁ ଗତ ଗୁରୁବାର ଅଷ୍ଟ୍ରେଲିଆ ନିକଟରୁ ୪-୦ରେ ପରାଜୟ ଏବଂ ରବିବାର ଫିଲିପାଇନ୍ସଠାରୁ ୨-୦ରେ ପରାଜୟ ମ୍ୟାଚ ବେଳେ ଖେଳାଳିମାନେ ଜାତୀୟ ସଙ୍ଗୀତ ଗାନ ସହ ସାଲ୍ୟୁଟ କରିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଇରାନ ମହିଳା ଦଳ ଯଦି ଫିଲିପାଇନ୍ସକୁ ହରାଇ ଦେଇଥାନ୍ତା ତେବେ ଦଳର ଏସିଆନ କପ୍ କ୍ୱାର୍ଟରଫାଇନାଲ ସମ୍ଭାବନା ସୃଷ୍ଟି ହୋଇଥାନ୍ତା, ଯାହା ଫଳରେ ଏହି ଦଳ ଅଷ୍ଟ୍ରେଲିଆରେ ଆଉ ଏକ ସପ୍ତାହରୁ ଅଧିକ ଦିନ ଅବସ୍ଥାନ କରିପାରିଥାନ୍ତା।

**ଏଏଫ୍‌ସି ମହିଳା ଏସିଆ କପ୍**

## ଭାରତ ଆଜି ଚାଇନିଜ ତାଇପେକୁ ଭେଟିବ

**ସିଡ୍‌ନୀ, ୯।୩ (ପି.ଟି.)**

ଭାରତୀୟ ମହିଳା ଫୁଟ୍‌ବଲ ଦଳ ଏଠାରେ ଚାଲିଥିବା ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ୍ 'ସି'ର ଏକ ମ୍ୟାଚରେ ଚାଇନିଜ ତାଇପେ ସହ ମୁକାବିଲା କରିବ। ଭାରତ ବର୍ତ୍ତମାନ ଗ୍ରୁପ୍ ଟେବୁଲରେ ସର୍ବ ନିମ୍ନ ଚତୁର୍ଥ ସ୍ଥାନରେ ରହିଛି। ଦଳ ପୂର୍ବରୁ ଭିଏତ୍‌ନାମ୍ (୧-୨) ଓ ଜାପାନ (୦-୧୧)ଠାରୁ ପରାଜିତ ହୋଇସାରିଛି। ଏହି ଦୁଇଟି ମ୍ୟାଚରୁ ସେ ଗୋଟିଏ ହେଲେ ପଏଣ୍ଟ ଅର୍ଜନ କରିପାରିନି। ଜାପାନ ୬ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଥିବା ବେଳେ ଚାଇନିଜ ତାଇପେ ଓ ଭିଏତ୍‌ନାମ ପ୍ରତ୍ୟେକ ସମାନ ୩ ପଏଣ୍ଟ ସହ ଗ୍ରୁପରେ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛି। ଏହା ସତ୍ତ୍ୱେ 'ବ୍ଲୁ ଟାଇଗ୍ରେସ୍' ଦଳ ପାଇଁ କ୍ୱାର୍ଟରଫାଇନାଲରେ ପ୍ରବେଶ ଲାଗି ଏକ ସୁଯୋଗ ରହିଛି। ପ୍ରଥମତଃ ଦଳକୁ ଦୁଇ କିମ୍ବା ତା'ଠାରୁ ଅଧିକ ଗୋଲ ବ୍ୟବଧାନରେ ଚାଇନିଜ ତାଇପେକୁ ହରାଇବାକୁ ପଡ଼ିବ। ଦ୍ୱିତୀୟତଃ ଜାପାନ ମଙ୍ଗଳବାର ଭିଏତ୍‌ନାମକୁ ପରାସ୍ତ କରିବାକୁ ପଡ଼ିବ। ଏପରି କି ଗୋଟିଏ ଗୋଲ୍ ବ୍ୟବଧାନରେ ବିଜୟ ଲାଭ କଲେ ମଧ୍ୟ ଯଥେଷ୍ଟ ହେବ। ତେବେ ବାଂଲାଦେଶ ଓ ଉଜବେକିସ୍ତାନ ମ୍ୟାଚ ଡ୍ର' ଭାବେ ଶେଷ ହେବା ଉଚିତ। ଟୁର୍ନାମେଣ୍ଟର ନିୟମାନୁସାରେ ତିନୋଟି ଗ୍ରୁପରୁ ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିପାରିବେ। ଏହାଛଡ଼ା ତୃତୀୟ ସ୍ଥାନ ଅଧିକାର କରିଥିବା ଶ୍ରେଷ୍ଠ ଦୁଇ ଦଳ ମଧ୍ୟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ।

# ଶରିମଙ୍କ ୯ ବଲ୍‌ରେ ଅର୍ଦ୍ଧଶତକ

**ବନ୍ତ, ୯।୩(ହରିନାରାୟଣ ମହାନ୍ତି)**

**ଟିଲୋ କପ୍**

**୯ ବଲ୍‌ରୁ ୯ ଛକା ମାରିଲେ ମହମ୍ମଦ ଶରିମ**

**ସେମିରେ କୋଲକାତା, ହାଇଦ୍ରାବାଦ**


୯ ବଲ୍‌ରେ ଅର୍ଦ୍ଧ ଶତକ ହାସଲ କରିଥିବା ହାଇଦ୍ରାବାଦ ବ୍ୟାଟର ମହମ୍ମଦ ଶରିମ୍।

ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ସୋମବାର ୪ର୍ଥ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏ ଆଣ୍ଡ୍ ଏସ୍ କୋଲକାତା ଓ ନେସ୍କେଜ ହାଇଦ୍ରାବାଦ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଲାଇଟର୍ନିଂ ଲିଜେଣ୍ଡ ଚଣ୍ଡିଗଡ଼ ଓ ଏ ଆଣ୍ଡ୍ ଏସ୍ କୋଲକାତା ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଲାଇଟର୍ନିଂ ଲିଜେଣ୍ଡ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୩୫ ରନ୍ କରିଥିଲା। ଦଳ ପକ୍ଷରୁ ଅଙ୍କିତ ନରୱାଲ ୪୦ ଓ ସୁନି ସିଂହ ୩୧ ରନ୍ କରିଥିଲେ। କୋଲକାତା ୯.୧ ଓଭରରେ ୩ ଉଇକେଟ ହରାଇ ୧୪୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦୀପାଂଶୁ ୪୮, ଅଲ୍‌ମାସ ସୌକତ ୩୭ ଓ ଋଷିକେଶ ତିୱାରୀ ୨୭ ରନ୍ କରିଥିଲେ। ପ୍ରତିପକ୍ଷ ଲାଇଟର୍ନିଂ ଲିଜେଣ୍ଡ ବୋଲର ଅଙ୍କିତ ନରୱାଲ ୩ ଓ ସାହିଲ ଚୋପ୍ରା ଗୋଟିଏ ଉଇକେଟ ନେଇଥିଲେ। ଦୀପାଂଶୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ସେହିପରି ନେସ୍କେଜ ହାଇଦ୍ରାବାଦ ଓ ଜେ.ପି. ସ୍ପୋର୍ଟ୍ସ ନଏଡା ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ହାଇଦ୍ରାବାଦ ୨୦ ଓଭରରେ ୭ ଉଇକେଟ ହରାଇ ୨୭୩ ରନ୍ କରିଥିଲା। ଦଳ ପକ୍ଷରୁ ମହମ୍ମଦ ଶରିମ ୮୦, ନିଶାନ୍ତ ଯାଦବ ୬୧ ଓ ରାହୁଲ ରାଜ୍ ୩୨ ରନ୍ କରିଥିଲେ। ନଏଡା ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ୍ କରି ହାରିଥିଲା। ଦଳ ପକ୍ଷରୁ ଗୁଞ୍ଜନ ମୁଦଗଲ ୨୪, ମେରୋଜ୍ ଖାନ ୨୩ ଓ କିଶନ ଗୁପ୍ତା ୧୭ ରନ୍ କରିଥିଲେ। ୨ୟ ମ୍ୟାଚ୍‌ରେ ହାଇଦ୍ରାବାଦର ମହମ୍ମଦ ଶରିମ ଟି୨୦ରେ ଦ୍ରୁତତମ ଅର୍ଦ୍ଧଶତକ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ସେ ୯ ବଲ୍‌ରେ ଅର୍ଦ୍ଧଶତକ ସହ ମୋଟ ୧୮ ବଲ୍‌ରେ ୮୦ ରନ୍ କରି ଦଳକୁ ସେମିଫାଇନାଲରେ ପହଞ୍ଚାଇଛନ୍ତି। ପ୍ରଥମ ୯ଟି ଯାକ ବଲ୍‌କୁ ଛକାରେ ପରିଣତ କରିଥିଲେ ଶରିମ। ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

> ଅନ୍ତର୍ଜାତୀୟ କ୍ରିକେଟରେ ନେପାଳର ଦୀପେନ୍ଦ୍ର ସିଂ ଆଇରି ୨୦୨୩ରେ ଏସିଆନ ଗେମ୍ସରେ ମଙ୍ଗୋଲିଆ ବିପକ୍ଷ ମ୍ୟାଚ୍‌ରେ ୯ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ଏହି ଇନିଂସରେ ୮ ଛକା ମାରିଥିଲେ।

# ବିଶ୍ୱକପ୍ ପ୍ଲେ-ଅଫ୍‌କୁ ବିଳମ୍ବ କରାଯାଉ: ଇରାକ କୋଚ୍

**ବାଗଦାଦ୍, ୯।୩ (ଏପି)**

ଇରାନରେ ଯୁଦ୍ଧ କ୍ରମେ ଜୋର୍‌ଦାର୍ ହେଉଥିବାରୁ ବିଶ୍ୱକପ୍ ପାଇଁ ତାଙ୍କ ଦଳର ଆନ୍ତଃମହାଦେଶୀୟ ଯୋଗ୍ୟତା ପର୍ଯ୍ୟାୟକୁ ବିଳମ୍ବିତ କରିବା ଲାଗି ଇରାକ ମୁଖ୍ୟ କୋଚ୍ ଗ୍ରାହାମ ଆର୍ନୋଲ୍ଡ ଫୁଟ୍‌ବଲର ଅନ୍ତର୍ଜାତୀୟ ପରିଚାଳନା ପରିଷଦ (ଫିଫା)କୁ ନିବେଦନ କରିଛନ୍ତି। ଇରାକ ମେକ୍ସିକୋର ମଣ୍ଟେରିଠାରେ ମାର୍ଚ୍ଚ ୩୧ରେ ସୁରିନାମ କିମ୍ବା ବଲିଭିଆକୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଯୁଦ୍ଧକାଳୀନ ପରିସ୍ଥିତିକୁ ନେଇ ଇରାକ ଆକାଶମାର୍ଗକୁ ଏପ୍ରିଲ୧ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଫଳରେ ଘରୋଇ ଲିଗ୍‌ର ଭଲ ଖେଳାଳିମାନଙ୍କୁ ଏକତ୍ରିତ କରିବା ବର୍ତ୍ତମାନ ପରିସ୍ଥିତିରେ ସମ୍ଭବ ନୁହେଁ। ବିଦେଶୀ ଦୂତାବାସ ବନ୍ଦ ହେବା ଯୋଗୁ ଖେଳାଳିମାନେ ମେକ୍ସିକୋ ପ୍ଲେ-ଅଫ୍ ପାଇଁ ଭିଜା ପାଇପାରୁ ନାହାନ୍ତି। ଯୁଦ୍ଧ ଯୋଗୁ ଆର୍ନୋଲ୍ଡ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅଟକି ରହିଛନ୍ତି।

# କର୍ଷ୍ଟେନ ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍

**କଲମ୍ବୋ, ୯।୩ (ପି.ଟି.)**

ପୂର୍ବତନ ଭାରତ ବିଶ୍ୱକପ୍ ବିଜୟୀ କୋଚ୍ ଗ୍ୟାରୀ କର୍ଷ୍ଟେନଙ୍କୁ ସୋମବାର ଶ୍ରୀଲଙ୍କା କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ମିଳିଛି। ତାଙ୍କ ସହିତ ଏପ୍ରିଲ ୧୫ରୁ ୨ ବର୍ଷ ପାଇଁ ଚୁକ୍ତି କରାଯାଇଛି। କର୍ଷ୍ଟେନ ହେଉଛନ୍ତି ଦକ୍ଷିଣ ଆଫ୍ରିକାର ଜଣେ ପୂର୍ବତନ ଓପନର। ଜଣେ ସଫଳ କୋଚ୍ ଭାବେ ତାଙ୍କର ବେଶ୍ ସୁନାମ ରହିଛି। ସେ ୨୦୨୮ ଏପ୍ରିଲ ୧୪ ପର୍ଯ୍ୟନ୍ତ ରହିବେ। ପ୍ରଥମତଃ ସେ ୨୦୨୭ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଦଳର ପ୍ରସ୍ତୁତି କାର୍ଯ୍ୟ ଦେଖିବେ। ଆଇସିସିର ଏହି ଟୁର୍ନାମେଣ୍ଟକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି। ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ପକ୍ଷରୁ ପ୍ରକାଶିତ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି ଯେ, ଆଗକୁ ଥିବା ପ୍ରମୁଖ ଗ୍ଲୋବାଲ ଇଭେଣ୍ଟ ଲାଗି ଜାତୀୟ ଦଳକୁ ଶକ୍ତିଶାଳୀ କରିବା ଏବଂ ନ୍ୟାଶନାଲ ହାଇ ପରଫର୍ମାନ୍ସ ସେଣ୍ଟର ଢାଞ୍ଚାର ପୁନରୁଦ୍ଧାର କରିବା କର୍ଷ୍ଟେନଙ୍କ ଦାୟିତ୍ୱ ରହିବ। ଅନ୍ତର୍ଜାତୀୟ ସ୍ତରରେ କର୍ଷ୍ଟେନଙ୍କର ପ୍ରଚୁର କୋଚିଂ ଅଭିଜ୍ଞତା ରହିଛି। ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ ଦଳର ମୁଖ୍ୟକୋଚ୍ ଥିବା ତାଙ୍କ ତତ୍ତ୍ୱାବଧାନରେ ଭାରତ ୨୦୧୧ ବିଶ୍ୱକପ୍ ସଫଳତା ପାଇଥିଲା। ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ସଫଳତାର ସହିତ ଦାୟିତ୍ୱ ତୁଲାଇବା ପରେ କର୍ଷ୍ଟେନ ୨୦୧୧ରୁ ୨୦୧୩ ଦକ୍ଷିଣ ଆଫ୍ରିକାର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ଦକ୍ଷିଣ ଆଫ୍ରିକା ସମସ୍ତ ତିନୋଟି ଫର୍ମାଟରେ ନମ୍ବର ୱାନ ର୍ୟାଙ୍କିଙ୍ଗ ହାସଲ କରିପାରିଥିଲା। କର୍ଷ୍ଟେନ ନିକଟରେ ଶେଷ ହୋଇଥିବା ଟି୨୦ ବିଶ୍ୱକପ୍ ବେଳେ କ୍ରିକେଟ ନାମ୍ବିଆର ଜଣେ ପରାମର୍ଶଦାତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ